# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 88 | ଭାଗ ୩୪ | ସଂଖ୍ୟା ୮୮ | Bhubaneswar | Friday 20 June 2025 | Page 8 Rs. 4.00 | ● ଭୁବନେଶ୍ୱର ଶୁକ୍ରବାର ୨୦ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା








# ଆସୁଛନ୍ତି ମୋଦି, ପଡ଼ିବ ବିକଶିତ ଓଡ଼ିଶା ଭିତ୍ତି

- ଭେଟିଦେବେ ୧୯ ହଜାର କୋଟିର ପ୍ରକଳ୍ପ
- ବାଣ୍ଟିବେ ୫୦ ହଜାର ଅନ୍ତ୍ୟୋଦୟ ଗୃହ
- ଲକ୍ଷପତି ଦିଦିଙ୍କ ସହ କଥା ହେବେ
- ଶହେ ଇ-ବସ୍‌ର ହେବ ଶୁଭାରମ୍ଭ
- ଚୂଡ଼ାନ୍ତ ପ୍ରସ୍ତୁତି ପରଖିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ):** ଆସନ୍ତାକାଲି ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବାକୁ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଜ୍ୟରେ ବିଜେପି ସରକାର ଶାସନ ଭାର ଗ୍ରହଣ କରିବା ପରେ ଏହା ପ୍ରଧାନମନ୍ତ୍ରୀଙ୍କ ଷଷ୍ଠ ଗସ୍ତ। ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟବାସୀଙ୍କ ପାଖରେ ମୋହନ ସରକାର ଏବଂ କେନ୍ଦ୍ର ସରକାରଙ୍କ ଉପଲବ୍ଧି ରଖିବେ ପ୍ରଧାନମନ୍ତ୍ରୀ। ପ୍ରାୟ ୧୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବା ସହ କିଛି ଯୋଜନାର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ । ଏହି ଅବସରରେ ଅନେକ ସରକାରୀ କାର୍ଯ୍ୟକ୍ରମର ବି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ। ବୟୋବନ୍ଦନ ଯୋଜନାରେ ବରିଷ୍ଠ ନାଗରିକଙ୍କୁ ବାଣ୍ଟିବେ ଆୟୁଷ୍ମାନ କାର୍ଡ ।

ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦେବେ ପ୍ରଧାନମନ୍ତ୍ରୀ । ବର୍ଷକରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସକ୍ଷମ ହୋଇଥିବାରୁ ରାଜ୍ୟର ଲକ୍ଷପତି ଦିଦିଙ୍କ ସହ ବି କଥା ହେବେ। ୧୨୩ କୋଟି ବ୍ୟୟରେ ନିର୍ମାଣ ହେବାକୁ ଥିବା ଭଦ୍ରକର ନୂଆ ଜିଲ୍ଲା କାରାଗାରର ଶିଳାନ୍ୟାସ କରିବେ । ୧୦୦ଟି ଇ-ବସର ମଧ୍ୟ କରିବେ ଶୁଭାରମ୍ଭ । ସବୁଠୁ ବଡ କଥା ହେଲା ମୋହନ ସରକାରଙ୍କ ଭିଜନ ଓଡିଶା ୨୦୩୬ ଡକ୍ୟୁମେଣ୍ଟର କରିବେ ଲୋକାର୍ପଣ । ଯେଉଁଥିରେ ରହିଛି ୨୦୩୬ ସୁଦ୍ଧା ଓଡିଶାକୁ ବିକଶିତ କରିବାର ନକ୍ସା ।

ଆସନ୍ତାକାଲି ଅପରାହ୍ଣ ୩ଟା ୪୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ। ସେଠାରୁ ପ୍ରଥମେ ତ୍ରିରଙ୍ଗା ଯାତ୍ରାରେ ଯୋଗ ଦେବେ । କଳିଙ୍ଗ ଷ୍ଟାଡିୟମଠାରୁ ଜନତା ମୈଦାନ ଯାଏଁ ବିଶାଳ ରୋଡ୍ ଶୋରେ ଆସିବେ ପିଏମ୍। ରାସ୍ତାରେ ପ୍ରାୟ ୨୮ଟି ସ୍ଥାନରେ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ମୋଦିଙ୍କୁ ସ୍ୱାଗତ କରାଯିବ । ୪ଟା ୧୫ରେ ଜନତା ମୈଦାନରେ ପହଞ୍ଚି ଶିଳାନ୍ୟାସ ଏବଂ ଲୋକର୍ପଣ ସହ ରାଜ୍ୟବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ। ➪ପୃଷ୍ଠା-୬





## ସରକାରୀ କାର୍ଯ୍ୟାଳୟ ହାଫ୍ ଡେ'

ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଦିନିକିଆ ଗସ୍ତ ସମୟରେ ପ୍ରବଳ ଟ୍ରାଫିକ୍ ସମସ୍ୟା ଉପୁଜିବାର ଆଶଙ୍କା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଗତକାଲି ସରକାର ଭୁବନେଶ୍ୱର ଓ କଟକର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ୍‌ଗୁଡ଼ିକୁ ଛୁଟି ଘୋଷଣା କରିଥିଲେ। ସେହିପରି ସ୍କୁଲ୍ ସହ ରାଜଧାନୀର ସମସ୍ତ ସରକାରୀ କାର୍ଯ୍ୟାଳୟରେ ହାଫ୍ ଡେ' କରାଯିବା ସକାଶେ ଘୋଷଣା କରାଯାଇଛି। ଅର୍ଥାତ୍ ଆସନ୍ତାକାଲି ସମସ୍ତ ସରକାରୀ ଅଫିସ୍‌ର କର୍ମଚାରୀମାନେ ଅଧା ଦିନ କାମ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସରକାରୀ ➪ପୃଷ୍ଠା-୬

## କଡ଼ା ସୁରକ୍ଷା ବଳୟରେ ରାଜଧାନୀ

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ରାଜଧାନୀରେ କଡାକଡି କରାଯାଇଛି ସୁରକ୍ଷା ବ୍ୟବସ୍ଥା । ଆଜି ପୋଲିସ କମିଶନର ଏସ.ଦେବଦତ୍ତ ସିଂ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସୁରକ୍ଷା ପାଇଁ ସମଗ୍ର ସହରରେ ୧୩୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ୫୦୦ରୁ ଅଧିକ ଅଫିସର ଦାୟିତ୍ୱରେ ଅଛନ୍ତି। ପାଖାପାଖି ୨୦ ଅତିରିକ୍ତ ଡିସିପି ଓ ଡିସିପି, ଆଇଜି ଓ ଅତିରିକ୍ତ ଡିଜି ପାହ୍ୟାର ଅଫିସର ମଧ୍ୟ ଦାୟିତ୍ୱରେ ଅଛନ୍ତି। ଏଥିସହ କେନ୍ଦ୍ରୀୟ ସଶକ୍ତ ବାହିନୀ ଓ ସ୍ୱତନ୍ତ୍ର ସୁରକ୍ଷା ଏଜେନ୍ସିମାନେ ମଧ୍ୟ ସୁରକ୍ଷା ଦାୟିତ୍ୱରେ ରାଜଧାନୀରେ ମୁତୟନ ଅଛନ୍ତି। ବିମାନବନ୍ଦରରୁ ଜନତା ମୈଦାନ ପର୍ଯ୍ୟନ୍ତ ଟ୍ରାଫିକ ବ୍ୟବସ୍ଥା ସହ ଆଣ୍ଟି ସାବୋଟେଜ ୟୁନିଟ, କ୍ରାଉଡ କଣ୍ଟ୍ରୋଲ ଏବଂ ମ୍ୟାନେମେଣ୍ଟ ବାହିନୀ ଏବଂ ଆତଙ୍କବାଦ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି । ବର୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ଏବଂ ଓଡ୍ରାଫ ଟିମ୍ ମଧ୍ୟ ମୁତୟନ ଅଛନ୍ତି । ଏଥିସହିତ ରୋଡ ସୋ ଏବଂ ସାଧାରଣ ସଭା ସମୟରେ ଡ୍ରୋନ ଉଡ଼ାଇବା ଉପରେ କଟକଣା ଲଗାଯାଇଛି ବୋଲି ପୁଲିସ କମିଶନର କହିଛନ୍ତି। ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଆସିବା ଏବଂ ଯିବା ସହ ରୋଡ ଶୋ'ରେ କିଭଳି ସୁରକ୍ଷା ବ୍ୟବସ୍ଥା ରହିବ, ସେନେଇ ଆଜି ପୁଲିସ୍ ପକ୍ଷରୁ ରିହର୍ସାଲ ମଧ୍ୟ ହୋଇଛି।



# ୪ କୃଷି କଲେଜ ପାଇଁ ପ୍ରସ୍ତାବ

**ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ସମ୍ବଲପୁର ଚିପିଲିମାରେ ୪ଟି କୃଷି ସମ୍ପର୍କିତ କଲେଜ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏହି କଲେଜଗୁଡ଼ିକ ପଶୁଚିକିତ୍ସା ବିଜ୍ଞାନ ଓ ପଶୁପାଳନ ମହାବିଦ୍ୟାଳୟ, ଦୁଗ୍ଧ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ, ମତ୍ସ୍ୟ ମହାବିଦ୍ୟାଳୟ ଓ କୃଷି-ବ୍ୟବସାୟ ପରିଚାଳନା ମହାବିଦ୍ୟାଳୟ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦେଇଥିବା ପ୍ରସ୍ତାବ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁରରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଅପାର ସମ୍ଭାବନା ରହିଛି। ସମ୍ବଲପୁର ଅଞ୍ଚଳର ଅନ୍ତର୍ନିହିତ କୃଷି ବିବିଧତା ଓ କୃଷି ସମ୍ପର୍କିତ ସମ୍ଭାବନା ସତ୍ତ୍ୱେ ଆମେ ଏଠାରେ ଇଚ୍ଛାନୁସାରେ କ୍ଷେତ୍ରଗତ ଅଭିବୃଦ୍ଧି ହାସଲ କରିପାରିନାହୁଁ। ଏହି କ୍ଷେତ୍ର ପାଇଁ ଏକ ଦୀର୍ଘକାଳୀନ, ସମାବେଶୀ ଓ ଜ୍ଞାନ-ଚାଳିତ ବିକାଶ ପଥକୁ ଆଗେଇ ନେବା ପାଇଁ କୃଷି ସମ୍ପର୍କିତ କ୍ଷେତ୍ର ଉପରେ କେନ୍ଦ୍ରିତ ସଂରଚିତ ପ୍ରତିଷ୍ଠାନ ଆମର ପ୍ରାଥମିକତା ହେବା ଆବଶ୍ୟକ। ଏଥିପାଇଁ ସମ୍ବଲପୁରର ଚିପଲିମାରେ ମୁଖ୍ୟମନ୍ତ୍ରୀଙ୍କୁ ୪ଟି କୃଷି ସମ୍ପର୍କିତ କଲେଜ ପ୍ରତିଷ୍ଠା ପାଇଁ ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଥମତଃ ଏଠାରେ ପଶୁଚିକିତ୍ସା ➪ପୃଷ୍ଠା-୬



- କୃଷି ସମ୍ପର୍କିତ ସମ୍ଭାବନା ଉପଯୋଗ ଉପରେ ଗୁରୁତ୍ୱ
- ଗ୍ରାମୀଣ ଯୁବକଙ୍କୁ ସଶକ୍ତ କରିବ

### 'ଡାଇରିଆ ମୁକାବିଲା' ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା

# ୩ ଜିଲ୍ଲାରେ ବିଶେଷଜ୍ଞ ଟିମ୍‌ର ଅନୁଧ୍ୟାନ

**ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଡାଇରିଆ ସଂକ୍ରମଣର ତ୍ୱରିତ ମୁକାବିଲା ପାଇଁ ଆଜି ଲୋକସେବା ଭବନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଯାଜପୁର, କଟକ, ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର ଓ କେନ୍ଦ୍ରାପଡା ଆଦି ୬ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଭାସୀ ମାଧ୍ୟମରେ ଡାଇରିଆଜନିତ ସ୍ଥିତି ଓ ତା'ର ମୁକାବିଲା ନେଇ ବିଭିନ୍ନ ଦିଗ ଉପରେ ମନ୍ତ୍ରୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଯଦିଓ ଉପରୋକ୍ତ ଜିଲ୍ଲାଗୁଡ଼ିକରେ ସଂକ୍ରମଣ ସଂଖ୍ୟା ହ୍ରାସ ପାଉଛି, ତଥାପି ସମସ୍ତେ ସମ୍ପୂର୍ଣ୍ଣ ସତର୍କ ରହିବାକୁ ମନ୍ତ୍ରୀ ତାଗିଦ୍ କରିଛନ୍ତି। ବିଶେଷକରି ଆଗାମୀ ମୌସୁମୀଜନିତ ବର୍ଷା ସମୟରେ ୩ ମାସ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସରକାର ସାମଗ୍ରିକ ଭାବେ ପ୍ରସ୍ତୁତ ଥିବା ମନ୍ତ୍ରୀ କହିଛନ୍ତି।

ବୈଠକରେ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ପ୍ରଭାବିତ ୬ଟି ଜିଲ୍ଲାରେ ଡାଇରିଆର ସ୍ଥିତି ଓ ମୁକାବିଲା ନେଇ ସମୀକ୍ଷା କରିଛନ୍ତି। ପାନୀୟଜଳ ଜଳ ସ୍ରୋତଗୁଡ଼ିକର ବିଶୋଧନ, ତୃଣମୂଳ ସ୍ତରରୁ ମେଡିକାଲ କଲେଜ ଓ ଡାକ୍ତରଖାନାଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ଚିକିତ୍ସା ସେବା ଯୋଗାଇବା, ପରିମଳ ବ୍ୟବସ୍ଥା, ଖାଦ୍ୟ ନିରାପତ୍ତା, ସଂକ୍ରମିତ ଜଳଉତ୍ସ ଚିହ୍ନଟ ଓ ବିଭାଗୀୟ ସମନ୍ୱୟ ବିଷୟରେ ମନ୍ତ୍ରୀ ବିସ୍ତୃତ ସମୀକ୍ଷା କରିଥିଲେ। ଏଥିସହ ଡାଇରିଆ ସଂକ୍ରାନ୍ତରେ ଜନସଚେତନତା ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ସୂଚନା, ଶିକ୍ଷା ଓ ସଞ୍ଚାର ମାଧ୍ୟମରେ ପାଣିକୁ ଗରମ କରି ଓ ହାଲୋଜେନ ବଟିକା ପକାଇ ଅଧଘଣ୍ଟା ପରେ ପିଇବା, ଖାଦ୍ୟ ପ୍ରସ୍ତୁତି ଓ ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନରେ ଭଲ ଭାବେ ହାତ ଧୋଇବା, ଝାଡ଼ାବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓଆର୍‌ଏସ୍ ଦ୍ରବଣ ପିଇବା ଓ ବିଳମ୍ବ ନ କରି ଡାକ୍ତରଖାନା ଯିବା ବିଷୟରେ ଲୋକଙ୍କୁ ତୃଣମୂଳ ସ୍ତରରୁ ଅବଗତ ➪ପୃଷ୍ଠା-୬

- ପାନୀୟ ଜଳ ଉତ୍ସଗୁଡ଼ିକର ବିଶୋଧନ ପ୍ରକ୍ରିୟା ଜାରି
- ସଂକ୍ରମଣ ହ୍ରାସ ପାଉଛି, ତଥାପି ସତର୍କତା ଜରୁରୀ



### ଅହମ୍ମଦାବାଦ ହରର୍ ପରେ ଚେତିଲେ ସରକାର

# ବିମାନବନ୍ଦର ନିକଟରେ ଘର ଓ ଗଛର ଉଚ୍ଚତା କମିବ

**ନୂଆଦିଲ୍ଲୀ,୧୯।୬:** ଗତ ସପ୍ତାହରେ ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବାର ପ୍ରଥମ ମିନିଟ୍‌ରେ ଏୟାରଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ୨୬୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହାପରେ କେନ୍ଦ୍ର ସରକାର ବିଭିନ୍ନ ପ୍ରକାର ସତର୍କତାମୂଳକ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ଆଜି ବିମାନବନ୍ଦର ନିକଟରେ ଥିବା କୌଣସି ଘର ଓ ଗଛର ଉଚ୍ଚତା କମାଇବା ଦିଗରେ ପଦକ୍ଷେପ ନିଆଯାଇଛି। ଏ ସଂକ୍ରାନ୍ତରେ ନୋଟିସ୍ ଜାରି କରାଯାଇଛି। ସେହିପରି ବିମାନବନ୍ଦର ନିକଟରେ ଥିବା ଅଧିକ ଉଚ୍ଚର ଘରର ଉଚ୍ଚତା କମାଇବା ଦିଗରେ ଘର ମାଲିକମାନେ ନୋଟିସ୍ ପାଇବାର ୬୦ ଦିନ ଭିତରେ ପଦକ୍ଷେପ ନେବାକୁ କୁହାଯାଇଛି। ନୂଆ ଏହି ନିୟମ ଅନୁଯାୟୀ, ବିମାନ ଚଳାଚଳରେ ବାଧା ସୃଷ୍ଟି କରୁଥିବା କୋଠା କିମ୍ବା ଗଛକୁ ତୁରନ୍ତ ➪ପୃଷ୍ଠା-୬



## ନୋଟିସ୍‌ର ୬୦ ଦିନ ଭିତରେ ଭାଙ୍ଗିବ ଘର

### ପାଖେଇ ଆସୁଛି ରଥଯାତ୍ରା

## ମନ୍ତ୍ରିସ୍ତରୀୟ କମିଟିର ପ୍ରସ୍ତୁତି ସମୀକ୍ଷା

**ପୁରୀ,୧୯।୬(ସଂଚାର ବ୍ୟୁରୋ) :** ଆସନ୍ତା ୨୭ ତାରିଖରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଆୟୋଜନ ନେଇ ଆଜି ସମୀକ୍ଷା କରିଛନ୍ତି ମନ୍ତ୍ରୀସ୍ତରୀୟ କମିଟି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଉଚ୍ଚସ୍ତରୀୟ କମିଟି ପୁରୀରେ ରଥଯାତ୍ରା ପ୍ରସ୍ତୁତି ସହ ରଥ ନିର୍ମାଣର ତଦାରଖ କରିଛନ୍ତି। ଏହି କମିଟିରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପରିବହନ ମନ୍ତ୍ରୀ ବିଭୂତି ଭୂଷଣଜେନା, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସମେତ ଆଇନ୍ ବିଭାଗର ପ୍ରମୁଖ ସଚିବ ସଦସ୍ୟ ଅଛନ୍ତି। ନିଜେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଓ କମିଟିର ସଦସ୍ୟମାନେ ପୁରୀ ଗସ୍ତରେ ଯାଇ ତିନି ରଥର ନିର୍ମାଣ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ସହ ତିନି ରଥକୁ ମୁଣ୍ଡିଆ ମାରିଥିଲେ। ପରେ ମନ୍ତ୍ରୀସ୍ତରୀୟ କମିଟି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରୁ ସିଂହଦ୍ୱାର ପର୍ଯ୍ୟନ୍ତ ଯାଇ ସେମାନେ ରଥଯାତ୍ରା ପାଇଁ ହୋଇଥିବା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଶ୍ରୀମନ୍ଦିର ➪ପୃଷ୍ଠା-୬





## କାନ ଡେରିଥା

ନାରୀ ନଦୀ ନିଆଁ ଭରଷା ନଥାଏ
ଯୁଆଡ଼େ ମୁହାଁନ୍ତି ସିଏ
ସେଇଆଡେ ତାଙ୍କ ହୋଇଥାଏ ଗତି
ରୋକି ପାରିବେନି କିଏ
ସିଏ ନିଜେ ଜାଣିଥାଏ...
ସତୀ ଶିରୋମଣି କେତେବେଳେ ସାଜି
ଜୀବନ ବଞ୍ଚାଇ ଦିଏ।

■ *ଦେବାଶିଷ*

# ଅରୁଣଙ୍କୁ ସାଙ୍ଗରେ ନେଇ ଫେରିପାରନ୍ତି ନବୀନ

**ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ):** ଚିକିତ୍ସା ପାଇଁ ମୁମ୍ବାଇ ଗସ୍ତରେ ଥିବା ନବୀନ ପଟ୍ଟନାୟକ ଓଡ଼ିଶା ଫେରିବା ସମୟରେ ସାଙ୍ଗରେ ପୁତୁରା ଅରୁଣ ପଟ୍ଟନାୟକଙ୍କୁ ଧରି ଫେରିପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଅରୁଣଙ୍କୁ ଓଡ଼ିଶା ଆଣିବା ସହ ନବୀନ ଉତ୍ତରାଧିକାରୀ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇବେ ବୋଲି ମଧ୍ୟ କୁହାଯାଉଛି। ଏହାକୁ ନେଇ ଏବେ ବିଜେଡିରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି।

ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ପ୍ରଥମ ଥର ପାଇଁ ନିଜର ଅସୁସ୍ଥତା ସଂକ୍ରାନ୍ତରେ ଓଡ଼ିଶାବାସୀଙ୍କୁ ସୂଚନା ଦେବା ସହ ମୁମ୍ବାଇ ଯିବେ ବୋଲି ଗତକାଲି ସୋସିଆଲ୍ ମିଡିଆ ମାଧ୍ୟମରେ ସୂଚନା ଦେଇଛନ୍ତି। ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ୍‌ରେ ଚିକିତ୍ସିତ ହେବା ସହ ପ୍ରଭୁ ଜଗନ୍ନାଥଙ୍କ ଆର୍ଶୀବାଦ ଓ ଓଡ଼ିଶାବାସୀଙ୍କ ଭଲ ପାଇବା ଯୋଗୁଁ ଶୀଘ୍ର ସୁସ୍ଥହୋଇ ସେ ଓଡିଶା ଫେରି ଲୋକଙ୍କ ସେବା କରିବେ ବୋଲି ଟୁଇଟ୍ କରିଛନ୍ତି। ଏଥିସହିତ ତାଙ୍କ ଅନୁପସ୍ଥିତିରେ ଦଳୀୟ ବ୍ୟାପାର ବୁଝିବା ପାଇଁ ନବଗଠିତ ରାଜନୈତିକ ବ୍ୟାପାର କମିଟି ଓ ବରିଷ୍ଠ ନେତା ଦେବୀ ମିଶ୍ରଙ୍କୁ ଦାୟିତ୍ୱ ଦେଇଛନ୍ତି। ବିଜେଡି ରାଜନୀତିରେ ଏଭଳି ଦାୟିତ୍ୱ ହସ୍ତାନ୍ତର ମଧ୍ୟ ପ୍ରଥମ ଘଟଣା।

ତେବେ ନବୀନ ଚିକିତ୍ସିତ ହୋଇ ଫେରିବା ପରେ ଦଳର ଦାୟିତ୍ୱ ସ୍ଥାୟୀ ଭାବେ ହସ୍ତାନ୍ତର କରିବେ ବୋଲି ଆଲୋଚନା ଆରମ୍ଭ ହୋଇଛି। ଏହି ଦାୟିତ୍ୱ ସେ ପୁତୁରା ଅରୁଣଙ୍କୁ ଦେବେ ବୋଲି ଦଳର ଗୋଟିଏ ଗୋଷ୍ଠୀ କହି ବୁଲିଲେଣି। ଉଲ୍ଲେଖନୀୟ ଯେ ଯେତେବେଳେ ବି ନବୀନଙ୍କ ଉତ୍ତରାଧିକାର ପ୍ରସଙ୍ଗ ଉଠେ, ସେତେବେଳେ ଯଦିଓ ଅରୁଣଙ୍କ ନାଁଟି ଆଗରେ ରହି ଚର୍ଚ୍ଚାହୁଏ, ତେବେ ନବୀନ ଏହାକୁ ସବୁବେଳେ ଟାଳି ଦେଇଆସିଛନ୍ତି। ସମୟ ଆସିଲେ ସିଏ ଉତ୍ତରାଧିକାରୀ ଘୋଷଣା କରିବେ ବୋଲି ମଧ୍ୟ ଏକାଧିକ ବାର କହିଛନ୍ତି।

ଗୋଟିଏ ପଟେ ବୟସାଧିକ୍ୟ ଓ ଅନ୍ୟ ପଟେ ଅସୁସ୍ଥତା ଯୋଗୁଁ ନବୀନ ଅଧିକ ସମୟ ବିଶ୍ରାମ ନେବେ। ତେଣୁ ଏହି ସମୟରେ ନିଶ୍ଚିତ ଭାବେ ନିଜର ଉତ୍ତରାଧିକାରୀ ଘୋଷଣା କରିବେ। ଯେହେତୁ ଦଳର ଗୋଟିଏ ପ୍ରମୁଖ ଗୋଷ୍ଠୀ ନବୀନଙ୍କ ଉତ୍ତରାଧିକାରୀ ବିଜୁ ପରିବାରରୁ ହେବା ସପକ୍ଷରେ ମତ ଦେଉଛନ୍ତି, ତେଣୁ ସେହି ନ୍ୟାୟରେ ଅରୁଣଙ୍କ ମୁଣ୍ଡରେ ନବୀନ ଶିରପା ବାନ୍ଧିବାର ସମ୍ଭାବନା ରହିଛି। ଅରୁଣ ବି ନବୀନଙ୍କ ଭଳି ରାଜନୀତିରେ ସମ୍ପୂର୍ଣ୍ଣ ନୂଆ ଓ ବିଜୁ ପରିବାରର ଏକମାତ୍ର ଦାବିଦାର ଚେହେରା। ତେଣୁ ତାଙ୍କୁ ଆଣିଲେ କିଛି ଅସୁବିଧା ନାହିଁ ବୋଲି ବିଜେଡିର କିଛି ମାମଲତକାର ମତ ଦେଉଛନ୍ତି।

ସେହିଭଳି ରାଜ୍ୟରେ ମୋହନ ମାଝୀଙ୍କ ସରକାର ଯେଭଳି ଭାବେ ଲୋକଙ୍କ ନିକଟତର ହେବାରେ ଲାଗିଛି, ତାଙ୍କୁ ଟକ୍କର ଦେବାକୁ ହେଲେ ବିଜେଡି ମୁଖିଆଙ୍କୁ ଲୋକଙ୍କ ପାଖକୁ ଯିବାକୁ ହେବ। ହେଲେ ଏହି କାମଟି କରିବା ପାଇଁ ନବୀନ ଡାକ୍ତରଖାନାରୁ ଫେରିବା ପରେ କେତେଦୂର ସକ୍ଷମ ହେବେ, ➪ପୃଷ୍ଠା-୬



- ଉତ୍ତରାଧିକାରୀ ଚର୍ଚ୍ଚାରେ ପଡ଼ିବ ପୂର୍ଣ୍ଣଚ୍ଛେଦ
- ବିଜେଡିରେ ଚାପା ଗୁଞ୍ଜରଣ

## ୧୨ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି, ୧୯।୬ (ସଂଚାର ବ୍ୟୁରୋ) :** ଲାଲ୍ ସଂଗଠନକୁ ଝଟ୍‌କା । ଆତ୍ମସମର୍ପଣ କଲେ ୧୨ ହାର୍ଡକୋର ମାଓବାଦୀ । ମାଲକାନଗିରି ସୀମାନ୍ତ ତେଲେଙ୍ଗାନା ଭଦ୍ରାଦୀ କୋତାଗୁଡେମ ଜିଲ୍ଲା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ମାଓବାଦୀ । ଏସ୍‌ପି ରୋହିତ ରାଜ ଏହି ସୂଚନା ଦେଇଛନ୍ତି । ଖବର ଅନୁଯାୟୀ, ଗତ କିଛି ଦିନ ହେବ ସୁରକ୍ଷାକର୍ମୀ ସୀମାନ୍ତ ଜଙ୍ଗଲରେ ଅପେରସନ କାଗାର ଚଳାଇଛନ୍ତି। ଯାହାଦ୍ୱାରା ଅନେକ ହାର୍ଡକୋର ମାଓବାଦୀ ନିହତ ହୋଇସାରିଲେଣି । ଏହି ଅପରେସନକୁ ନେଇ ମାଓ ସଂଗଠନ ମଧ୍ୟ ଛନ୍‌କା ପଶିଛି । ଯାହାର ପରିଣତି ହେଉଛି କି, ନିଜ ଜୀବନ ବଞ୍ଚାଇବା ପାଇଁ ଆତ୍ମସମର୍ପଣ ➪ପୃଷ୍ଠା-୬

SANCHAR ସଂଚାର

# ପରିତ୍ୟକ୍ତ ଅବସ୍ଥାରେ ଗ୍ରାମୀଣ ପାର୍କ

- ବଢୁଛି ଅନାବନା ଗଛ, ଭାଙ୍ଗିଗଲାଣି ମୂର୍ତ୍ତି ସହ ଦୋଳି ଓ ପାଚେରି
- ଲୁଟିନେଲେ ଲକ୍ଷାଧିକ ଟଙ୍କାର ଉପକରଣ
- ନିମ୍ନମାନର କାମ କରି ଲୁଟିନେଲେ ଠିକାଦାର ଏବଂ ଯନ୍ତ୍ରୀ



**ଗରଦପୁର,୧୯।୬ (ସଂଚାର ବ୍ୟୁରୋ):** ଶିଶୁ, ବରିଷ୍ଠ ନାଗରିକ ଓ ଜନସାଧାରଣଙ୍କ ଆମୋଦ ପ୍ରମୋଦ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗରଦପୁର ବ୍ଲକ୍‌ରେ ପ୍ରତି ପଞ୍ଚାୟତରେ ପାର୍କ ନିର୍ମାଣ ହୋଇଥିଲା । ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ପାର୍କ ବର୍ତ୍ତମାନ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଲୋକଙ୍କ କୌଣସି କାମରେ ଲାଗୁ ନାହିଁ । ଏହା ଦ୍ୱାରା ସରକାରଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରି ନଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଉଦାହରଣ ଗରଦପୁର ବ୍ଲକ୍ ବାରଣ୍ଡୁରି ପଛରେ ଥିବା ଗରଦପୁର ପଞ୍ଚାୟତର ବ୍ରହ୍ମପୁର ଗ୍ରାମୀଣ ପାର୍କରେ ଦେଖିବାକୁ ମିଳୁଛି।

ଲକ୍ଷାଧିକ ଟଙ୍କାରେ ନିର୍ମିତ ଏହି ପାର୍କରେ ଅନାବନା ଗଛ ଉଠି ଜଙ୍ଗଲ ସୃଷ୍ଟି ହୋଇଛି। ପାର୍କରେ ସୁନ୍ଦର କାରୁକାର୍ଯ୍ୟରେ ବିଭିନ୍ନ ପ୍ରକାରର ମୂର୍ତ୍ତି, ଦୋଳି, ଗେଟ୍, ପାଚେରି ନିର୍ମାଣ କରାଯାଇଥିଲା। ତେବେ ଏହି କାର୍ଯ୍ୟ ଅତି ନିମ୍ନମାନର କରିବା ସହ ଯେଉଁ ସବୁ ଉପକରଣ ବ୍ୟବହାର କରାଯାଇଥିଲା ତାହାକୁ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଏସବୁ ଭାଙ୍ଗିରୁଜି ଗଲାଣି । ପାର୍କ ଭିତରେ ବିଭିନ୍ନ ଗଛ ଲଗାଯାଇଥିବା ବେଳେ ପାଣି ଅଭାବରୁ ସେଗୁଡ଼ିକ ମରିଗଲାଣି। ଲାଗିଥିବା ଉପକରଣ ଷ୍ଟ୍ରିଟ୍ ଲାଇଟ୍, ଦୋଳିକୁ ଦୁର୍ବୃତ୍ତମାନେ ଚୋରି କରି ନେବା ସହ ଲକ୍ଷ ଟଙ୍କାରେ ନିର୍ମିତ ବାଉଣ୍ଡ୍ରି ଫାଟି ଆଁ କରି ରହିଛି । ସରକାର କା ମାଲ୍ ଦରିଆ ମେଁ ଡାଲ୍' ନୀତିରେ ଗରଦପୁର ବ୍ଲକ ଅନେକ ପଞ୍ଚାୟତରେ ନିର୍ମାଣ ହୋଇଥିବା ପାର୍କଗୁଡ଼ିକର ଅବସ୍ଥା ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି।

ଅନେକ ପଞ୍ଚାୟତରେ ମନରେଗା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପାର୍କ ନିର୍ମାଣ କରାଯାଇଛି। କେତେକ ପାର୍କ ଅଧାପନ୍ତରିଆ ଅବସ୍ଥାରେ ଥିବା ବେଳେ ଆଉ କେତେକ ପାର୍କ ନିର୍ମାଣ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଜଣେ ବି ଲୋକ ସେଠାକୁ ଯାଉନାହାନ୍ତି। ଯାହାର ଉଦାହରଣ ଖୋଦ୍ ଗରଦପୁର ବ୍ଲକ ଗରଦପୁର ପଂଚାୟତ ସମ୍ମୁଖରେ ଦେଖିବାକୁ ମିଳିଛି। ଏହି କାର୍ଯ୍ୟରେ ସୂଚନା ମୁତାବକ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇପଡିଛି । ଏହି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ନିର୍ମାଣ ହୋଇଥିବା ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ବ୍ଲକ ପ୍ରଶାସନ ନେବାକୁ ସାଧାରଣରେ ଦାବି ହେଉଛି।



## ଜନ୍ମଦିନ ନା ଶ୍ରାଦ୍ଧସଭା ?

**ମାହାଙ୍ଗା,୧୯।୬ (ସଂଚାର ବ୍ୟୁରୋ):** ସାରା ଦେଶରେ କଂଗ୍ରେସ ନେତାମାନେ ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ପାଳନ କରୁଛନ୍ତି। କଂଗ୍ରେସ ପାଇଁ ଏହା ଏକ ଶୁଭ ସୂଚନା। ଏହାଦ୍ୱାରା ଦଳ ଯେ ସଙ୍ଗଠିତ ହୋଇ ରହିଛି ତାହା ପ୍ରମାଣିତ ହେଉଛି। କିନ୍ତୁ ମହାଙ୍ଗାରେ ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ପାଳନ ଉତ୍ସବ ସମସ୍ତଙ୍କୁ ଚକିତ କରିଛି। କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ସାହୁ ଯେଉଁ ଭଳି ଜନ୍ମଦିନ ପାଳିଛନ୍ତି ତାହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି। ନିଜକୁ ରାହୁଲ ଅନୁଗତ ଦର୍ଶାଇବାକୁ ଦେବେନ୍ଦ୍ର ସାହୁ ୧୦-୧୨ଜଣ ଲୋକଙ୍କୁ ନେଇ ମହାଙ୍ଗାରେ ଯୁବରାଜଙ୍କ ଜନ୍ମଦିନ ପାଳିଲେ। ହେଲେ ଗୁରୁଖାଞ୍ଚାଳ ଦୋଷ ଭଳି ଏକ ପ୍ଲାଷ୍ଟିକ ଚେୟାରରେ ରାହୁଲଙ୍କ ଫଟୋ ରଖି ସେଥିରେ ଫୁଲମାଳ ପକାଇଦେଲେ। ଫୁଲମାଳ ପକା ଏହି ସଭାରେ ପୁଣି କିଛି ଚାଟୁକାର ରାହୁଲ ଓ ଦେବେନ୍ଦ୍ରଙ୍କ ଗୁଣଗାନ କରିଥିଲେ। ଯିଏ ରାହୁଲ ଗାନ୍ଧୀଙ୍କ ଏହି ଫୁଲମାଳ ପକା ଫଟୋ ଦେଖୁଛି କହୁଛି ଜନ୍ମଦିନ ଉତ୍ସବ ନା ଶ୍ରାଦ୍ଧସଭା।

## ତାରିଣୀ ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ



**ଆଳି,୧୯।୬ (ସଂଚାର ବ୍ୟୁରୋ):** ଭବିଷ୍ୟତ ମାଳିକା ବଚନ ସତ ହେଉଛିକି! କର୍ମ ଫଳ ଭୋଗିବାକୁ ଡରୁନାହାନ୍ତି କି ଚୋର। ଶେଷରେ କୋଟି କୋଟି ଶ୍ରଦ୍ଧାଳୁ ମାନଙ୍କର ପୂଜ୍ୟାଦେବୀ ମା ତାରିଣୀଙ୍କ ମନ୍ଦିରର ଗ୍ରିଲ ର ତାଲା ଭାଙ୍ଗି ଲୁଟି ନେଲେ ମାଙ୍କର ଗହଣା। ଏମିତି ଏକ ଘଟଣା ଘଟିଯାଇଛି ଆଳି ଥାନା ଅର୍ଦ୍ଧାନ ମାନପୁର ଦରସାହି ମା ତାରିଣୀ ମନ୍ଦିରରେ। ଗତ ବୁଧବାର ରାତିରେ ଦୁଇଟି ତାଲା ଭାଙ୍ଗି କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଏମିତିକି ମା'ଙ୍କ ମୁକୁଟ ସହ ଆଖି ଖୋଳି ନେଇ ଯାଇଛନ୍ତି। ସକାଳୁ କିଛି ଲୋକେ ଗ୍ରିଲ ତାଲା ଭଙ୍ଗା ଯାଇଥିବା ଦେଖିବା ପରେ ମନ୍ଦିର କମିଟିର ସଦସ୍ୟ ମାନଙ୍କୁ ଜଣାଇଥିଲେ ।ପରେ ଏ ନେଇ ଆଳି ଥାନାରେ ମନ୍ଦିର କମିଟିର ସଦସ୍ୟ ମନୋରଞ୍ଜନ ସାମଲ ଲିଖିତ ଅଭିଯୋଗ କରିଛନ୍ତି।ସୂଚନା ମୁତାବକ ତାରିଣୀ ମା' ଙ୍କ ଚାନ୍ଦିର ମୁକୁଟ, ଅଳଙ୍କାର ସହ ମା'ଙ୍କ ପୂଜା ପାଇଁ ବ୍ୟବହାର ହେଉଥିବା ପିତଳ ବାସନ ଦୁଇଟି ଘଣ୍ଟି ସହ ବିଦ୍ୟୁତ୍ ଚାଳିତ ପିତଳ ବାଜା ଚୋରିକରି ନେଇଯାଇଥିବା ଅଭିଯୋଗ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ଏକ ଲକ୍ଷ ରୁ ଉର୍ଦ୍ଧ ହେବବୋଲି କୁହାଯାଉଛି। ଏମିତିକି ଏହି ମନ୍ଦିରରୁ ଆଗରୁ ଚୋରି ହୋଇଥିବା କମିଟିର ସଦସ୍ୟ ମାନେ କହିଛନ୍ତି। ଅନ୍ୟପଟେ ସନ୍ଧ୍ୟା ସମୟରେ ସମସ୍ତ ନାଟିକାଳି ରେ ଷୋଡଶ ଉପଚାରରେ ମନ୍ଦିର ଏବଂ ଅଧିଷ୍ଠାତ୍ରୀ ଦେବୀଙ୍କୁ ପୁନଃ ପ୍ରତିଷ୍ଠା କରାଯାଇଥିଲା। ଅନ୍ୟପଟେ ପୁଲିସ ଅଭିଯୋଗ ପାଇଲା ପରେ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବଜ୍ରମହାକାଳୀ ଉପ୍ରା ବିଦ୍ୟାଳୟରୁ କବାଟ ତାଡି ମୂଲ୍ୟବାନ ସାମଗ୍ରୀ ଚୋରି



**କେନ୍ଦ୍ରାପଡା,୧୯।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣିତିଆ ଗ୍ରାମପଞ୍ଚାୟତର ଜରିଆବାଡସ୍ଥିତ ବଜ୍ରମହାକାଳୀ ସରକାରୀ ଉପ୍ରା ବିଦ୍ୟାଳୟର କବାଟ ତାଡି ବହୁ ମୂଲ୍ୟବାନ ଜିନିଷପତ୍ର ଚୋରି ହୋଇଥିବା ତଉଦକୁଲାଟ ଫାଣ୍ଡିରେ ଅଭିଯୋଗ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦିପ କୁମାର ମଲ୍ଲିକଙ୍କ ଅଭିଯୋଗ ଅନୁଯାୟୀ ବିଦ୍ୟାଳୟ ଛୁଟି ଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ବିଦ୍ୟାଳୟରେ ପଶି ୫ଟି ଗ୍ରିଲର ତାଲା ଭାଙ୍ଗି ଭିତରେ ପଶିଛି । ଏଥିସହିତ ଗ୍ରୁପ ମଧ୍ୟରେ ଥରବା ଗୋଦରେଜ ଆଲମୀରାକୁ ତାଡି ତା ଭିତରେ ଥିବା ୨ଟି ମୋବାଇଲ ଟାବଲେଟ, ଅନ୍ୟାନ୍ୟ କାଗଜପତ୍ର ସମେତ ବିଦ୍ୟାଳୟ କାର୍ଯ୍ୟାଳୟ ଗୃହରେ ଥିବା ସିସିଟିଭିର ହାର୍ଡଡିସ୍କକୁ ମଧ୍ୟ ଚୋରିକରି ନେଇଯାଇଛି । ଏସମ୍ପର୍କରେ ଅଭିଯୋଗ ପାଇବା ପରେ ତଉଦକୁଲାଟ ଫାଣ୍ଡି ଅଧିକାରୀ ଅନ୍ୟ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଆସି ପ୍ରାଥମିକ ତଦନ୍ତ ସାରି ଫେରିଯାଇଥିବା ଜଣାପଡିଛି । ଫାଣ୍ଡି ଅଧିକାରୀ ରଶ୍ମୀରଞ୍ଜନ ଗୃହପାର୍ଥୀଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଏସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି । ଅଧିକ ତଦନ୍ତ ପାଇଁ ସାଇଫିଂକ ଟିମ ଆସି ତଦନ୍ତ କରିବେ ।

## ତାରିଣୀ ବିଦ୍ୟାମନ୍ଦିର ନୂତନ ଗୃହ ପ୍ରବେଶ ଉତ୍ସବ

**ମାର୍ଶାଘାଇ,୧୯।୬ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ହଳଦିଆଗଡା ପାଟକୁରା ରାସ୍ତା ପାର୍ଶ୍ୱସ୍ଥ ତାରିଣୀ ବିଦ୍ୟାମନ୍ଦିରର ନୂତନ ଗୃହପ୍ରତିଷ୍ଠା ଏବଂ ଗୃହ ପ୍ରବେଶ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ତାରିଣୀ ଗ୍ରୁପ ଅଫ ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଶ୍ରୀବତ୍ସ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସମାଜସେବୀ ସରୋଜ ନାୟକ ଅତିଥି ଭାବେ ଯୋଗଦେଇ ଗୃହପ୍ରବେଶ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ତାରିଣୀ ବିଦ୍ୟାମନ୍ଦିର, ତାରିଣୀ ଯୁକ୍ତ ଦୁଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବି, ଶିକ୍ଷାପ୍ରେମୀ ଯୋଗଦେଇଥିଲେ ।



## ମେଡିକାଲ କ୍ୱାର୍ଟର୍ସ ଉପରେ ଉପୁଡ଼ି ପଡିଲା ଗଛ

**ମାର୍ଶାଘାଇ,୧୯।୬ (ସଂଚାର ବ୍ୟୁରୋ):** ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୁଇଟି କ୍ୱାର୍ଟର ଉପରେ ଗୁରୁବାର ସକାଳେ ଏକ ବିରାଟ ଚାକୁଣ୍ଡା ଗଛ ଉପୁଡ଼ି ପଡିଯାଇଥିଲା । ଗୋଟିଏ କ୍ୱାର୍ଟରରେ ରହୁଥିବା ସ୍ୱାସ୍ଥ୍ୟକର୍ମୀ ଏବଂ ତାଙ୍କ ଛୋଟପୁଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ପଚାଶ ବର୍ଷରୁ ଅଧିକ ପୁରୁଣା ଏହି ଗଛ ମେଡିକାଲର ପଶ୍ଚିମ ପାର୍ଶ୍ୱ ପାଣି ନାଳ ବନ୍ଧରେ ରହିଥିଲା । ପାଣି ନାଳ ଅପର ପାର୍ଶ୍ୱରେ ଏକ କାନ୍ଥ ଉଠାଯାଇ ପାଣି ନାଳ ସଂକୁଚିତ ହେବାରୁ ପାଣି ନାଳ ସୁଅରେ ଚାକୁଣ୍ଡାଗଛ ମୂଳରୁ ମାଟି ଧସି ଯାଇଥିଲା । ଫଳରେ ଗୁରୁବାର ସକାଳେ ଗଛଟି ଉପୁଡିଯାଇ ମେଡିକାଲ କ୍ୱାର୍ଟର ଉପରକୁ ଢଳି ରହିଯାଇଥିଲା । ଗଛ ଉପୁଡିବାର ଭୟଙ୍କର ଶବ୍ଦ ଶୁଣି ଭୟରେ ସ୍ୱାସ୍ଥ୍ୟ କର୍ମୀ ଜଣକ ତାଙ୍କ ପୁଅକୁ ଧରି କ୍ୱାର୍ଟରରୁ ବାହାରକୁ ପଳେଇ ଆସିଥିଲେ । ଅନ୍ୟ ଏକ କ୍ୱାର୍ଟରରେ ମେଡିକାଲ ବିଭିନ୍ନ ସାମଗ୍ରୀ ଏବଂ ଭ୍ୟାକସିନ ରହୁଛି । ଗଛ ପଡିବା ଯୋଗୁଁ କ୍ୱାର୍ଟର ଛାତ ଏବଂ କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ଜଣାପଡିଛି। ଖବର ପାଇ ମାର୍ଶାଘାଇ ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ଗଛକୁ କାଟିଥିଲେ । କ୍ୱାର୍ଟରରେ ପାଣି ଗଳୁଥିବାରୁ କଳା ପଲିଥିନ ଘୋଡ଼ାଯାଇ ଛାତକୁ ସୁରକ୍ଷା ଯୋଗାଇ ଦିଆଯାଉଥିଲା । ଏ ବିଷୟରେ ମେଡିକାଲ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

## ଡାଇରିଆ ସଂକ୍ରମଣ ରୋକିବାକୁ କରାଯାଉଛି ସଚେତନ

**ରାଜନଗର,୧୯।୬ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ହଇଜା ଉଦବେଗଜନକ ସ୍ଥିତି ସୃଷ୍ଟି କରିଛି। ରାଜନଗରରେ ଝାଡାବାନ୍ତି କିପରି ନବ୍ୟାପିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି। ୩ ଦିନ ହେଲା ଆଶା କର୍ମୀମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ଓଆରଏସ ଓ ମେଡ଼ିସିନ ବଣ୍ଟନ କରୁଛନ୍ତି। ଆଜି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମୀ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗ ଟିମ ବିଭିନ୍ନ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରିଛନ୍ତି। ଏଥିସହିତ ଚାରିପୋଖରିଆ ଗାଁରେ ପହଞ୍ଚି ପୋଖରୀ ପଣି ବ୍ୟବହାର ନକରିବା, ଝାଡା ବାନ୍ତି ହେଲେ ସଙ୍ଗେ ସଙ୍ଗେ ମେଡିକାଲକୁ ଯିବା ସମ୍ପର୍କରେ ଲୋକଙ୍କୁ ସଚେତନ କରିଛନ୍ତି। ଗତବର୍ଷ ଚାରିପୋଖରିଆ ଗାଁରେ ପୋଖରୀ ପାଣି ପାଇଁ ଝାଡାବାନ୍ତି ମୃତ୍ୟୁ ହୋଇଥିବା ଜଣାପଡିଥିଲା। ଚଳିତ ବର୍ଷ ପୋଖରୀର ଅବସ୍ଥା ମଧ ପୂର୍ବ ବର୍ଷ ପରି ଅପରିଷ୍କାର ରହିଛି। ପୋଖରୀ ପାଣି ଓ ନଳକୂପ ନିକଟକୁ ସଫା ରଖିବା ପାଇଁ ଲୋକଙ୍କୁ ବୁଝାଇଥିଲେ। ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମୀ ରଞ୍ଜନ ମହାନ୍ତିଙ୍କ ସହିତ ଡାକ୍ତର ଆଦିତ୍ୟ ନାରାୟଣ ପ୍ରଧାନ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ହିମାଂଶୁ ଶେଖର ଦାସ , ତରୁଲତା ନାୟକ, ସଞ୍ଜୟ କୁମାର ବାରିକ ପ୍ରମୁଖ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରୁଛନ୍ତି।

## ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ରଥଯାତ୍ରା ପାଇଁ ବୈଠକ



**କେନ୍ଦ୍ରାପଡା,୧୯।୬ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ରରେ ଆସନ୍ତା ୨୭ ତାରିଖରେ ପବିତ୍ର ଶ୍ରୀଗୁଣ୍ଡିଚା ଦିନ ରଥଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରା କିପରି ସୁଚାରୁ ରୂପେ ପରିଚାଳିତ ହୋଇ ପାରିବ ସେ ନେଇ ବଳଦେବଜୀଉ ଟ୍ରଷ୍ଟ ବୋର୍ଡ ଓ ସେବାୟତଙ୍କ ମଧ୍ୟରେ ବୈଠକ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ବୋର୍ଡର ସଭାପତି ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ସଭ୍ୟ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ହୃଷିକେଶ ରଥ, ସଭ୍ୟ ଧିରେନ୍ କୁମାର ସାହୁ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ମନ୍ଦିର ସୁପରଭାଇଜର ନୃସିଂହ ଚରଣ ପତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ଦିରର ସେବାରେ ନିୟୋଜିତ ଥିବା ପାଳିଆ ସେବାୟତ, ବଡ଼ପଣ୍ଡା ମାଧବ ଚନ୍ଦ୍ର ପତ୍ରୀ, ଭାବଗ୍ରାହୀ ପତ୍ରୀ, ପୂଜାପଣ୍ଡା କାମପାଳ ପତ୍ରୀ, ଦାମୋଦର ପତ୍ରୀ, ଶତ୍ରୁଘ୍ନ କର, ନିଳମଣି କର, ଦୁଖିନ୍ଦ୍ର ସୁଆର, ମାନସ ରଞ୍ଜନ ମେକାପ ପ୍ରମୁଖ ସେବାୟତ ମାନଙ୍କ ସହିତ ଆଲୋଚନା କରାଯାଇଥିଲା। ସେହିପରି ଅନ୍ୟ ଏକ ବୈଠକ ରଥଯାତ୍ରା ପାଇଁ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟ୍ରଷ୍ଟ ବୋର୍ଡ ସଭାପତି, ସଭ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମନ୍ଦିର ସୁପରଭାଇଜର ପ୍ରମୁଖ ଉପସ୍ଥିତି ଥିଲେ । ଏହି ବୈଠକରେ ବିଜେ ପଣ୍ଡା ସେବକ ମାନଙ୍କ ସଭାପତି ମାନ ଗୋବିନ୍ଦ କର, କାର୍ଯ୍ୟାକାରୀ ସଭାପତି ଅନନ୍ତ ଚରଣ କର, ଉପସଭାପତି ନୃସିଂହ ମହାପାତ୍ର, ନୃସିଂହ କର, ନୟନ କିଶୋର ପଣ୍ଡା, ଗୋପାଳ ଚନ୍ଦ୍ର କର, ଅଙ୍କୁର ବ୍ରହ୍ମଚାରୀ ପ୍ରମୁଖ ବହୁ ବିଜେ ପଣ୍ଡା ଓ ବଡ଼ପଣ୍ଡା ମାଧବ ଚନ୍ଦ୍ର ପତ୍ରୀ ପ୍ରମୁଖଙ୍କ ସହିତ ଆଲୋଚନା କରାଯାଇ ନୀତିନିର୍ଘଣ୍ଟ ସ୍ଥିର କରାଯାଇଛି। ଏହି ଅବସରରେ ଓଡ଼ିଶା ଦେବୋତର କମିଶନର ଲଲାଟେନ୍ଦୁ ଜେନା ଶ୍ରୀ ବଳଦେବଜୀଉ ମନ୍ଦିର ପରିଦର୍ଶନ କରିଛନ୍ତି ।

- ସମୁଦ୍ରକୂଳ ଅଞ୍ଚଳରେ ହୋଇପାରିଲାନି ମକଡ୍ରିଲ

## ବାତ୍ୟା ଆଶ୍ରୟସ୍ଥଳୀର ତାଲା ଖୋଲିଲେନି ସରପଞ୍ଚ ଓ ସମ୍ପାଦକ



**ରାଜନଗର,୧୯।୬ (ସଂଚାର ବ୍ୟୁରୋ):** ବାତ୍ୟା ଆଶ୍ରୟସ୍ଥଳ ଗୁଡିକରେ ବାତ୍ୟା ଆସିଲେ ଆମେ କେତେ ପ୍ରସ୍ତୁତ ତାହା ପରଖିବା ପାଇଁ ମକଡ୍ରିଲ କରାଯାଇଥାଏ। ଆଜି ମକଡ୍ରିଲ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଡକାଯାଇଥିଲା। ବୈଠକ ଡ଼ାକିଥିବା ବିଡିଓ ବୈଠକରେ ଅନୁପସ୍ଥିତ ଥିବା ବେଳେ ତହସିଲଦାର ଓ କୌଣସି ଉଚ୍ଚ ପଦସ୍ଥ ଅଧିକାରୀ ନଥିଲେ। ଜିପିଓ, ଅତିରିକ୍ତ ତହସିଲଦାର ଓ ପୋଲିସ ଏସଆଇଙ୍କୁ ନେଇ ବୈଠକ ଅଳ୍ପ କେତେ ମିନିଟରେ ସାରି ଦିଆଯାଇଥିଲା। ଆଜିର ମକଡ୍ରିଲକୁ ସରପଞ୍ଚ ସଂଘ ବର୍ଜନ କରୁଥିବା ନେଇ ବୈଠକରେ କହିବା ସହିତ ଲିଖିତ ଭାବେ ଦେଇଥିଲେ। ମାତ୍ର ରାଜନଗରରେ ପ୍ରଶାସନିକ ଅଚଳାବସ୍ଥା ଲାଗି ରହିଥିବାରୁ ସରପଞ୍ଚ ସଂଘର ଚେତାବନୀକୁ ପ୍ରଶାସନ ଗୁରୁତ୍ୱ ଦେଇନଥିଲା। ଆଜି ରାଜନଗର ବ୍ଲକର ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ବାତ୍ୟା ଆଶ୍ରୟସ୍ଥଳ ଦାୟିତ୍ୱରେ ଥିବା ଅଧିକାରୀମାନେ ପହଞ୍ଚିଥିଲେ ମଧ ଅଧିକାଂଶ ସ୍ଥାନରେ ଆଶ୍ରୟସ୍ଥଳର ତାଲା ସମ୍ପାଦକମାନେ ଖୋଲିନଥିଲେ। କଇଥା , ପରିପାଙ୍ଗରା, ନୂଆଗାଁ, ଖଣ୍ଡାମରା, କୁରୁଣ୍ଟି , ନାଉକୋଣା ବାତ୍ୟା ଆଶ୍ରୟସ୍ତଳରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ପେଣ୍ଠ ବାତ୍ୟା ଆଶ୍ରୟସ୍ତଳରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ଦାସ ଗାଁର ୨୦ /୨୫ ଜଣ ଲୋକଙ୍କୁ ଧରି ବସିଥିଲେ। ସମ୍ପାଦକ ତାଲା ଖୋଲୁ ନାହାନ୍ତି, ଆମେ ମକଡ୍ରିଲ କରିପାରିଲୁ ନାହିଁ , ଲୋକଙ୍କୁ ବସାଇ କେବଳ ଆଲୋଚନା କରୁଛୁ ବୋଲି କହିଥିଲେ। ରାଜନଗର ବ୍ଲକର ବାତ୍ୟା ଆଶ୍ରୟସ୍ତଳଗୁଡିକ ମରାମତି ପାଇଁ ଅର୍ଥ ଆସିଛି। ଅତିରିକ୍ତ ଜିଲ୍ଲାପାଳ ରାଜନଗରରେ ପହଞ୍ଚି କମିଟି ଆଶ୍ରୟସ୍ତଳ ଗୁଡିକ ମରାମତି କରିବ ବୋଲି କହିଥିଲେ। ମାତ୍ର ବ୍ଲକର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ମନଇଛା ଠିକାଦାର ନିଯୁକ୍ତି କରି କାମ କରିବା ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ସମାଧାନ ନହେବା ଯାଏଁ ବାତ୍ୟା ମୁକାବିଲା ମକଡ୍ରିଲକୁ ସରପଞ୍ଚ ସଂଘ ବର୍ଜନ କରୁଛି ଗତକାଲି ଲିଖିତ ଭାବେ ପ୍ରଶାସନକୁ ଜଣାଇଥିଲେ। ଏଥିସହ ଆଗକୁ ଯଦି ପ୍ରଶାସନ ଏପରି କାର୍ଯ୍ୟ ଜାରି ରଖେ ତେବେ ବିଭିନ୍ନ ବୈଠକ ବର୍ଜନ କରିବା ସହ ଅନଶନ କରିବାକୁ ବାଧ ହେବେ ବୋଲି ଲିଖିତ ଭାବେ ବିଡିଓଙ୍କୁ ଜଣାଇଛନ୍ତି। ଆଜି ତାହାର ପ୍ରତିଫଳନ ଦେଖିବାକୁ ମିଳିଛି।

**ଗୋଟିଏ ଗୋଡ଼ ହରାଇ ଶଯ୍ୟାଶାୟୀ ପ୍ରଶାନ୍ତ**

## ଘରେ ପରୀକ୍ଷା କରାଇ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ଜିଲ୍ଲାପାଳଙ୍କୁ ଗୁହାରି



**ମହାକାଳପଡ଼ା,୧୯।୬ (ସଂଚାର ବ୍ୟୁରୋ):** ବାହାର ରାଜ୍ୟକୁ କାମ ପାଇଁ ଯାଇଥିଲେ ମହାକାଳପଡ଼ା ବ୍ଲକ୍ ବଳିପାଳ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟିଆପଲ୍ଲୀ ଗ୍ରାମର ସିନ୍ଧୁ ବେହେରାଙ୍କ ପୁଅ ପ୍ରଶାନ୍ତ ବେହେରା। ପ୍ରଶାନ୍ତ ଜଣେ କୁଶଳୀ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ତିନି ମହଲା ଉପରେ ଚଢି କାମ କରିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ସେ ତଳକୁ ଛିଟିକି ପଡ଼ିଯାଇଥିଲେ ଓ ତାଙ୍କ ଶରୀରର ବିଭିନ୍ନ ଅଂଶ ପୋଡି ଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସେ ସମୟରେ ତାଙ୍କୁ ଖାଲି ଆଖିରେ ଦେଖିବା ସମ୍ଭବ ନଥିଲା। ଡାହାଣ ଗୋଡ଼ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଚିକିତ୍ସା ସମୟରେ ତାଙ୍କୁ ଗୋଟିଏ ଗୋଡ଼ ହରାଇବାକୁ ପଡ଼ିଛି। ଏବେ ସେ ଗୋଟିଏ ଗୋଡ଼ ହରାଇ ଶଯ୍ୟାଶାୟୀ ଭାବରେ ପଡ଼ି ରହିଛନ୍ତି। ଏବେବି ଶରୀରର ପୋଡ଼ା ଅଂଶ ଶୁଖିନି। ପୋଷାକ ପିନ୍ଧିବା ତାଙ୍କ ପାଇଁ ସମ୍ଭବ ହେଉନି। ଏମିତି ପରିସ୍ଥିତିରେ ପେଟେଇକି ଶୋଇ ରହିବାକୁ ପଡୁଛି। ପରିବାର ଲୋକଙ୍କ ବିନା ସହଯୋଗରେ ନିଜର ନିତ୍ୟକର୍ମ ମଧ କରିବା କାଠିକର ପାଠ। ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ପ୍ରଶାନ୍ତ ଅନଲାଇନ୍ ଜରିଆରେ ଆବେଦନ କରିଛନ୍ତି। ଗୋଟିଏ ଗୋଡ଼ ନଥିବାକୁ ଶରୀରର ପୋଡ଼ା ଦାଗରେ ସେ ମେଡିକାଲ୍ ପରୀକ୍ଷା ପାଇଁ କେମିତି ଯିବେ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ସହଯୋଗ ଲୋଡିଛନ୍ତି ପ୍ରଶାନ୍ତ ଓ ତାଙ୍କ ପରିବାର। ଜିଲ୍ଲା ପ୍ରଶାସନ ତରଫରୁ ମେଡିକାଲ୍ ଟିମ୍ ପ୍ରଶାନ୍ତଙ୍କୁ ତାଙ୍କ ଘରେ ପରୀକ୍ଷା କରାଇ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି ପରିବାର ଲୋକେ।

ଏ ସମ୍ପର୍କରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ସୁନିଲ୍ ଗନ୍ତାୟତ କହିଛନ୍ତି ପ୍ରଶାନ୍ତଙ୍କୁ ମେଡିକାଲ୍ ପରୀକ୍ଷା ପାଇଁ ନେଇକି ଯିବା ସମ୍ଭବ ନୁହେଁ। କାହିଁକି ନା ତାଙ୍କ ଶରୀରର ପୋଡ଼ା କ୍ଷତ ଏଯାଏଁ ଶୁଖିନି ଓ ତାଙ୍କର ଗୋଟିଏ ଗୋଡ଼ ନାହିଁ। ତେଣୁ ଏମିତି ପରିସ୍ଥିତିରେ ମେଡିକାଲ୍ ଟିମ୍ ପ୍ରଶାନ୍ତଙ୍କୁ ଘରେ ପରୀକ୍ଷା କରାଇ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।



## ସରପଞ୍ଚ ବାପିନା ଖଣ୍ଡାଇଙ୍କୁ ଶ୍ରଦ୍ଧାଞ୍ଜଳି

**ପଟ୍ଟାମୁଣ୍ଡାଇ,୧୯।୬ (ସଂଚାର ବ୍ୟୁରୋ):** ନୀଳକଣ୍ଠପୁର ପଞ୍ଚାୟତର ଲୋକପ୍ରିୟ ଯୁବ ସରପଞ୍ଚ ଜ୍ଞାନ ରଞ୍ଜନ ଖଣ୍ଡାଇ ଓରଫ ବାପିନା ଖଣ୍ଡାଇଙ୍କର ସଡ଼କ ଦୁର୍ଘଟଣାରେ ଗତ ୯ତାରିଖରେ ଅକାଳ ବିୟୋଗ ଘଟିଥିଲା। ଏକାଦଶାହ ଅବସରରେ ଗୁରୁବାର ନିଜ ଗାଁ ଗୋବିନ୍ଦପୁରଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପ୍ରାକ୍ତନ ବିଧାୟକ ଡ଼ଃ ସିପ୍ରା ମଲିକ, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠି, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜିଲ୍ଲା ପରିଷଦ ସଦସ୍ୟା ପରିଦର୍ଶନୀ ତରାଇ, ଗାଙ୍ଗପଡା, ନରସିଂହପୁର ଓ ଚନ୍ଦନପୁରର, ପେଣ୍ଠପାଳ ସରପଞ୍ଚ ସରପଞ୍ଚଙ୍କ ସମେତ ବିଜେପି ନେତା ଶଶିକାନ୍ତ ସ୍ୱାଇଁ, କଂଗ୍ରେସ ନେତା ସତ୍ୟପ୍ରିୟ ସାମଲ,ବିଜେପି ୧୫ନମ୍ବର ମଣ୍ଡଳ ସଭାପତି ଆରୋଶିଷ ରାଉତ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ଦିବଂଗତ ସରପଞ୍ଚ ବାପିନା ଖଣ୍ଡାଇଙ୍କର ସ୍ମୃତି ଚାରଣ କରିଥିଲେ।




## ବିଇଓ କାର୍ଯ୍ୟାଳୟରୁ ସୂଚନା ଅଧିକାରରେ ମିଳୁନି ତଥ୍ୟ

**ଓଡ଼ିଆରେ ତଥ୍ୟ ମାଗିଲେ ଇଂରାଜୀରେ ମିଳୁଛି ମନଗଢ଼ା ତଥ୍ୟ**

**ନିଶ୍ଚିନ୍ତକୋଇଲି,୧୯।୬ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ମଣ୍ଡଳ ଶିକ୍ଷାଧିକାରି କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ କ୍ରମେ ଏହାକୁ ସୂଚନା ଅଧିକାର ନିୟମ ଅନୁସାରେ ଆବେଦନ କଲେ ସଠିକ ତଥ୍ୟ ମିଳୁନାହିଁ। ସରକାର ଓଡିଶାର ଅସ୍ମିତାକୁ ବଜାୟ ରଖିବାକୁ ପ୍ରୟାସ କରି ସମସ୍ତ ସରକାରୀ କାର୍ଯ୍ୟାଳୟରେ ନିଜ ମାତୃଭାଷାରେ ଦରଖାସ୍ତ ଆବେଦନ ଓ ମାତୃଭାଷାରେ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଏହାକୁ ଅବମାନନା କରିଥିବା ଦେଖିବାକୁ ମିଳିଛି। ଓଡ଼ିଆରେ ମଗାଯାଇଥିବା ସୂଚନା ତଥ୍ୟ ବିଇଓ ମହୋଦୟା ଇଂରାଜୀରେ ସୂଚନା ଦେଇଥିବା ଯାହା ଆବେଦନକାରି ବୁଝିପାରୁ ନ ଥିବା ଅଭିଯୋଗ ହୋଇଛି । ଗତ ତା-୦୯/୦୫/୨୦୨୫ ରିଖରେ ସୂଚନା ଆବେଦନକାରି ସପ୍ତଜ୍ୟୋତି ରାଉଳ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଶିକ୍ଷା ବିଭାଗ ସମ୍ବନ୍ଧୀୟ ପାଞ୍ଚଟି ତଥ୍ୟ ମାଗିଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟରେ ଦୁଇଟି ତଥ୍ୟର ସୂଚନା ଇଂରାଜୀରେ ମିଳିଥିବା ବେଳେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟର ସୂଚନା ମିଳୁ ନାହିଁ। ସରକାରୀ କର୍ମଚାରୀ କାର୍ଯ୍ୟାଳୟ ଠାରୁ ୫/୧୦ କିଲୋମିଟର ବ୍ୟବଧାନରେ ନିଜ ଘରେ କିମ୍ବା ଭଡାଘରେ ରହିବାର ନିର୍ଦ୍ଦେଶ ଥିବାବେଳେ ବିଇଓ ସଂଯୁକ୍ତା ମହାପାତ୍ର ମହୋଦୟା କାର୍ଯ୍ୟାଳୟ ଠାରୁ ପ୍ରାୟ ଶହ ଶହ କିଲୋମିଟର ଦୂରରେ ରହୁଥିବା ଅଭିଯୋଗ ହେଉଛି। ନିୟମିତ ଭାବେ କାର୍ଯ୍ୟାଳୟକୁ ଆସୁନଥିବା ବେଳେ ମନଇଚ୍ଛା ଛୁଟି ନେଇ ଘରେ ରହୁଥିବା ଅଭିଯୋଗ ହେଉଛି। ସରକାରୀ ଦରମା ଓ ଘର ଭଡା ବାବଦ ଅର୍ଥ ପ୍ରତିମାସରେ ପାଉଥିବା ବେଳେ ଏହାକୁ ଅପବ୍ୟବହାର କରୁଥିବା ଅଭିଯୋଗ ହେଉଛି। ସୂଚନା ଅଧିକାର ଆଇନ ଅନୁସାରେ ଏହାକୁ ମଗାଯାଇ ଥିବା ବେଳେ ବିଇଓ ମହୋଦୟା ଉକ୍ତ ତଥ୍ୟ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ତଥା ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ସଚିବ ମହୋଦୟ ଦୃଷ୍ଟିଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ଼ ଦାବି ହେଉଛି।

**AFFIDAVIT**

By virtue of an affidavit sworn before Executive Magistrate, pattamundai 15/2025 Date:26.03.2025

I am Bhagaban sen, s/o-lete nibaran sen, of at/po-damarpur, Via-alva, p.s-pattamundai. dist-kendrapara. pin-751217 Odisha declare that I have changed my name from pagal sen to bhagan sen. Henceforth, I shall be known as Bhagaban sen for all purpose.

## ପ୍ରୋବେସନର୍ ଆଇଏସ୍‌ଙ୍କ ଗାଡ଼ିରୁ ହଟିଲା ନାଲିବତୀ

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): କଳାହାଣ୍ଡି ଆଇଏଏସ୍ ପ୍ରୋବେସନରଙ୍କ ଗାଡିରେ ନାଲିବତୀ ଓ ନେମ୍ ପ୍ଲେଟ ଲାଗିଥିବା ବେଳେ ଏହାର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାର ଦିନକ ପରେ ଅର୍ଥାତ୍ ଆଜି ଉକ୍ତ ଗାଡ଼ିରୁ ନାଲିବତୀ ଓ ନେମ୍ ପ୍ଲେଟ ହଟିଯାଇଛି। ଏଥିସହ କଳାହାଣ୍ଡି ଜିଲ୍ଲାପାଳଙ୍କ ଗାଡ଼ିରୁ ମଧ୍ୟ ନାଲିବତୀକୁ ହଟାଇ ଦିଆଯାଇଛି। ସମ୍ପୃକ୍ତ ପ୍ରୋବେସନର୍ ଆଇଏଏସ୍ କେଉଁ କ୍ଷମତା ବଳରେ ଏଭଳି ବୋର୍ଡ ଲଗାଇଛନ୍ତି, ସେନେଇ ସାଧାରଣ ପ୍ରଶାସନ ପକ୍ଷରୁ ଜବାବ ତଲବ କରାଯାଇଛି। ତଦନ୍ତ ପରେ ରିପୋର୍ଟ ଦେବାକୁ ଅତିରିକ୍ତ ସଚିବ କଳାହାଣ୍ଡି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏନେଇ କଳାହାଣ୍ଡି ଜିଲ୍ଲାପାଳ କୌଣସି ପ୍ରକାର ପ୍ରତିକ୍ରିୟା ଦେଇନାହାନ୍ତି। ସୂଚନାଯୋଗ୍ୟ ଯେ ନାଲିବତୀ ଲାଗିଥିବା ଏକ ଗାଡ଼ିରେ ପ୍ରୋବେସନର ଆଇଏଏସ୍, କଳାହାଣ୍ଡି ବୋଲି ଲେଖାଥିବା ଦେଖିବାକୁ ମିଳିଥିଲା। ଏହାର ଫଟୋ ଓ ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଜୋରଦାର ଭାଇରାଲ ହୋଇଥିଲା। ତେବେ ଏନେଇ ଖବର ପ୍ରସାରିତ ହେବା ପରେ ଉକ୍ତ ଗାଡ଼ିରୁ ନାଲିବତୀ ଓ ନେମ୍ ପ୍ଲେଟ୍‌କୁ ହଟାଇ ଦିଆଯାଇଛି।

## ନାରୀ ନିର୍ଯାତନା ବିରୋଧରେ ଲଢ଼ିବ କଂଗ୍ରେସ



ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ଗତ ୧୧ ମାସରେ ବିଜେପି ସରକାର ଅମଳରେ ରାଜ୍ୟରେ ଦୈନିକ ୧୫ଟି ବଳାତ୍କାର ମାମଲା ସାମ୍ନାକୁ ଆସିଛି। ୧୦ ମାସରେ ବିଭିନ୍ନ ସ୍ଥାନରେ ସାଢ଼େ ୪ ହଜାର ଝିଅ ନ୍ୟାୟ ପାଇଁ ନିବେଦନ କରୁଛନ୍ତି। ୧୧ ମାସରେ ୨୮ ହଜାର ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଥିବା ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଅଭିଯୋଗ କରିଛନ୍ତି। ଗୁରୁବାର ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ ରାଜ୍ୟରେ ବିଜେପି ସରକାର ଅମଳରେ ଅପରାଧୀମାନେ ଏତେ ପରିମାଣର ସାହସ କେଉଁଠୁ ପାଉଛନ୍ତି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ସେହିପରି କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି ଯେ ଭଦ୍ରକ ହସ୍ପିଟାଲର ଜଣେ ନର୍ସ ତାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ଓ ବଳାତ୍କାର ନେଇ ଅଭିଯୋଗ କରିବା ସହ ନ୍ୟାୟ ମାଗୁଛନ୍ତି। ବାଲେଶ୍ୱରରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଓଡ଼ିଶାରେ ୩୬ ହଜାର ମହିଳା ଓ ୮,୪୦୦ ଝିଅ ନିଖୋଜ ଅଛନ୍ତି। ଏପରି ସ୍ଥିତିରେ ପ୍ରଶ୍ନ ହେଉଛି ଯେ ସରକାର ଏପର୍ଯ୍ୟନ୍ତ କେତେ ମହିଳା ଏବଂ ଝିଅଙ୍କୁ ଫେରାଇ ଆଣିପାରିଛନ୍ତି। ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ୨୮ ହଜାର ମହିଳା ନିର୍ଯାତନାର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ରାଜ୍ୟ ସରକାର କେତେ ଜଣଙ୍କୁ ନ୍ୟାୟ ଦେଇପାରିଛନ୍ତି ବୋଲି ଶ୍ରୀମତୀ ଫିର୍ଦ୍ଦୋସ୍ ପ୍ରଶ୍ନ କରିଛନ୍ତି। ସେହିପରି ଓଡ଼ିଶାରେ ଏକପ୍ରକାର ଅନ୍ଧକାର ବ୍ୟାପିଛି ବୋଲି ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ମହିଳା ସଶକ୍ତିକରଣ ଓଡ଼ିଶାର ପରିଚୟ ହୋଇଥିଲେ ହେଁ ପବିତ୍ର 'ରଜ ପର୍ବ'ରେ ରାଜ୍ୟରେ ୩ଟି ଗଣଦୁଷ୍କର୍ମ ଘଟଣା ଘଟିଲା। ଏହି ପ୍ରସଙ୍ଗ ଉଠାଇଥିବା କଂଗ୍ରେସ ବିଧାୟକଙ୍କୁ ବିଧାନସଭାରୁ ନିଲମ୍ବନ କରି ସରକାର ଭୁଲ୍ ପରମ୍ପରା ସୃଷ୍ଟି କରିଥିବା ଶ୍ରୀମତୀ ବାହିନୀପତି କହିଛନ୍ତି।

# ପିଏମଜିଏସ୍‌ୱାଇ ରାସ୍ତା ଉଦ୍‌ଘାଟନ କଲେ ସାଂସଦ

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ବେଗୁନିଆ ବ୍ଲକରେ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ବେଗୁନିଆର କଳାଙ୍ଗ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ରେ ନିର୍ମାଣ ହୋଇଥିବା ନୂତନ ରାସ୍ତାର ଶୁଭ ଉଦଘାଟନ କରିଛନ୍ତି ସାଂସଦ। ୩.୯ କିମି ରାସ୍ତା ପାଇଁ ୧ କୋଟି ୯୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ସମ୍ପୂର୍ଣ୍ଣ ହୋଇଥିବା କଳାଙ୍ଗଠାରୁ ଗୋବର୍ଦ୍ଧନପୁର ପର୍ଯ୍ୟନ୍ତ ୩.୬ କିମି ରାସ୍ତାକୁ ଉଦଘାଟନ କରିଛନ୍ତି ସାଂସଦ। ରାସ୍ତା ପାଇଁ ଜମି ଛାଡୁନଥିବା କାରଣରୁ ବାକି ୨୮୧ ମିଟର କାମ ଅସମ୍ପୂର୍ଣ୍ଣ ରହିଛି। କିନ୍ତୁ ଏହାକୁ ୩ ମାସ ମଧ୍ୟରେ ସାରିବାକୁ ସାଂସଦ ପ୍ରତିଶ୍ରୁତି ଦେଇଛନ୍ତି। ଜମି ଅଧିଗ୍ରହଣ ନେଇ ରହିଥିବା ସମସ୍ୟା ଦୂର ସକାଶେ ସେ ପ୍ରତିଶ୍ରୁତି ଦେଇଥିବା ବେଳେ ଆଜି ଉଦଘାଟିତ ନୂତନ ରାସ୍ତାର ଫାଇଦା ୫ଟି ପଞ୍ଚାୟତର ୧୦ ହଜାର ଲୋକ ଉପକୃତ ହେବେ। ଭଲ ରାସ୍ତା ନଥିବା କାରଣରୁ ୫ ପଞ୍ଚାୟତ ଲୋକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସ୍ୱାସ୍ଥ୍ୟସେବା ଓ ଗମନାଗମନ କ୍ଷେତ୍ରରେ ବାଧା ଉପୁଜୁଥିଲା। ତେବେ ନୂତନ ରାସ୍ତା ଉଦଘାଟିତ ହେବା ପରେ ଅଞ୍ଚଳବାସୀ ଏନେଇ ଖୁସି ବ୍ୟକ୍ତ କରିଛନ୍ତି।

ଏହି ଅବସରରେ ସାଂସଦ ଅପରାଜିତା କହିଛନ୍ତି ଯେ ତାଙ୍କ ପାଇଁ ରାଜନୀତିର ଅର୍ଥ ହେଉଛି ଜନସାଧାରଣଙ୍କ ବିକାଶ, ଲୋକଙ୍କ ସେବା ଓ ସମସ୍ତଙ୍କ ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ଶୁଣିବା ଓ ତା'ର ସମାଧାନ କରିବା। ସେଥିପାଇଁ ସମସ୍ତଙ୍କ ଅଭିଯୋଗ ଶୁଣି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରୁଛି। ୪୪ କୋଟି ଟଙ୍କା ବ୍ୟୟରେ ବେଗୁନିଆରେ ସବଡିଭିଜନାଲ ଡାକ୍ତରଖାନା ନିର୍ମାଣ ଚାଲିଛି। ଖୁବଶୀଘ୍ର ଏହା ଶେଷ ହୋଇ ଲୋକଙ୍କୁ ସେବା ଯୋଗାଇଦେବ ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ।

**ଲୋକଙ୍କ ବିକାଶ, ସେବା ଓ ଅଭିଯୋଗକୁ ପ୍ରାଥମିକତା**




ସେହିପରି ଆସନ୍ତା ବର୍ଷ ଜାନୁଆରୀରୁ ପ୍ରତିକ ଗାଁ ବୁଲି ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ବିଭିନ୍ନ ଧାର୍ମିକ ପୀଠର ଉନ୍ନତିକରଣ ପାଇଁ ଅର୍ଥ ମଞ୍ଜୁର କରିବା ସହ ବୋଲଗଡ଼, ବେଗୁନିଆକୁ ଏନଏସି ମାନ୍ୟତା ପ୍ରଦାନ ଦିଗରେ ପଦକ୍ଷେପ ନେବେ ବୋଲି ମଧ୍ୟ ସାଂସଦ ପ୍ରତିଶ୍ରୁତି ଦେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାଂସଦଙ୍କ ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବେଗୁନିଆ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ରଣବିଜୁଳି, ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା, ଭିଙ୍ଗାରପୁର ସରପଞ୍ଚ ହୃଷୀକେଶ ବେହେରା, ସମିତି ସଭ୍ୟ ଗଗନ ବିହାରୀ ସାହୁ ଓ ସାଂସଦଙ୍କ ପ୍ରତିନିଧି ବିଦ୍ୟୁତ କାନ୍ତି ଉପସ୍ଥିତ ଥିଲେ।

● ଭୋଜିରେ ଜାର ପାଣି ମନା

## ୩ଟି ଗୋଦାମ ସିଲ କଲା ସିଏମ୍‌ସି



କଟକ,୧୯।୬(ସଂଚାର ବ୍ୟୁରୋ):କଟକ ସହରରେ କୌଣସି ଭୋଜିରେ ଜାର ପାଣି ବା ଜାରରେ ପିଇବା ପାଣି ଯୋଗାଇ ପାରିବେ ନାହିଁ ଏନେଇ କଟକଣା ଲଗାଇଲା କଟକ ମହାନଗର ନିଗମ। ଜାର ପାଣିର ବିକଳ୍ପ ଭାବରେ ବୋତଲ ପାଣି ପରିବର୍ତ୍ତେ ପିଇବା ପାଣି ବ୍ୟବହାର କରିହେବ। ଡାଇରିଆ ଆକ୍ରାନ୍ତଙ୍କୁ ଦୃଷ୍ଟିରେ ରଖି ଏପରି ଏକ ପଦକ୍ଷେପ ଗ୍ରହଣ କରିଛି ସିଏମସି। ସ୍ୱାସ୍ଥ୍ୟ ବିଭାଗ ସେ ବିବାହ ହେଉ କିମ୍ବା ବ୍ରତଘର ଅବା ଯେ କୌଣସି ଭୋଜିରେ ହେଉ, ସବୁ ଭୋଜି ପାଇଁ ଏହି କଟକଣା ଲାଗୁ କରାଯିବ। ଏହି କ୍ରମରେ କଟକ ଶଙ୍କରପୁର ଅଞ୍ଚଳରେ ଆଜି ସିଏମସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପାଣି ଗୋଦାମରେ ଚଢ଼ାଉ କରାଯାଇଥିଲା। ଗୁପ୍ତଚର ଶଙ୍କରପୁର ଅଞ୍ଚଳରେ ଥିବା ୩ ଟି ପାଣି ଗୋଦାମକୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସିଲ କରିଛି ସିଏମସି। ପାଣି ବ୍ୟବସାୟୀ ମାନେ ବିଶୁଦ୍ଧ ପାଣି ଯୋଗାଇବା ପରିବର୍ତ୍ତେ ଅପରିଷ୍କାର ପାଣି ଯୋଗାଉଥିଲେ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧ

## ଆଜି କଂଗ୍ରେସର ୯ଘଣ୍ଟିଆ ଅନଶନ



**ଆସନ୍ତା ମାସରେ ଆସିବେ ରାହୁଲ**

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସୁଥିବା ବେଳେ ଏହାକୁ ବିରୋଧ କରିଛି କଂଗ୍ରେସ। ରାଜ୍ୟରେ ମହିଳାଙ୍କ ପ୍ରତି ଦିନକୁ ଦିନ ନିର୍ଯାତନା ଓ ଦୁଷ୍କର୍ମ ଘଟଣା ବଢ଼ୁଥିବା ବେଳେ ୧୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପାଖାପାଖି ୨ ହଜାର ଲୋକ ହଇଜାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ହଇଜା ରୋକିବା ଦିଗରେ ଧ୍ୟାନ ନ ଦେଇ ପ୍ରଶାସନ ଏବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ବ୍ୟସ୍ତ। ସେହିପରି ସରକାର ନାରୀମାନଙ୍କ ପ୍ରତି ବଢୁଥିବା ଅପରାଧକୁ ରୋକିବା ଦିଗରେ ଠୋସ୍ ପଦକ୍ଷେପ ନେବାରେ ମଧ୍ୟ ବିଫଳ ହୋଇଛନ୍ତି। ଏପରି ସ୍ଥିତିରେ ରାଜ୍ୟ ସରକାରର ବର୍ଷ ପୂର୍ତ୍ତି ପାଳିବା ଓ ପ୍ରଧାନମନ୍ତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ଭଳି ପଦକ୍ଷେପକୁ କଂଗ୍ରେସ ସହଜରେ ଗ୍ରହଣ କରିପାରିବନି। ତେଣୁ ଏହାକୁ ବିରୋଧ କରି ଦଳ ଆସନ୍ତାକାଲି ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୯ ଘଣ୍ଟା ପାଇଁ ଶାନ୍ତିପୂର୍ଣ୍ଣ ଅନଶନ କରିବା ସକାଶେ ନିଷ୍ପତ୍ତି ନେଇଛି। ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ସେ ସୂଚନା ଦେଇଛନ୍ତି ଯେ ଗୋପାଳପୁର ଦୁଷ୍କର୍ମ ମାମଲାରେ ଘଟଣାର ଅନୁଧ୍ୟାନ ପାଇଁ କଂଗ୍ରେସର ଏକ ଟିମ୍ ଗସ୍ତ କରିଥିବା ବେଳେ ପିସିସି ପକ୍ଷରୁ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ଏକ ୧୨ଜଣିଆ କମିଟି ବିଧାୟକ ସିଏସ ରାଜନ ଏକାଙ୍କ ନେତୃତ୍ୱରେ ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରିଛି। ଏହି ଟିମ୍‌ରେ ରାଜ୍ୟ ପ୍ରଭାରୀ ଅଜୟ ଲଲ୍ଲୁ ମଧ୍ୟ ରହିଛନ୍ତି। ଉକ୍ତ ଟିମ ହଇଜା ପ୍ରଭାବିତ ଅଞ୍ଚଳର ସାଧାରଣ ଜନତାଙ୍କୁ ଭେଟି ରିପୋର୍ଟ ପ୍ରଦାନ କରିବେ। ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନେତୃତ୍ୱରେ ପିସିସି ପକ୍ଷରୁ ଏକ ଅନୁଧ୍ୟାନକାରୀ ଦଳ ଝାଡ଼ାବାନ୍ତି ପ୍ରଭାବିତ କେନ୍ଦୁଝର ଜିଲ୍ଲା ମଧ୍ୟ ଗସ୍ତ କରିବ ବୋଲି ଶ୍ରୀ ଦାସ କହିଛନ୍ତି। ଏହିସହ ଭୁବନେଶ୍ୱରରେ ଏକ ବିରାଟ ଜନସମାବେଶ ଆସନ୍ତା ମାସ ଦ୍ୱିତୀୟ ସପ୍ତାହରେ ଅନୁଷ୍ଠିତ ହେବ। ଏଥିରେ ରାହୁଲ ଗାନ୍ଧି, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖର୍ଗେ ଓ ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେସି ଭେଣୁଗୋପାଳ ଯୋଗଦେବେ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି।ଏହିସହ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଥିବା ପ୍ରଧାନମନ୍ତ୍ରୀ ସ୍ଥିତି ପରଖିବା ସକାଶେ କେନ୍ଦୁଝର ଗସ୍ତ କରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ତା'ଛଡ଼ା ଉଭୟ ଝାଡ଼ାବାନ୍ତି ବ୍ୟାପିବା ଓ ମହିଳାଙ୍କ ପ୍ରତି ବଢୁଥିବା ଅପରାଧ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କର କ'ଣ ଆଭିମୁଖ୍ୟ ରହିଛି, ସେନେଇ ରାଜ୍ୟ ବିଜେପି ମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ପିସିସି ସଭାପତି ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇଥିବା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ଓଡ଼ିଶାରେ ନାରୀ ଅସୁରକ୍ଷିତ ଥିବା ବେଳେ ମହିଳା କମିଶନ ଅଧ୍ୟକ୍ଷା ମୂକଦର୍ଶକ ରହିଥିବାରୁ ସରକାର କିପରି ରାଜ୍ୟବାସୀଙ୍କୁ ସୁଶାସନ ଦେବେ ବୋଲି ପ୍ରଶ୍ନ କରିଛନ୍ତି। ଏହାଛଡ଼ା ଏଆଇସିସି ସମ୍ପାଦକ ଶରତ ରାଉତ ନାରୀ ନିର୍ଯାତନା ରୋକିବାରେ ରାଜ୍ୟ ସରକାର ପୂରାପୂରି ବିଫଳ ରହିଥିବା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, ଅରବିନ୍ଦ ଦାସ, ପିସିସି ମୁଖପାତ୍ର ରଜନୀ ମହାନ୍ତି ଉପସ୍ଥିତ ଥିଲେ।

# ଆଇନକୁ ଡରୁନାହାନ୍ତି ଅପରାଧୀ: ବିଜେଡି

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ମହିଳା ଓ ଶିଶୁମାନେ ଅସୁରକ୍ଷିତ। ରାଜ୍ୟରେ ଦିନକୁ ଦିନ ଅପରାଧ ବଢୁଥିବାରୁ ବିଜେପି ସରକାର ଅମଳରେ ଅପରାଧୀମାନଙ୍କର ଆଇନକାନୁନ୍ ପ୍ରତି ଭୟ ନାହିଁ ବୋଲି ଅଭିଯୋଗ କରିଛି ବିଜେଡି। ଆଜି ଶଙ୍ଖ ଭବନଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ରାଜଶ୍ରୀ ମଲ୍ଲିକ, ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଗତ ଏକ ବର୍ଷ ମଧ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ରାଜ୍ୟ ସରକାର ମହିଳା ଓ ଶିଶୁଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା କହିଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ଅପରାଧ ଘଟୁଥିବା ରାଜ୍ୟ ତାଲିକାରେ ଦେଶରେ ଓଡ଼ିଶା ଏବେ ଅଷ୍ଟମ ସ୍ଥାନରେ ପହଞ୍ଚିଯାଛି ବୋଲି ସେମାନେ କହିଛନ୍ତି।

ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ବିଜେପି ରାଜ୍ୟବାସୀଙ୍କୁ ଅନେକ ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ପରେ ସୁଶାସନ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ରାଜ୍ୟରେ ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର ଓଡ଼ିଶା ଗସ୍ତ କରୁଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆଗମନ ପୂର୍ବରୁ ଓ ଉପସ୍ଥିତି ସମୟରେ ଜଘନ୍ୟ ଅପରାଧମାନ ଘଟୁଛି। ତେଣୁ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସିବା ପରେ ପ୍ରଧାନମନ୍ତ୍ରୀ ଗସ୍ତ



କରିବା ଉଚିତ ଥିଲା। ବରଂ ସେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିର ସମୀକ୍ଷା କରିବା ଦରକାର। ଏଥିରେ ସୁଧାର ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ଶ୍ରୀମତୀ ମଲ୍ଲିକ ପରାମର୍ଶ ଦେଇଛନ୍ତି। ସେହିପରି ଶ୍ରୀମତୀ ଛୁରିଆ ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ସଫଳତା ପ୍ରଚାର ପାଇଁ 'ବର୍ଷ ଏକ ଉପଲବ୍ଧି ଅନେକ' ସ୍ଲୋଗାନ୍ ଦେଉଛନ୍ତି। କିନ୍ତୁ ଅପରାଧ ପ୍ରବଣ ରାଜ୍ୟ ମଧ୍ୟରେ ଓଡ଼ିଶା ଅଷ୍ଟମରେ ରହିବା ନିଶ୍ଚିତ ଭାବେ ସରକାରଙ୍କ ଏକ ଉପଲବ୍ଧି ବୋଲି କହି କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ଗତ ଏକ ବର୍ଷରେ ରାଜ୍ୟରେ ୩୦୫୪ରୁ ଉର୍ଦ୍ଧ୍ୱ ଦୁଷ୍କର୍ମ ହୋଇଛି। ଏଥିରୁ ରାଜ୍ୟରେ ମହିଳା ଓ ଶିଶୁ କେତେ ଅସୁରକ୍ଷିତ, ଏହି ସ୍ପଷ୍ଟ ଅନୁମେୟ। ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ମହିଳା ଓ ଶିଶୁମାନଙ୍କ କେସ୍ ପଞ୍ଜିକରଣ ପାଇଁ ୬୦୦ ଥାନାରେ ମହିଳା ଓ ଶିଶୁ ଡେସ୍କ ସ୍ଥାପନ ହୋଇଥିଲା। ସେଗୁଡ଼ିକ ଏବେ କାର୍ଯ୍ୟ କରୁନାହିଁ। ତେଣୁ ନିର୍ଯାତନାର ଶିକାର ହେଉଥିବା ମହିଳାମାନେ ଅଭିଯୋଗ ଦାଖଲ କରିପାରୁନାହାନ୍ତି। ସରକାରଙ୍କ ଅପାରଗତା ଯୋଗୁଁ ରାଜ୍ୟରେ ଅପରାଧ ବଢ଼ିବାରେ ଲାଗିଛି। ତେଣୁ ରାଜ୍ୟ ସରକାର ତୁରନ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନ ସୁଧାରିଲେ, ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ଛୁରିଆ ଚେତାବନୀ ଦେଇଛନ୍ତି।

## ଭୁବନେଶ୍ୱର ଫେରିଲେ ସ୍ୱୟଂସୁପ୍ରୀତ ଓ ସାଇରାଜ

● ସିକ୍କିମ ବସ୍ ଦୁର୍ଘଟଣାରେ ଆହତ ହୋଇଥିଲେ

● ଅଧିକ ଚିକିତ୍ସା ପାଇଁ ଏମ୍ସରେ ଭର୍ତ୍ତି



ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ଗତ ମାସରେ ସିକ୍କିମ୍‌ରେ ଘଟିଥିବା ଭୟଙ୍କର ବସ୍ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇ ଦୁଇ ଜଣ ଓଡ଼ିଆ ସ୍ୱୟଂସୁପ୍ରୀତ ନାୟକ (୧୬) ଓ ସାଇରାଜ ଜେନା (୧୭) ସେଠାରେ ଚିକିତ୍ସାଧୀନ ଥିଲେ। ତେବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ପରେ ସେମାନଙ୍କୁ ଆଜି ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଭୁବନେଶ୍ୱର ରେଳଷ୍ଟେସନ୍‌ରେ ପହଞ୍ଚିବା ପରେ ସେମାନଙ୍କୁ କୋରାଇ ବିଧାୟକ ଆକାଶ ଦାସନାୟକ, ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିବା ସହ ସେଠାରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଏମ୍ସକୁ ପଠାଇଛନ୍ତି। ସିକ୍କିମରେ ତିସ୍ତା ନଦୀରେ ବସ୍ ଦୁର୍ଘଟଣାର ଓଡ଼ିଶାରୁ ୪ ଜଣ ନିଖୋଜ ଥିବା ବେଳେ ସ୍ୱୟଂସୁପ୍ରୀତ ଓ ସାଇରାଜ ଉଦ୍ଧାର ହୋଇ ସେଠାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଓଡ଼ିଶା ସରକାର ନିରନ୍ତର ଭାବରେ ସିକ୍କିମ ସରକାରଙ୍କ ସହ ଯୋଗାଯୋଗ କରୁଛନ୍ତି। ପରିବହନ ବିଭାଗର ଦୁଇ ବରିଷ୍ଠ ଅଧିକାରୀ ମଧ୍ୟ ଦୁର୍ଘଟଣା ପରେ ପରେ ତୁରନ୍ତ ସେଠାରେ ପହଞ୍ଚିଥିଲେ। ଉଦ୍ଧାର କାର୍ଯ୍ୟ ଓ ଚିକିତ୍ସାର ସମସ୍ତ ବନ୍ଦୋବସ୍ତ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱୟଂସୁପ୍ରୀତ ଓ ସାଇରାଜଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କ ଅନୁମତି ପରେ ସେମାନଙ୍କୁ ପରବର୍ତ୍ତୀ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ସେମାନଙ୍କୁ ସିକ୍କିମରୁ ଭୁବନେଶ୍ୱର ଆଣିବା ସକାଶେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

● ସିଡିଏ ମାର୍କେଟ କମ୍ପ୍ଲେକ୍ସ ହତ୍ୟାକାଣ୍ଡ ମାମଲା

## ଦୁଇ ସନ୍ଦିଗ୍ଧଙ୍କୁ ଉଠାଇନେଲା ପୁଲିସ

କଟକ,୧୯।୬(ସଂଚାର ବ୍ୟୁରୋ): କଟକ ବକ୍ସିବଜାର ସିଡିଏ ମାର୍କେଟ କମ୍ପ୍ଲେକ୍ସ ଗତକାଲି ଜନୈକ ଯୁବକଙ୍କ ଗଳିତ ମୃତଦେହ ମିଳିଥିବା ବେଳେ ଆଜି ଏହି ମାମଲାରେ ଦୁଇ ଜଣ ସନ୍ଦିଗ୍ଧଙ୍କୁ ଉଠାଇନେଇଛି କ୍ୟାଣ୍ଟନମେଣ୍ଟ ଥାନା ପୁଲିସ। ସେମାନଙ୍କୁ ଥାନାରେ ଅଟକ ରଖି ପୁଲିସ୍ ପଚରାଉଚରା ଚଳାଇଛି। ମାର୍କେଟ କମ୍ପ୍ଲେକ୍ସ ବିଲ୍ଡିଂରେ ଲାଗିଥିବା ୬ରୁ ଅଧିକ ସିସିଟିଭି ମଧ୍ୟରୁ ଅଧିକାଂଶ ଅଚଳ ଅବସ୍ଥାରେ ଥିଲେ ହେଁ ଆଖପାଖ ଅଞ୍ଚଳର ସିସିଟିଭି ଯାଞ୍ଚ କରି ପୁଲିସ୍ କିଛି ସୁରାକ ପାଇବା ପରେ ଅଦ୍ୟାବଧି ପାଖାପାଖି ୧୦ ଜଣଙ୍କୁ ପଚରାଉଚରା କରିସାରିଛି। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଅଟକ ରଖିଥିବା ପୁଲିସ୍ ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ ଗତକାଲି ଅଶୋକ ବାରିକ ନାମକ ଜନୈକ ବ୍ୟକ୍ତିଙ୍କୁ କେତେକ ଦୁର୍ବୃତ୍ତ ନିର୍ମମ ଭାବେ ହତ୍ୟା କରିବା ସହ ଫିଙ୍ଗିଦେଇ ଚାଲିଯାଇଥିଲେ। ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରୁ ବିଛଣା ଉପରେ ଶୋଇଥିବା ଅବସ୍ଥାରେ ଅଶୋକଙ୍କ ମୃତଦେହ ମିଳିଥିଲା। ତାଙ୍କ ବେକ ଓ ତଣ୍ଟି ସହ ଶରୀରର ବିଭିନ୍ନ ଅଙ୍ଗକୁ ଧାରୁଆ ଅସ୍ତ୍ରରେ ହାଣି ଦୁର୍ବୃତ୍ତମାନେ ହତ୍ୟା କରିଥିଲେ।

## କଟକ ପରିମଳ ବ୍ୟବସ୍ଥା ନେଇ ହାଇକୋର୍ଟଙ୍କ ଉଦବେଗ

**ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ**

କଟକ,୧୯।୬(ସଂଚାର ବ୍ୟୁରୋ): କଟକ ସହରର ପରିମଳ ବ୍ୟବସ୍ଥାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ହାଇକୋର୍ଟ। ସହରରେ ଯେପରି ଝାଡ଼ାବାନ୍ତି ନ ବ୍ୟାପେ ସେ ନେଇ ସମସ୍ତ ସତର୍କତାମୂଳକ ପଦକ୍ଷେପ ନେବା ଲାଗି ଆଜି ସିଏମସିକୁ ନିର୍ଦ୍ଦେଶ ଦିଆଯାଇଛି। କଟକ ସହରକୁ ସଂକ୍ରମଣମୁକ୍ତ ରଖିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ସିଏମସି ଆଗୁଆ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ହୋଇଛି। ଏହାଛଡ଼ା ଡ୍ରେନ୍‌ର ରକ୍ଷଣାବେକ୍ଷଣ ଓ ସମ୍ଭାବ୍ୟ ଜଳବନ୍ଦୀ ଅଞ୍ଚଳରୁ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ କୋର୍ଟ ଗୁରୁତ୍ୱ ଦେଇଛନ୍ତି ଓ ସହରବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ନେଇ ୱାଟକୋ କର୍ତ୍ତୃପକ୍ଷ ଉଚିତ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶର ତୁରନ୍ତ କାର୍ଯ୍ୟକାରିତା ନେଇ ସମସ୍ତ ବିଭାଗଠାରୁ ହାଇକୋର୍ଟ ସତ୍ୟପାଠ ଲୋଡ଼ିଛନ୍ତି। ଆସନ୍ତା ୩ ତାରିଖ ସୁଦ୍ଧା ନିର୍ଦ୍ଦେଶ କାର୍ଯ୍ୟକାରିତା କରିବା ସକାଶେ ସତ୍ୟପାଠ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କଟକ ସହରର ବିଭିନ୍ନ ସମସ୍ୟା ସମ୍ପର୍କିତ ଦାଏର୍ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ଅବସରରେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଆଡଭୋକେଟ କମିଟି ସହରର ବିଭିନ୍ନ ସ୍ଥାନକୁ ଯାଇ ରିପୋର୍ଟ ସଂଗ୍ରହ କରିଥିଲେ।

## ସାଂସଦଙ୍କ ହସ୍ତକ୍ଷେପ ପରେ ମୁକୁଳିଲେ ଯୁବକ, ଭୋଗରାଇ ଥାନାଧିକାରୀ ନିଲମ୍ବିତ

ଭୋଗରାଇ, ୧୯।୬ (ସଂଚାର ବ୍ୟୁରୋ) : ଭୋଗରାଇ ଥାନାରେ ଯୁବକଙ୍କୁ ନିର୍ଯାତନା ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ। ଭୋଗରାଇ ଥାନା ଆଇଆଇସି ଶ୍ରୀବଲ୍ଲଭ ସାହୁ ନିଲମ୍ବିତ। ଜଣେ ଯୁବକଙ୍କୁ ବିନା କୌଣସି ଏଫଆଇଆରରେ ଥାନାରେ ଅମାନୁଷିକ ନିର୍ଯାତନା ଦେଇଥିଲେ ଆଇଆଇସି। ତାଙ୍କ ବିରୋଧରେ ଏତଲା ପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ଯୁବକଙ୍କୁ ହାତଗୋଡ଼ ବାନ୍ଧି ନିର୍ଯାତନା ଦିଆଯାଉଥିଲା। ଖବର ପାଇ ସାଂସଦ ପ୍ରତାପ ଷଡ଼ଙ୍ଗୀ ଥାନାରେ ପହଞ୍ଚିଥିଲେ।ଏ ନେଇ ବାଲେଶ୍ୱର ଏସପିଙ୍କୁ ସିଧାସଳଖ ଭିଡିଓ କଲ୍ କରି ଜଣାଇଥିଲେ। ତାଙ୍କ ହସ୍ତକ୍ଷେପ ପରେ ଏବଂ ଏସପିଙ୍କ ନିର୍ଦ୍ଦେଶକ୍ରମେ ଯୁବକ ଥାନାରୁ ଉଦ୍ଧାର ହୋଇଛନ୍ତି। ଏହା ସହିତ ଘଟଣାର ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଏସପି। ଆଉ ଥାନାକୁ ଆସି ତଦନ୍ତ କରିଥିଲେ ଅତିରିକ୍ତ ଏସପି। ସୂଚନାଯୋଗ୍ୟ, ଜୟରାମପୁର ଗ୍ରାମର କାର୍ତ୍ତିକ ଚନ୍ଦ୍ର ଭୋଳଙ୍କୁ ଏକ ମଟରସାଇକେଲ ଅଦଳ ବଦଳକୁ କେନ୍ଦ୍ରକରି ତାଙ୍କ ବିରୋଧରେ ଭୋଗରାଇ ଥାନାରେ ବାରବାଟିଆ ଗ୍ରାମର ଜୟନ୍ତୀ ରଥ ଅଭିଯୋଗ କରିଥିଲେ।



ଏହା ପରେ ପୋଲିସ କାର୍ତ୍ତିକଙ୍କୁ ଗତକାଲି ଉଠାଇ ଆଣି ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିଲେ । ମାତ୍ର ଦୁଇ ଦିନ ଧରି ଯୁବକଙ୍କୁ ଗୋଡ଼ ହାତରେ ବେଡି ପକାଇ ଅମାନୁଷିକ ମାଡ଼ ମାରିଥିବା ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ଘଟଣାରେ ଯୁବକଙ୍କ ସ୍ତ୍ରୀ ଭୋଗରାଇ ବିଜେପି ନେତା ଆଶିଷ ପାତ୍ରଙ୍କ ଠାରେ ଅଭିଯୋଗ କରିଥିଲେ । ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଭୋଗରାଇ ଗସ୍ତରେ ଥିବା ବେଳେ ଉକ୍ତ ଘଟଣା ସମ୍ପର୍କରେ ତାଙ୍କୁ ବିଜେପି ନେତା ଅବଗତି କରାଇବା ପରେ ସାଂସଦ ଭୋଗରାଇ ଥାନାକୁ ଆସି ପ୍ରଥମେ ଘଟଣାର ସତ୍ୟାସତ ଦେଖିଥିଲେ। ବାଲେଶ୍ୱର ଏସପିଙ୍କୁ ସିଧାସଳଖ ଭିଡିଓ କଲ୍ କରି ଯୁବକଙ୍କ ହାତ ଗୋଡ଼ ବନ୍ଧା ଥିବା ବେଡ଼ିରେ ଏସପିଙ୍କୁ ଦେଖାଇ ଘଟଣାର ହସ୍ତକ୍ଷେପ କରିଥିଲେ । ଥାନା କର୍ମଚାରୀ ଅଟକ ଯୁବକଙ୍କୁ ପ୍ରବଳ ମାଡ଼ ମାରିଥିବା ସାଂସଦ ପାଖରେ ଯୁବକ ଅଭିଯୋଗ କରିଥିଲେ ।

## ପାଉଣା ନଦେଇ ଯାତ୍ରା ପାର୍ଟି ମାଲିକ ଫେରାର

ସାଲେପୁର, ୧୯।୬ (ସଂଚାର ବ୍ୟୁରୋ) : ଗାଡ଼ି ଭଡ଼ା ବି ଦେଲେନି । ଲୁଚିକି ପଳେଇଲେ । ଖାଇବା ପାଇଁ ଟଙ୍କାଟିଏ ବି ଦେଲେନି । କାମ ସରିଲା ପରେ ଟଙ୍କା ନଦେଇ ପଳେଇଲେ ଯାତ୍ରା ପାର୍ଟି ମାଲିକ । କଟକ ଜିଲ୍ଲା ନେମାଳ ଜନାର୍ଦ୍ଦନପୁରରେ ଯାତ୍ରା ମର୍ଦ୍ଦନ ଓଡ଼ିଶାର ଯାତ୍ରା କଳାକାରମାନେ ଯାତ୍ରା ପାର୍ଟି ମାଲିକଙ୍କ ନାଁରେ ଅଭିଯୋଗ କରିଛନ୍ତି । ତିନିଦିନ ଧରି ଯାତ୍ରାରେ କାମ କରିଥିଲେ ଏମାନେ । କିନ୍ତୁ ଯାତ୍ରା ସରିବା ପରେ ଯାତ୍ରା କଳାକାରଙ୍କୁ ଖାଇବା ପାଇଁ ନଦେଇ ତଥା ଦୁଇ ମାସ ହେବ ବକେୟା ଦରମା ଟଙ୍କା ନଦେଇ ଯାତ୍ରା ପାର୍ଟି ମାଲିକ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । ଘଟଣାକୁ ନେଇ ୧୫ ଜଣ କଳାକାର ନେମାଳ ଥାନାରେ ଯାତ୍ରା ପାର୍ଟି ମାଲିକଙ୍କ ବିରୋଧରେ ଏତଲା ଦେଇଛନ୍ତି । ପାଖାପାଖି ଲକ୍ଷାଧିକ ଟଙ୍କା ନଦେଇ ମାଲିକ ଏବଂ ମ୍ୟାନେଜର ଯାତ୍ରା ସାମଗ୍ରୀ ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । ୩ ଦିନ ଧରି ଭୋକ ଓପାସରେ କଳାକାରମାନେ ଅଛନ୍ତି ବୋଲି ମଧ୍ୟ ଅଭିଯୋଗ କରିଛନ୍ତି ସମସ୍ତ କଳାକାର । ଦୀର୍ଘ ଦୁଇ ମାସ ହେବ କଳାକାରମାନେ ବକେୟା ଟଙ୍କା ପାଇ ନାହାନ୍ତି । ରାତି ରାତି ପରିଶ୍ରମ କରିଥିଲେ ବି ନିଜ ପାରିଶ୍ରମିକ ପାଇ ନଥିବାରୁ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି କଳାକାରମାନେ । ଓଡ଼ିଶାରେ ଯାତ୍ରା କଳି ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ୁଛି ।

# ପ୍ରତି ଜିଲ୍ଲାରେ ବାର୍ଷିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ



ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ରାଜ୍ୟର ୩୦ଟିଯାକ ଜିଲ୍ଲାରେ ବାର୍ଷିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଗତକାଲି ଆରମ୍ଭ ହୋଇଥିବା ବେଳେ ଆଜି ଉଦ୍‌ଯାପିତ ହୋଇଛି। ଏହି ଅଭ୍ୟାସର ମୂଳ ଉଦ୍ଦେଶ୍ୟ ପ୍ରସ୍ତୁତିର ପରୀକ୍ଷା, ଯାଞ୍ଚ, ଜରୁରୀକାଳୀନ ପ୍ରତିକ୍ରିୟା ଓ ସୁରକ୍ଷିତ ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଭବିଷ୍ୟତରେ ଆପଦକାଳୀନ ସ୍ଥିତିର ମୁକାବିଲା ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା। ଗତକାଲି ସମସ୍ତ ୩୦ଟି ଜିଲ୍ଲାର ଜିଲ୍ଲା ମୁଖ୍ୟାଳୟ ଓ ସମସ୍ତ ବ୍ଲକ୍ ଏବଂ ପୌର ପରିଷଦ ସ୍ତରରେ ଏହି ଅଭ୍ୟାସ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, ଉଚ୍ଚ ପ୍ରତିନିଧି, ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ, ଅଣସରକାରୀ ସଂଗଠନ ଆଦିଙ୍କୁ ନେଇ କରାଯାଇଛି। ଅଭ୍ୟାସ ସମୟରେ ଘୂର୍ଣ୍ଣିବାତ୍ୟା, ପ୍ରବଳ ବର୍ଷା, ବନ୍ୟା, ଭୂସ୍ଖଳନ, ସାପକାମୁଡ଼ା, ବଜ୍ରପାତ, ମରୁଡ଼ି ଓ ସୁନାମି ସହ ଜଡ଼ିତ ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗ ଓ ସଂଗଠନର ଭୂମିକା, ଦାୟିତ୍ୱ ଓ ପ୍ରସ୍ତୁତି ପଦକ୍ଷେପ ବିଷୟରେ ବି ଆଲୋଚନା କରାଯାଇଥିବା ଜଣାପଡ଼ିଛି। ସେହିପରି ଆଜି ସମସ୍ତ ୯୦୯ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରାଯାଇଛି। ଭାରତୀୟ ପାଣିପାଗ ବିଭାଗରୁ ଘୂର୍ଣ୍ଣିଝଡ଼ ଓ ଏଥିସହ ସମ୍ବନ୍ଧିତ ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଓ ସୁନାମି ସଂକ୍ରାନ୍ତରେ ସୂଚନା ସବୁ ରାଜ୍ୟ ଜରୁରୀକାଳୀନ କେନ୍ଦ୍ର ଦ୍ୱାରା ସମ୍ପୃକ୍ତ ଜିଲ୍ଲା ଜରୁରୀକାଳୀନ କେନ୍ଦ୍ରକୁ ପଠାଯାଇଥିଲା। ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ଥିବା ଗ୍ରାମଗୁଡ଼ିକରେ ସ୍ଥାନାନ୍ତର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ଆଶ୍ରୟସ୍ଥଳ ସ୍ତରରେ ଗ୍ରାମବାସୀ, ନିର୍ବାଚିତ ପ୍ରତିନିଧି, ଆଶା, ଅଙ୍ଗନବାଡ଼ି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଟାସ୍କଫୋର୍ସ, ସ୍ୱେଚ୍ଛାସେବୀ, ଆପଦମିତ୍ର, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ପରିଚାଳନା ଓ ରକ୍ଷଣାବେକ୍ଷଣ କମିଟି ସଦସ୍ୟ ଓ ସଂଗଠନ ଭାଗ ନେଇଥିଲେ। ସେହିପରି ଅଗ୍ନିଶମ ଓ ଜରୁରୀକାଳୀନ ସେବା, ଏନ୍‌ଡିଆର୍‌ଏଫ୍ ଓ ଓଡ୍ରାଫର ଟିମ୍ ମଧ୍ୟ ବିଭିନ୍ନ ଆଶ୍ରୟସ୍ଥଳରେ ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ। ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କ କାର୍ଯ୍ୟାଳୟ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଅଧିକାରୀମାନଙ୍କ ସହ ଭାରତୀୟ ପାଣିପାଗ ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱରର ଅଧିକାରୀ, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ନୋଡାଲ ଅଧିକାରୀ ଓ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ଏହି ପ୍ରସ୍ତୁତି ଓ ଅଭ୍ୟାସରେ ଭାଗ ନେଇଥିଲେ।

## ତେଲ ନଦୀ ପୋଲ ଉପରେ ୨ ଫୁଟର ବର୍ଷାଜଳ ପ୍ରବାହିତ

ପାଟଣା, ୧୯।୬ (ସଂଚାର ବ୍ୟୁରୋ) : ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଦାମା ହୁଦା ପଞ୍ଚାୟତ କୁମୁଳା ବାହାଳିର ତେଲ ନଦୀ ପୋଲ ଉପରେ ବର୍ଷା ପାଣି ଗୁରୁବାର ପ୍ରବାହିତ ହୋଇଛି। ଫଳରେ ସାହାରପଡ଼ା ବ୍ଲକ ଦାମାହୁଦା ଅଞ୍ଚଳରୁ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳକୁ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି। ପୋଲ ଉପରେ ୨ ଫୁଟ ଉଚ୍ଚର ପାଣି ପ୍ରବାହିତ ହୋଇଛି। ଉପର ମୁଣ୍ଡ ଶିମିଳିପାଳ ଅଞ୍ଚଳରେ ବର୍ଷା ଯୋଗୁ ତେଲ ନଦୀର ଜଳ ସ୍ତର ବୃଦ୍ଧି ପାଇଛି। ସେହିଭଳି ଖଜୁରୀ ଡିହା ସରସ୍ୱତୀ ପଦା ଡାଇଭର୍ସନ ଧୋଇ ହୋଇଯିବା ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ପାଟଣା ବୈତରଣୀ ନଦୀର ନିର୍ମାଣାଧୀନ ପୋଲର ସେଣ୍ଟ୍ରିଂ ଭସେଇ ନେଇଛି। ଏଣେ ଲଗାଣ ଲଘୁଚାପ ଜନିତ ବର୍ଷା ଯୋଗୁ ପାଟଣା ଓ ସାହାରପଡ଼ା ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ବେହାଲ ହୋଇପଡ଼ିଛି।

# ଡାଇରିଆ ମହାମାରୀ ନହେଉ

ରାଜ୍ୟରେ ଏବେ ଡାଇରିଆ ସ୍ଥିତି ଉଦବେଗଜନକ। ଯାଜପୁର ଜିଲ୍ଲାରେ ପ୍ରଥମେ ଚିହ୍ନଟ ହୋଇଥିବା ଏହି ରୋଗ ଏବେ ଜିଲ୍ଲା ପରେ ଜିଲ୍ଲା ମାଡ଼ିଚାଲିଛି। କେବଳ ଯାଜପୁର ଜିଲ୍ଲାରେ ଏହାର ମୁକାବିଲା ନିମନ୍ତେ ପ୍ରାସନିକ ସ୍ତରରେ କିଛିଟା ତତ୍ପରତା ପ୍ରକାଶ ପାଇଛି। କିନ୍ତୁ ଅନ୍ୟ ଜିଲ୍ଲାରେ ଏହାର ମୁକାବିଲା ଲାଗି ସେପରି ତତ୍ପରତା ଦେଖାଯାଉନି ଯେପରି ଆଶା କରାଯାଉଛି। ଯାଜପୁର ବ୍ୟତିତ କଟକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ପୁରୀ, ଢେଙ୍କାନାଳ ଆଦି ଅନେକ ଜିଲ୍ଲାରେ ଏହା ବ୍ୟାପୁଛି। ଆଗକୁ ଅନ୍ୟ ଜିଲ୍ଲାରେ ମଧ ଏହା କାୟା ବିସ୍ତାର କରିବାର ଆଶଙ୍କା ରହିଛି। ଖରାଛୁଟି ପରେ ଏବେ ସ୍କୁଲ ଖୋଲିବାକୁ ଯାଉଛି। ତାହା ବିପଦକୁ ବରଣ କରିପାରେ। କାରଣ ସ୍କୁଲରେ ପିଲାମାନେ ଯେଉଁ ପାଣି ପିଇବେ ତାହା ଦୂଷିତ ହୋଇଥିବାର ଯଥେଷ୍ଟ ଆଶଙ୍କା ରହିଛି। ବର୍ଷା ଋତୁ ଆରମ୍ଭରୁ ରାଜ୍ୟରେ ଝାଡ଼ାବାନ୍ତି ବା ହଇଜା ବ୍ୟାପିବା ଆରମ୍ଭ କରିଛି। ପ୍ରତିବର୍ଷ ଏହି ସମୟରେ ଅନେକ ପେଟରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଏହା ଏକ ନିୟମିତ ଘଟଣା। କିନ୍ତୁ ଉଦବେଗର ବିଷୟ ହେଲା ଏଥର ରାଜ୍ୟର କେତେକ ସ୍ଥାନରେ ବିଶେଷ କରି ଯାଜପୁର ଜିଲ୍ଲାରେ ହଇଜା ବା କଲେରା ଚିହ୍ନଟ ହୋଇଛି। ରୋଗୀଙ୍କ ନମୂନା ପରୀକ୍ଷଣରୁ ୧୦% ପଜିଟିଭ ଆସିଛି। ଯାଜପୁର ଜିଲ୍ଲା ଗସ୍ତରେ ଆସିଥିବା କେନ୍ଦ୍ରୀୟ ବିଶେଷଜ୍ଞ ଟିମ ମଧ ଏହା ସ୍ୱୀକାର କରିଛନ୍ତି। ଏବେ ସୁଦ୍ଧା ରାଜ୍ୟର ୯ଟି ଜିଲ୍ଲାକୁ ଏହା ମାଡ଼ିଗଲାଣି। ତେବେ ଯାଜପୁର ଜିଲ୍ଲାରେ ଏହାର ପ୍ରଭାବ ଅଧିକ ରହିଛସି। ତେବେ କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, କଟକ, ପୁରୀ, ଢେଙ୍କାନାଳ ଜିଲ୍ଲାରେ ମଧ କେତେକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସମସ୍ତେ ହଇଜା ବା କଲେରା ଆକ୍ରାନ୍ତ ନୁହଁନ୍ତି। କିନ୍ତୁ ପ୍ରତିଦିନ ଜଣେ ଦୁଇଜଣ ଏଥିରେ ପ୍ରାଣ ହରାଉଛନ୍ତି। ସରକାରୀ ହିସାବରେ ମୃତ୍ୟୁ ସଂଖ୍ୟା କମ ରହୁଥିଲେ ମଧ ଗତ ଦୁଇ ସପ୍ତାହ ଭିତରେ କିନ୍ତୁ ପ୍ରାୟ ୨୦ ଜଣ ପ୍ରାଣ ହରାଇଥିବା ବେସରକାରୀ ଭାବେ କୁହାଯାଇଛି। କେବଳ ଯାଜପୁର ଜିଲ୍ଲାରେ ୧୭ଜଣ ହଇଜାରେ ପ୍ରାଣ ହରାଇଲେଣି। ଅନେକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କଟକ ବଡ଼ ଡାକ୍ତରଖାନାରେ କେତେକ ଆଇସିୟୁରେ ଅଛନ୍ତି। ପ୍ରତିଦିନ କିଛି ରୋଗୀ ସୁସ୍ଥ ହୋଇ ଘରକୁ ଫେରୁଛନ୍ତି। ଆଉ ନୂଆ ରୋଗୀ ଡାକ୍ତରଖାନାକୁ ଆସୁଛନ୍ତି। ଉଦବେଗର ବିଷୟ ହେଲା ଅନେକ ସୁସ୍ଥ ହୋଇ ଘରକୁ ଫେରିବା ପରେ ପୁଣି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନା ଆସୁଛନ୍ତି। ସରକାର ବା ପ୍ରଶାସନ କହୁଛି ସ୍ଥିତିରେ ସୁଧାର ଆସୁଛି, କିନ୍ତୁ ବାସ୍ତବତା ହେଲା ଏବେ ବି ପରିସ୍ଥିତି ସଙ୍ଗୀନ ରହିଛି। ଝାଡ଼ାବାନ୍ତି ବା ହଇଜା ଯେପରି ଭାବେ ଦ୍ରୁତ ଗତିରେ ଜିଲ୍ଲା ପରେ ଜିଲ୍ଲା ମାଡ଼ିଚାଲିଛି ସେଥିରେ ସାରା ରାଜ୍ୟ ଏଥିରେ ଆକ୍ରାନ୍ତ ହେବା ଅସମ୍ଭବ ନୁହେଁ। ଏଥିପାଇଁ ସବୁ ଜିଲ୍ଲାକୁ ରାଜ୍ୟ ସରକାର ସତର୍କ କରାଇ ଦେଇଛନ୍ତି। ଯାଜପୁରଜିଲ୍ଲାରେ ସାମହୁକ ଭୋଜିଭାତକୁ ନିଷେଧ କରାଯାଇଛି। ବାହାରେ ଖାଦ୍ୟ ସାମଗ୍ରୀ ବିକ୍ରୀ ଉପରେ ମଧ କଟକଣା ଲାଗିଛି। ଅନେକ ସ୍ଥାନରେ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ରାସ୍ତା କଡ଼ ଦୋକାନରେ ଚଢ଼ଉ କରାଯାଇ ଦୂଷିତ, ବାସିଖାଦ୍ୟ ନଷ୍ଟ କରାଯାଉଛି। ସଂକ୍ରମଣ ନିୟନ୍ତ୍ରଣ ପାଇଁ ଏହା ଜରୁରୀ। କିନ୍ତୁ ଏହା କେବଳ ଏନ ନିର୍ଦ୍ଧିଷ୍ଟ ଅଞ୍ଚଳରେ ନିର୍ଦ୍ଧିଷ୍ଟ ସମୟସୀମା ପାଇଁ ନୁହେଁ, ସମଗ୍ର ରାଜ୍ୟରେ ଏହା ସ୍ଥାୟୀଭାବେ ଲାଗୁ ହେବା



ଉଚିତ। ଏକଥା ସତ୍ୟ ଯେ, ହୋଟେଲ, ରେଷ୍ଟୁରାଣ୍ଟ ବା ରାସ୍ତାକଡ଼ ଦୋକାନ ବନ୍ଦ ହେବା ଦ୍ୱାରା ଅନେକ ଲୋକଙ୍କ ଜୀବୀକା ପ୍ରଭାବିତ ହେବ। କିନ୍ତୁ ଏହା ବ୍ୟତିତ ଅନ୍ୟ ପନ୍ଥା ନାହିଁ। ଆଗକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆସୁଛି। ପୁରୀକୁ ଲକ୍ଷ ଲକ୍ଷ ଭକ୍ତଙ୍କ ସୁଅ ଛୁଟିବ। ଏହି ସମୟରେ ହଇଜା ବ୍ୟାପିବାର ଯଥେଷ୍ଟ ଅଧିକ ଆଶଙ୍କା ରହିଛି। ରଥଯାତ୍ରାରେ ହଜାର ହଜାର ଲୋକ ହଇଜାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇବା ଘଟଣା ଇତିହାସରେ ରହିଛି। ତେଣୁ ରଥଯାତ୍ରା ବେଳେ ସତର୍କ ରହିବା ନିହାତି ଜରୁରୀ। ନଚେତ ଶହ ଶହ ବ୍ୟକ୍ତିଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ଆଶଙ୍କା ରହିଛି। ସମ୍ପୂର୍ଣ୍ଣ ପ୍ରଶାସନ ଏଥିପ୍ରତି ସଜାଗ ରହିବା ଉଚିତ। ତେବେ ପେଟରୋଗର ମୁଖ୍ୟ କାରଣ ହେଲା ଦୂଷିତ ପାନୀୟ ଜଳ ଯୋଗାଣ। ସହରାଞ୍ଚଳରେ ଯେଉଁଠି ପାଇପ ପାଣି ଯୋଗାଣ ବ୍ୟବସ୍ଥା ରହିଛି ସେଠାରେ ବି ଲୋକେ ଦୂଷିତ ପାନୀୟ ଜଳ ବ୍ୟବହାର କରି ରୋଗାକ୍ରାନ୍ତ ହେଉଛନ୍ତି। କାରଣ ପାଇପ ପାଣି ଯୋଗାଣ ବ୍ୟବସ୍ଥାରେ ତ୍ରୁଟି ରହିଛି। ଅନେକ ସ୍ଥାନରେ ପାଇପ ଫାଟି ପାଇପରେ ପ୍ରବାହିତ ପାଣି ପ୍ରଦୂଷିତ ହେଉଛି। ବିଭିନ୍ନ ନଦୀରୁ ସହର ଜଳଯୋଗାଣ ନିମନ୍ତେ ପାଣି ଆସୁଛି। ସେଠାରେ ବି ନଦୀ ଜଳ ପ୍ରଦୂଷିତ। ଏହାକୁ ଭଲଭାବେ ଶୋଧନ କରାଯାଉନି। ସେହିପରି ବର୍ଷା ଦିନ ଆରମ୍ଭରୁ କୂଅ ପୋଖରୀ ପାଣି ମଧ ପ୍ରଦୂଷିତ ହୋଇଥାଏ। ସେହିସ୍ଥାନରୁ ପାଣି ପିଇ ଲୋକେ ନାନା ପ୍ରକାର ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଲୋକେ ,ହା ଉପରେ ସଚେତନ ବା ସତର୍କ ନୁହଁନ୍ତି। ତେଣୁ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇପାରୁନି। ଆଉ ଅନେକ ସ୍ଥାନରେ ପାନୀୟ ଜଳର ବ୍ୟବସ୍ଥା ହିଁ ନାହିଁ। ଲୋକେ ମାଇଲ ମାଇଲ ବାଟ ଚାଲି ଚାଲି ଯାଇ ଚୁଆରୁ ପାଣି ସଂଗ୍ରହ କରୁଛନ୍ତି। ଜଙ୍ଗଲ ଭିତରେ ପ୍ରବାହିତ ଝରଣା ପାଣି ଲୋକଙ୍କ ଶୋଷ ମେଣ୍ଟାଏ। ତେଣୁ ଝାଡ଼ାବାନ୍ତି, କାମଳ, ଟାଇଫଏଡ଼ ଭଳି ରୋଗର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଲାଗି ଲୋକଙ୍କୁ ଉତ୍ତମ ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିହାତି ଜରୁରୀ। ଏହା ଲୋକଙ୍କର ମୌଳିକ ଆବଶ୍ୟକତା। ସରକାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବାଧ୍ୟ। ଶସ୍ତା, ପ୍ରଚାର ଧର୍ମୀ କାର୍ଯ୍ୟକ୍ରମରେ ସରକାର କୋଟି କୋଟି ଟଙ୍କା ବରବାଦ କରୁଛନ୍ତି। ଏହା ବଦଳରେ ସରକାର ରାଜ୍ୟବାସୀଙ୍କୁ ଉପଯୁକ୍ତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ଉଚିତ। ଏହା ସରକାରଙ୍କ ମୌଳିକ କର୍ତ୍ତବ୍ୟ। ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଏବଂ ଲୋକଙ୍କ ଜୀବନ ରକ୍ଷା ସରକାରଙ୍କ ପ୍ରାଥମିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ। ଏହାକୁ ସରକାର ଏଡ଼ାଇପାରିବେ ନାହିଁ। ଡାଇରିଆ ଆଉ ଏକ ମହାମାରୀ ରୂପ ନନେଉ ତାହା ସମସ୍ତେ ଆଶା କରୁଛନ୍ତି। କିନ୍ତୁ କେବଳ ସରକାରଙ୍କ ଉପରେ ଆଶା ଭରସା କରି ରହିହେବନି। ଆମକୁ ନିଜେ ସୁରକ୍ଷା କଥା ଚିନ୍ତା କରିବାକୁ ପଡ଼ିବ। ସାମାନ୍ୟ ସତର୍କତା ଅବଲମ୍ବନ କଲେ ଆମେ ନିଜକୁ ସୁରକ୍ଷିତ ରଖିବା ସହିତ ନିଜ ପଡ଼ୋଶୀଙ୍କୁ ମଧ ସୁରକ୍ଷିତ ରଖିପାରିବା। ସମ୍ଭାବ୍ୟ ମହାମାରୀର ମୁକାବିଲା ନିମନ୍ତେ ରାଜ୍ୟର ସମସ୍ତ ଡାକ୍ତରକାନାକୁ ପ୍ରସ୍ତୁତ ରଖାଯିବା ଉଚିତ। ସବୁ ବୟର ଲୋକେ ଏଥିରେ ପ୍ରଭାବିତ ହୋଇପାରନ୍ତି। ତେବେ ଶିଶୁ ଓ ବରିଷ୍ଠ ନାଗରିକମାନଙ୍କସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେବା ଜରୁରୀ।

# ଇସ୍ରାଏଲ-ଇରାନ୍ ବିବାଦ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ସତର୍କ ଘଣ୍ଟି



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଯୁଦ୍ଧ କୌଣସି ପରିସ୍ଥିତିରେ କୌଣସି ବି ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ। ଏକଥା ଉଭୟ ଇରାନ୍ ଏବଂ ଇସ୍ରାଏଲ ଜାଣି ବି ମୃତ୍ୟୁ ସହ ଖେଳ ଖେଳୁଛନ୍ତି। ନିଜ ନିଜର ଅହଂକାର ପାଇଁ ନିରୀହ ଲୋକ ବଳି ପଡୁଛନ୍ତି। ଇସ୍ରାଏଲ ଏବଂ ଇରାନ ମଧରେ ଯୁଦ୍ଧ ଏବେ ତୀବ୍ର ହେବାରେ ଲାଗିଛି। ଯୁଦ୍ଧ ଯୋଗୁ ଉଭୟ ଦେଶ ନାହିଁ ନଥିବା କ୍ଷତି ସହୁଛନ୍ତି। ତଥାପି କେହି କାହାକୁ ଛାଡ଼ିବାକୁ ନାରାଜ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଇରାନର ମିଶାଇଲ୍ ଆକ୍ରମଣରେ ଧ୍ୱଂସ ହୋଇଥିବା ବାଟ ୟାମ ସହର ପରିଦର୍ଶନ କରିଥିଲେ। ପରିଦର୍ଶନ କରିସାରିବା ପରେ କହିଛନ୍ତି ଗୋଟି ଗୋଟି କରି ଏହାର ହିସାବ ନେବୁ। ଆମକୁ ବି ଧ୍ୱଂସ କରି ଆସେ। ଏବେ ଆମେରିକା-ଇରାନ ମଧରେ ଚାଲିଥିବା ପରମାଣୁ ସମ୍ବନ୍ଧୀୟ ଆଲୋଚନାରେ ବିଫଳ ହେଉଥିବା ଦେଖି ଇସ୍ରାଏଲ ଯୁଦ୍ଧ ସ୍ଥିତି ସୃଷ୍ଟି କରିଦେଇଛି। ପୂର୍ବରୁ ଆମେରିକା ଆମେରିକା ରାଷ୍ଟ୍ରପତି ଡେନାଲ୍ଡ ଟ୍ରମ୍ପ କହିଥିଲେ ଯେ ଇରାନ ଓ ଇସ୍ରାଏଲ ଯୁଦ୍ଧରେ ତାଙ୍କ ଦେଶର ହାତ ନାହିଁ। କିନ୍ତୁ କୌଣସି ଭାବେ ଯଦି ତାଙ୍କ ଦେଶର ସମ୍ପତ୍ତି କିମ୍ବା ଲୋକଙ୍କୁ ଇରାନ କ୍ଷତି ପହଞ୍ଚାଏ, ତାହା ହେଲେ ଆମେରିକୀୟ ସଶସ୍ତ୍ର ସେନାର ସମ୍ପୂର୍ଣ୍ଣ ଶକ୍ତି ତେହେରାନ ବିପକ୍ଷରେ ଏଭଳି ବ୍ୟବହାର କରାଯିବ ଯେ, ଯାହା ସେ କେବେ ଦେଖି ନ ଥିବ। ଇସ୍ରାଏଲ ଓ ଇରାନ୍ ଭିତରେ ଯୁଦ୍ଧ ଆରମ୍ଭ ହେବା ପରେ ଏବେ ବିଶ୍ୱରେ ଜାରି ରହିଥିବା ଯୁଦ୍ଧ ତାଲିକାରେ ଆଉ ଏକ ବଡ ଲଢେଇ ସାମିଲ ହୋଇଯାଇଛି। ପୂର୍ବରୁ ଇସ୍ରାଏଲ ଓ ହମାସ ମଧରେ ଭୟଙ୍କର ଯୁଦ୍ଧର ପରିଣତି ଦେଖିଛି ବିଶ୍ୱ। ହମାସ ଆତଙ୍କୀ ଇସ୍ରାଏଲରେ ଆକ୍ରମଣ କରିବା ପରଠାରୁ ଜାରି ରହିଛି ଏ ଯୁଦ୍ଧ। ସେହିପରି ଫେବ୍ରୁଆରୀ ୨୦୨୨ରୁ ରୁଷିଆ ଓ ୟୁକ୍ରେନ୍ ମଧରେ ଆରମ୍ଭ ହୋଇଥିବା ଯୁଦ୍ଧର ବି ବର୍ତ୍ତମାନ ସୁଦ୍ଧା କୌଣସି ସମାଧାନ ହୋଇ ପାରି ନାହିଁ। ଏବେ ବି ଦୁଇ ଦେଶ ଭିତରେ ଯୁଦ୍ଧ ଜାରି ରହିଛି। ସେହିପରି ସାଉଦି ଆରବ ଓ ଇରାନ ମଧରେ ବି ଯୁଦ୍ଧ ସ୍ଥିତି ଲାଗି ରହିଛି। ଗୋଟିଏ ପରେ ଗୋଟିଏ ଯୁଦ୍ଧ ବିଶ୍ୱକୁ ଏକ ଭୟଙ୍କର ଦିଗକୁ ନେଇଯାଉଛି। ଆଉ ଜାତିସଂଘ ଏ ଦିଗରେ କୌଣଶି ସ୍ଥାୟୀ ସମାଧାନ ବାହାର କରିବା କି ଶାନ୍ତି ପ୍ରତିଷ୍ଠା କରିବାରେ ସକ୍ଷମ ହୋଇ ପାରି ନଥିବା କୁହାଯାଉଛି। ବାରମ୍ବାର ବାରମ୍ବାର ଯୁଦ୍ଧ ଭଳି ସ୍ଥିତିରେ ୟୁଏନ୍‌ଏସସି କାହିଁକି କୌଣସି ପଦକ୍ଷେପ ନେଉ ନାହିଁ, ସେନେଇ ପ୍ରଶ୍ନ ଉଠିଛି। ଇରାନ ପରମାଣୁ କାର୍ଯ୍ୟକ୍ରମ ଜୋରଦାର ଚଳାଇଥିବାରୁ ତାହାକୁ ପ୍ରତିରୋଧ କରିବା ଲାଗି ଆମେରିକା ବାରମ୍ବାର ସତର୍କ କରାଇଆସୁଥିଲା। ଏପରି କି ଚଳିତ ବର୍ଷ ପ୍ରାରମ୍ଭରୁ ଇରାନର ପରମାଣୁ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆମେରିକା ଓ ଇରାନ ୫ ପର୍ଯ୍ୟାୟ ଆଲୋଚନା କରିସାରିଛନ୍ତି। ୧୫ ଜୁନ୍‌ରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ହେବାର ଥିଲା। ଇସ୍ରାଏଲ ଆକ୍ରମଣ ପରେ ଇରାନ ଏହି ଆଲୋଚନାକୁ ବାତିଲ କରିଦେଇଛି। ଠିକ୍ ଏହି ସମୟରେ ଇସ୍ରାଏଲ ଗୋଇନ୍ଦା ସଂସ୍ଥା ମୋସାଦ ଖବର ପାଇଲା ଯେ ଇରାନ୍ ତା'ର ପରମାଣୁ କାର୍ଯ୍ୟକ୍ରମକୁ ତ୍ୱରିତ ବେଗରେ କାର୍ଯ୍ୟ କରୁଥିବାରୁ ନିକଟ ଭବିଷ୍ୟତରେ ଅସ୍ୱାଭାବିକ ସ୍ଥିତି ଉତ୍ପନ୍ନ ହୋଇପାରେ। ଏଥିସହିତ ଚାଇନା ତା'ର ଏନ୍‌ରିଚ୍‌ଡ ୟୁରାନିୟମର ଏକ ବଡ଼ ଅଂଶ ଇରାନକୁ ନିକଟରେ ରପ୍ତାନି କରିଛି। ତେଣୁ ସମ୍ଭାବ୍ୟ ବିପଦ ଆଶଙ୍କା କରି ଇସ୍ରାଏଲ ଆଗତୁରା 'ଅପରେଶନ ରାଇଜିଂ ଲାୟନ' ନାମରେ ସାମରିକ ଅଭିଯାନ ଆରମ୍ଭ କରିଦେଲା। ଇରାନ୍ ଛାଡ଼ିବାର ଦେଶ ନୁହେଁ। ଏହା 'ଟ୍ରୁ ପ୍ରୋମିଜ୍' ନାମରେ ଅପରେଶନ କରି ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି।

ଇସ୍ରାଏଲ ଏବଂ ଇରାନ ମଧରେ ଜୁନ ୧୩ ତାରିଖରୁ ଯୁଦ୍ଧ ଚାଲିଛି। ଗୋଟିଏ ଦେଶ ନରମ ମନୋଭାବ ପୋଷଣ ନ କରିବା ପର୍ଯ୍ୟନ୍ତ ଏ ଯୁଦ୍ଧ ଚାଲିଥିବ। ଇରାନ ଉପରେ ଇସ୍ରାଏଲ ଆକ୍ରମଣ କରିଛି। ଇସ୍ରାଏଲ ଇରାନ୍ ଉପରେ ବହୁ ଦୂରରୁ ଆକ୍ରମଣ କରୁଛି। ଇସ୍ରାଏଲର ବାୟୁସେନା ଦ୍ୱାରା ଇରାନ୍‌ର ବିମାନ ଉପରେ ଆକ୍ରମଣ କରାଯାଇଛି। ଇରାନ୍ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରୁଛି। ଏବେ ଏ ଦୁଇ ଦେଶର ଯୁଧ ମଧରେ ପାକିସ୍ତାନ ରୋଲ ବିଶ୍ୱ କୁ ଏକ ବଡ଼ ସମର ଆଡକୁ ଟାଣି ନେଉଛି। ଇରାନକୁ ପାକିସ୍ତାନର ସମର୍ଥନ କରିବା କଥାରେ ପାକିସ୍ତାନ ଅନେକ ରାଷ୍ଟ୍ରକୁ ଯୁଦ୍ଧ ପାଇଁ ଉସୁକାଇ ଥାଏ। ଏହା ତାର ପୁରୁଣା ଖୋଇ। ଏଇ କ୍ରମରେ ଇରାନ୍ ଆଉ ଇସ୍ରାଏଲ ମଧରେ ଘମାଘୋଟ ଯୁଦ୍ଧ ଚାଲିଥିବାବେଳେ ଇରାନ୍ କୁ ପାକିସ୍ତାନ ସମର୍ଥନ ଦେଇଛି। ପାକିସ୍ତାନ ସମର୍ଥନ ଦେବା ପଛରେ ନିଜର ସ୍ୱାର୍ଥ ବି ରହିଛି। ବିନା ସ୍ୱାର୍ଥରେ ପାକିସ୍ତାନ ପରି ଏକ ବିଶ୍ୱାସଘାତକ ରାଷ୍ଟ୍ର କେବେ କାହାକୁ ବି ସମର୍ଥନ ଦେଇ ନ ପାରେ। ଯଦି ଇସ୍ରାଏଲ ଏବଂ ଇରାନ ମଧରେ ଯୁଦ୍ଧ ଆହୁରି ତୀବ୍ର ହୁଏ, ତେବେ ପାକିସ୍ତାନ ଇରାନକୁ ଅସ୍ତ୍ରଶସ୍ତ୍ର ଯୋଗାଇବ। ଏଥିରେ ଯଦିବି ଇସ୍ରାଏଲ ଉତ୍ତ୍ୟକ୍ତ ହୋଇ କିଛି ବି ପାକିସ୍ତାନର କ୍ଷତି କରିବାକୁ ଚେଷ୍ଟା କରେ ପାକିସ୍ତାନ ମଧ ଇସ୍ରାଏଲ ଉପରେ ପରମାଣୁ ଆକ୍ରମଣ କରିବ। ଅନ୍ୟପକ୍ଷରେ ପାକିସ୍ତାନ ଇସ୍ରାଏଲ ବିରୁଦ୍ଧରେ ମୁସଲିମ ଦେଶମାନଙ୍କୁ ଏକତ୍ରିତ କରିବା ପାଇଁ ଓଆଇସି ଦେଶ ଗୁଡ଼ିକୁ ତୁରନ୍ତ ବୈଠକ ଡାକିବାକୁ ନିଷ୍ପତ୍ତି ନେଇଛି। ଇସ୍ରାଏଲ ସହିତ କୂଟନୈତିକ ସମ୍ପର୍କ ରଖୁଥିବା ଦେଶ ଗୁଡ଼ିକୁ ତୁରନ୍ତ ସମ୍ପର୍କ ଶେଷ କରିବାକୁ ପାକିସ୍ତାନ ଅନୁରୋଧ କରିବ ବୋଲି ଯୁଦ୍ଧ ବିଶେଷଜ୍ଞ ମତପୋଷଣ କରିଛନ୍ତି। ତେବେ ସମୟ ହିଁ କହିବ ଇରାନ୍- ଇସ୍ରାଇଲ୍ ଯୁଦ୍ଧର ଅନ୍ତିମ ପରିଣତି କ'ଣ ହେବ।

ଇରାନ ଉପରେ କାହିଁକି ଆକ୍ରମଣ କଲା ଇସ୍ରାଏଲ ? ପରମାଣୁ ବୋମା ତିଆରି କରିବ ଇରାନ୍ ଯାହାକୁ ବିରୋଧ କରି ଆକ୍ରମଣ ସହ ଇସ୍ରାଏଲର ଚେତାବନୀ ସତ୍ତ୍ୱେ ଜବାବୀ ଆକ୍ରମଣ ଜାରି ରଖିଛି ଇରାନ୍। ଘନଘନ ମିସାଇଲ ଓ ଡ୍ରୋନ୍ ବର୍ଷା କରି ଚାଲିଛି ଇରାନ୍। ଇରାନର ସଂସଦ ପରମାଣୁ ଅପ୍ରସାର ଚୁକ୍ତି (ଏନପିଟି) ରୁ ବାହାରିବା ଏକ ବିଲ୍ ପ୍ରସ୍ତୁତ କରିଛି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଏନପିଟିରୁ ବାହାରିବାକୁ ଇରାନ ଘୋଷଣା କରିଛି। ଏହା ଫଳରେ ପରମାଣୁ ଅସ୍ତ୍ର ତିଆରି ଦିଗରେ ଇରାନକୁ କେହି ବାଧାଦେବାକୁ ନ ଥିବେ। ନିଜ ଇଚ୍ଛା ଅନୁସାରେ ସେ ପରମାଣୁ ବୋମା ତିଆରି କରିପାରିବ। ଯାହାକୁ ହଜମ କରି ପାରି ନାହିଁ ଇସ୍ରାଏଲ ଆଉ ଯୁଧ ଆଗକୁ ଆଗକୁ ବଢ଼ିବାର ଲାଗିଛି L ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ବାରମ୍ବାର ଇସ୍ରାଇଲକୁ ଶତ୍ରୁ ରାଷ୍ଟ୍ର ଭାବେ ବିବେଚିତ କରି ଆସୁଛନ୍ତି। ଏପରିକି ଅନେକ ଥର ଖୋଲାଖୋଲି କହିଛନ୍ତି -ବିଶ୍ୱ ମାନଚିତ୍ରରୁ ଇସ୍ରାଏଲର ନାଁକୁ ନିଶ୍ଚିହ୍ନ କରିଦେବୁ। ୧୯୭୯ ମସିହାରୁ ଇରାନ୍ ସ୍ୱପ୍ନ ଦେଖିଆସୁଥିଲା ଇସ୍ରାଏଲକୁ ଧ୍ୱଂସ କରିବା। କିନ୍ତୁ ସମୟଚକ୍ରରେ ଇସ୍ରାଏଲ ଇରାନର ପରମାଣୁ ଅସ୍ତ୍ରକରଣକୁ ରୋକିବାକୁ ଚେଷ୍ଟା କରିଥିଲା। ମାତ୍ର ଇରାନ୍ ଏହାର ପାଲଟା ଜବାବ ଦେଲା। ଦୁଇ ଦେଶ ମଧରେ ଶାନ୍ତି ପାଇଁ ଆଲୋଚନା ଚାଲିଥିବାବେଳେ ଯୁଦ୍ଧର ରୂପ ନେଲା। ଯଦି ଇରାନ୍ ପରମାଣୁ ବୋମା ତିଆରି କରେ, ଏହା ଇସ୍ରାଏଲ ପାଇଁ ଘାତକ ସାଜିବ। ତେଣୁ ବାଧ ହୋଇ ଆକ୍ରମଣର ପନ୍ଥା ବାଛିଲା।ଅନ୍ୟପକ୍ଷରେ ୧୯୭୯ ଫେବୃଆରୀ ପରଠାରୁ, ଆମେରିକା ଏବଂ ଇସ୍ରାଏଲ ସେଠାରେ ଶାସନ ପରିବର୍ତ୍ତନ ପାଇଁ ଅତି କମରେ ୨୫ରୁ ୩୦ ଥର ଏକାଠି ଚେଷ୍ଟା କରିଛନ୍ତି। କିନ୍ତୁ ତାହା ହୋଇପାରୁନାହିଁ। ଇରାନ୍ କହିବା କଥା ହେଲା- ଯଦି କୌଣସି ବାହ୍ୟ ଶକ୍ତି ସାମିଲ ହୁଏ, ତେବେ ସେମାନେ ଆହୁରି କ୍ରୋଧିତ ହୋଇ ଯୁଦ୍ଧକୁ ଆହୁରି ଭୟଙ୍କର କରିବେ। ଫ୍ରାନ୍ସ ଏବଂ ଆମେରିକା ମଧ ଏହି ଯୁଦ୍ଧ ବୃଦ୍ଧି ପାଉ ବୋଲି ଚାହୁଁନାହାନ୍ତି। ସେହିପରି ଇରାନ୍‌କୁ ମଧ ରୁଷ ଏବଂ ଚୀନ୍ ସମର୍ଥନ ନ ଦେଇପାରନ୍ତି। କାରଣ ରୁଷ ଏବଂ ୟୁକ୍ରେନ୍ ମଧରେ ଭୟଙ୍କର ଯୁଦ୍ଧର ପରିଣତି ସାରା ବିଶ୍ୱ ଦେଖିଛି ଓ ଏବେ ମଧ ଦେଖୁଛି ଏବଂ ଆଗକୁ ଏହା ଆହୁରି କେତେ ଦିନ ଚାଲିବ ତାହା କହି ହେଉନାହିଁ।

ବର୍ତ୍ତମାନ ଚାଲିଥିବା ଯୁଧରେ ଇସ୍ରାଏଲର ବଡ଼ ସାମରିକ ଅଭିଯାନରେ ଇରାନର ଗୁଇନ୍ଦା ମୁଖ୍ୟ ଓ ଅନ୍ୟ ବରିଷ୍ଠ ଅଧିକାରୀ ନିହତ ହୋଇଛନ୍ତି। ଇସ୍ରାଏଲୀ ବାୟୁସେନା ଆକ୍ରମଣରେ ଇରାନର ରେଭୋଲ୍ୟୁସନାରୀ ଗାର୍ଡସ୍‌ର ଗୁଇନ୍ଦା ମୁଖ୍ୟ ମହମ୍ମଦ କାଜେମୀ , ଉପମୁଖ୍ୟ ଓ ଅନ୍ୟ ଜେନେରାଲଙ୍କ ସମେତ ପରମାଣୁ ବୈଜ୍ଞାନିକ ମଧ ନିହତ ହୋଇଛନ୍ତି। ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହାକୁ 'ଅପରେସନ୍ ରାଇଜିଂ ଲାୟନ୍' ନାମ ଦେଇ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବାଧା ଦେବା ପାଇଁ ଏହା ଜାରି ରହିବ ବୋଲି କହିଛନ୍ତି। ଇସ୍ରାଏଲ ଆକ୍ରମଣରେ ତେହେରାନର ତୈଳ ଓ ଗ୍ୟାସ କ୍ଷେତ୍ର, ମିସାଇଲ୍ ନିର୍ମାଣ କେନ୍ଦ୍ର ଓ ରାଡାର ସିଷ୍ଟମ୍ ଧ୍ୱଂସ ହୋଇଛି। ଇରାନୀ ସୂତ୍ର ଅନୁଯାୟୀ, ଏହି ଆକ୍ରମଣରେ ବହୁ ଲୋକ ନିହତ ହୋଇଛନ୍ତି, ଯେଉଁଥିରେ ଅଧିକାଂଶ ନାଗରିକ। ଏଭଳି ସ୍ଥଳେ ଭୂ-ରାଜନୈତିକ ସ୍ଥିତିକୁ ଦେଖିଲେ ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ବଢ଼ିଯିବା ଥୟ। ଇତିମଧରେ ଅଶୋଧିତ ତେଲ ଦର ମଧ ବୃଦ୍ଧି ପାଇବା ଆରମ୍ଭ କଲାଣି। ଏହି ପରିପ୍ରେକ୍ଷୀରେ ଦେଖିଲେ ଇସ୍ରାଏଲ-ଇରାନ ଯୁଦ୍ଧ ଭାରତ ଉପରେ ମଧ ଗଭୀର ପ୍ରଭାବ ପକାଇବ। କାରଣ ଇରାନର ଚବାହାର ବନ୍ଦର ଦେଇ ଆଫଗାନିସ୍ତାନକୁ ଭାରତର ବାଣିଜ୍ୟ ପଥ ରହିଛି। ଆଜିର ସ୍ଥିତିରେ ଭାରତର କୂଟନୀତି ଏକ ବିରାଟ ଦ୍ୱନ୍ଦ୍ୱରେ ପଡ଼ିଛି। ପୂର୍ବରୁ ଘରୋଇ କମ୍ପାନୀକୁ ତୈଳ ଯୋଗାଇ ସାହାଯ୍ୟ କରିବାର ଆଭିମୁଖ୍ୟ ନେଇ ରୁଷିଆ ସାଙ୍ଗରେ ଅତ୍ୟଧିକ ଖୋଲାଖୋଲି ବନ୍ଧୁତ୍ୱ ଭାରତକୁ ଅସୁବିଧାରେ ପକାଇ ସାରିଛି। ପାକିସ୍ତାନ ସହିତ ୪ଦିନିଆ ଖଣ୍ଡା ବୁଲାଇବା ଅବସରରେ କୌଣସି ଦେଶ ଭାରତକୁ ସମର୍ଥନ ଜଣାଇ ନ ଥିଲେ। ରୁଷିଆ ମଧ ନୀରବ ରହିଥିଲା। ପୂର୍ବ ବିଫଳତାକୁ ଆଖିରେ ରଖି ଆଗାମୀ ଦିନଗୁଡ଼ିକରେ ଭାରତୀୟ କୂଟନୀତି ଅତ୍ୟନ୍ତ ସତର୍କ ହେବା ଆବଶ୍ୟକ।


**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**


# ଦାରିଦ୍ର୍ୟ ହ୍ରାସ



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ଗୋଟିଏ ଦଶନ୍ଧି ମଧରେ ଅର୍ଥାତ ୨୦୧୧-୧୨ ରୁ ୨୦୨୨-୨୩ ମଧରେ ଭାରତରେ ୨୭କୋଟି ଲୋକ ଦାରିଦ୍ର୍ୟରୁ ମୁକୁଳିଥିବା ନେଇ ବିଶ୍ୱବ୍ୟାଙ୍କର ସଦ୍ୟତମ ରିପୋର୍ଟ କେବଳ କେନ୍ଦ୍ର ସରକାରଙ୍କର ବିଭିନ୍ନ ଦାରିଦ୍ର୍ୟ ଦୂରିକରଣର ସଫଳ ରୂପାୟନର ପ୍ରତିଫଳନ ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁଯାୟୀ ୨୦୧୧-୧୨ ବର୍ଷରେ ଭାରତରେ ଦାରିଦ୍ର୍ୟ ହାର ୨୭.୧ ପ୍ରତିଶତ ଥିବାବେଳେ ୨୦୨୨-୨୩ ବର୍ଷରେ ତାହା ୫.୩ ପ୍ରତିଶତକୁ ହ୍ରାସ ପାଇଛି। ୨୦୧୧-୧୨ରେ ଦେଶରେ ୩୪୪.୪୭ ନିୟୁତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ବେଳେ ୨୦୨୨-୨୩ ବେଳକୁ ସେମାନଙ୍କ ସଂଖ୍ୟା ୭୫.୨୪ ନିୟତକୁ ହ୍ରାସ ପାଇଛି, ଯାହାକି ଅଦ୍‌ଭୂତପୂର୍ବ ବୋଲି କୁହାଯାଇପାରେ। ବିଶ୍ୱବ୍ୟାଙ୍କ ୨୦୨୦ରେ ଖାଉଟି ମୂଲ୍ୟକୁ ଆଧାର କରି ଦାରିଦ୍ର୍ୟ ସୀମରେଖା ତଳେ ଥିବା ଲୋକଙ୍କ ଦୈନିକ ରୋଜଗାର ସୀମା ୨.୧୫ ଡଲାରରୁ ୩ ଡଲାରକୁ ବୃଦ୍ଧି କରି ଭାରତରେ ଦାରିଦ୍ର୍ୟ ହ୍ରାସ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଦେଶରେ ଦୈନିକ ରୋଜଗାର ୩ଡଲାର ଅର୍ଥାତ ୨୫୭ ଟଙ୍କାରୁ କମ ରୋଜଗାର ବ୍ୟକ୍ତିଙ୍କୁ ଦାରିଦ୍ର୍ୟ ଭାବେ ଚିହ୍ନଟ କରାଯାଇଛି। ଏହି କ୍ରମରେ ଭାରତରେ ଏଭଳି ଲୋକଙ୍କ ସଂଖ୍ୟା ୧୬.୨ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହା ୨.୩ ପ୍ରତିଶତକୁ ହ୍ରାସ ପାଇଥିବା ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଦାରିଦ୍ର୍ୟ ଦୂରିକରଣ ପାଇଁ କେନ୍ଦ୍ର ସରକାର ୪୯ଟି ଜନହିତକର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଯେଉଁ ଯୋଜନାଗୁଡିକରେ ଦେଶର ୧୪୪କୋଟି ଲୋକଙ୍କ ମଧରୁ ୯୪କୋଟି ଲୋକ ସାମିଲ ହୋଇଛନ୍ତି। ଏହା ନିସନ୍ଦେହ ଯେ, ଦାରିଦ୍ର୍ୟ ହ୍ରାସ ନିଶ୍ଚିତ ଭାବେ ଗୋଟିଏ ଦେଶ ପାଇଁ ଗୌରବର ବିଷୟ କିନ୍ତୁ ଏବେ ବି ଦେଶରେ ଭୋକିଲା ଲୋକଙ୍କ ସଂଖ୍ୟା ଉଦ୍‌ବେଗଜନକ ସ୍ଥିତିରେ ରହିଛି। ହ୍ୟୁମାନ ଡେଭଲପମେଂଟ ଇଣ୍ଡେକ୍ସ (ମାନବିକ ବିକାଶ ସୂଚ୍ୟାଙ୍କ) ଏବଂ ଆନ୍ତର୍ଜାତିକ କ୍ଷୁଧା ସୂଚ୍ୟାଙ୍କ (ଗ୍ଲୋବାଲ ହାଙ୍ଗର ଇଣ୍ଡେକ୍ସ) ରିପୋର୍ଟରେ ତାଲିକାରେ ଭାରତର ର୍‌ୟାଙ୍କ ସବା ତଳେ ରହିଛି। ଭାରତର ର୍‌ୟାଙ୍କ ଯଥାକ୍ରମେ ୧୪୪, ୧୩୦ ଏବଂ ୧୦୫ରହିଛି। ଏହି ର୍‌ୟାଙ୍କ ଦେଶରେ ଏବେ ବି କୋଟି କୋଟି ଲୋକ ଭୋକିଲା ରହୁଥିବା ସୂଚିତ କରେ। ଦିନକୁ ଦୁଇ ଓଳି ଖାଇବାକୁ ନପାଇ ଭୋକିଲା ରହୁଥିବା ଲୋକ ଦରିଦ୍ର ବୋଲି କହିବାକୁ ଦେଇଛି। ତେଣୁ ଭାରତରେ ଏବେ ବି କୋଟି କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛନ୍ତି। ଯାହାକି ବିଶ୍ୱବ୍ୟାଙ୍କ ରିପୋର୍ଟରୁ ବିରୁଦ୍ଧାଚରଣ କରୁଛି ବୋଲି ସ୍ୱୀକାର କରିବାକୁ ହେବ। ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନା (ଏନଏଫଏସ)ରେ କେନ୍ଦ୍ର ସରକାର ଦେଶର ଦୁଇ ତୃତୀୟାଂଶ ଅର୍ଥାତ ୮୦କୋଟି ଲୋକଙ୍କୁ ମାଗଣାରେ ମୁଣ୍ଡପିଛା ୫କେଜି ଖାଦ୍ୟ ଯୋଗାଇ ଦେଉଛନ୍ତି। ଏହା ସତ୍ତ୍ୱେ ଦେଶରେ ଭୋକିଲା ସଂଖ୍ୟା ର୍‌ୟାଙ୍କରେ ଆଶାତୀତ ଉନ୍ନତି ହୋଇପାରୁନାହିଁ। ଜୀବନଜୀବିକାର ସୁରକ୍ଷା ଓ ସୁସ୍ଥ ଆୟ ହେଉଛି ସାମାଜିକ ଓ ଅର୍ଥନୈତିକ ବିକାଶର ପ୍ରତୀକ। କିନ୍ତୁ ଏବେ ଦେଶରେ ସରକାରଙ୍କ ମାଗଣା ଯୋଜନାରେ ସାମିଲ ହେବା ପାଇଁ ଲୋକଙ୍କ ମଧରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି ଯାହା ଅବର୍ଣ୍ଣନୀୟ। ଏହା ନିଶ୍ଚିତ ଯେ, ଦାରିଦ୍ର୍ୟ ଓ ଅସମାନତା ଦେଶରେ ଦଶନ୍ଧି ଦଶନ୍ଧି ଧରି ବିତର୍କର କାରଣ ହୋଇରହିଛି। ବିଶେଷ କରି ନିକଟ ଅତୀତରେ ଅର୍ଥନୀତି ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଆସିଛି। ହାଉସ ହୋଲଡ୍ ସର୍ଭେ ରିପୋର୍ଟ ଯାହାକି ପରିସଂଖ୍ୟାନ ଓ ଦାରିଦ୍ର୍ୟ ହାର ଉପରେ ପର୍ଯ୍ୟବେସିତ, ବିବାଦ ମୁକ୍ତ ହୋଇନାହିଁ। କେନ୍ଦ୍ର ସରକାର ୨୦୧୭-୧୮ ଉପଭୋକ୍ତା ବ୍ୟୟ ସର୍ଭେ ରିପୋର୍ଟକୁ ସାର୍ବଜନୀନ କରିନଥିଲେ। କାରଣ ଏହି ସର୍ଭେରେ କେତେକ ଅସଙ୍ଗତି ରହିଥିବା କୁହାଯାଏ। ସେହିପରି ବିଶ୍ୱବ୍ୟାଙ୍କ ତାର ଦାରିଦ୍ର୍ୟ ହାର ଆକଳନ ପାଇଁ ୨୦୧୧-୧୨ ରୁ ୨୦୨୨-୨୩ ମଧରେ କରାଯାଇଥିବା ଉପଭୋଗ ଖର୍ଚ୍ଚ ସର୍ବେକ୍ଷଣକୁ ଆଧାର କରିଥିଲେବେଳ ଏହି ସର୍ବେକ୍ଷଣଗୁଡିକର ତୁଳନାତ୍ମକତା ଉପରେ ସନ୍ଦେହ ରହିଛି। କାରଣ ସରକାର ଏହି ସର୍ବେକ୍ଷଣର ପଦ୍ଧତି ଓ ନମୂନାରେ ପରିବର୍ତ୍ତନ କରିଥିଲେ। ତେଣୁ ବିଶ୍ୱବ୍ୟାଙ୍କର ଦାରିଦ୍ର୍ୟ ହାର ହ୍ରାସ ରିପୋର୍ଟ ନେଇ ବିଶେଷ ଖୁସି ହେବାର ନାହିଁ। ଦେଶରେ ଆର୍ଥୀକ ଅସମାନତା ମଧ କିଛି କମ୍ ନୁହେଁ, ଯାହାର ଚିନ୍ତାର କାରଣ। ଗତବର୍ଷ ପ୍ରକାଶିତ ବିଶ୍ୱ ଅସମାନତା ରିପୋର୍ଟ ୨୦୨୨ ଅନୁଯାୟୀ ଦେଶରେ ୧ଶତାଂଶ ଲୋକଙ୍କ ସମ୍ପତ୍ତିରେ ବୃଦ୍ଧି ଘଟିବା ସହ ସେମାନଙ୍କ ନିକଟରେ ଦେଶର ୪୦ପ୍ରତିଶତ ରହିଛି। ଏଥିରେ ସନ୍ଦେହ ନାହିଁ ଯେ, ଉଦାରିକରଣ ନୀତି ଦେଶରେ ଆର୍ଥୀକ ଅସମାନତାକୁ ବୃଦ୍ଧି କରିଛି। ଆର୍ଥୀକ ଅସମାନତା ନହଟିବା ପର୍ଯ୍ୟନ୍ତ ଦାରିଦ୍ର୍ୟ ହ୍ରାସ ତଥା ବିକାଶ ଆଦୌ ସମ୍ଭବ ହୋଇନପାରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବିଶ୍ୱବ୍ୟାଙ୍କର ଦାରିଦ୍ର୍ୟ ହ୍ରାସ ରିପୋର୍ଟ ନେଇ ଖୁସି ହେବାର କିଛି ନାହିଁ ଯେତେବେଳେ ପର୍ଯ୍ୟନ୍ତ ଆର୍ଥୀକ ଅସମାନତା ଦୂର ହୋଇନାହିଁ ଏବଂ ସରକାରଙ୍କ ମାଗଣା ଖାଦ୍ୟଶସ୍ୟ ଯୋଗାଣ ସହ ବିଭିନ୍ନ ମାଗଣା ଯୋଜନା ବନ୍ଦ ହୋଇନାହିଁ, ସେ ପର୍ଯ୍ୟନ୍ତ ଦାରିଦ୍ର୍ୟ ହ୍ରାସ ଓ ବିକାଶ ଚିନ୍ତା କରାଯାଇନପାରେ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୭୯୭୮୭୬୬୪୦୩**


# ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଗ୍ରାହକ କେନ୍ଦ୍ରିତ ହେଉ



**ଗୋପାଳ ମହାପାତ୍ର**

ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଯାହାକୁ ଦେଶର ଆର୍ଥୀକ ମେରୁଦଣ୍ଡ ବୋଲି କୁହାଯାଏ, ଅନେକ ସମୟରେ ଗ୍ରାହାକଙ୍କ ସହ ଅନୁଚିତ ବ୍ୟବହାର ପାଇଁ ସମାଲୋଚିତ ହୋଇଥାଏ। ନିକଟରେ ଭାରତୀୟ ରିଜର୍ଭବ୍ୟାଙ୍କ ଏକ ନୂଆ ନିର୍ଦ୍ଦେଶ ଜାରି କରିଛି। ରିଜର୍ଭବ୍ୟାଙ୍କର ଏହି ନିର୍ଦ୍ଦେଶରେ ସାରା ଦେଶରେ ବ୍ୟାଙ୍କରେ ନୂଆ ଶୁଳ୍କ ଏବଂ ନେଣ-ଦେଣର ସୀମାକୁ ନେଇ ଅସମଞ୍ଜସ ସ୍ଥିତି ସୃଷ୍ଟି ହୋଇଛି। ଅନେକ ଗ୍ରାହାକ ବ୍ୟାଙ୍କ ମାନଙ୍କ ଦ୍ୱାରା ଗ୍ରାହକମାନଙ୍କଠାରୁ ଅନୁଚିତ ଶୁଳ୍କ ଆଦାୟ ଏବଂ ରିଜର୍ଭବ୍ୟାଙ୍କର ନୀତିର ପ୍ରଭାବକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ବ୍ୟାଙ୍କ ମାନେ ଗ୍ରାହାକ ମାନଙ୍କଠାରୁ ଅତିରିକ୍ତ ଶୁଳ୍କ ଏବଞ୍ଚାର୍ଜେସ ଆଦାୟ କରୁଛନ୍ତି, ଯାହାର ବୋଝ ଗ୍ରାହକ ମାନଙ୍କ ଉପରେ ପଡୁଛି। ଅଭିଯୋଗ ମଧ ହେଉଛି ବ୍ୟାଙ୍କମାନେ ସେମାନଙ୍କ ସେବା ପାଇଁ ମନଇଛା ଶୁଳ୍କ ବଢ଼ାଉଛନ୍ତି। ଏପରିକି ଗ୍ରାହକ ମାନଙ୍କୁ ଅନୁଚିତ ନିୟମ ଏବଂ ସର୍ତ୍ତରେ ଛନ୍ଦି ଦେଉଛନ୍ତି। ଉଦାହରଣ ସ୍ୱରୂପ ଏଟିଏମ୍‌ରୁ ଟଙ୍କା ଉଠାଣ ପାଇଁ ଶୁଳ୍କ, ବ୍ୟାଙ୍କ ଖାତାରେ ସର୍ବନିମ୍ନ ବାଲାନ୍ସର ଆବଶ୍ୟକତା ଏବଂ ତୃତୀୟ ପକ୍ଷର ଉତ୍ପାଦ (ବୀମାର) ବିକ୍ରୀ ସାଧାରଣ ଗ୍ରାହକ ମାନଙ୍କ ପାଇଁ ମୁଣ୍ଡବନ୍ଧାର କାରଣ ପାଲଟୁଛି। ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ସତ୍ତ୍ୱେ ବ୍ୟାଙ୍କମାନେ ଗ୍ରାହକଙ୍କ ସହ ପରାଦର୍ଶିତା ଏବଂ ନିରପେକ୍ଷତା ପ୍ରଦର୍ଶନରେ ବିଫଳ। ବିଶେଷକରି ସ୍ୱଳ୍ପ ସଞ୍ଚୟ କରୁଥିବା ଏବଂ ଗ୍ରାମାଞ୍ଚଳର ଗ୍ରାହକମାନେ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ରିଜର୍ଭବ୍ୟାଙ୍କ ନିକଟରେ ଯେଉଁ ନିର୍ଦ୍ଦେଶନାମା ଜାରିକରିଛି ତଦନୁସାରେ ଗ୍ରାହାକଙ୍କୁ ନିଜ ବ୍ୟାଙ୍କର ଏଟିଏମ୍‌ରୁ ସୀମିତଥର ମାଗଣା ଉଠାଣର ସୁବିଧା ଦିଆଯାଇଛି। ଅନ୍ୟ ବ୍ୟାଙ୍କରେ ଏଟିଏମ୍‌ରୁ ମଧ ମାଗଣା ଉଠାଣର ସଂଖ୍ୟା ନିର୍ଦ୍ଧାରିତ କରାଯାଇଛି। ଏହି ସୀମା ପାର କଲେ ଗ୍ରାହକଙ୍କଠାରୁ ଶୁଳ୍କ ଆଦାୟ କରାଯାଏ। ରିଜର୍ଭ ବ୍ୟାଙ୍କ ଯେହେତୁ ନୂଆ ନିର୍ଦ୍ଦେଶ ନାମାରେ ବ୍ୟାଙ୍କମାନଙ୍କୁ ଗ୍ରାହକଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ ପାଇଁ ଅନୁମତି ଦେଇଛି ଯେଉଁଥିପାଇଁ ଲୋକଙ୍କ ଉପରେ ବୋଝ ପଡ଼ିବ। ଯଦି କେହି ଗ୍ରାହାକ ନିଜ ବ୍ୟାଙ୍କରେ ଏଟିମଏରୁ ୫ଥର ଟଙ୍କା ଉଠାଇବା ପରେ ମଧ ଯଦି ଟଙ୍କା ଉଠାନ୍ତି ତେବେ ତାଙ୍କୁ ଟଙ୍କା ଉଠାଇବା ପାଇଁ ୨୦ ଟଙ୍କା ବା ତାଠାରୁ ଅଧିକ ପର୍ଯ୍ୟନ୍ତ ଶୁଳ୍କ ଦେବାକୁ ପଡ଼ିଥାଏ। ସେହିଭଳି ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ମାତ୍ର ୩ଥର ମାଗଣାରେ ଟଙ୍କା ଉଠାଇବା ପରେ ଯଦି ଟଙ୍କା ଉଠାନ୍ତି ତେବେ ଶୁଳ୍କ ଲାଗୁହେବ। ଏହାର ଅର୍ଥ ହେଉଛି ଗ୍ରାହକଙ୍କୁ ନିଜର ସଞ୍ଚୟ ଅର୍ଥକୁ ବ୍ୟବହାର କରିବା ପାଇଁ ମଧ ଶୁଳ୍କ ଦେବାକୁ ପଡ଼ିଥାଏ। ଏତଦ୍ ବ୍ୟତୀତ ରିଜର୍ଭବ୍ୟାଙ୍କ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଏବଂ ସାଇବର ସୁରକ୍ଷା ପ୍ରସଙ୍ଗରେ ମଧ ନିର୍ଦ୍ଦେଶ ନାମା ଜାରି କରିଛି। ଯେଉଁଥିରେ ମଲଟିଫ୍ୟାକ୍ଟର ଅର୍ଥେଣ୍ଟିକେସନ ଏବଂ ଅନଧିକୃତ ନେଣ-ଦେଣ ସ୍ଥିତିରେ ଗ୍ରାହକଙ୍କୁ କୌଣସି ଶୁଳ୍କଦେବାକୁ ପଡେ ନାହିଁ। କିନ୍ତୁ ଏହି ନିୟମର କାର୍ଯ୍ୟକାରିତା ଅପର୍ଯ୍ୟପ୍ତ ଅଟେ। ବ୍ୟାଙ୍କମାନେ ଗ୍ରାହାକ ମାନଙ୍କୁ ସୂଚନା ଦେବା ଏବଂ ଅଭିଯୋଗ ଆସିଲେ ତାର ନିବାରଣର ପ୍ରକ୍ରିୟାରେ ପାରଦର୍ଶିତା ପ୍ରଦର୍ଶନ କରୁନାହାଁନ୍ତି ବରଂ ବିଶେଷ ଭାବରେ ବୀମା ଏବଂ ମ୍ୟୁଚୁଆଲ ଫଣ୍ଡସ୍‌ର ବିକ୍ରୀ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅନେକ ସମୟରେ ଦେଖାଯାଏ ଯେ ବ୍ୟାଙ୍କ ମାନେ ଋଣ ପାଇଁ ଅନୁଚିତ ସର୍ତ୍ତ ରଖିଥାନ୍ତି। ଫ୍ଲୋଟିଙ୍ଗରେଟରେ ଗୃହ ଋଣ ନେଉଥିବା ଗ୍ରାହକଙ୍କୁ କମ୍ ସୁଧହାରରେ ଋଣ ଦେବା ପରିବର୍ତ୍ତେ ଏଥିପାଇଁ ଅତିରିକ୍ତ ଶୁଳ୍କ ଆଦାୟ କରାଯାଇଥାଏ। ଏସବୁ ଯେ କେବଳ ଅନୁଚିତ ତାହା ନୁହେଁ ରିଜର୍ଭବ୍ୟାଙ୍କର ଗ୍ରାହାକ ଅଧିକାର ଚାର୍ଟର୍ଚର୍ଟର ର ମଧ ଉଲଂଘନ ଯେଉଁଥିରେ ନିରପେକ୍ଷ ବ୍ୟବହାର ଏବଂ ପାରଦର୍ଶିତା କଥା କୁହାଯାଇଛି।

ରିଜର୍ଭବ୍ୟାଙ୍କ ୨୦୧୪ରେ ଗ୍ରାହାକ ଅଧିକାର ଚାର୍ଟର ଜାରି କରିଥିଲା ଯେଉଁଥିଲେ ୫ଟି ମୂଳଭୁତ ଅଧିକାରର କଥା କୁହାଯାଇଥିଲା। ଏହି ୫ଟି ହେଉଛି ନିରପେକ୍ଷ ବ୍ୟବହାର, ପାରଦର୍ଶିତା, ଉପଯୁକ୍ତତା, ଗୋପନୀୟତା ଏବଂ ଅଭିଯୋଗ ନିବାରଣ। ଅନେକ ଉପଭୋକ୍ତା କାର୍ଯ୍ୟାକର୍ତ୍ତା ମାନଙ୍କମତ ହେଉଛି ରିଜର୍ଭବ୍ୟାଙ୍କ ଏସବୁ ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ପ୍ରଥମତଃ ଅଭିଯୋଗର ନିବାରଣ ବା ସମାଧାନ ପାଇଁ କୌଣସି ସମୟ ସୀମା ନିର୍ଦ୍ଧାରଣ କରାଯାଇନାହିଁ। ବ୍ୟାଙ୍କିଙ୍ଗ୍ ଲୋକପାଳ ପ୍ରାୟତଃ ବ୍ୟାଙ୍କ ସପକ୍ଷରେ ରାୟ ଶୁଣାଇଥାନ୍ତି। ବ୍ୟାଙ୍କମାନେ ଆଦାୟ କରୁଥିବା ଅନୁଚିତ ଶୁଳ୍କ ଏବଂ ଅନୁଚିତ ବ୍ୟବହାର ପ୍ରସଙ୍ଗରେ ରିଜର୍ଭବ୍ୟାଙ୍କ କଠୋର ପଦକ୍ଷେପ ନେବା ଉଚିତ୍। ରିଜର୍ଭବ୍ୟାଙ୍କର ନିଷ୍କ୍ରିୟତା ଗ୍ରାହାକଙ୍କୁ ଶୋଷଣ କରିବା ଦିଗରେ ବ୍ୟାଙ୍କମାନଙ୍କୁ ପ୍ରୋତ୍ସାହିତ କରୁଛି। ବ୍ୟାଙ୍କ ମାନଙ୍କର ଏଭଳି କାର୍ଯ୍ୟ ଯୋଗୁଁ ଅଧିକ ପ୍ରଭାବିତ ହେଉଛନ୍ତି ମଧମବର୍ଗ, ସ୍ୱଳ୍ପ ସଞ୍ଚୟକାରୀ ଏବଂ ଗ୍ରାମାଞ୍ଚଳର ଗ୍ରାହକ। ବ୍ୟାଙ୍କ ଖାତାରେ ନ୍ୟୁନତମ ରାଶି(ବାଲାନ୍ସ) ରଖି ପାରୁନଥିବା ଜମାକାରୀଙ୍କଠାରୁ ମଧ ଶୁଳ୍କ (ଜୋରିମାନା) ଅସୁଲ କରାଯାଉଛି।

ଏସବୁ ବାବଦରେ ରିଜର୍ଭବ୍ୟାଙ୍କ ବିଚାର କରିବା ଉଚିତ୍। ବ୍ୟାଙ୍କ ନେଉଥିବା ଶୁଳ୍କ ଏବଂ ଚାର୍ଜେସ ବାବଦରେ ଗ୍ରାହକଙ୍କୁ ସ୍ପଷ୍ଟ ଓ ସରଳ ଭାଷାରେ ସୂଚୀତ କରାଇବା ଆବଶ୍ୟକ। ତୃତୀୟ ପକ୍ଷର ଉତ୍ପାଦ ବିକ୍ରୀ ପାଇଁ ଗ୍ରାହକଙ୍କ ସହମତି ବାଧତାମୂଳକ ହେବା ଦରକାର। ଅଭିଯୋଗର ଶୁଣାଣୀ ଏବଂ ନିବାରଣ ପାଇଁ ରିଜର୍ଭବ୍ୟାଙ୍କ ସମୟସୀମା ନିର୍ଦ୍ଧାରଣ କରିବା ମଧ ଅପରିହାର୍ଯ୍ୟ। ରିଜର୍ଭବ୍ୟାଙ୍କର ନିର୍ଦ୍ଦେଶନାମାରୁ ସ୍ପଷ୍ଟ ଭାରତୀୟ ବ୍ୟାଙ୍କିଙ୍ଗ ପ୍ରଣାଳୀକୁ ସୁଧାରିବାର ଆବଶ୍ୟକତା ରହିଛି। ଗ୍ରାହାକଙ୍କ ସଶକ୍ତି କରଣ ଧନ ସଂରକ୍ଷଣର ସବୁଠାରୁ ଅଧିକ ସୁରକ୍ଷିତ ବ୍ୟବସ୍ଥା ଅଟେ।


**ରାମଚନ୍ଦ୍ରପୁର, ରଣପୁର, ମୋବାଇଲ:୯୪୩୮୪୮୫୦୯୪**







# ଇସ୍ରାଏଲର ହସ୍ପିଟାଲ୍ ଉପରେ ଇରାନର ଆକ୍ରମଣ

**ନୂଆଦିଲ୍ଲୀ,୧୯।୬:** ଆହୁରି ଭୟଙ୍କର ହେଲା ଇରାନ-ଇସ୍ରାଏଲ ଯୁଦ୍ଧ । ଘନଘନ ମିସାଇଲ୍ ମାଡ ଓ ଆକ୍ରମଣରେ ଥରୁଛି ଦୁଇ ଦେଶ। ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲ୍‌ର ଡାଇମଣ୍ଡ ଏକ୍ସଚେଞ୍ଜ ସହ ଅନେକ ହସ୍ପିଟାଲ୍ କ୍ଷତିଗ୍ରସ୍ତ। ସେଠାରୁ ଧୂଆଁ ବାହାରୁଥିବାର ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ ଏକ ଲାଇଭ୍ କାର୍ଯ୍ୟକ୍ରମକୁ ସାମ୍ବାଧନ କଲା ବେଳେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନି ଘୋଷଣା କରିଛନ୍ତି ଯେ ଦେଶ ଏକତାରେ ରହିଛି। ବାହ୍ୟ ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ସେପେଟ ଇରାନର ଏହି ଆକ୍ରମଣର ଜୋରଦାର ଜବାବ ଦେଇଛି ଇସ୍ରାଏଲ। ଅରାକରେ ଥିବା ଇରାନର ହେଭି ଓ୍ୱାଟର ରିଆକ୍ଟର ଉପରେ ହମଲା କରିଛି ଇସ୍ରାଏଲ। ଆକ୍ରମଣର କିଛି ଘଣ୍ଟା ପୂର୍ବରୁ ଇସ୍ରାଏଲୀ ସେନା ଅରାକ ଓ ଖୋଣ୍ଡବ ସହରର ଲୋକଙ୍କୁ ଅଞ୍ଚଳ ଖାଲି କରିବାକୁ ଚେତାବନୀ ଦେଇଥିଲା। ଅରାକ ଇରାନ ନ୍ୟୁକ୍ଲିଅର ପୋଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସେଠାରୁ ବହୁପରିମାଣରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ ହୁଏ। ଇରାନ ମଧ୍ୟ ଇସ୍ରାଏଲର ୪ ସହର ତେଲ ଅଭିଭ, ବିରସେଭା, ରମତ ଗଣ ଓ ହୋଲେନ୍ ଉପରେ ୩୦ ମିଜାଇଲ ମାଡ଼ କରିଛି। ୭ଟି ମିଜାଇଲକୁ ଇସ୍ରାଏଲ ଡିଫେନ୍ସ ସିଷ୍ଟମ ରୋକିବାରେ ସଫଳ ହୋଇଛି। ଏଥିରେ ୧୭୬ ଜଣ ଆହତ ହୋଇଛନ୍ତି। ତାଙ୍କ ମଧ୍ୟରୁ ୬ ଜଣଙ୍କ ସ୍ଥିତି ଗୁରୁତର ରହିଛି। ସେପଟେ ଯୁଦ୍ଧଗ୍ରସ୍ତ ଇରାନରୁ ଭାରତୀୟଙ୍କୁ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ଆରମ୍ଭ ହୋଇଛି ଅପରେସନ ସିନ୍ଧୁ । ଇତି ମଧ୍ୟରେ ଇରାନରେ ଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ପ୍ରକ୍ରିୟା ଆରମ୍ଭ ହୋଇଛି । ତେହେରାନରୁ ପ୍ରଥମ ପର୍ଯ୍ୟାୟରେ ୧୧୦ ଭାରତୀୟଙ୍କୁ ଉଦ୍ଧାର କରି ଏକ ବିମାନ ନୂଆଦିଲ୍ଲୀରେ ଅବତରଣ କରିଛି । ଆଉ ଭାରତ ମାଟିରେ ପାଦ ଦେବା ପରେ ଭାରତ ସରକାରଙ୍କୁ ଧନ୍ୟବାଦ ଦେବା ସହ ଭାରତୀୟ ବୋଲି ନିଜକୁ ଗର୍ବ କରି ଇରାନର ଯୁଦ୍ଧ ପରିସ୍ଥିତି ବାବଦରେ ବଖାଣିଛନ୍ତି ଇରାନରେ ପଢୁଥିବା ଭାରତୀୟ ଛାତ୍ରଛାତ୍ରୀ । ୧୩ ଜୁନ୍‌ରେ ଇସ୍ରାଏଲର ଆରମ୍ଭ ହୋଇଥିବା 'ଅପରେସନ୍ ରାଇଜିଂ ଲାୟନ' ଅନୁସାରେ ଇରାନର ପରମାଣୁ ଓ ସାମରିକ ଆଡ୍ଡା ଉପରକୁ ଏୟାରଷ୍ଟ୍ରାଇକ୍ କରିଥିଲା। ଏହାପରେ ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିଲା ଯୁଦ୍ଧ। ବର୍ତ୍ତମାନ ସୁଦ୍ଧା ଯୁଦ୍ଧରେ ଇସ୍ରାଏଲର ୨୪ ଜଣଙ୍କର ମୃତ୍ୟୁ ହୋଇଛି। ସେପଟେ ଇରାନରେ ଏପର୍ଯ୍ୟନ୍ତ ୬୩୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୩୨୯ ଆହତ ହୋଇଛନ୍ତି।

# ପରିଚୟ ଲୁଚାଇ ଉଚ୍ଚଶିକ୍ଷା ପାଇଛନ୍ତି ରାହୁଲ



**ନୂଆଦିଲ୍ଲୀ,୧୯।୬:** ଦେଶର ବଡ଼ ନେତାଙ୍କ ମଧ୍ୟରେ ଜଣାଶୁଣା ରାହୁଲ ଗାନ୍ଧିଙ୍କ ଆଜି ଜନ୍ମ ଦିନ। ସେ କେବଳ ରାଜନୀତିରେ ତାଙ୍କର ପରିଚୟ ସୃଷ୍ଟି କରି ନାହାନ୍ତି ପାଠ ପଢ଼ାରେ ମଧ୍ୟ ବେଶ୍ ସଫଳତା ହାସଲ କରିଛନ୍ତି। ରାହୁଲ ଗାନ୍ଧି ଭାରତ ଓ ବିଦେଶର ନାମୀ କଲେଜରେ ଅଧ୍ୟାପନା କରିଛନ୍ତି। ସୁରକ୍ଷାଗତ କାରଣରୁ ତାଙ୍କୁ ଅନେକ ବାର ତାଙ୍କ ପାଠ ପଢ଼ା ସ୍ଥାନ ବଦଳାଇବାକୁ ପଡ଼ିଛି। ଏହା ସତ୍ତ୍ୱେ ସେ ପାଠ ପଢ଼ା ଜାରି ରଖିବା ସହିତ ଅନେକ ଡିଗ୍ରି ହାସଲ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଜନ୍ମ ୧୯ଜୁନ ୧୯୭୦ରେ ଦିଲ୍ଲୀରେ ହୋଇଥିଲା। ଦେଶର ପ୍ରତିଷ୍ଠିତ ରାଜନୈତିକ ପରିବାର ସହିତ ତାଙ୍କର ସମ୍ପର୍କ। ତାଙ୍କ ପିତା ରାଜୀବ ଗାନ୍ଧି ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଥିଲେ। ସେହିପରି ତାଙ୍କ ମା ସୋନିଆ ଗାନ୍ଧି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ଥିଲେ। ରାହୁଲ ଗାନ୍ଧି ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଓ ଫିରୋଜ ଗାନ୍ଧିଙ୍କ ନାତି। ତାଙ୍କ ବାଲ୍ୟ ଜୀବନ ରାଜନୈତିକ ପରିବେଶରେ କଟିଥିଲା। ତେବେ ତାଙ୍କ ପରିବାରକୁ ମିଳିଥିବା ଦାୟିତ୍ୱ ଓ ସୁରକ୍ଷା ଚିନ୍ତା କାରଣରୁ ତାଙ୍କ ପିଲାଦିନ ଅନ୍ୟ ପିଲାଙ୍କ ଠାରୁ ଅଲଗା ଥିଲା। ନେହରୁ-ଗାନ୍ଧି ପରିବାରର ଚତୁର୍ଥ ପିଢ଼ୀକୁ ପ୍ରତିନିଧିତ୍ୱ କରୁଥିବା ରାହୁଲ ଗାନ୍ଧି ତାଙ୍କ ପ୍ରାରମ୍ଭିକ ଶିକ୍ଷା ଦିଲ୍ଲୀ ମଡର୍ଣ୍ଣ ସ୍କୁଲରୁ ପ୍ରାପ୍ତ କରିଥିଲେ। ୧୯୮୪ ମସିହାରେ ତାଙ୍କ ଜେଜେମା ତଥା ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ହତ୍ୟା ପରେ ତାଙ୍କର ପରବର୍ତ୍ତି ପାଠ ପଢ଼ା ଘରେ ହୋଇଥିଲା। ରାହୁଲ ଗାନ୍ଧିଙ୍କ ଉଚ୍ଚଶିକ୍ଷାର ପ୍ରାରମ୍ଭ ଦିଲ୍ଲୀର ପ୍ରତିଷ୍ଠିତ ସେଣ୍ଟ ଷ୍ଟିଫେନ କଲେଜରେ ହୋଇଥିଲା। ସେ ୧୯୮୯ ମସିହାରେ ଏଠାରେ ଆଡମିସନ କରିଥିଲେ। ହେଲେ ସୁରକ୍ଷା କାରଣରୁ ତାଙ୍କୁ କଲେଜ ଛାଡିବାକୁ ପଡିଥିଲା।

## ଲଢ଼େଇ ଭିତରେ ନୂଆ ଚାଲ୍ ଖେଳୁଛନ୍ତି ଟ୍ରମ୍ପ !



**ନୂଆଦିଲ୍ଲୀ,୧୯।୬:** ଇରାନ ଓ ଇସ୍ରାଏଲ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଛି। ଇରାନର ଘନଘନ ମିସାଇଲ୍ ମାଡ଼ରେ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି ଓ ସହରରେ ଲଗାତାର ସାଇରନ୍ ବାଜୁଛି । ଲୋକେ ନିରାପଦ ସ୍ଥାନ ବଙ୍କର୍ ଓ ଅନ୍ୟ ସ୍ଥାନରେ ଆଶ୍ରୟ ନେଉଛନ୍ତି। ଯୁଦ୍ଧ ମଧ୍ୟରେ ସମସ୍ତଙ୍କ ନଜର ଆମେରିକା ଉପରେ ରହିଛି। ଯୁଦ୍ଧ ନେଇ କି ପ୍ରକାରର ଆଭିମୁଖ୍ୟ ଗ୍ରହଣ କରାଯିବ ସେନେଇ ହ୍ୱାଇଟ୍ ହାଉସରେ ବୈଠକ ପରେ ବୈଠକ ଚାଲିଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ସିଧାସଳଖ ଧମକ ଦେଇଛନ୍ତି । ଏଭଳି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପାକିସ୍ତାନର ଫିଲ୍ଡ ମାର୍ଶାଲ ଅସୀମ ମୁନୀରଙ୍କ ହ୍ୱାଇଟ୍ ହାଉସରେ ବୈଠକ ନେଇ ଚର୍ଚ୍ଚା ଜୋର ଧରିଛି । ଏହି ସମୟରେ ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ, ପେଣ୍ଟାଗନର ପୂର୍ବ ଅଧିକାରୀ ମାଇରେଲ ରୁବିନ ବଡ଼ ଦାବି କରିଛନ୍ତି । ରୁବିନଙ୍କ କହିବା ଅନୁସାରେ ଇରାନର ପରମାଣୁ ସାମଗ୍ରୀ ରଖିବା ପାଇଁ ନିରାପଦ ସ୍ଥାନ ଖୋଜୁଛି ଆମେରିକା । ଆଉ ଏଥିପାଇଁ ପାକିସ୍ତାନ ପ୍ରଥମ ପସନ୍ଦ ହୋଇପାରେ । ରୁବିନ କହିଛନ୍ତି 'ଇରାନ ବିରୋଧରେ ପାକିସ୍ତାନଠାରୁ ସହଯୋଗ ଚାହୁଁଛି ଆମେରିକା। ପାକିସ୍ତାନକୁ ବନ୍ଧୁ କହି କିଛି ହାସଲ କରିବାକୁ ଚାହୁଁଛନ୍ତି ଡୋନାଲ୍ଡ ଟ୍ରମ୍ପ। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ଶେଷ କରିବାକୁ ଚାହୁଛନ୍ତି ଆମେରିକା ରାଷ୍ଟ୍ରପତି । ଏଭଳି ହେଲେ ଇରାନର ପରମାଣୁ ସାମଗ୍ରୀକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପଡ଼ିବ। ଏଥିପାଇଁ ପାକିସ୍ତାନକୁ ବାଛିପାରେ ଆମେରିକା।

## ଭାରତ ସହ କ'ଣ ରହିଛି ଖୋମେନିଙ୍କ ସମ୍ପର୍କ



**ନୂଆଦିଲ୍ଲୀ,୧୯।୬:** ଆୟାତୋଲ୍ଲା ରୁହୋଲ୍ଲା ମୁସାଭି ଖୋମେନି। ଦେଶରେ ଇସଲାମିକ୍ ବିପ୍ଳବର ସେ ଥିଲେ ସୂତ୍ରଧର। ଇରାନରେ କରେନ୍ସି ନୋଟ୍ ଠାରୁ ଆରମ୍ଭ କରି ରାସ୍ତା ଏବଂ ଶିକ୍ଷାନୁଷ୍ଠାନରେ ସବୁଠି ତାଙ୍କର ପ୍ରତିଛବି। ଇସ୍ରାଏଲ ଓ ଆମେରିକା ପରି ଶକ୍ତିଶାଳୀ ରାଷ୍ଟ୍ରକୁ ଚ୍ୟାଲେଞ୍ଜ ଦେଇଥିବା ନେତା। ସତୁରି ଦଶକରେ ତେହେରାନର ରାଜନୀତିକୁ ବଦଳାଇ ଦେଇଥିବା ପ୍ରଥମ ସୁପ୍ରିମ୍ ଲିଡର୍। ଏହେଉଛନ୍ତି ସେହି ବ୍ୟକ୍ତି ଯିଏ ଇରାନରେ ରାଜତନ୍ତ୍ରକୁ ଉଚ୍ଛେଦ କରି ପ୍ରତିଷ୍ଠା କରିଥିଲେ ଇସଲାମିକ ଶାସନ । କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଭାରତରେ ଯୋଡି ହୋଇଛି ଖୋମେନିଙ୍କ ପୂର୍ବପୁରୁଷଙ୍କ ଲିଙ୍କ୍। ଖୋମେନିଙ୍କ ପରିବାର ସିଧାସଳଖ ଉତ୍ତର ପ୍ରଦେଶ ସହିତ ଜଡିତ। ଅର୍ଥାତ ଇରାନର ପ୍ରଥମ ସର୍ବୋଚ୍ଚ ନେତାଙ୍କ ପୂର୍ବପୁରୁଷ ଏଠାରେ ରହୁଥିଲେ। ଇରାନରେ ଇସଲାମିକ୍ ବିପ୍ଳବ ଆଣିଥିବା ଆୟାତୋଲ୍ଲା ରୁହୋଲ୍ଲା ଖୋମେନିଙ୍କ ଜେଜେବାପା ସୟଦ ଅହମ୍ମଦ ମୁସାଭି ଉତ୍ତର ପ୍ରଦେଶର ବାରାବଙ୍କି ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ। କିଣ୍ଟୁର ଏକ ଛୋଟ ଗାଁ ଥିଲା। କିନ୍ତୁ ସେତେବେଳେ ମଧ୍ୟ ସେଠାରେ ସିଆ ମୁସଲିମଙ୍କର ଏକ ବଡ଼ ବସତି ଥିଲା। ମୁସାଭି ତାଙ୍କ ନାମରେ ହିନ୍ଦୀ ଯୋଡ଼ି ଦେଇଥିଲେ। ଏହାଦ୍ୱାରା ସେ ଭାରତ ପ୍ରତି ତାଙ୍କର ଭଲପାଇବା ଜାହିର କରିଥିଲେ।

## ଜାପାନରେ ଶକ୍ତିଶାଳୀ ଭୂକମ୍ପ, ରିକ୍ଟର ସ୍କେଲ୍‌ରେ ତୀବ୍ରତା ୬.୧ ରେକର୍ଡ

ନୂଆଦିଲ୍ଲୀ ୧୯।୬; ଶକ୍ତିଶାଳୀ ଭୂମିକମ୍ପରେ ଥରିଲା ଜାପାନ। ଜାପାନର ହୋକାଇଡୋ ଉପକୂଳରେ ଭୂମିକମ୍ପ ହୋଇଥିଲା। ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୬.୧ ମାପ କରାଯାଇଥିଲା। ଜାପାନ ପାଣିପାଗ ସଂସ୍ଥା (ଜେଏମଏ) ଭୂମିକମ୍ପକୁ ନିଶ୍ଚିତ କରି କହିଛି ଯେ ଗୁରୁବାର (ଜୁନ୍ ୧୯) ଜାପାନର ହୋକାଇଡୋ ଅଞ୍ଚଳର ନେମୁରୋ ଉପଦ୍ୱୀପର ଦକ୍ଷିଣ-ପୂର୍ବ ଉପକୂଳରେ ଭୂମିକମ୍ପ ହୋଇଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ୪୨.୮ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୧୪୬.୪ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଚିହ୍ନଟ କରାଯାଇଛି। ହେଲେ ଏପର୍ଯ୍ୟନ୍ତ କୌଣସି ସୁନାମି ଚେତାବନୀ ଜାରି କରାଯାଇ ନାହିଁ। ଭୂମିକମ୍ପର ଶକ୍ତିଶାଳୀ ଭୂମିକମ୍ପ ସେହି ଅଞ୍ଚଳରେ ରହୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। କହିବାକୁ ଗଲେ ଜାପାନରେ ଭୂମିକମ୍ପ କିମ୍ବା ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ପୂର୍ବାନୁମାନ ବିଷୟରେ ଆଲୋଚନା ହେଉଛି। ତେଣୁ, ଜାପାନ ସରକାର ଏବଂ ଭୂମିକମ୍ପ ବୈଜ୍ଞାନିକମାନେ ଏକ ସତର୍କତା ଜାରି କରିଛନ୍ତି। ଯେକୌଣସି ପ୍ରକାରର ବିପର୍ଯ୍ୟୟର ମୁକାବିଲା ପାଇଁ ଲୋକଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କହିବାକୁ ଗଲେ ୨୦୧୧ ମସିହାରେ ୯ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା। ଯାହା ଯୋଗୁଁ ସୁନାମି ଜାପାନରେ ୧୫୦୦୦ ଲୋକଙ୍କ ଜୀବନ ନେଇଥିଲା। କହିବାକୁ ଗଲେ ରାତିରେ ଭାରତର ଅରୁଣାଚଳ ପ୍ରଦେଶରେ ଏକ ଭୂମିକମ୍ପ ହୋଇଥିଲା। ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୩.୧ ରେକର୍ଡ କରାଯାଇଥିଲା ।

## ଇଂରାଜୀ କହୁଥିବା ଲୋକେ ଖୁବ୍‌ଶୀଘ୍ର ଲଜ୍ଜାବୋଧ କରିବେ: ଗୃହମନ୍ତ୍ରୀ



**ନୂଆଦିଲ୍ଲୀ,୧୯।୬:** ଦେଶରେ ବର୍ତ୍ତମାନ ବିଭିନ୍ନ ରାଜ୍ୟରେ ଭାଷା ବିବାଦ ଲାଗି ରହିଥିବା ବେଳେ ଇଂରାଜୀ ଉପରେ ଟିପ୍ପଣୀ କରି ପୁଣି ଏକ ନୂଆ ବିବାଦକୁ ଜନ୍ମ ଦେଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଦେଶରେ ଯେଉଁମାନେ ଇଂରାଜୀ କହୁଛନ୍ତି ସେମାନେ ଖୁବ୍‌ଶୀଘ୍ର ଲଜ୍ଜିତ ହେବେ ବୋଲି ଶାହ କହିଛନ୍ତି। ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଭାଷଣ ଦେଇ ଗୃହମନ୍ତ୍ରୀ ମାତୃ ଭାଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମାତୃଭାଷା ଭାରତର ପରିଚୟର କେନ୍ଦ୍ରବିନ୍ଦୁ ଏବଂ ବିଦେଶୀ ଭାଷା ଅପେକ୍ଷା ଏହାକୁ ପ୍ରାଧାନ୍ୟ ଦିଆଯିବା ଉଚିତ ବୋଲି ଶାହ କହିଛନ୍ତି। ଗୃହମନ୍ତ୍ରୀ ଆହୁରି କହିଛନ୍ତି "ଏହି ଦେଶରେ, ଯେଉଁମାନେ ଇଂରାଜୀ କୁହନ୍ତି ସେମାନେ ଶୀଘ୍ର ଲଜ୍ଜିତ ହେବେ। ଏହିପରି ସମାଜର ନିର୍ମାଣ ହେବା ଆଉ ବେଶି ଦୂର ନୁହେଁ। ମୋ ମୋତରେ ଆମ ଦେଶର ଭାଷାଗୁଡ଼ିକ ଆମ ସଂସ୍କୃତିର ରତ୍ନ। ଆମ ଭାଷା ବିନା, ଆମେ ପ୍ରକୃତ ଭାରତୀୟ ହୋଇପାରିବା ନାହିଁ।" ଏଥିସହିତ ଗୃହମନ୍ତ୍ରୀ ଭାରତର ଭାଷାଗତ ଐତିହ୍ୟକୁ ପୁନରୁଦ୍ଧାର କରିବା ପାଇଁ ସାରା ଦେଶରେ ଏକ ନୂଆ ପ୍ରୟାସ ଆରମ୍ଭ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏବଂ ଇଂରାଜୀ ଭାଷକୁ କଟାକ୍ଷ କରି ଶାହ ଭବିଷ୍ୟବାଣୀ କରିଛନ୍ତି। ସେ କହିଛନ୍ତି ଦିନେ ସାରା ବିଶ୍ୱରେ ଇଂରାଜୀ ଭାଷାକୁ ଉପନିବେଶବାଦୀ ଦାସତ୍ୱର ପ୍ରତୀକ ଭାବରେ ଦେଖାଯିବ।

## ସୁପ୍ରିମକୋର୍ଟଙ୍କ ଗଠିତ କମିଟି ଦେଲେ ରିପୋର୍ଟ

● ମହାଭିଯୋଗ ପ୍ରସ୍ତାବ ଆଣିବାକୁ କଲେ ସୁପାରିସ



**ନୂଆଦିଲ୍ଲୀ,୧୯।୬:** କ୍ୟାସ୍ କାଣ୍ଡ ମାମଲାରେ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ବର୍ମାଙ୍କ ଅଡୁଆ ବଢ଼ିବାରେ ଲାଗିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ତିନି ସଦସ୍ୟ ବିଶିଷ୍ଟ କମିଟି ନିଜର ରିପୋର୍ଟ ପ୍ରଦାନ କରିଛନ୍ତି। ରିପୋର୍ଟରେ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାର ସୁପାରିଶ କରାଯାଇଛି। ଗତ ମାର୍ଚ୍ଚ ମାସରେ ବାସ ଭବନରୁ ପୁଳାପୁଳା ଅଧାପୋଡା ନୋଟ୍ ମିଳିବା ମାମଲାରେ ବିବାଦର ପରିସକୁ ଆସିଥିଲେ ଜଷ୍ଟିମ ବର୍ମା। ୨୨ ମାର୍ଚ୍ଚରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ତିନି ଜଣିଆ ଖଣ୍ଡପୀଠ ନିଜର ରିପୋର୍ଟ ପ୍ରଦାନ କରିଛନ୍ତି। ରିପୋର୍ଟରେ କୁହାଯାଇଛି ଷ୍ଟୋରରୁମ୍‌ରେ ଜଷ୍ଟିସ୍ ବର୍ମାଙ୍କ ପରିବାରର ପୁରା ନଜର ରହିଥିଲା। ସେଠାକୁ କାହାକୁ ଯିବାର ଅନୁମତି ନଥିଲା। ତଥ୍ୟକୁ ଦେଖି କମିଟି ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଯଶବନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାର ଦାବି କରିଛି। ସର୍ବୋଚ୍ଚ ନ୍ୟାୟଳୟ ଦ୍ୱାରା ନିଯୁକ୍ତ ପ୍ୟାନେଲ ୫୫ ଜଣ ସାକ୍ଷୀଙ୍କୁ ପଚରା ଉଚରା କରିବା ପରେ ଜଷ୍ଟିସ୍ ବର୍ମାଙ୍କ ବୟାନ ମଧ୍ୟ ରେକର୍ଡ କରିଛି। ଏହାପରେ କମିଟି ଗୁରୁବାର ସକାଳେ ୬୪ ପୃଷ୍ଠାର ରିପୋର୍ଟ ଆଗତ କରିଛି। କମିଟି ରିପୋର୍ଟରେ ଦୁଇଟି ପ୍ରମୁଖ ଖୁଲାସା କରିଛି, ଯାହାକି ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାର ଏହାର ସୁପାରିଶ ଆଧାରରେ ହୋଇଛି। ରିପୋର୍ଟ ଅନୁସାରେ, କମିଟି କହିଛି, ଆମେ ୩୦ ତୁଗଲକ କ୍ରିସେଣ୍ଟ ପରିସରରେ ଥିବା ଯେଉଁ ରୁମ୍‌ରୁ ନଗଦ ଟଙ୍କା ମିଳିଛି ତାହା ସରକାରୀ ଭାବରେ ଜଷ୍ଟିସ୍ ବର୍ମାଙ୍କ କବଜାରେ ଥିଲା। ଷ୍ଟୋର ରୁମ୍ ପର୍ଯ୍ୟନ୍ତ ଜଷ୍ଟିସ୍ ବର୍ମା ଓ ତାଙ୍କ ପରିବାର ସଦସ୍ୟ ସମ୍ପୂର୍ଣ୍ଣ ତତ୍ତ୍ୱାବଧାନରେ ଥିଲା। ସେଠାକୁ ଅନ୍ୟ କାହାକୁ ଯିବାର ଅନୁମତି ନଥିଲା। ପ୍ୟାନେଲ କହିଛି, ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ପର୍ଯ୍ୟାପ୍ତ ପ୍ରମାଣ ରହିଛି।

## ସତ ମାନିଲା କାନାଡ଼ା, ଦେଶରୁ ଖଲିସ୍ତାନୀ ଉଗ୍ରବାଦୀ ସୃଷ୍ଟି




**ନୂଆଦିଲ୍ଲୀ,୧୯।୬:** ପ୍ରଥମ ଥର ସତ ମାନିଲା କାନାଡ଼ା। ତାଙ୍କ ଦେଶରେ ରହି ଖଲିସ୍ତାନୀ ଚରମପନ୍ଥୀମାନେ ଭାରତରେ ଅଶାନ୍ତି ସୃଷ୍ଟି କରିବାକୁ ଚାହୁଁଛନ୍ତି ବୋଲି କାନାଡ଼ାର ଶୀର୍ଷ ଗୁଇନ୍ଦା ସଂସ୍ଥା(ସିଏସ୍‌ଆଇଏସ୍) ସ୍ୱୀକାର କରିଛି। ତେବେ ଭାରତ ବିରୁଦ୍ଧରେ ହସ୍ତକ୍ଷେପ ଓ ଗୁପ୍ତଚର ଅଭିଯୋଗ ମଧ୍ୟ ଲଗାଇଛି ସିଏସ୍‌ଆଇଏସ୍। କାନାଡ଼ା ପାର୍ଲାମେଣ୍ଟକୁ ଦିଆଯାଇଥିବା ଏହାର ସଦ୍ୟତମ ବାର୍ଷିକ ରିପୋର୍ଟରେ, କାନାଡିଆନ୍ ସିକ୍ୟୁରିଟି ଇଣ୍ଟେଲିଜେନ୍ସ ସର୍ଭିସ୍ (ସିଏସ୍‌ଆଇଏସ୍) ଭାରତ ଦୀର୍ଘ ଦିନ ଧରି ଅଭିଯୋଗ କରିଆସୁଥିବା କଥାକୁ ପୁଷ୍ଟି କରିଛି। ଖାଲିସ୍ତାନ ସମର୍ଥକ ଉପାଦାନଗୁଡ଼ିକ ଭାରତରେ ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହିତ କରିବା, ପାଣ୍ଠି ସଂଗ୍ରହ କରିବା ଏବଂ ହିଂସାତ୍ମକ କାର୍ଯ୍ୟ ଯୋଜନା କରିବା ପାଇଁ କାନାଡା ମାଟି ବ୍ୟବହାର କରୁଛନ୍ତି ବୋଲି ଏଥିରେ କୁହାଯାଇଛି। ରିପୋର୍ଟରେ କୁହାଯାଇଛି "ଖାଲିସ୍ତାନି ଉଗ୍ରବାଦୀମାନେ ମୁଖ୍ୟତଃ ଭାରତରେ ହିଂସା ବଢ଼ାଇବା, ପାଣ୍ଠି ସଂଗ୍ରହ କିମ୍ବା ଯୋଜନା ପ୍ରସ୍ତୁତ କରିବା ପାଇଁ କାନାଡାକୁ ଆଧାର ଭାବରେ ବ୍ୟବହାର କରିଆସୁଛନ୍ତି।" ପ୍ରଥମ ଥର ପାଇଁ କାନାଡ଼ାର ଏହି ଏଜେନ୍ସି ଖଲିସ୍ତାନୀଙ୍କ ସ୍ଥାନରେ ଉଗ୍ରବାଦୀ ଶବ୍ଦ ବ୍ୟବହାର କରିଛି। ସିଏସ୍‌ଆଇଏସ୍ ରିପୋର୍ଟରେ ଉଲ୍ଲେଖ କରିଛି ଯେ ୧୯୮୦ ଦଶକରୁ, କାନାଡା-ଭିତ୍ତିକ ଖଲିସ୍ତାନୀ ଉଗ୍ରବାଦୀ (ସିବିକେଇଏସ୍) ପଞ୍ଜାବରେ ଏକ ସ୍ୱାଧୀନ ଶିଖ ରାଜ୍ୟ ଗଠନ ପାଇଁ ଅଭିଯାନ ଚଳାଇଛନ୍ତି। ପ୍ରାୟତଃ ହିଂସାତ୍ମକ ଉପାୟରେ। ଭାରତ ମଧ୍ୟ କାନାଡ଼ା ଉପରେ ସମାନ ଅଭିଯୋଗ ଆଣିଥିଲା।

## କମୁଛି କରୋନା କେସ୍




**ନୂଆଦିଲ୍ଲୀ,୧୯।୬:** କରୋନା ଭାଇରସର ନୂଆ ସିଙ୍ଗାପୁର ଭାରିଆଣ୍ଟ ଭାରତରେ ଚିହ୍ନଟ ହେବା ମଧ୍ୟରେ ଆଇସିଏମ୍‌ଆର-ଏନ୍‌ଆଇଭି ଦେଶବାସୀଙ୍କୁ ଆଶ୍ୱସ୍ତିର ଖବର ଦେଇଛି। ସଂସ୍ଥାର ନିର୍ଦ୍ଦେଶକ ଡା.ନବୀନ କୁମାର କହିଛନ୍ତି ଯେ, ଦେଶରେ କୋଭିଡ-୧୯ର ଆକ୍ଟିଭ୍ ମାମଲାରେ ଏବେ ଲଗାତାର ହ୍ରାସ ଦେଖିବାକୁ ମିଳିଛି ଏବଂ ବର୍ତ୍ତମାନ ଯେଉଁ ଭାରିଆଣ୍ଟ ପ୍ରସାରିତ ହେଉଛି ,ତାଙ୍କର ଲକ୍ଷଣ ସାଧାରଣ ଓ ହାଲୁକା ଲକ୍ଷଣ ଦେଖା ଦେଉଛି। ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, କୋଭିଡ୍ ସଂପୂର୍ଣ୍ଣ ରୂପେ ଶେଷ ହୋଇ ନାହିଁ , କିନ୍ତୁ ଏହାର ପ୍ରଭାବ ସେତେ ମାରାତ୍ମକ ନୁହେଁ ,ଯେତେ ପ୍ରଥମେ ଦେଖିବାକୁ ମିଳିଥିଲା। ଏଥିରେ ଚିନ୍ତିତ ନହୋଇ ସତର୍କ ରହିବା ଜରୁରୀ। ଡା.କୁମାର କହିଛନ୍ତି , ଆମେ କୋଭିଡ୍ ଭାରିଆଣ୍ଟର ଜିନୋମିକ ଯାଞ୍ଚ ଓ ଡାଇଗ୍ନୋସିସ୍ କରୁଛୁ। ସିଙ୍ଗାପୁର ଓ ଏହାର ଆଖପାଖର ଦେଶରେ ମାମଲାର ବୃଦ୍ଧି ପରେ ଆମେ ଦେଖିଲୁ କି, ସେଠାରେ ଭାରିଆଣ୍ଟ ଭାରତରେ ମଧ୍ୟ ଗତ ୫-୬ ସପ୍ତାହରୁ ଦେଖା ଯାଉଛି। ଆମେ ଏହା ଉପରେ ନିଜର ନିରୀକ୍ଷଣ ଓ ଟେଷ୍ଟିଂ ବଢ଼ାଇ ଦେଇଛୁ। ଆଇସିଏମ୍‌ଆର-ଏନ୍‌ଆଇଭି ଅନୁସାରେ , ଭାରତରେ ଏହି ସମୟରେ ଜେଏନ୍.୧, ଏଲଏଫ୍.୭, ଏକ୍ସଏଫଜି ଓ ଏନ୍‌ବି.୧.୮.୧ ଭଳି ଓମିକ୍ରନର ସବ୍ - ଭାରିଆଣ୍ଟସ ସକ୍ରିୟ ଅଛନ୍ତି। ଡା.କୁମାରଙ୍କ ମୁତାବିକ , ଆମେ ଏହିସବୁ ଭାରିଆଣ୍ଟକୁ ଆଇସୋଲେଟ୍ କରି ନେଇଛୁ ଏବଂ ଏବେସୁଦ୍ଧା ଏଥିରେ କୌଣସି ଗୁରୁତର ଲକ୍ଷଣ ଦେଖିବାକୁ ମିଳିନାହିଁ। ଅଧିକାଂଶ ସଂକ୍ରମଣ ହାଲୁକ ଧରଣର।

## ବିମାନ ଓ ଇଞ୍ଜିନରେ ଉଡାଣ ପୂର୍ବରୁ କୌଣସି ସମସ୍ୟା ନଥିଲା



**ନୂଆଦିଲ୍ଲୀ,୧୯।୬:** ଏୟାର ଇଣ୍ଡିଆର ସିଇଓ କ୍ୟାପବେଲ୍ ୱିଲସନ୍ ଅମହମ୍ମଦାବାଦ ବିମାନ ଦୁର୍ଘଟଣାକୁ ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିମାନର ରକ୍ଷଣାବେକ୍ଷଣା ଭଲ ଭାବରେ କରାଯାଇଥିଲା। ଏହାର ଶେଷ ଥର ପାଇଁ ବଡ଼ ଧୀରଣର ଯାଞ୍ଚ ଜୁନ୍ ୨୦୨୩ ଓ ଆଗାମୀ ଯାଞ୍ଚ ଡିସେମ୍ବର ୨୦୨୫ ରେ ନିର୍ଦ୍ଧାରିତ କରାଯାଇଥିଲା। ଏହାର ଡାହଣ ଇଞ୍ଜିନକୁ ମାର୍ଚ୍ଚ ୨୦୨୫ ରେ ମରାମତି କରାଯାଇଥିଲା ଓ ବାମ ଇଞ୍ଜିନକୁ ଅପ୍ରେଲ ୨୦୨୫ ରେ ନିରୀକ୍ଷଣ କରାଯାଇଥିଲା। ବିମାନ ଓ ଇଞ୍ଜିନ ଦୁଇଟିର ନିୟମିତ ଭାବରେ ଯାଞ୍ଚ କରାଯାଉଥିଲା। ଉଡାଣ ପୂର୍ବରୁ ଏଥିରେ କୌଣସି ସମସ୍ୟା ନଥିଲା। ଆମେ ପୁରା ବିମାନ ଉଦ୍ୟୋଗ ସହ ଅଫିସିଆଲ ଯାଞ୍ଚ ରିପୋର୍ଟକୁ ଅପେକ୍ଷା କରୁଛୁ।' ସେ କହିଛନ୍ତି, ୧୪ ଜୁନ୍ ୨୦୨୫ରେ ଡିଜିସିଏ ପକ୍ଷରୁ ନିର୍ଦ୍ଦେଶ ମିଳିବା ପରେ, ଆମେ ନିଜର ୩୩ ବୋଇଂ ୭୮୭ ବିମାନର ଭଲ ଭାବରେ ଯାଞ୍ଚ କରୁଛୁ। ଏପର୍ଯ୍ୟନ୍ତ ୨୬ ବିମାନର ନିରୀକ୍ଷଣ ଶେଷ ହୋଇସାରିଛି। ଏହାକୁ ସେବାରେ ନିୟୋଜିତ କରିବାର ମଞ୍ଜୁରୀ ଦିଆଯାଇଛି। ବାକି ବିମାନର ବର୍ତ୍ତମାନ ରକ୍ଷଣାବେକ୍ଷଣା ଓ ଅତିରିକ୍ତ ଯାଞ୍ଚ କରାଯିବ। ସେ କହିଛନ୍ତି, ସମୀକ୍ଷା ପରେ ଡିଜିସିଏ କହିଛି ଆମର ବୋଇଂ ୭୮୭ ୟୁନିଟ ଓ ରକ୍ଷଣାବେକ୍ଷଣା ପକ୍ରିୟା ସମ୍ପୂର୍ଣ୍ଣ ଭାବରେ ସୁରକ୍ଷା ମାନକକୁ ପୁରା କରୁଛି।

### ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ ଧର୍ମେନ୍ଦ୍ର

# ଦେଶକୁ ଶିକ୍ଷା ହିଁ ନୂତନ ଶିଖରକୁ ନେଇପାରିବ

**ଜୟପୁର,୧୯।୬:** ଶିକ୍ଷା ହେଉଛି ଏପରି ମାଧ୍ୟମ ଯାହା କେବଳ ବ୍ୟକ୍ତିଗତ ଜୀବନକୁ ଉନ୍ନତ କରେନାହିଁ, ବରଂ ଦେଶକୁ ନୂତନ ଶିଖରକୁ ନେଇଥାଏ। ଏହି କଳ୍ପନାରେ ଜାତୀୟ ଶିକ୍ଷା ନୀତି ଅଧୀନରେ ବହୁମୁଖୀ, ଦକ୍ଷତା-ଆଧାରିତ ଏବଂ ନିଯୁକ୍ତି-ଆଧାରିତ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଯାଉଛି ବୋଲି ଗୁରୁବାର ରାଜସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଦିନିକିଆ ଗସ୍ତକାଳରେ ଶ୍ରୀ ପ୍ରଧାନ କେନ୍ଦ୍ର ରାଷ୍ଟ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଭାଗୀରଥ ଚୌଧୁରୀଙ୍କ ସହ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିଲେ। ଏହାଛଡ଼ା ସେ ଜୟପୁରର ମଣିପାଲ ବିଶ୍ୱବିଦ୍ୟାଳୟରେ ନବନିର୍ମିତ ଅଧ୍ୟାପକ ହଲ୍ କମ୍ପ୍ଲେକ୍ସର ଉଦ୍‌ଘାଟନ କରିଥିଲେ। ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ପଦକ ଓ ଡିଗ୍ରୀ ପାଇଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଥିଲେ ଯେ ଶିକ୍ଷାର ସ୍ୱଭାବ ହେଉଛି ନିରନ୍ତରତା।

**ରାଜସ୍ଥାନ ଭାରତର ଗୌରବମୟ ଐତିହ୍ୟର ଶକ୍ତିଶାଳୀ ପ୍ରତୀକ**

ଏହା ଏକ ସମାବର୍ତ୍ତନ ଉତ୍ସବ ନୁହେଁ, ବରଂ ଜୀବନବ୍ୟାପୀ ଶିକ୍ଷାର ଯାତ୍ରାରେ ଏକ ସ୍ମରଣୀୟ ଅବସର। ଆଜି ଭାରତ ଏକ ସାମୂହିକ ସଂକଳ୍ପ ସହ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ବର୍ଗରେ ସ୍ଥାନ ପାଇବା ଆଡ଼କୁ ଅଗ୍ରସର ହେଉଛି। ଜାତୀୟ ଶିକ୍ଷା ନୀତି ଅଧୀନରେ ବିଶ୍ୱ ମାନର ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଯାଉଛି। ବିଶ୍ୱ ଶିକ୍ଷା ସହଯୋଗକୁ ସୁଦୃଢ଼ କରିବା ପାଇଁ ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଭାରତରେ କ୍ୟାମ୍ପସ ସ୍ଥାପନ କରିବାକୁ ଅନୁମତି ଦିଆଯାଇଛି। ଏହି ବର୍ଗରେ ଏପର୍ଯ୍ୟନ୍ତ ୮ଟି ବିଶ୍ୱବିଦ୍ୟାଳୟ ମଧ୍ୟ ପ୍ରତିଷ୍ଠିତ ହୋଇଛି। ରାଜସ୍ଥାନର ପ୍ରତିଭାବାନ ଛାତ୍ରଛାତ୍ରୀମାନେ ଜେଇଇ ଓ ନିଟ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷାରେ ନିରନ୍ତର ଭଲ ପ୍ରଦର୍ଶନ କରି ଦେଶର ଶିକ୍ଷାଗତ ଉତ୍କର୍ଷତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ଏହି ଭୂମି ଜ୍ଞାନ, ବିଜ୍ଞାନ, କଳା, ସାହିତ୍ୟ ଏବଂ ଚିନ୍ତାଧାରାର ମୂଳ ଉତ୍ସ ହୋଇଛି । ଆମକୁ ଏହି ପରମ୍ପରାକୁ ଏକ ଆଧୁନିକ ପଦ୍ଧତି ଏବଂ ନବସୃଜନ ସହିତ ଆଗକୁ ନେବାକୁ ପଡିବ । ଆଜି ଯେତେବେଳେ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବରେ ପରିଣତ ହୋଇଛି, ସେହି ସମୟରେ ଆମେ ବର୍ତ୍ତମାନର ଯୁବପିଢ଼ିର ନବସୃଜନ, ଦକ୍ଷତା ଏବଂ ନେତୃତ୍ୱରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବାର ଲକ୍ଷ୍ୟ ହାସଲ କରିବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ ନୂତନ ଅଧ୍ୟାପକ ହଲ୍ କମ୍ପ୍ଲେକ୍ସ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଥିଲେ ଯେ ରାଜସ୍ଥାନର ସାଂସ୍କୃତିକ ଐତିହ୍ୟର ଛାପ ଥିବା ନୂତନ ଅଧ୍ୟାପକ ହଲ୍ କମ୍ପ୍ଲେକ୍ସ ଶିକ୍ଷଣ ପରିବେଶକୁ ପ୍ରୋତ୍ସାହିତ କରିବ। ଜୟପୁରର ମଣିପାଲ ବିଶ୍ୱବିଦ୍ୟାଳୟ ଆମର କାଳଜୟୀ ସଂସ୍କୃତି ଓ ଐତିହ୍ୟକୁ ଆଧୁନିକ ଶିକ୍ଷା ସହ ସମନ୍ୱିତ କରିବା ଦିଗରେ ଏକ ଉଦାହରଣ।



# ଆଜିଠୁ ପ୍ରଥମ ଟେଷ୍ଟ: ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ ଘୋଷିତ

## ବେଥେଲଙ୍କୁ ମିଳିଲାନି ସ୍ଥାନ



ଲଣ୍ଡନ,୧୯।୬: ମଝିରେ ଆଉ ମାତ୍ର ଗୋଟିଏ ଦିନ। ଶୁକ୍ରବାରଠୁ ଆରମ୍ଭ ହେବ ଭାରତ-ଇଂଲଣ୍ଡ ୫ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ। ଉଭୟ ଦଳ ହେଡିଂଲେ ଗ୍ରାଉଣ୍ଡରେ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ଘରୋଇ ଦଳ ପ୍ରଥମ ଟେଷ୍ଟ ପାଇଁ ଚୂଡ଼ାନ୍ତ ଏକାଦଶ ଘୋଷଣା କରିସାରିଛି। ଭାରତ ଏକଦଶ ପ୍ରସ୍ତୁତିରେ ଲାଗିଛି। ତଥାପି ନବ ନିଯୁକ୍ତ ଅଧିନାୟକ ଶୁଭମନ ଗିଲ୍ ଅବସର ନେଇଥିବା ବିରାଟ କୋହଲିଙ୍କ ୪ନଂ ସ୍ଥାନରେ ବ୍ୟାଟିଂ କରିବାକୁ ଯାଉଥିବା ସ୍ପଷ୍ଟ ହୋଇଛି। ବୁଧବାର ସାମ୍ବାଦିକ ସମ୍ମିଳନୀରେ ଉପଅଧିନାୟକ ରିଷଭ ପନ୍ତ ଏହା ସ୍ପଷ୍ଟ କରିଛନ୍ତି। ପୋପଙ୍କ ସ୍ଥାନ ଅପରିବର୍ତ୍ତିତ ପ୍ରଥମ ଟେଷ୍ଟ ପାଇଁ ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ଯୁବ ବ୍ୟାଟିଂ ବିସ୍ମୟ ଜାକବ ବେଥେଲଙ୍କ ସ୍ଥାନକୁ ନେଇ ଚାଲିଥିବା ସବୁ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ବେଥେଲ ଏକାଦଶରେ ସ୍ଥାନ ପାଇ ନାହାନ୍ତି। ଓଲି ପୋପଙ୍କ ଅଭିଜ୍ଞତାକୁ ପ୍ରାଥମିକତା ଦିଆଯାଇଛି। ତେଣୁ ସେ ୩ନଂ ସ୍ଥାନରେ ବ୍ୟାଟିଂ କରିବେ।

ଗତ ବର୍ଷ ନ୍ୟୁଜିଲାଣ୍ଡ ଗସ୍ତ ସମୟରେ ବେଥେଲ ଟେଷ୍ଟ ପଦାର୍ପଣ କରିଥିଲେ ଓ ଦମ୍‌ଦାର ବ୍ୟାଟିଂ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲେ। ଭାରତ ବିପକ୍ଷ ସିରିଜ ପୂର୍ବରୁ ତାଙ୍କୁ ପ୍ରବଳ ଦାବିଦାର ରୂପେ ବିବେଚନା କରାଯାଉଥିଲା। ମାତ୍ର ପୂର୍ବରୁ ଏହି ସ୍ଥାନରେ ଖେଳୁଥିବା ଓଲି ପୋପଙ୍କ ଉପରେ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ଅଧିନାୟକ ବେନ ଷ୍ଟୋକ୍ସ ଭରସା ରଖିଛନ୍ତି। ଏକାଦଶରେ ୩ଜଣ ପେସ୍ ବୋଲର ଓ ଜଣେ ସ୍ପିନରଙ୍କୁ ସ୍ଥାନ ମିଳିଛି। କ୍ରିସ୍ ୱକ୍ସ ଓ ବ୍ରାଇଡନ କାର୍ସ ବୋଲିଂ ଆରମ୍ଭ କରିବେ। ଜୋସ ଟଙ୍ଗ ତୃତୀୟ ପେସ୍ ବୋଲର ଭାବେ ଖେଳିବେ। ଏମାନଙ୍କ ବ୍ୟତୀତ ସୋହେବ ବସିର ଏକମାତ୍ର ସ୍ପିନର ଭାବେ ଦଳରେ ରହିଛନ୍ତି। ବେନ ଷ୍ଟୋକ୍ସ ଚତୁର୍ଥ ପେସ୍ ବୋଲର ଦାୟିତ୍ୱ ତୁଲାଇବେ। ସେହିପରି ଜୋ ରୁଟ୍ ସମୟ ସମୟରେ ସ୍ପିନ୍ ବୋଲିଂ କରିବେ।

**ଖାଲି ପଡ଼ିଛି ୩ନଂ ବ୍ୟାଟିଂ ସ୍ଥାନ:** ଇଂଲଣ୍ଡ ଏକାଦଶ ଘୋଷଣା କରିଥିଲେ ହେଁ ଭାରତ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ଏକାଦଶ ପ୍ରସ୍ତୁତ କରିନାହିଁ। ବିଶେଷ କରି ବ୍ୟାଟିଂ କ୍ରମର ୩ନଂ ସ୍ଥାନକୁ ନେଇ ଏବେ ବି ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ବୁଧବାର ସାମ୍ବାଦିକ ସମ୍ମିଳନୀରେ ପନ୍ତ ଏହା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ୪ନଂ ସ୍ଥାନ ଚୂଡ଼ାନ୍ତ ହୋଇଛି। ଗିଲ ଏହି ସ୍ଥାନ ସମ୍ଭାଳିବାକୁ ଯାଉଛନ୍ତି। ମୁଁ ୫ନଂ ସ୍ଥାନରେ ବ୍ୟାଟିଂ କରିବି। କିନ୍ତୁ ଗିଲ୍ ଛାଡ଼ିଥିବା ୩ନଂ ସ୍ଥାନକୁ ନେଇ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ସାଇ ସୁଦର୍ଶନ ଓ କରୁଣ ନାଏରଙ୍କ ମଧ୍ୟରୁ ଜଣେ ୩ନଂ ସ୍ଥାନରେ ବ୍ୟାଟିଂ କରିବା ଏକ ପ୍ରକାର ନିଶ୍ଚିତ ରହିଛି। ଉଭୟଙ୍କୁ ଏକାଦଶରେ ସ୍ଥାନ ଦେବାକୁ ମଧ ବିଚାର କରାଯାଉଛି। ୬ନଂ ସ୍ଥାନରେ ଜଣେ ସ୍ପେଶାଲିଷ୍ଟ ବ୍ୟାଟରଙ୍କୁ ଖେଳାଇବାକୁ ଟିମ ମ୍ୟାନେଜମେଣ୍ଟ ଚିନ୍ତା କରୁଛି।

**ନାଏର ଦାବିଦାର:** ୮ବର୍ଷ ପରେ ଟେଷ୍ଟ ଦଳକୁ ଫେରିଥିବା କରୁଣ ନାଏର ଏକାଦଶରେ ସ୍ଥାନ ପାଇବା ସହ ୩ନଂ ସ୍ଥାନରେ ବ୍ୟାଟିଂ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଭାରତୀୟ ଦଳର ଅଭ୍ୟାସ ଶିବିରୁ ଯାହା ଜଣାପଡୁଛି, ନାଏରଙ୍କ ଅଭିଜ୍ଞତାକୁ ପ୍ରାଥମିକତା ମିଳିବ। ସେ ନୂଆ ବଲ୍‌ରେ ଢେର ସମୟ ବ୍ୟାଟିଂ ଅଭ୍ୟାସ କରିଥିଲେ। ଅନ୍ୟ ପଟରେ ସୁଦର୍ଶନ ଅଧିକାଂଶ ସମୟ ଥ୍ରୋ'ଡାଉନ୍ସରେ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଥିଲା। ସ୍ଲିପ କ୍ୟାଚ୍ ଅଭ୍ୟାସ ସମୟରେ ନାଏର ପ୍ରଥମ ସ୍ଲିପ୍‌ରେ ଫିଲ୍ଡିଂ କରିଥିଲେ। ରାହୁଲ ଦ୍ୱିତୀୟ ସ୍ଲିପ୍, ଗିଲ୍ ତୃତୀୟ ସ୍ଲିପ୍ ଓ ଯଶସ୍ୱୀ ଜୈସ୍ୱାଲ୍ ଗଲି ଅଞ୍ଚଳରେ ଫିଲ୍ଡିଂ କରୁଥିବା ଦେଖିବାକୁ ମିଳିଥିଲା। ନାଏର ୩ନଂ ସ୍ଥାନରେ ଖେଳିଲେ ୬ନଂ ସ୍ଥାନ ପାଇଁ ସୁଦର୍ଶନ ଓ ନୀତିଶ କୁମାର ରେଡ୍ଡୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ନୀତିଶ ଗତ ବର୍ଡର-ଗାଭାସ୍କର ଟ୍ରଫିରେ ଶତକ ଅର୍ଜନ କରିଥିବାରୁ ଦୌଡ଼ରେ ରହିଛନ୍ତି। ଜାଡ଼େଜା ୭ନଂ ସ୍ଥାନରେ ବ୍ୟାଟିଂ କରିବେ।

**ପେସ୍ ବିଭାଗ ସମ୍ଭାଳିବେ ବୁମରା:** ଟେଷ୍ଟ ସିରିଜ ସହ ବିଶ୍ୱର ଶ୍ରେଷ୍ଠ ବୋଲର ଯଶପ୍ରୀତ ବୁମରାଙ୍କ କାର୍ଯ୍ୟଭାର ମଧ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେ ଅତି ବେଶୀରେ ୩ଟି ଟେଷ୍ଟ ଖେଳିବେ ବୋଲି ପ୍ରାଥମିକ ପର୍ଯ୍ୟାୟରେ ନିର୍ଦ୍ଧାରଣ କରାଯାଇଛି। ତେବେ ସେ ପ୍ରଥମ ଟେଷ୍ଟ ଖେଳିବା ନିଶ୍ଚିତ ରହିଛି। ସିରାଜ ତାଙ୍କ ସହ ନୂଆ ବଲ୍ ଆରମ୍ଭ କରିବେ। ଆକାଶ ଦୀପ ଓ ଦଳକୁ ଫେରିଥିବା ହର୍ଷିତ ରାଣାଙ୍କ ଉପସ୍ଥିତି ସତ୍ତ୍ୱେ ତୃତୀୟ ପେସ୍ ବୋଲର ସ୍ଥାନ ପାଇଁ ପ୍ରସିଦ୍ଧ କ୍ରିଷ୍ଣା ଆଗରେ ରହିଛନ୍ତି। ବଲ୍‌କୁ ଅତିରିକ୍ତ ବାଉନ୍ସ କରିବାର କ୍ଷମତାକୁ ନେଇ ପ୍ରସିଦ୍ଧଙ୍କୁ ଅଗ୍ରଧିକାର ମିଳିବ।

**ସର୍ଦ୍ଦୁଲ, ସୁନ୍ଦରଙ୍କ ମଧ୍ୟରୁ ଜଣେ:** ବ୍ୟାଟିଂ କ୍ରମକୁ ଲମ୍ବା କରିବା ଓ ୫ଜଣ ବୋଲର ନେଇ ଖେଳିବାକୁ ହେଲେ ସର୍ଦ୍ଦୁଲ ଠାକୁର ଓ ୱାସିଂଟନ ସୁନ୍ଦରଙ୍କ ମଧ୍ୟରୁ ଜଣଙ୍କୁ ଏକାଦଶରେ ସ୍ଥାନ ମିଳିବ। ଉଭୟ ୮ନଂ ସ୍ଥାନରେ ବ୍ୟାଟିଂ କରିବାର କ୍ଷମତା ରଖିଛନ୍ତି। ଠାକୁର ଉପଯୋଗୀ ବ୍ୟାଟିଂ କରିବେ ଓ ଉପଯୁକ୍ତ ସହଯୋଗୀ ପେସ୍ ବୋଲର ହେବେ। ପିଚ୍ ଅଧିକ ଶୁଖିଲା ହେବାର ସମ୍ଭାବନା ଥିଲେ ସୁନ୍ଦରଙ୍କୁ ଖେଳାଇବା ଉପଯୁକ୍ତ ହେବ। ତେଣୁ କୁଲଦୀପ ଯାଦବଙ୍କୁ ଏକାଦଶରେ ସ୍ଥାନ ମିଳିବା ସମ୍ଭାବନା କ୍ଷୀଣ।

## ଅଭ୍ୟାସ ବେଳେ ଆହତ ହେଲେ ନାୟାର



ନୂଆଦିଲ୍ଲୀ: ଭାରତ ଓ ଇଂଲଣ୍ଡ ମଧ୍ୟରେ ବହୁ ପ୍ରତୀକ୍ଷିତ ଟେଷ୍ଟ ସିରିଜ୍ ଆସନ୍ତାକାଲିଠୁ ଆରମ୍ଭ ହେବ। ତେବେ ଏହା ପୂର୍ବରୁ ଭାରତୀୟ ଦଳ ପାଇଁ ଆସିଛି ନିରାଶଜନକ ଖବର। ଦୀର୍ଘ ୮ ବର୍ଷ ପରେ ଟିମ୍ ଇଣ୍ଡିଆକୁ ପ୍ରତ୍ୟାବର୍ତ୍ତନ କରିଥିବା କରୁଣ ନାୟର ଅଭ୍ୟାସ ସମୟରେ ଆହତ ହୋଇଛନ୍ତି। ପ୍ରସିଦ୍ଧ କୃଷ୍ଣାଙ୍କ ଏକ ବଲ୍ ତାଙ୍କ ପେଟରେ ବାଜିଛି। କିଛି ସମୟ ସେ ବ୍ୟାଟିଂ କରିବା ଜାରି ରଖିଥିଲେ ହେଁ ନିଜକୁ ଫିଟ୍ ଅନୁଭବ କରି ନ ଥିଲେ। ଏହା ପରେ ସେ ଅଭ୍ୟାସ ବନ୍ଦ କରି ଦେଇଥିଲେ ଏବଂ ଫିଜିଓଙ୍କ ସହ କଥା ହୋଇଥିଲେ। ତେବେ କରୁଣ ନାୟରଙ୍କ ଏହି ଆହତ କେତେ ଗମ୍ଭୀର ତାହା ଜଣା ପଡ଼ିନାହିଁ। ଇଂଲଣ୍ଡ ଗସ୍ତରେ ଏହି ବ୍ୟାଟର ଦମଦାର ଫର୍ମରେ ଅଛନ୍ତି। ସେ ଅଭ୍ୟାସ ମ୍ୟାଚରେ ୨୫୯ ରନ କରି ସଭିଙ୍କୁ ପ୍ରଭାବିତ କରିଛନ୍ତି। କରୁଣ ନାୟର ଭାରତ ପାଇଁ ଶେଷ ଟେଷ୍ଟ ମ୍ୟାଚ୍ ୨୦୧୭ରେ ଖେଳିଥିଲେ। ୮ ବର୍ଷ ପରେ ସେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଚୂଡ଼ାନ୍ତ ଏକାଦଶରେ ସେ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ହେଲେ ମ୍ୟାଚ୍ ପୂର୍ବରୁ ଏହି ଆଘାତ ସମସ୍ୟା ତାଙ୍କ ସହ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି। ଯଦି କରୁଣ ନାୟର ଫିଟ୍ ଘୋଷିତ ନ ହୁଅନ୍ତି ତେବେ ଚୂଡ଼ାନ୍ତ ଏକାଦଶରେ ତାଙ୍କ ସ୍ଥାନ ଅନ୍ୟ କୌଣସି ଖେଳାଳି ନେଇ ପାରନ୍ତି। ଏମିତି ସ୍ଥିତିରେ ଅଭିମନ୍ୟୁ ଈଶ୍ୱରନଙ୍କ ନାଁ ସର୍ବାଗ୍ରେ ରହିଛି। ଈଶ୍ୱରନ ଦୀର୍ଘ ସମୟ ଧରି ଭାରତୀୟ ଏ ଦଳ ଓ ଘରୋଇ କ୍ରିକେଟରେ ପ୍ରଭାବଶାଳୀ ପ୍ରଦର୍ଶନ କରି ଆସିଛନ୍ତି। ତେବେ ମ୍ୟାଚ୍ ଦିନ ଟସ୍ ପୂର୍ବରୁ ଏହି ନିଷ୍ପତ୍ତି ନେବାକୁ ପଡିବ ଯେ, କାହାକୁ ଦଳରେ ସ୍ଥାନ ମିଳିବ। ଅନ୍ୟପଟେ ଇଂଲଣ୍ଡ ପ୍ରଥମ ଟେଷ୍ଟ ମୁକାବିଲା ପାଇଁ ଦଳ ଘୋଷଣା କରି ସାରିଛି।

# ପାକିସ୍ତାନ ବିପକ୍ଷରୁ ଭାରତର ଅଭିଯାନ



**ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍**

**ଦୁବାଇ, ୧୯।୬:** ଆଇସିସି ଓ ଆୟୋଜକ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ବୁଧବାର ଆସନ୍ତା ବର୍ଷ ହେବାକୁ ଥିବା ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଲାଗି ସୂଚୀ ପ୍ରକାଶ କରିଛି। ଏହି ୧୨ ଦଳୀୟ ଓ ୨୪ ଦିନିଆ ପ୍ରତିଯୋଗିତା ୨୦୨୬ ଜୁନ୍ ୧୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହି ପ୍ରତିଯୋଗିତାରେ ମୋଟ ୩୩ ମ୍ୟାଚ୍ ଖେଳାଯିବାକୁ ଥିଲା ବେଳେ ଇଂଲଣ୍ଡର ୭ଟି ଭେନ୍ୟୁ ଏଜ୍‌ବାଷ୍ଟନ୍, ହାମ୍‌ସାୟାରବୌଲ, ହେଡିଂଲେ, ଓଲ୍ଡଟ୍ରାଫୋର୍ଡ, ଦ ଓଭାଲ, ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡ ଓ ଲର୍ଡ୍ସରେ ହେବ। ଭାରତ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଜୁନ୍ ୧୪ରେ ଏଜ୍‌ବାଷ୍ଟନ୍‌ରେ ଖେଳାଯିବ। ୧୨ ତାରିଖରେ ଏଜ୍‌ବାଷ୍ଟନ୍‌ରେ ଖେଳାଯିବାକୁ ଥିବା ଉଦ୍‌ଘାଟନୀ ମୁକାବିଲାରେ ଇଂଲଣ୍ଡ ଓ ଶ୍ରୀଲଙ୍କା ମୁହାଁମୁହିଁ ହେବେ। ଜୁନ୍ ୩୦ ଓ ଜୁଲାଇ ୨ରେ ସେମିଫାଇନାଲ୍ ଦ୍ୱୟ ଦ ଓଭାଲରେ ଏବଂ ଜୁଲାଇ ୫ରେ ଫାଇନାଲ୍‌ରେ ଲର୍ଡସରେ ଖେଳାଯିବ। ଭାରତ ଗ୍ରୁପ୍-୧ରେ ୬ ଥରର ବିଜେତା ଅଷ୍ଟ୍ରେଲିଆ, ଉପବିଜେତା ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଏବଂ ଦୁଇ ଯୋଗ୍ୟ ଦଳ ସହ ରହିଛି। ଗ୍ରୁପ୍-୨ରେ ବିଜେତା ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ୍, ଶ୍ରୀଲଙ୍କା, ଆୟୋଜକ ଇଂଲଣ୍ଡ ଓ ଦୁଇ ଯୋଗ୍ୟ ଦଳ ରହିଛନ୍ତି। ଦୁଇ ଗ୍ରୁପ୍‌ର ଦୁଇଟି ଲେଖାଏଁ ଶ୍ରେଷ୍ଠ ଦଳ ସେମିଫାଇନାଲ୍‌ରେ ପହଞ୍ଚିବେ। ପାକିସ୍ତାନ ବିପକ୍ଷ ମ୍ୟାଚ୍ ପରେ ଭାରତ ୧୭ରେ ଯୋଗ୍ୟ ଦଳ (ହେଡିଂଲେ), ୨୧ରେ ଦକ୍ଷିଣ ଆଫ୍ରିକା (ଓଲ୍ଡ ଟ୍ରାଫୋର୍ଡ), ୨୫ରେ ଯୋଗ୍ୟ ଦଳ (ଓଲ୍ଡ ଟ୍ରାଫୋର୍ଡ) ଏବଂ ୨୮ରେ ଅଷ୍ଟ୍ରେଲିଆ (ଲର୍ଡ୍ସ) ସହ ଖେଳିବ।

## ୬ ବର୍ଷ ପରେ ଶୀର୍ଷକୁ ଫେରିଲେ ମନ୍ଧାନା



ନୂଆଦିଲ୍ଲୀ, ୧୯।୬: ଭାରତୀୟ ମହିଳା କ୍ରିକେଟ୍ ଦଳର ଉପଅଧିନାୟିକା ସ୍ମୃତି ମନ୍ଧାନା ଆଇସିସି ଦିନିକିଆ ମାନ୍ୟତାର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଶୀର୍ଷରେ ଥିବା ଦକ୍ଷିଣ ଆଫ୍ରିକା ଅଧିନାୟକ ଲୌରା ଓଲଭାର୍ଟଙ୍କ ୧୯ ପଏଣ୍ଟ୍ କମିଯିବାରୁ ମନ୍ଧାନା ୨୦୧୯ ପରେ ପୁଣି ଥରେ ଏହି ସ୍ଥାନରେ ପହଞ୍ଚିଛନ୍ତି। ମନ୍ଧାନାଙ୍କ ପଏଣ୍ଟ୍ ୭୨୭ ଥିଲା ବେଳେ ତାଙ୍କ ପଛକୁ ଇଂଲଣ୍ଡ ଅଧିନାୟିକା ନାତାଲି ସିଭର-ବ୍ରଣ୍ଟ (୭୧୯) ଏବଂ ଓଲଭାର୍ଟ (୭୧୯) ତୃତୀୟରେ ଅଛନ୍ତି। ଅନ୍ୟ ଦୁଇ ଭାରତୀୟ ଜେମିମା ରଡ୍ରିଗୁଏଜ ଓ ହର୍ମନପ୍ରୀତ କୌର ଯଥାକ୍ରମେ ୧୪ ଓ ୧୫ତମ ସ୍ଥାନରେ ଅଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩ ଜିଲ୍ଲାରେ...

କରାଇବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ବିଭାଗୀୟ ଶାସନ ସଚିବ ଅଶ୍ୱତି ଏସଙ୍କ ନିର୍ଦ୍ଦେଶ କ୍ରମେ ଆଜି କଟକ, ଯାଜପୁର ଓ ଭଦ୍ରକ ଜିଲ୍ଲାରେ ୩ଟି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ମିଳିତ ବିଶେଷଜ୍ଞ ଦଳ ପହଞ୍ଚି ଡାଇରିଆ ମୁକାବିଲାର ବିଭିନ୍ନ ଦିଗ ଉପରେ ସମୀକ୍ଷା ଜାରି ରଖିଛନ୍ତି। ଯାଜପୁର ଜିଲ୍ଲା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର, କେନ୍ଦ୍ରୀୟ ଟିମର ଡକ୍ଟର ଏନ୍. ସୋମାଲକର ଓ ଭାରତୀୟ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ନିର୍ଦ୍ଦେଶକ ଡକ୍ଟର ଗୀତାଞ୍ଜାଳୀ ରହିଛନ୍ତି। ସେହିପରି କଟକ ଜିଲ୍ଲା ପାଇଁ କେନ୍ଦ୍ରୀୟ ଟିମର ଡକ୍ଟର ବି ଦ୍ୱିବେଦୀ ଓ ଡକ୍ଟର ଏସ ମହାନ୍ତି ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ଜନସ୍ୱାସ୍ଥ୍ୟ ) ସଦସ୍ୟ ଭାବେ ଅଛନ୍ତି। ଆହୁରି ଭଦ୍ରକ ଜିଲ୍ଲାରେ ଡକ୍ଟର ପି ଘୋଷ ଓ ଡକ୍ଟର ଜି ଚୌଧୁରୀ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଶୁଭାଶିଷ ମହାନ୍ତି ସ୍ଥିତି ସମୀକ୍ଷା କରିଛନ୍ତି।

ଏହି ଟିମ୍‌ର ସଦସ୍ୟମାନେ ସମ୍ପୃକ୍ତ ଜିଲ୍ଲାରେ ଡାଇରିଆ ମୁକାବିଲା ଓ ନିରାକରଣ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଅନୁଧ୍ୟାନ କରିଛନ୍ତି। ସେମାନେ ମୁଖ୍ୟତଃ ପାନୀୟ ଜଳ ସ୍ରୋତଗୁଡ଼ିକର ବିଶୋଧିକରଣ, ଡାକ୍ତରଖାନାରେ ପ୍ରୋଟୋକଲ ଅନୁସାରେ ରୋଗୀଙ୍କ ଚିକିତ୍ସା, ରୋଗୀଙ୍କ ବିଷୟରେ ସଠିକ ତଥ୍ୟ ସଂଗ୍ରହର ସ୍ଥିତି ଅନୁଶୀଳନ କାର୍ଯ୍ୟ ଜାରି ରଖିଛନ୍ତି। ସ୍ଥିତି ଅନୁସାରେ କ୍ଷେତ୍ରସ୍ତରୀୟ ଟିମ ଓ ଡାକ୍ତରମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେଉଛନ୍ତି। କ୍ଷେତ୍ର ପରିଦର୍ଶନ ପରେ ଏହି ମିଳିତ ବିଶେଷଜ୍ଞ ଟିମର ସଦସ୍ୟମାନେ ସମ୍ପୃକ୍ତ ଜିଲ୍ଲାରେ ଗତକାଲି ଗଠନ ହୋଇଥିବା କୋର କମିଟି ସହ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟକ୍ରମ ନିର୍ଦ୍ଧାରଣରେ ସହଯୋଗ କରୁଛନ୍ତି। ଏହି ଟିମ୍‌ର ସଦସ୍ୟମାନେ ମଧ୍ୟ ମନ୍ତ୍ରୀ ଡ. ମହାଲିଙ୍ଗଙ୍କୁ ତୃଣମୂଳ ସ୍ତରର ସ୍ଥିତି ବିଷୟରେ ଅବଗତ କରାଇଛନ୍ତି।

ବୈଠକରେ ଶ୍ରୀମତୀ ଅଶ୍ୱତି ଯୋଗଦେଇ ବିଭାଗୀୟ ପ୍ରସ୍ତୁତିର ସମସ୍ତ ଦିଗ ବିଷୟରେ ମନ୍ତ୍ରୀଙ୍କୁ ସୂଚନା ଦେଇଛନ୍ତି। ଜିଲ୍ଲା ସ୍ତରରୁ ସମସ୍ତ ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ବୈଠକରେ ସାମିଲ ହୋଇ ଡାଇରିଆ ସଂକ୍ରମଣ ମୁକାବିଲା ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏଥିସହ ସରକାରଙ୍କ ବିଭିନ୍ନ ବିଭାଗ କିଭଳି ଭାବେ ଯୁଦ୍ଧକାଳୀନ ଭିତ୍ତିରେ ଡାଇରିଆ ନିରାକରଣ ଦିଗରେ କାର୍ଯ୍ୟରତ ଅଛନ୍ତି, ସେ ବିଷୟରେ ମଧ୍ୟ ଶାସନ ସଚିବ ମନ୍ତ୍ରୀଙ୍କ ନିକଟରେ ତଥ୍ୟ ଉପସ୍ଥାପନ କରିଛନ୍ତି।

ମିଶନ ଶକ୍ତି ବିଭାଗ ପକ୍ଷରୁ ଡାଇରିଆ ନିବାରଣ ପାଇଁ ମହିଳା ଏସଏଚଜି ସଦସ୍ୟଙ୍କ ମାଧ୍ୟମରେ ସଚେତନତା ଅଭିଯାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଭିଯାନ ଆସନ୍ତା ୮ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ। ସମସ୍ତ ମହିଳା ଏସଏଚଜି ସଦସ୍ୟା ପ୍ରତିଟି ପରିବାର ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇବେ। ସେମାନେ ସଚେତନତା ସମ୍ବନ୍ଧୀୟ ଆଇଇସି ସାମଗ୍ରୀ ବଣ୍ଟନ କରିବେ ଓ ଗ୍ରାମର ପ୍ରମୁଖ ସ୍ଥାନରେ ବୈଠକ ମାଧ୍ୟମରେ ପରିମଳ ଓ ସ୍ୱଚ୍ଛତା ବାର୍ତ୍ତା ସହ ଡାଇରିଆ ବିଷୟରେ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବେ। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଅଧିକାଂଶ ପାନୀୟ ଜଳ ବିଭାଜନରେ ପାନୀୟଜଳ ସ୍ରୋତ ଯଥା ନଳକୂଅ, ଖୋଲାକୂଅ ଆଦିର ବିଶୋଧନ ସମ୍ପୂର୍ଣ୍ଣ ହୋଇଛି ଓ ଅନ୍ୟ ସମସ୍ତ ବିଭାଜନରେ ମଧ୍ୟ ଏହି ଧାରା ଜାରି ରହିଛି। ସମସ୍ତ ପାନୀୟ ଜଳ ସ୍ରୋତକୁ ପରୀକ୍ଷା କରାଯାଉଛି। ଯେଉଁ ସ୍ରୋତରେ ବାରମ୍ବାର ସଂକ୍ରମଣ ରହୁଛି, ସେଭଳି କୂଅ ଓ ନଳକୂଅକୁ ସିଲ୍ କରାଯାଉଛି। ଗ୍ରାମାଞ୍ଚଳରେ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଆଶା, ଅଙ୍ଗନବାଡି ଦିଦିମାନେ ମଧ୍ୟ ଜଳ ବିଶୋଧନ ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

ଏଥିସହ କୌଣସି ପ୍ରକାର ସଂକ୍ରମଣକୁ ଏଡ଼ାଇବା ସକାଶେ ଭଦ୍ରକ ଜିଲ୍ଲାରେ ଅଙ୍ଗବାଡ଼ି କେନ୍ଦ୍ର ଓ ସ୍କୁଲ୍ ଆଦିରେ ଖରାଛୁଟିକୁ ଜୁନ ୨୩ ତାରିଖ ପର୍ଯ୍ୟନ୍ତ ଏବଂ ଯାଜପୁର ଜିଲ୍ଲାରେ ୨୪ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ବିଭିନ୍ନ ଖାଦ୍ୟ ନିରାପତ୍ତା ଦଳ ମଧ୍ୟ ହୋଟେଲ, ରାସ୍ତାକଡ ଦୋକାନ, ଢାବାର ଖାଦ୍ୟ ପରୀକ୍ଷା କରୁଛନ୍ତି। ଡାଇରିଆ ନିୟନ୍ତ୍ରଣ ପାଇଁ ସମସ୍ତ ପାଇପ ଜଳଯୋଗାଣ ବ୍ୟବସ୍ଥାକୁ କ୍ଲୋରିନ୍‌ରେ ବିଶୋଧନ କରାଯାଉଛି। ସମସ୍ତ କୂଅ, ନଳକୂପ ଏବଂ ଅଗଭୀର ନଳକୂପଗୁଡ଼ିକୁ ବିଶୋଧନ କରାଯାଉଛି। ସମସ୍ତ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଥିବା ପାଣିଟାଙ୍କିକୁ ସଫା କରାଯିବା ସହ ଜଳ ଉତ୍ସଗୁଡ଼ିକୁ ମଧ୍ୟ ବିଶୋଧନ କରାଯାଉଛି। ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଯଥେଷ୍ଟ ପରିମାଣର ବ୍ଲିଚିଂ ପାଉଡର ଓ କ୍ଲୋରିନ୍ ଟାବ୍‌ଲେଟ୍ ମହଜୁଦ ରଖାଯାଇଛି। ସମସ୍ତ ଜଳସାଥୀଙ୍କୁ ବିଭିନ୍ନ ଜଳ ବ୍ୟବହାର କରାଯାଉଥିବା ସ୍ଥାନରୁ ଜଳ ନମୁନା ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ପ୍ରଶାସନ, ପଞ୍ଚାୟତିରାଜ ବିଭାଗ ସହ ସମନ୍ୱୟ ରକ୍ଷାକରି ପ୍ରତିଦିନ ଜଳ ନମୁନା ପରୀକ୍ଷା ପାଇଁ ସଂଗ୍ରହ କରାଯାଉଛି । ପରୀକ୍ଷଣର ଫଳକୁ ପ୍ରତ୍ୟେକ ଦିନ ଜିଲ୍ଲା ପ୍ରଶାସନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ୱାଟ୍‌କୋ କାର୍ଯ୍ୟାଳୟକୁ ପଠାଯାଉଥିବା ବୈଠକରେ ସୂଚନା ଦିଆଯାଇଛି। ବୈଠକରେ ମନ୍ତ୍ରୀ ଡ. ମହାଲିଙ୍ଗ ଝାଡ଼ାବାନ୍ତିରେ ଆକ୍ରାନ୍ତ ଦିବ୍ୟାଙ୍ଗ, ଶିଶୁ, ମହିଳା ଓ ବରିଷ୍ଠ ନାଗରିକଙ୍କ ଚିକିତ୍ସା ପ୍ରତି ସ୍ୱତନ୍ତ୍ର ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଆସୁଛନ୍ତି...

ଅନ୍ୟପକ୍ଷରେ ଆସନ୍ତାକାଲି ସ୍ଥାନୀୟ ଜନତା ମୈଦାନଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାବେଶ ପାଇଁ ଚାଲିଥିବା ପ୍ରସ୍ତୁତିର ଚୂଡ଼ାନ୍ତ ଅନୁଧ୍ୟାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୂର୍ବରୁ ଏଠାରେ ସୁରକ୍ଷା ବ୍ୟବସ୍ଥାର ତଦାରଖ ଓ ଅନ୍ୟାନ୍ୟ ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କ୍ୟାବିନେଟ୍‌ର ଦୁଇ ଜଣ ପ୍ରମୁଖ ସଦସ୍ୟ ଶିଳ୍ପ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଥିଲେ। ଆଜି ନିଜେ ମୁଖ୍ୟମନ୍ତ୍ରୀ ଜନତା ମୈଦାନରେ ପହଞ୍ଚି ସବୁକିଛି ତନ୍ନ ତନ୍ନ କରି ଦେଖିଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ସଭାସ୍ଥଳ ବୁଲି ଦେଖିବା ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯେପରି କୌଣସି ତ୍ରୁଟି ନରହେ, ସେଥିପ୍ରତି ସଜାଗ ରହିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ବିଳମ୍ବିତ ସନ୍ଧ୍ୟା ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ସହ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ସହପ୍ରଭାରୀ ଲତା ଉଷେଣ୍ଡି ମଧ୍ୟ ପ୍ରସ୍ତୁତି କାର୍ଯ୍ୟର ତଦାରଖ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ୍ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅନୁଧ୍ୟାନ ସମୟରେ ଉପସ୍ଥିତ ଥିଲେ।

## ସରକାରୀ...

କାର୍ଯ୍ୟାଳୟ ସକାଶେ ଏପରି ନିର୍ଦ୍ଦେଶନାମା ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏଥିସହ ରାଜସ୍ୱ ଓ ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ପାଇଁ ମଧ୍ୟ ଏହା ଲାଗୁ ହେବ ବୋଲି କୁହାଯାଇଛି। ସହରରେ ଅତ୍ୟଧିକ ଭିଡ଼ ଓ ଟ୍ରାଫିକ୍ ସମସ୍ୟା ଆଶଙ୍କା କରି ଏହି ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଯେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓଡ଼ିଶା ଗସ୍ତରେ ଆସି ସ୍ଥାନୀୟ ଜନତା ମୈଦାନଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାବେଶରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୧୯ ହଜାର କୋଟିର ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବେ। ୧୦୫ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବେ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ବିମାନବନ୍ଦରରୁ ସେ ତ୍ରିରଙ୍ଗା ଯାତ୍ରାରେ ଯୋଗଦେବେ। କଳିଙ୍ଗ ଷ୍ଟାଡିୟମ୍‌ଠାରୁ ସେ ଏକ ବିଶାଳ ରୋଡ୍ ଶୋ' ମାଧ୍ୟମରେ ଜନତା ମୈଦାନ ପର୍ଯ୍ୟନ୍ତ ଯିବେ। ଏହି କାର୍ଯ୍ୟକ୍ରମରେ ପାଖାପାଖି ୨ ଲକ୍ଷ ଲୋକଙ୍କ ସମାବେଶ ହେବାର ସମ୍ଭାବନା ରହିଛି। ରାଜ୍ୟସ୍ତରୀୟ ସମାବେଶରେ ପ୍ରଧାନମନ୍ତ୍ରୀ ବୟୋବନ୍ଦନା କାର୍ଡ ଓ ଅନ୍ତ୍ୟୋଦୟ ଘର ବଣ୍ଟନ କରିବାର କାର୍ଯ୍ୟକ୍ରମ ବି ରହିଛି। ଏହାଛଡ଼ା ଲକ୍ଷପତି ଦିଦିଙ୍କୁ ପ୍ରଧାନମନ୍ତ୍ରୀ ଭେଟିବାର କାର୍ଯ୍ୟକ୍ରମ ବି ରହିଥିବା ଶ୍ରୀ ସାମଲ ପୂର୍ବରୁ ସୂଚନା ଦେଇସାରିଛନ୍ତି।

## ମନ୍ତ୍ରିସ୍ତରୀୟ...

ପ୍ରଶାସନ କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ କମିଟି ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା ମଧ୍ୟ କରିଥିଲେ। ଏଥର ଶୃଙ୍ଖଳିତ ରଥଯାତ୍ରା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ତିନି ରଥ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ରୀତିନୀତି ଅନୁଯାୟୀ ଚାଲିଛି ବୋଲି ସେ କହିଛନ୍ତି। ଅନ୍ୟପଟେ ପୁରୀ ମେଡିକାଲ ପରିସର ବୁଲି ଦେଖିବା ସହ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଉଚ୍ଚସ୍ତରୀୟ କମିଟିର ସଦସ୍ୟମାନେ। ରଥଯାତ୍ରା ସମୟରେ ଅଧିକ ଡାକ୍ତର ନିୟୋଜିତ ହେବା ସହ ୭୪ଟି ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ବର୍ଣ୍ଣ ୟୁନିଟର ବେଡ଼ ସଂଖ୍ୟା ବଢ଼ାଯିବା ସହ କଣ୍ଟ୍ରୋଲ ରୁମ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ସେମାନେ କହିଥିଲେ।

## ୪ କୃଷି...

ବିଜ୍ଞାନ ଓ ପଶୁପାଳନ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ଜରୁରୀ। ଏହି ପ୍ରତିଷ୍ଠାନ ତାଲିମପ୍ରାପ୍ତ ପଶୁଚିକିତ୍ସା ବିଶେଷଜ୍ଞ, ଗବେଷକ ଓ ବୃତ୍ତିଗତଙ୍କ ପାଇଁ ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବ। ଏହା ପଶୁସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, ପଶୁପାଳନ ଉତ୍ପାଦନ ବୃଦ୍ଧି କରିବା ଓ ଜୁନୋଟିକ୍ ରୋଗରୁ ଜନସ୍ୱାସ୍ଥ୍ୟକୁ ସୁରକ୍ଷା ଦେବାରେ ସିଧାସଳଖ ଯୋଗଦାନ ଦେବ। ଦ୍ୱିତୀୟତଃ ଏଠାରେ ଦୁଗ୍ଧ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ ସ୍ଥାପିତ ହେବା ଦରକାର। ଏହା ଦୁଗ୍ଧ ଚାଷର ଗୁରୁତ୍ୱ ପ୍ରଦାନ କରିବା ସହ ଦକ୍ଷ ମାନବ ସମ୍ବଳ ପ୍ରଦାନ କରିବ। ଦୁଗ୍ଧ ପ୍ରଯୁକ୍ତିବିଦ୍ୟାରେ ଗବେଷଣାକୁ ପ୍ରୋତ୍ସାହିତ କରିବ ଓ ଦୁଗ୍ଧ କାର୍ଯ୍ୟର ଗୁଣବତ୍ତା ସହ ଦକ୍ଷତାକୁ ଉନ୍ନତ କରିବ। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଦୁଗ୍ଧ ଆଧାରିତ ଆର୍ଥିକ ବିକାଶକୁ ମଧ୍ୟ ସମର୍ଥନ ମିଳିବ। ସେହିପରି ତୃତୀୟତଃ ମତ୍ସ୍ୟ ମହାବିଦ୍ୟାଳୟ ମଧ୍ୟ ଏଠାରେ ପ୍ରତିଷ୍ଠା ହେବା ଜରୁରୀ। ସାମ୍ପ୍ରତିକ ସମୟରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା କୃଷି ସମ୍ପର୍କିତ ଉପ କ୍ଷେତ୍ର ମଧ୍ୟରୁ ଏହା ଅନ୍ୟତମ। ମତ୍ସ୍ୟଚାଷ ପାଇଁ କେନ୍ଦ୍ରିତ ଶୈକ୍ଷିକ ଓ ବ୍ୟବହାରିକ ତାଲିମ ଆବଶ୍ୟକ। ଏକ ମତ୍ସ୍ୟଚାଷ ମହାବିଦ୍ୟାଳୟ ଜଳକୃଷି, ମତ୍ସ୍ୟଚାଷ ପରିଚାଳନା ଓ ଅମଳ ପରବର୍ତ୍ତୀ ପ୍ରଯୁକ୍ତି ବିଦ୍ୟାରେ କ୍ଷମତା ନିର୍ମାଣ କରିବାରେ ସାହାଯ୍ୟ କରିବ। ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବ। ଏହାଛଡ଼ା ଚତୁର୍ଥରେ କୃଷି ବ୍ୟବସାୟ ପରିଚାଳନା ମହାବିଦ୍ୟାଳୟ। ଏହାଦ୍ୱାରା କୃଷି କ୍ରମଶଃ ବଜାରମୁଖୀ ହେବା ସହ କୃଷି ବ୍ୟବସାୟ, ଯୋଗାଣ ଶୃଙ୍ଖଳା ପରିଚାଳନା, ମାର୍କେଟିଂ ଓ ଖାଦ୍ୟ ପ୍ରକ୍ରିୟାକରଣରେ ବିଶେଷ ଅଭିଜ୍ଞତା ଥିବା ବୃତ୍ତିଗତଙ୍କ ଆବଶ୍ୟକତା ରହିଛି। ଏପରି ଏକ ପ୍ରତିଷ୍ଠାନ ଯୁବପିଢ଼ିକୁ କୃଷି ମୂଲ୍ୟ ଶୃଙ୍ଖଳାରେ ନେତୃତ୍ୱ ନେବା ସହ ନବସୃଜନକୁ ସଶକ୍ତ କରିବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହୁରି ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁରର ଚିପିଲିମାଠାରେ ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ଓୟୁଏଟି) ନିକଟରେ ପୂର୍ବରୁ ଜମି, କିଛି ଶିକ୍ଷାଗତ ଓ ଗବେଷଣା ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ସୁବିଧା ରହିଛି। ଏଥିସହ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ପାଖରେ ଅବ୍ୟବହୃତ ଜମି ରହିଛି, ଯାହାକୁ ଏହି ଉଦ୍ଦେଶ୍ୟରେ ପ୍ରଭାବଶାଳୀ ଭାବେ ବ୍ୟବହାର କରାଯାଇପାରିବ। ତେଣୁ ଏହି ପ୍ରସ୍ତାବିତ ପ୍ରତିଷ୍ଠାନଗୁଡ଼ିକ ଏଠାରେ ପ୍ରତିଷ୍ଠା ହୋଇପାରିବ। ପ୍ରସ୍ତାବିତ ଏହି କଲେଜଗୁଡ଼ିକ ପ୍ରତିଷ୍ଠା କରିବା ଦ୍ୱାରା ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ କେବଳ ବୈଷୟିକ ଏବଂ ଉଦ୍ୟୋଗୀ କ୍ଷମତା ସୃଷ୍ଟି ହେବ ନାହିଁ ବରଂ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଚାଷୀମାନଙ୍କ ପାଇଁ କ୍ଷେତ୍ର-ନିର୍ଦ୍ଦିଷ୍ଟ ଗବେଷଣା ଏବଂ ସମ୍ପ୍ରସାରଣ ସେବା ମଧ୍ୟ ସୁନିଶ୍ଚିତ ହେବ। ଏହି ବିଷୟକୁ ଦୃଷ୍ଟିରେ ରଖି ପ୍ରସ୍ତାବଗୁଡ଼ିକର ଅନୁମୋଦନ ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି। ଏହି ପ୍ରତିଷ୍ଠାନଗୁଡ଼ିକର ପ୍ରତିଷ୍ଠା ଗ୍ରାମୀଣ ଯୁବକମାନଙ୍କୁ ନୂତନ କୌଶଳ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବାରେ ବହୁତ ସାହାଯ୍ୟ କରିବ। ଫଳସ୍ୱରୂପ ସମ୍ବଲପୁର ଅଞ୍ଚଳ ଓ ସମଗ୍ର ରାଜ୍ୟର ସୁସ୍ଥ ଆର୍ଥିକ ବିକାଶ ସୁନିଶ୍ଚିତ ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେହିପରି ସମ୍ପୂର୍ଣ୍ଣ ସିସିଟିଭି ନଜରରେ ମେଡିକାଲ ରହିଥିବା ବେଳେ ଉତ୍ତମ ଚିକିତ୍ସା ପ୍ରଦାନ ନିମନ୍ତେ ମେଡିକାଲ ଟିମ ପ୍ରସ୍ତୁତ ରହିଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି। ମେଡିକାଲ ବୁଲି ଦେଖିବା ପରେ ଗୁଣ୍ଡିଚା ମନ୍ଦିର ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ଉଚ୍ଚସ୍ତରୀୟ ଟିମ। ଉପମୁଖ୍ୟମନ୍ତ୍ରୀଙ୍କ ସହ ନଗର ଉନ୍ନୟନ ମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ପରିବହନ ମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସପି, ଅତରିକ୍ତ ଡିଜି, କେନ୍ଦ୍ରାଞ୍ଚଳ ଆଇଜି ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଏହି ସମୟରେ ଉପସ୍ଥିତ ଥିଲେ।

## ବିମାନବନ୍ଦର...

ହଟାଯିବ। ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ସେଗୁଡ଼ିକୁ ଭାଙ୍ଗିବା କିମ୍ବା ଉଚ୍ଚତା କମାଇବାକୁ ପଡ଼ିବ। ବ୍ୟବସ୍ଥା ଅନୁସାରେ ଘର ମାଲିକ କ୍ଷତିପୂରଣ ପାଇଁ ଆବେଦନ କରିପାରିବେ। ସମ୍ପୃକ୍ତ ମାଲିକଙ୍କୁ କ୍ଷତିପୂରଣ ମଧ୍ୟ ପ୍ରଦାନ କରିବା ଦିଗରେ ବିଭାଗ ପଦକ୍ଷେପ ନେବ। ନିର୍ଦ୍ଧାରିତ ସମୟସୀମା ଭିତରେ ଘର ଭାଙ୍ଗିବା ସହ ଗଛର ଉଚ୍ଚତା କମାଇବାକୁ ହେବ। ଯଦି କୌଣସି ମାମଲାରେ ଘର ମାଲିକ ଧାର୍ଯ୍ୟ ସମୟ ମଧ୍ୟରେ ଅବରୋଧ କରୁଥିବା ଘରକୁ ଭାଙ୍ଗିବା କିମ୍ବା ଗଛର ଉଚ୍ଚତା କମ୍ କରିବାରେ ବିଫଳ ହୁଅନ୍ତି, ତା'ହେଲେ ସେ ସମ୍ପର୍କରେ ତାଙ୍କୁ ବିମାନବନ୍ଦର ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରାଇବାକୁ ପଡ଼ିବ। ଜିଲ୍ଲାପାଳଙ୍କ ହସ୍ତକ୍ଷେପରେ ଘର ଭଙ୍ଗାଯିବ ବା ଗଛର ଉଚ୍ଚତା କମାଯିବା ଦିଗରେ ପଦକ୍ଷେପ ନିଆଯିବ।

## ଅରୁଣଙ୍କୁ ...

ତାହାକୁ ନେଇ ବିଜେଡିର ଗୋଟିଏ ଗୋଷ୍ଠୀ ଅଙ୍କକଷା ଆରମ୍ଭ କରିଦେଇଛନ୍ତି। ତେଣୁ ମୋହନ ସରକାରକୁ ଟକ୍କର ଦେବାକୁ ହେଲେ ଅରୁଣଙ୍କ ଭଳି ବିଜୁ ପରିବାରର ଜଣେ ଯୁବ ଚେହେରାଙ୍କ ସପକ୍ଷରେ ଦଳର ଅନେକ ନେତା ଅଛନ୍ତି। ବିଜୁଙ୍କ ପରେ ରାଜନୀତିର ଧାର ଧାରିନଥିବା ନବୀନ ଯେଭଳି ଓଡ଼ିଶାକୁ ୨୫ ବର୍ଷ ଧରି ଶାସନ କଲେ, ସେହି ଫର୍ମୁଲାରେ ଅରୁଣ ଆସିବା ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଦଳରେ ନିଜକୁ ଦୁଇ ନମ୍ବର ଓ ଚାଣକ୍ୟ ବୋଲି କହି ବୁଲୁଥିବା କିଛି ନେତା ବିଜେଡିର ଉତ୍ତରାଧିକାରୀ ହେବା ନେଇ ଆଶାବାନ୍ଧି ବସିଥିବାରୁ ସେମାନେ କ'ଣ କରିବେ, ତାହାକୁ ନେଇ ବି ଚର୍ଚ୍ଚା ଆରମ୍ଭ ହୋଇଛି। ଆଶାୟୀ ଅରୁଣଙ୍କ ଶରଣରେ ରହିବେ ନା ଦଳରେ ବିଦ୍ରୋହ କରି ବାଟ କାଟିବେ, ତାହା ଆଗାମୀ ଦିନରେ ହିଁ ଜଣାପଡ଼ିବ।

## ୧୨ ହାର୍ଡକୋର ...

କରୁଛନ୍ତି । ଏହାପରେ ସେମାନଙ୍କ ସରକାରଙ୍କ ନିୟମ ଅନୁସାରେ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଉଛି। ଏହିକ୍ରମରେ ମାଲକାନଗିରି ସୀମାନ୍ତ ତେଲେଙ୍ଗାନା ଭଦ୍ରାଦ୍ରୀ କୋତାଗୁଡେମ ଜିଲ୍ଲା ଏସ୍‌ପିଙ୍କ ନିକଟରେ ୧୨ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀ ବିଭିନ୍ନ ହିଂସାରେ ସାମିଲ ଥିବା ଜଣାପଡିଛି । ତେବେ ଆତ୍ମସମର୍ପଣ ପରେ ସମସ୍ତ ମାଓବାଦୀଙ୍କୁ ସବୁ ସହଯୋଗ ଯୋଗାଇ ଦିଆଯିବ ବୋଲି ଏସ୍‌ପି କହିଛନ୍ତି ।

# ଶାଣିତ ହେଉନି ବିରୋଧୀ ସ୍ୱର!

- ସ୍ମାରକପତ୍ରରେ ସୀମିତ 'ବିଜେଡି'
- ଶକ୍ତି ପ୍ରଦର୍ଶନରେ ଅସମର୍ଥ 'କଂଗ୍ରେସ'

**ବ୍ରହ୍ମପୁର, ୧୯।୬ (ସଂଚାର ବ୍ୟୁରୋ) :** ରାଜନୈତିକ ଛକାପଞ୍ଝାରେ ସର୍ବଦା ଚର୍ଚ୍ଚାରେ ରହି ଆସିଛି ଗଞ୍ଜାମ ଜିଲ୍ଲା। ବିଭିନ୍ନ ସମୟରେ ସରକାର ଓ ପ୍ରଶାସନର ବିଫଳତା ବିରୋଧରେ ସ୍ୱର ଉତ୍ତୋଳନ କରିବାରେ ଏହି ଜିଲ୍ଲା ଶୀର୍ଷରେ ରହି ଆସୁଥିଲା। ସମ୍ପ୍ରତି ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଲମ୍ବା ସମୟ ଧରି ରାଜ୍ କରୁଥିବା ଶଙ୍ଖ ଦଳକୁ ପଛରେ ପକାଇ ବିଜେପି କ୍ଷମତା ହାସଲ କରିବାର ନିକଟରେ ଗୋଟିଏ ବର୍ଷ ପୂରଣ ହୋଇଛି। ପ୍ରଥମ ବର୍ଷରେ ହିଁ ସରକାରଙ୍କ ଅନେକ ଉପଲବ୍ଧିକୁ ନେଇ ପଦ୍ମ ପାର୍ଟି ଏବେ ଲୋକଙ୍କ ମୁହାଁ।

ତେବେ ଗୋଟିଏ ବର୍ଷରେ ରାଜ୍ୟ ଭାଜପା ସରକାରଙ୍କୁ ନେଇ ଅନେକ ପ୍ରଶ୍ନ ମଧ ଠିଆ ହୋଇଛି। ବିଶେଷ କରି ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଯେ ସମ୍ପୂର୍ଣ୍ଣ ଢିଲା ଏ କଥା କାହାକୁ ଅଛପା ନାହିଁ। ପ୍ରତ୍ୟେକ ଦିନ ଚୋରି, ଡକାୟତି, ହତ୍ୟା, ଯୁବତୀ ଅପହରଣ,ଦୁଷ୍କର୍ମ,ଗଣଦୁଷ୍କର୍ମ ଭଳି ଖବର ସାମ୍ନାକୁ ଆସୁଥିଲେ ବି କେବଳ ଆଲୋଚନା ଓ ସ୍ମାରକପତ୍ରରେ ସ୍ଥାନୀୟ ବିରୋଧୀ



ଦଳ ନେତାଏ ବସି ରହିଥିବା କୁହାଯାଉଛି। ନିକଟରେ ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦୁଇ ଦୁଇଟି ଗଣଦୁଷ୍କର୍ମ ମାମଲା ଘଟିଥିବା ବେଳେ ଉଭୟ ଘଟଣାରେ ବିଜେଡି ଓ କଂଗ୍ରେସର ଆଭିମୁଖ୍ୟ ଦ୍ୱନ୍ଦ୍ୱରେ ରହିଛି। ଉଭୟ ଦଳ ସ୍ଥାନୀୟ ଅଧିକାରୀଙ୍କୁ ଭେଟି ଆଇନଶୃଙ୍ଖଳା ବିଗିଡିବା ଏବଂ ମହିଳା ଅସୁରକ୍ଷିତ ଥିବା ନେଇ ଜଣାଇବା ସହ ଦୋଷୀଙ୍କ ବିରୋଧରେ କୋଠର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କିନ୍ତୁ ଏହା କେବଳ ଲୋକ ଦେଖାଣିଆ ବିରୋଧ ବୋଲି ସାଧାରଣରେ ଆଲୋଚନା ହେଉଛି। ବିଜେଡି ସରକାର ସମୟରେ ବିରୋଧୀ ଯେଉଁଭଳି ଜିଲ୍ଲା ଏବଂ ଖାସ୍ କରି ବ୍ରହ୍ମପୁରରେ ପ୍ରତିବାଦ ଓ ଆନ୍ଦୋଳନ କରୁଥିଲେ,ତାହା ଏବେ ଦେଖିବାକୁ ମିଳୁନି।

ଚର୍ଚ୍ଚା ପ୍ରକାରେ, ଗଞ୍ଜାମ ଏବଂ ବ୍ରହ୍ମପୁରରେ ଆଭ୍ୟନ୍ତରୀଣ ଗୋଷ୍ଠୀ ବିବାଦ ଯୋଗୁଁ ପ୍ରମୁଖ ବିରୋଧୀ ଦଳ ବିଜେଡି ଅଟକି ରହିଛି। ବ୍ରହ୍ମପୁର ଶଙ୍ଖ କ୍ୟାମ୍ପରେ ଗୋଷ୍ଠୀ ବିଭାଜନ ଦଳ ଏବଂ ଦଳୀୟ ନେତାଙ୍କ ପାଇଁ କାଳ ସାଜିଛି। ସେହିପରି ଅନ୍ୟତମ ବିରୋଧି ଦଳ କଂଗ୍ରେସର ଅବସ୍ଥା ନ କହିବା ଭଲ। ଜିଲ୍ଲାରେ ନେତାଙ୍କ ଅଭାବରୁ ଦଳ ଆଗେଇ ପାରୁନି। ଅନ୍ୟାନ୍ୟ ଦଳ ଓ ସଂଗଠନ ଗୁଡିକ ଯଦିଓ ସ୍ୱର ଉଠାଇବାକୁ ଉଦ୍ୟମ କରୁଛନ୍ତି, ତାହା କିନ୍ତୁ ଆଖି ଦୃଶିଆ ହୋଇପାରୁନାହିଁ। ଫଳରେ ଗଞ୍ଜାମ ସମେତ ବ୍ରହ୍ମପୁରରେ ସରକାର ଓ ପ୍ରଶାସନର ବିଫଳତାକୁ ଟାର୍ଗେଟ୍ କରିବାର ଶକ୍ତି ବିରୋଧୀ ଦଳଙ୍କ ପାଖରେ ନଥିବା ସାଧାରଣରେ ଆଲୋଚନା ହେବା ସହ ନେତାଙ୍କ ସ୍ୱର ଶାଣିତ ହୋଇପାରୁନଥିବା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



## ଭିଙ୍ଗାରପୁର-କୁରାଙ୍ଗପଧାନ ରାସ୍ତାର ଭିତ୍ତିପ୍ରସ୍ତର

**ବାଲିଅନ୍ତା, ୧୯।୬ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର-କୁରାଙ୍ଗପଧାନ ଗ୍ରାମ ଉନ୍ନୟନ ବିଭାଗ ରାସ୍ତା ନବୀକରଣ ନେଇ ଆଜି ପୂର୍ବାହ୍ନରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଓ ଜୟଦେବ ବିଜେପି ମୁଖ୍ୟ ସଂଗଠକ ଚୌଧୁରୀ ଦ୍ୱାରିକା ନାଥ ଦାଶ (ବାବି) ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାସ୍ତା ନବୀକରଣ କାର୍ଯ୍ୟ ନେଇ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୨ କୋଟି ୬୦ ଲକ୍ଷ ୨୫ ହଜାର ଟଙ୍କା ମଞ୍ଜୁର ହୋଇଛି। ୨ କିମି ୩୦୦ ମିଟର ବିଶିଷ୍ଟ ରାସ୍ତା ମଧ୍ୟରୁ ୧୯୧ ମିଟର ପିଚୁ, ୭୭୦ ମିଟର କଂକ୍ରିଟ୍, ୧୨୫୪ ମିଟର ପେବର ବ୍ଲକ, କଲଭର୍ଟ, ୮୯୦ ମିଟର ପ୍ରୋଟେକସନ ୱାଲ, ୩୧୦ ମିଟର ଲାଇନିଂ ଡ୍ରେନ ନିର୍ମାଣ କରାଯିବ। ଏନେଇ ଆୟୋଜିତ ସଭାରେ ଦ୍ୱାରିକା ନାଥ ଅଧକ୍ଷତା କରିଥିଲେ। ଏହି ଅବସରରେ ସାଂସଦ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସମଗ୍ର ଜୟଦେବ ନିର୍ବାଚନମଣ୍ଡଳୀକୁ ସଂଯୋଗ କରାଯାଇ ପାରିଥିବା କହିଥିଲେ। ଦ୍ୱାରିକା ନାଥ ସାଂସଦଙ୍କ ତତ୍ତ୍ୱାବଧାନରେ ଜୟଦେବ ବିକାଶଧାରା ଜାରି ରହିବ ବୋଲି କହିଥିଲେ। ଗ୍ରାମ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ନାୟକ, ସହକାରୀ ଯନ୍ତ୍ରୀ ଚକ୍ରଧର ବେହେରା ପ୍ରମୁଖ ନିର୍ମାଣ କାର୍ଯ୍ୟ ନେଇ ସବିଶେଷ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁର ରାୟ, ପୂର୍ବତନ ବାଲିପାଟଣା ବ୍ଲକ ଅଧକ୍ଷ ଶଶିଭୂଷଣ ପାତ୍ରଙ୍କ ସମେତ ସ୍ଥାନୀୟ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ୧ ଗୁରୁତର

- ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଲେ ବିଧାୟକ

**ବୋରିଗୁମ୍ମା/କୋଟପାଡ଼, ୧୯।୬ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା କୋଟପାଡ଼ ଅଞ୍ଚଳରେ ବୁଧବାର ଦିନ ୨ଟି ସ୍ଥାନରେ ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତର ହେଇଥିବା ଜଣାପଡିଛି। ଚିଲିଗୁଡା ରାସ୍ତାରେ ଫୁପୁଗାଁ ଗ୍ରାମର ନୀଳାମ୍ବର ନାୟକ(୫୦) ନିଜ ବାଇକ ନେଇ କୌଣସି କାମରେ ବୋବେୟା ଯାଇ ଫେରୁଥିବା ସମୟରେ ଉକ୍ତ ରାସ୍ତାରେ ଦୁର୍ଘଟଣା ଘଟିଥିଲା । ତାଙ୍କ ବାଇକ୍ ରାସ୍ତା ଉପରେ ପଡିଥିବା ବେଳେ ସେ ରାସ୍ତା ପାର୍ଶ୍ୱରେ ଏକ ନାଳରେ ପଡିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହେଇଥିବା ଉପସ୍ଥିତ ଲୋକେ କହିଛନ୍ତି। ସେହିଭଳି ଅପରାହ୍ନ ୫ଟାରେ ଅମରକୋଟରୁ ଜଗଦଲପୁର ଯାଉଥିବା ଗୁପ୍ତା ଟ୍ରାଭେଲ୍ସ ନାମକ ଘରୋଇ ବସ୍ କୋଟପାଡ




ସହର ସୋର୍ଗୀଗୁଡା ଗ୍ରାମ ଛକରେ ଏକ ବାଇକ୍ ଆରୋହୀ ରାସ୍ତା ପାର କରୁଥିବା ସମୟରେ ବସ୍ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ରାସ୍ତା ଉପରେ ଛିଟିକି ପଡିଥିଲେ। କୋଟପାଡ଼ ବିଧାୟକ ରୁପୁ ଭତ୍ରାଙ୍କ ଉପସ୍ଥିତିରେ ତୁରନ୍ତ ଏକ ଅଟୋରେ ତାଙ୍କୁ କୋଟପାଡ଼ ସାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ବ୍ୟକ୍ତି ଜଣଙ୍କ କେରକେଣ୍ଡା ଅଞ୍ଚଳର ବୋଲି ଲୋକେ କହୁଥିବା ବେଳେ ତାଙ୍କ ନାମ ଜଣାପଡିନାହିଁ। ଦୁଇଟି ଦୁର୍ଘଟଣାକୁ ନେଇ ପୁଲିସ ଅଧିକ ତଦନ୍ତ କରୁଥିବା ଜଣାପଡିଛି।

## ବିପର୍ଯ୍ୟୟ ପରିଚାଳନା ଉପଲକ୍ଷେ ବୈଠକ




**ନବରଙ୍ଗପୁର, ୧୯।୬ (ସଂଚାର ବ୍ୟୁରୋ):** ଆଜି ନବରଙ୍ଗପୁର ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଟେବୁଲ ଟପ ଏକ୍ସର୍ ସାଇଜ ଏବଂ ମକଡ୍ରିଲ ବୈଠକ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ଏବଂ ଅପରାହ୍ନରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ପୌରାଞ୍ଚଳ ସ୍ତରରେ ଟେବୁଲ ଟପ ଏକ୍ସରସାଇଜ ଏବଂ ଆସନ୍ତାକାଲି ଜିଲ୍ଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନକୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା। ବିଶେଷତ ବଜ୍ରପାତ ଜନିତ ଦୁର୍ଘଟନାରୁ ରକ୍ଷା ପାଇବା ପାଇଁ ବିଭିନ୍ନ ପଦକ୍ଷେପ, ବିଷାକ୍ତ ସାପ କାମୁଡାରେ ତ୍ୱରିତ ପଦକ୍ଷେପ, ବନ୍ୟା ସମୟରେ ପୂର୍ବରୁ ଓ ପରେ ବିଭିନ୍ନ ବିଭାଗୀୟ ପଦକ୍ଷେପ, ଅଗ୍ନିଶମ,ପୋଲିସ, ସ୍ୱାସ୍ଥ୍ୟ, ତହସିଲଦାର, ବିଡିଓ, ଆର୍ଏଣ୍ଡବି, ଆର୍ଡି, ଶିକ୍ଷା ବିଭାଗର କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ଦାୟିତ୍ୱବାନ ହେବା ସହ କିଭଳି ଧନଜନକୁ ରକ୍ଷା କରିବାରେ ଉଚିତ ପରିଚାଳନା କରିବେ ଓ କର୍ତ୍ତୃପକ୍ଷଙ୍କୁ ତତ୍କ୍ଷଣାତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେଭଳି ଜିଲ୍ଲାପାଳଙ୍କ ଅଧକ୍ଷତାରେ ଆସନ୍ତା ୨୧.୬.୨୦୨୫ ତାରିଖରେ ନୂତନ ମଣ୍ଡେଇ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତୀୟ ଯୋଗ ଦିବସ -୨୦୨୫ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

**ସାଇବର ଠକଙ୍କ ପାଇଁ ଚା' ଦୋକାନୀ ହଟହଟା**

## ଫୋନପେ ପାଇଁ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍

**ନାଉଗାଁ, ୧୯।୬ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦାହାଟରେ ସାଇବର ଠକକୁ ଚା ଓ ବିସ୍କୁଟ ଦେଇ ଜଣେ ଚା' ଦୋକାନୀଙ୍କୁ ହଟହଟା ହେବାକୁ ପଡ଼ିଛି। ଉକ୍ତ ଚା' ଦୋକାନୀଙ୍କ ବ୍ୟାଙ୍କ ଆକାଉଂଟକୁ ସାଇବର ପୁଲିସ ଦ୍ୱାରା ଫ୍ରିଜ କରାଯାଇଥିବା ପଡ଼ିଛି। ସୂଚନା ମୁତାବକ ଜ୍ୟୋତିଷ ବେହେରା ଦୀର୍ଘ ୫ ବର୍ଷ ହେବ ଏକ ଚା' ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଗ୍ରାହକଙ୍କୁ ଚା' ଦେଇ ସିଧା ଟଙ୍କା ନିଅନ୍ତି, ଏପରିକି ଯେଉଁମାନଙ୍କ ପାଖରେ ନଗଦ ଟଙ୍କା ନଥାଏ, ସେମାନେ ଫୋନ ପେ ମାଧମରେ ଟଙ୍କା ଦେଇଥାନ୍ତି। କିନ୍ତୁ ଜୁନ ୮/୯ ତାରିଖରେ ନିଜ ଦୋକାନ ପାଇଁ କିଛି ସାମଗ୍ରୀ କିଣିଥିଲେ। ଏହି ବାବଦକୁ ଉକ୍ତ ଦୋକାନୀକୁ ଫୋନ ପେ ମାଧମରେ ଟଙ୍କା ପଠାଇଥିଲେ। ହେଲେ ଟଙ୍କା ଯାଇନଥିଲା। କାଳେ ବ୍ୟାଙ୍କରେ କେୱାଇସିକୁ ନେଇ ଅସୁବିଧା ହୋଇଥିବ ଭାବି ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଯୋଗାଯୋଗ କରିଥିଲେ। ସାଇବ୍ର ପୁଲିସ ଦ୍ୱାରା ବ୍ୟାଙ୍କ ଆକାଉଂଟକୁ ଫ୍ରିଜ କରାଯାଇଥିବା ଶାଖା ପରିଚାଳକ ଜଣାଇଥିଲେ। ଏହା କେଉଁଥି ପାଇଁ ହୋଇଛି ତାହା ଶାଖା ପରିଚାଳକ ଜଣାଇ ପାରିନଥିଲେ କି ଏହାର ସମାଧାନର ବାଟ ମଧ ଦେଖାଇ ପାରିନଥିଲେ। କେବଳ ସାଇବର ପୋଲିସ ଇ-ମେଲ ମାଧମରେ ଜଣାଇଲେ ବ୍ୟାଙ୍କ ଆକାଉଂଟ ଅନଫ୍ରିଜ ହେବ ବୋଲି କହିଥିଲେ। ପରେ ସେଠାରୁ ଆସି ନିଜ ସମ୍ପର୍କୀୟଙ୍କ ସାହାର୍ଯ୍ୟରେ ଓଡ଼ିଶା ସାଇବର ପୋଲିସଙ୍କ ସହିତ ଯୋଗାଯୋଗ କରିଥିଲେ। ଏକ ସାଇବର ଠକ୍ଙ୍କ ଦ୍ୱାରା ଫୋନ ପେ ମାଧମରେ ଜ୍ୟୋତିଷଙ୍କ ଆକାଉଂଟକୁ ୩ରୁ ୪ଥରକୁ ମିଶାଇ ୭୦ଟଙ୍କା ପ୍ରଦାନ କରାଯାଇଥିବାରୁ ବ୍ୟାଙ୍କ ଆକାଉଂଟକୁ ଫ୍ରିଜ କରାଯାଇଥିବା ଜାଣିବାକୁ ପାଇଥିଲେ।

## ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ଲକସ୍ତରୀୟ ମକଡ୍ରିଲ

**କାକଟପୁର/ଅସ୍ତରଙ୍ଗ, ୧୯।୬ (ସଂଚାର ବ୍ୟୁରୋ):** ଓସଡ଼ମା ତରଫରୁ ପ୍ରତିବର୍ଷ ଜୁନ ମାସ ୧୯ତାରିଖରେ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକରେ ମକଡ୍ରିଲ ଆୟୋଜନ କରାଯାଇଥାଏ। ସମ୍ଭାବ୍ୟ ବିପର୍ଯ୍ୟୟକୁ ମୁକାବିଲା କରିବା, ବିପର୍ଯ୍ୟୟ ଦ୍ୱାରା ହେବାକୁ ଥିବା କ୍ଷୟକ୍ଷତିକୁ କିପରି ରକ୍ଷା କରାଯାଇ ପାରିବ ସେହି ଉପଲକ୍ଷେ ଗୁରୁବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର କେନ୍ଦ୍ରାପଟି ପଞ୍ଚାୟତ ନିକଟସ୍ଥ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଉପସ୍ଥିତରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ବିଭିନ୍ନ ପ୍ରକାର ଜୀବନ ରକ୍ଷାକାରି କୌଶଳ ପ୍ରଦର୍ଶନ କରାଯାଇଥିଲା।

## କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଁ ମନୋନୀତ ଆସୋସିଏଟ୍ ପ୍ରଫେସରଙ୍କୁ ସୋଆ ପ୍ରତିଷ୍ଠାତା ସଭାପତିଙ୍କ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୧୯।୬ (ସଂଚାର ବ୍ୟୁରୋ) :** ଚଳିତ ବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବ ପୁରସ୍କାର ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଆସୋସିଏଟ୍ ପ୍ରଫେସର ଡକ୍ଟର ସୁବ୍ରତ କୁମାର ସେନାପତିଙ୍କ ନାମ ଘୋଷଣା କରାଯାଇଥିବା ବେଳେ ତାଙ୍କୁ ଗୁରୁବାର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସମ୍ବର୍ଦ୍ଧିତ କରିଛନ୍ତି।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଏଗ୍ରିକଲଚରାଲ୍ ସାଇନସେସ୍‌ର ପୁଷ୍ପ ଓ ଭୂପୃଷ୍ଠ ଦୃଶ୍ୟ ଉଦ୍ୟାନ ବିଭାଗର ଆସୋସିଏଟ୍ ପ୍ରଫେସର ଡକ୍ଟର ସେନାପତି ଓଡ଼ିଆ ଭାଷାରେ ଯୁବ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ତାଙ୍କ କ୍ଷୁଦ୍ର ଗଳ୍ପ ସଂକଳନ 'କଦମ୍ବବନ' ପାଇଁ ଏହି ପୁରସ୍କାର ପ୍ରଦାନ କରାଯିବ।

ସମ୍ବର୍ଦ୍ଧିତ କରିବା ଅବସରରେ ପ୍ରଫେସର (ଡକ୍ଟର) ନାୟକ ତାଙ୍କର ଉତ୍ତୋରତର ଉନ୍ନତି କାମନା କରିବା ସହ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏଭଳି ପ୍ରତିଭା ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ବୋଲି



ପ୍ରଫେସର (ଡକ୍ଟର) ନାୟକ କହିଥିଲେ। ସମ୍ମାନିତ କରିବା ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଆଇଏଏସର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଉପସ୍ଥିତ ଥିଲେ।

## ନାଉଗାଁରେ ଶିଶୁ ଶ୍ରମିକ ନିରାକରଣ ସଚେତନତା



**ନାଉଗାଁ, ୧୯।୬ (ସଂଚାର ବ୍ୟୁରୋ):** ଶିଶୁ ଶ୍ରମିକ ନିରାକରଣ ସଚେତନତା ପକ୍ଷ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅନୁଭବ ଦାସଙ୍କ ନେତୃତ୍ୱରେ ସହକାରୀ ଶ୍ରମ ଅଧିକାରୀ ଦେବାଶିଷ ମିଶ୍ର, ବ୍ଲକ ସାମାଜିକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌରଜିତ୍ ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ଓ ନାଉଗାଁ ପୋଲିସ କର୍ମଚାରୀମାନଙ୍କ ଦ୍ୱାରା ନାଉଗାଁ ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲ ଓ ଗ୍ୟାରେଜ ଆଦି ସ୍ଥାନ ଉପରେ ଚଢାଉ କରାଯିବା ସହ ଶିଶୁ ଶ୍ରମିକ ନିରାକରଣ ଉପରେ ସଚେତନ କରାଇଥିଲେ।

## ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ସ୍ୱାସ୍ଥ୍ୟସେବା




- ଆବର୍ଜନା ଜମା କାରଣରୁ ବଢୁଛି ମଶା, ମାଛିଙ୍କ ପାଦୁର୍ଭାବ
- ମେଡିକାଲ ଫାଟକ ସାମ୍ନାରେ ଜମି ରହୁଛି ଅପରିଷ୍କାର ପାଣି

**କାକଟପୁର/ଅସ୍ତରଙ୍ଗ, ୧୯।୬ (ସଂଚାର ବ୍ୟୁରୋ):** 'ସ୍ୱଚ୍ଛ ପରିମଳ ଆମ ଚିକିତ୍ସାଳୟ'କୁ ନେଇ ମେଡିକାଲ କାନ୍ଥରେ ଓ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ସଚେତନ ବାର୍ତ୍ତା ଦିଆଯାଇଛି, ହେଲେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଯେଉଁଠି ଆଖି ବୁଲାଇବେ ଖାଲି କୁଢ଼ କୁଢ଼ ଆବର୍ଜନା। ମେଡିକାଲ ଫାଟକ ପ୍ରବେଶ ବାଟରେ ଦୀର୍ଘ ଦିନ ହେବ ପାଣି ଜମିରହୁଛି, ଏହା ଶହ ମେଡିକାଲ ସାମ୍ନାରେ ପାହାଡ଼ ପରି ଗଦା ହୋଇଛି ମଇଳା ବର୍ଜ୍ୟବସ୍ତୁ। ଯାହା ଫଳରେ ଅଳିଆ ଆବର୍ଜନା ଜମା ହୋଇ ରହିଥିବା କାରଣରୁ ମଶା, ମାଛିଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି। ଫଳରେ ରୋଗୀ ଓ ରୋଗୀଙ୍କୁ ନେଇ ଆସିଥିବା ଲୋକେ ମଧ ଅଣନିଶ୍ୱାସୀ ହୋଇପଡୁଛନ୍ତି। ଦୀର୍ଘ ଦିନ ଧରି ଭଙ୍ଗା ପାଚେରୀ ସାମ୍ନାରେ ବ୍ୟବହୃତ ସାମଗ୍ରୀ ଓ ଅଳିଆ ଆବର୍ଜନା ପଡି ରହିଥିବାରୁ ଏହା ପଚିସଢ଼ି ଏବେ ଦୁର୍ଗନ୍ଧ ହେବାରେ ଲାଗିଛି।



ଅସ୍ତରଙ୍ଗ ମୁଖ୍ୟ ବଜାର ରାସ୍ତାରୁ ନେଇ ସରକାରୀ ହସ୍ପିଟାଲ ପଛ ଓ ସାମ୍ନା ପାର୍ଶ୍ୱରେ କୁଢ଼ କୁଢ଼ ମେଡିକାଲ ଆବର୍ଜନା ଦେଖିବାକୁ ମିଳୁଛି। ନିୟମାନୁସାରେ, ମେଡିକାଲ ଆବର୍ଜନାଗୁଡ଼ିକୁ ସ୍ୱତନ୍ତ୍ର ଭାବେ ସଂଗ୍ରହ କରାଯାଇ ତାକୁ ନଷ୍ଟ କରାଯିବା କଥା। କିନ୍ତୁ ରାସ୍ତା କଡ଼ରେ ଥିବା ପାଥୋଲ୍ୟାବ୍, ଔଷଧ ଦୋକାନୀ ରକ୍ତଲଗା ତୁଳା, ବ୍ୟାଣ୍ଡେଜ୍ କନା, ବ୍ୟବହୃତ ସିରିଞ୍ଜ ଭଳି ବାୟୋ ମେଡିକାଲ୍ ବର୍ଜ୍ୟକୁ ରାସ୍ତା କଡ଼ରେ ଫିଙ୍ଗି ଦେଉଛନ୍ତି। ସେପଟେ, ପାଥୋଲ୍ୟାବ୍ ଅତି ଚତୁରତାର ସହିତ କଳା ପଲିଥିନ୍‌ରେ ଉକ୍ତ ଆବର୍ଜନାକୁ ଭର୍ତ୍ତି କରି ଅସ୍ତରଙ୍ଗ ମେଡିକାଲ ପାଚେରୀ ଭାଙ୍ଗି ଯାଇଥିବା ସ୍ଥାନରେ ପକାଇ ଦେଉଛନ୍ତି।ଯାହା ଫଳରେ ଅପରିଷ୍କାର ହେବା ସହ ପୂର୍ତ୍ତି ଦୁର୍ଗନ୍ଧ ମୟ ପରିସ୍ଥିତି ସୃଷ୍ଟି ହେଉଛି। ଏ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଦାବୀ କରିଛନ୍ତି ମେଡିକାଲ ସାମ୍ନାରୁ ଅଳିଆ ପରିଷ୍କାର କରିବା ସହ ପ୍ରଶାସନ ତରଫରୁ ନୂତନ ପାଚେରୀ ନିର୍ମାଣ ପାଇଁ।



## ବିପର୍ଯ୍ୟୟ ପରିଚାଳନା ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ

**କୋଣାର୍କ, ୧୯।୬ (ସଂଚାର ବ୍ୟୁରୋ):** କୋଣାର୍କ ଏନଏସି ଅଧିନସ୍ଥ ୮ନଂ ୱାର୍ଡ ଚନ୍ଦ୍ରଭାଗା ନୋଳିଆ ସାହି ଠାରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଆଶ୍ରୟସ୍ଥଳୀସ୍ତରୀୟ ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସୋଲାରର କାର୍ଯ୍ୟକ୍ରମ ଅଧିକାରୀ ଚିତ୍ତରଞ୍ଜନ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମରେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ବାତ୍ୟା ଆଶ୍ରୟସ୍ଥଳୀ ସଂପାଦକ ସିଏଫ ଜଗା, କାଉନସିଲର ଦିଲ୍ଲୀପ କୁମାର ଦାସ, ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ସେଠୀ ଓ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ତୁଷାର ରଂଜନ ଦେଓ ପ୍ରମୁଖ ଯୋଗଦେଇଥିଲେ। ବାତ୍ୟା ଓ ବନ୍ୟା ସମୟରେ ଜନସାଧାରଣଙ୍କ ଉଦ୍ଧାର କାର୍ଯ୍ୟ, ବାତ୍ୟା ଓ ବନ୍ୟା ପୂର୍ବର ପ୍ରସ୍ତୁତି ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା ଓ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବୈଷୟିକ ଜ୍ଞାନ କୌଶଳକୁ ଡେମ ମାଧମରେ ଅଗ୍ନିଶମ ସେବା କେନ୍ଦ୍ରର କର୍ମଚାରୀମାନେ ବିଶଦ ଭାବରେ ଅବଗତ କରାଇଥିଲେ। ସୋଲାର ପକ୍ଷରୁ ସଂପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ତତ୍ତ୍ୱବଧାନରେ ଗୋପ ବ୍ଲକର ୧୮ ଗୋଟି ବାତ୍ୟା ଆଶ୍ରୟସ୍ଥଳୀ ଓ କୋଣାର୍କ ଏନଏସିର ୧ଗୋଟି ଆଶ୍ରୟସ୍ଥଳୀ ସମେତ କଣାସ ବ୍ଲକର ୨୪, ପୁରୀ ଜିଲ୍ଲାରେ ୪୩ଟି ଆଶ୍ରୟସ୍ଥଳୀ ଠାରେ ବାତ୍ୟା ବନ୍ୟା ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଶା କର୍ମୀ, ଅଙ୍ଗନବାଡି କର୍ମୀଙ୍କ ସମେତ ଚନ୍ଦ୍ରଭାଗା ନୋଳିଆ ସାହିର ଜନସାଧାରଣ ମାନେ ଯୋଗଦାନ କରିଥିଲେ।




## କୋରାପୁଟରେ ପେନ୍‌ସନ ଅଦାଲତ

- ୮୧ ଜଣ ପେନ୍‌ସନଧାରୀ ପଞ୍ଜୀକୃତ

**କୋରାପୁଟ, ୧୯।୬ (ସଂଚାର ବ୍ୟୁରୋ) :** ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ କୋରାପୁଟ ଓ ମାଲକାନଗିରି ଜିଲ୍ଲା ପାଇଁ ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପେନସନ ଅଭିଯୋଗ ନିର୍ଦ୍ଦେଶକ ତଥା ସାଧାରଣ ପ୍ରଶାସନର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶଙ୍କ ଅଧକ୍ଷତାରେ ପେନସନ ସଂକ୍ରାନ୍ତୀୟ ସମୀକ୍ଷା କରାଯାଇଥିଲା। ଦୁଇ ଜିଲ୍ଲାର ୫୦୦ ବିଚାରାଧୀନ ପେନ୍‌ସନ ଉପରେ ସମୀକ୍ଷା କରାଯାଇଥିଲା। ତୁରନ୍ତ ଫଇସଲା କରିବାକୁ ମଞ୍ଜୁରୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୋରାପୁଟ ଜିଲ୍ଲାର ୭୨ ଏବଂ ମାଲକାନଗିରି ଜିଲ୍ଲାର ୯ ଏହିପରି ସମୁଦାୟ ୮୧ ଜଣ ପେନସନଧାରୀଙ୍କ ଆଲୋଚନା କରାଯାଇ ସମାଧାନ କରାଯାଇଥିବା ଶ୍ରୀ ଦାଶ କହିଛନ୍ତି ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନେଇ ପ୍ରଶିକ୍ଷଣ

**ବାଲିଅନ୍ତା, ୧୯।୬ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ୪ଟି ବାତ୍ୟା ଆଶ୍ରୟ ସ୍ଥଳୀ ଯଥାକ୍ରମେ (ବାଲିଅନ୍ତା, ସତ୍ୟଭାମାପୁର, ପ୍ରତାପରୁଦ୍ରପୁର, ଜୟଦେବ ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ନେଇ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମକୁ ଏପିଡି କସ୍ତୁରୀ ଜେନା, ତହସିଲଦାର ଲିଲନ ପ୍ରସାଦ ସାହୁ, ଏବିଡ଼ିଓ ଅପରାଜିତା ସ୍ୱାଇଁ, ନୋଡାଲ ଏନଜିଓ ପିକକ୍ର ବ୍ଲକ୍ ସଂଯୋଜିକା ଉପମା ମହାନ୍ତି, ବିଷ୍ଣୁପ୍ରିୟା ମହାପାତ୍ର, ସିଡିପିଓ, ଏ ବିଇଓ, ଡବ୍ଲୁଇଓ ଏମ ଆଉ, ଜେଇ, ପିଇଓ, ସେଲ୍ଟର ସରପଞ୍ଚ କୃଷ୍ଣକେଶବ ଆପଟ, ଶ୍ରଦ୍ଧୟା ପାତ୍ର, ପଞ୍ଚାୟତ ଅଧିକାରୀ ଅଜୟ ଜେନା, ସତ୍ୟଭାମାପୁର ସରପଞ୍ଚ ରଶ୍ମିତା ଭୋଇ, ଜୟଦେବ ସାରପଞ୍ଚ ପୂର୍ଣ୍ଣଚନ୍ଦ୍ର ଭୋଇ, ସମିତି ସଭ୍ୟ ଭାବଗ୍ରାହୀ ଗୋଚ୍ଛାୟତ, ଏସ୍ ଏଚ ଜି, ଆଶାକର୍ମୀ, ସ୍ୱାସ୍ଥ୍ୟ ଓ ଶିକ୍ଷା, ଫରେଷ୍ଟ, କୃଷି, ପ୍ରାଣୀ ମିତ୍ର, ଉପସ୍ଥିତ ଥିଲେ। ଆଜିର କାର୍ଯ୍ୟକ୍ରମରେ ଆଗ୍ନିକମାନେ ପାଣିରୁ ଉଦ୍ଧାର, ଗଛକଟା, ମହିଳା ମାନଙ୍କୁ ଉଦ୍ଧାର, ନିଆଁ ଲିଭାଇବା, ଗ୍ୟାସ ବ୍ୟବହାର ଆଦି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ପାହାଳ ଫାୟାର ଅଫିସର ରାଜ କିଶୋର ଜେନାଙ୍କ ସମେତ ବାଲିଅନ୍ତା ଫାୟାର ଅଫିସର ସୂର୍ଯ୍ୟମଣି ନାୟକ ଏବଂ ଅନ୍ୟ କର୍ମଚାରୀ ପ୍ରଶିକ୍ଷଣ ଦେଇଥିଲେ ।




## ସାମୂହିକ ପାଠାଗାର, ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କଲେ କୋମଲେଶ ମୋହନ୍ତ



**ବୋରିଗୁମ୍ମା/କୋଟପାଡ଼, ୧୯।୬ (ସଂଚାର ବ୍ୟୁରୋ) :** ଆର୍ଥିକ ଅନଗ୍ରସର ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କ ଲାଗି କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଏକ ସାମୂହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ରର ସ୍ଥାପନ କରିଛନ୍ତି ନିର୍ବାହୀ ଅଧିକାରୀ କୋମଲେଶ ମୋହନ୍ତ। ଗରିବ ପିଲାଙ୍କ ଲାଗି ଏଭଳି ସାମୂହିକ ଲାଇବ୍ରେରୀ କମ୍ କୋଚିଂ ସେଣ୍ଟର ନିର୍ମାଣ ଚିନ୍ତାଧାରା ଓଡ଼ିଶାର ପ୍ରଥମ ବୋଲି ଅଧିକାରୀ ଶ୍ରୀ ମୋହନ୍ତ କହିଛନ୍ତି। ଏହି ଲାଇବ୍ରେରି କମ୍ କୋଚିଂ ସେଣ୍ଟରରେ ଏସି ହଲ୍, ପାଠାଗାର, କୋଚିଂ ହଲ୍, ରିଡିଂ ରୁମ୍, ଅତ୍ୟାଧୁନିକ ଟଏଲେଟ୍, ଲାଉଞ୍ଜ ଭଳି ଅତ୍ୟାଧୁନିକ ସୁବିଧା ରହିଛି। ଆଗାମୀ ଦିନରେ ଅଭିଜ୍ଞ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ସ୍ଥାନୀୟ ମେଧାବୀ ତଥା ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କୁ ରେଲୱେ, ବ୍ୟାଙ୍କି ଭଳି ବିଭିନ୍ନ ପ୍ରକାରର କମ୍ପିଟିଟିଭ୍ ପରୀକ୍ଷା ଲାଗି ମାଗଣାରେ କୋଚିଂ ବା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏମିତିକି କୌଣସି ଏକ ଅଗ୍ରଣୀ ଅନୁଷ୍ଠାନ ସହ ଚୁକ୍ତିନାମା କରି ପିଲାମାନଙ୍କୁ କୋଚିଂ ପ୍ରଦାନ କରାଯିବ ବୋଲି କହିଛନ୍ତି କୋମଲେଶ ମୋହନ୍ତ। ପାଠାଗାର କମ୍ କୋଚିଂ ସେଣ୍ଟରରେ ପିଲାଙ୍କ ପଢ଼ିବା ଲାଗି ସମସ୍ତ ପ୍ରକାରର ବହି ମିଳୁଛି କି ନାହିଁ, ପ୍ରଶିକ୍ଷଣରେ କଣ ତ୍ରୁଟି ରହୁଛି ତାହାକୁ ବ୍ୟକ୍ତିଗତ ଭାବେ ତଦାରଖ କରିବା ସହ ସମୟ ସମୟରେ ନିଜେ ମଧ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଶ୍ରୀ ମୋହନ୍ତ। ନିର୍ବାହୀ ଅଧିକାରୀଙ୍କ ଏହିଭଳି ପଦେକ୍ଷେପକୁ କୋଟପାଡ଼ର ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଶଂସା ଯୋଗ୍ୟ ବୋଲି କହିଛନ୍ତି।

# ଆଜି ୨୭୦୦ କୋଟିର ରେଳ ପ୍ରକଳ୍ପ ଭେଟିଦେବେ ମୋଦି



ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ଆସନ୍ତାକାଲି ଉଦ୍ଘାଟିତ ହେବ ୧୩୭୬ କୋଟିର ସୋନପୁର-ପୁରୁଣାକଟକ ରେଳ ଲାଇନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଥିବା ବେଳେ ସ୍ଥାନୀୟ ଜନତା ମୈଦାନଠାରେ ଅନୁଷ୍ଠିତ ହେବାକୁ ଥିବା ସମାବେଶରେ ୨୭୦୦ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ପ୍ରକଳ୍ପର ଶିଳାନ୍ୟାସ, ଉଦ୍ଘାଟନ ଓ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ଏହି କାର୍ଯ୍ୟକ୍ରମ 'ବିକଶିତ ଭାରତ-ବିକଶିତ ଓଡ଼ିଶା' ସଂକଳ୍ପକୁ ସାକାର କରିବା ଦିଗରେ ଏକ ବଡ଼ ପଦକ୍ଷେପ। ୧୧ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ ଏବଂ ଓଡ଼ିଶା ସରକାରଙ୍କ ଗୋଟିଏ ବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଐତିହାସିକ ହେବ। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ସରଳା-ଶାସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନର ଶିଳାନ୍ୟାସ କରିବେ। ଏହି ପ୍ରକଳ୍ପ ଝାରସୁଗୁଡ଼ା-ସମ୍ବଲପୁର ଭଳି ବ୍ୟସ୍ତତମ ରେଳ ସେକ୍ସନରେ ଟ୍ରାଫିକ ଭାର ହ୍ରାସ କରିବ ଏବଂ ଶିଳ୍ପ ଓ ଯାତ୍ରୀ ପରିବହନକୁ ବୃଦ୍ଧି କରିବ। ଏଥିସହ ପ୍ରଧାନମନ୍ତ୍ରୀ ସୋନପୁର-ପୁରୁଣାକଟକ ମଧ୍ୟରେ ୭୩ କିମି ଲମ୍ବା ନୂତନ ରେଳ ଲାଇନର ଉଦଘାଟନ କରିବେ। ଏହି ରେଳ ଲାଇନ ୩୦୧ କିମି ଲମ୍ବା ଖୋର୍ଦ୍ଧା ରୋଡ-ବଲାଙ୍ଗିର ରେଳ ଲାଇନର ଏକ ଅଂଶ। ଏହାର ନିର୍ମାଣ ସହ ବୌଦ୍ଧ ଜିଲ୍ଲା ମୁଖ୍ୟାଳୟ ପ୍ରଥମ ଥର ପାଇଁ ରେଳ ନେଟୱାର୍କ ସହ ସଂଯୋଗ ହେବ, ଯାହାକି ସ୍ଥାନୀୟ ଲୋକଙ୍କ ଦଶନ୍ଧି ପୁରୁଣା ସ୍ୱପ୍ନକୁ ସାକାର କରିପାରିବ। ଏଥିସହ ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କ ପାଇଁ ନୂତନ ରେଳସେବାର ଶୁଭାରମ୍ଭ କରିବେ। ନୂତନ ଟ୍ରେନ୍ ସେବା ସହିତ ବୌଦ୍ଧ ଜିଲ୍ଲାର ଅଞ୍ଚଳଗୁଡ଼ିକ ପ୍ରଥମ ଥର ପାଇଁ ରାଜଧାନୀ ଭୁବନେଶ୍ୱର ସହ ସୁବିଧାଜନକ ରେଳ ସେବା ପାଇବେ। ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାରେ ରେଳ ବିକାଶ ଅଭୂତପୂର୍ବ ଗତି ହାସଲ କରିଛି। ରାଜ୍ୟରେ ରେଳ ନେଟୱାର୍କକୁ ୧୦୦ ପ୍ରତିଶତ ବିଦ୍ୟୁତୀକରଣ କରାଯାଇଛି ଏବଂ ରାଜ୍ୟର ୫୯ଟି ଷ୍ଟେସନକୁ ଆଧୁନିକ ସୁବିଧା ସହିତ ସଜ୍ଜିତ କରି ଅମୃତ ଷ୍ଟେସନ ଭାବରେ ବିକଶିତ କରାଯାଉଛି। ଏଥିସହ ରାଜ୍ୟର ୧୭ଟି ଜିଲ୍ଲା ୬ଟି ବନ୍ଦେ ଭାରତ ଟ୍ରେନ୍ ମାଧ୍ୟମରେ ଆଧୁନିକ ରେଳ ଯାତ୍ରାର ଲାଭ ପାଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ହେବାକୁ ଥିବା ନୂତନ ଟ୍ରେନଗୁଡ଼ିକ ହେଉଛି ୧୮୩୧୩/୧୮୩୧୪ ବୌଦ୍ଧ-ଭୁବନେଶ୍ୱର ନୂଆ-ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ ଓ ୧୮୩୧୧/୧୮୩୧୨ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍, ୧୮୩୧୩/୧୮୩୧୪ ବୌଦ୍ଧ-ଭୁବନେଶ୍ୱର ନୂଆ-ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ ପ୍ରତି ସୋମବାର ବୌଦ୍ଧରୁ ସକାଳ ୭ଟାରେ ଛାଡିବ ଓ ବଲାଙ୍ଗୀର-ସମ୍ବଲପୁର-ଅନୁଗୁଳ-ନରାଜ ଦେଇ ନୂଆ ଭୁବନେଶ୍ୱର ସନ୍ଧ୍ୟା ୬ଟା ୧୫ ମିନିଟ୍‌ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନଟି ସୋମବାର ଭୁବନେଶ୍ୱରରୁ ରାତି ୧୧ଟା ଛାଡିବ ଓ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ବୌଦ୍ଧରେ ପହଞ୍ଚିବ। ସେହିପରି ସମ୍ବଲପୁରରୁ ୧୮୩୧୧/୧୮୩୧୨ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ ରବିବାର ସନ୍ଧ୍ୟା ୭ଟା ୨୫ ମିନିଟ୍‌ରେ ଛାଡିବ ଓ ଉକ୍ତ ଦିନ ରାତି ୧୧ଟା ୫୫ ମିନିଟ୍‌ରେ ବୌଦ୍ଧରେ ପହଞ୍ଚିବ। ଫେରିବା ସମୟରେ ବୌଦ୍ଧରୁ ଏହି ଟ୍ରେନଟି ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୧୫ ମିନିଟ୍‌ରେ ଛାଡିବ ଓ ଉକ୍ତ ଦିନ ସନ୍ଧ୍ୟା ସାଢ଼େ ୭ଟାରେ ସମ୍ବଲପୁରରେ ପହଞ୍ଚିବ। ଏହାଛଡ଼ା ଭୁବନେଶ୍ୱର-ସୋନପୁର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ଓ ଦୁଇ ଯୋଡ଼ା ବଲାଙ୍ଗୀର-ସୋନପୁର ସଟଲ୍ ପାସେଞ୍ଜର ଟ୍ରେନ୍ ପ୍ରଥମ ଥର ପାଇଁ ପୁରୁଣାକଟକ ପର୍ଯ୍ୟନ୍ତ ଚଳାଚଳ କରିବ।

### ଏମ୍ସରେ ବିଶ୍ୱ ସିକଲ୍ ସେଲ୍ ସଚେତନତା ଦିବସ, ଯୋଗଦେଲେ କେନ୍ଦ୍ର ମନ୍ତ୍ରୀ ଓରାମ

# ଏମ୍ସକୁ ମିଳିବ ସିକଲ୍ ସେଲ୍ ରୋଗ ପରିଚାଳନା ଉତ୍କର୍ଷ କେନ୍ଦ୍ର ମାନ୍ୟତା




ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ସିକଲ୍ ସେଲ୍ (ରକ୍ତଶିକୁଳି) ରୋଗର ଅତ୍ୟାଧୁନିକ ଚିକିତ୍ସା ଏବଂ ଏହି କ୍ଷେତ୍ରରେ ଉନ୍ନତର ଗବେଷଣା ନିମନ୍ତେ ଏମ୍ସ ଭୁବନେଶ୍ୱରକୁ ଉତ୍କର୍ଷତା କେନ୍ଦ୍ର ମାନ୍ୟତା ଦିଆଯିବ। ଆଜି ଏମ୍ସ ଭୁବନେଶ୍ୱରରେ ଆୟୋଜିତ ବିଶ୍ୱ ସିକଲ୍ ସେଲ୍ (ରକ୍ତଶିକୁଳି) ସଚେତନତା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହି ଘୋଷଣା କରିଛନ୍ତି। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ରକ୍ତଶିକୁଳି ରୋଗୀଙ୍କୁ ସାମଗ୍ରିକ ଚିକିତ୍ସା ଦେବାରେ ଏମ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। 'ସେଣ୍ଟର ଅଫ୍ ଏକ୍ସିଲେନ୍ସ' ମାନ୍ୟତା, ସିକଲ୍ ସେଲ୍ ରୋଗରେ ଉନ୍ନତ ଗବେଷଣା ଓ ଗୁଣାତ୍ମକ ଚିକିତ୍ସା ପ୍ରଦାନରେ ଏମ୍ସକୁ ଆହୁରି ସୁଦୃଢ଼ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ୍ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଭାରତ ସରକାର ୨୦୪୭ ସୁଦ୍ଧା ସିକଲ୍ ସେଲ୍ ଆନିମିଆକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ପ୍ରତିବଦ୍ଧ। ଅଦ୍ୟାବଧି ସାରା ଦେଶରେ ୫.୭୯ କୋଟି ଲୋକଙ୍କର ସ୍କ୍ରିନିଂ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫.୫୫ କୋଟିଙ୍କ ଫଳାଫଳ ନେଗେଟିଭ୍ ରହିଛି। ୧୬.୩୮ ଲକ୍ଷ ଲୋକଙ୍କୁ ରକ୍ତଶିକୁଳି ରୋଗର ବାହକ ଭାବେ ଚିହ୍ନଟ କରାଯାଇଥିବା ବେଳେ ୨.୧୦ ଲକ୍ଷ ଆକ୍ରାନ୍ତ ଥିବା ଶ୍ରୀ ଓରାମ୍ ସୂଚନା ଦେଇଛନ୍ତି। ଏମ୍ସରେ ଏବେ ୭ ହଜାରରୁ ଅଧିକ ପଞ୍ଜିକୃତ ସିକଲ୍ ସେଲ୍ ରୋଗୀ ନିୟମିତ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୫ ହଜାର ଊର୍ଦ୍ଧ୍ୱ ୦-୧୯ ବୟସ ବର୍ଗର ରୋଗୀ। ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନିୟମିତ ରୋଗ ନିର୍ଣ୍ଣୟ ସେବା, ଚିକିତ୍ସା ଓ ବାହକ ସ୍କ୍ରିନିଂ ପ୍ରଦାନ କରେ, ଯେଉଁଥିରେ ପ୍ରଭାବିତ ବ୍ୟକ୍ତିମାନଙ୍କର ପରିବାରର ସଦସ୍ୟ ମଧ୍ୟ ଅନ୍ତର୍ଭୁକ୍ତ ବୋଲି ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବିଶିଷ୍ଟ ସଂକ୍ରାମକ ରୋଗ ବିଶେଷଜ୍ଞ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି। ଏମ୍ସରେ ଗର୍ଭଧାରଣର ପ୍ରଥମ ୨୦ ସପ୍ତାହ ମଧ୍ୟରେ ଡାଉନ୍ ସିଣ୍ଡ୍ରୋମ୍, ନ୍ୟୁରାଲ୍ ଟ୍ୟୁବ୍ ତ୍ରୁଟି, ଥାଲାସେମିଆ ଏବଂ ସିକଲ୍ ସେଲ୍ ଆନିମିଆ ଭଳି ଅବସ୍ଥା ଚିହ୍ନଟ କରିବା ପାଇଁ ପ୍ରସବପୂର୍ବ ନିର୍ଣ୍ଣୟ ସେବା ମଧ୍ୟ ପ୍ରଦାନ କରାଯାଉଛି। ଯଦି ଉଭୟ ପିତାମାତା ବାହକ ହୁଅନ୍ତି, ତେବେ ପିଲା ପ୍ରଭାବିତ ହେବାର ୨୫ ପ୍ରତିଶତ ସମ୍ଭାବନା ଥିବା ଡ. ବିଶ୍ୱାସ କହିଛନ୍ତି। ଏହି ଅବସରରେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ୍ ପ୍ରତିଷ୍ଠାନର ଏକାଧିକ ଚିକିତ୍ସା ସୁବିଧା ବ୍ୟବସ୍ଥା ପରିଦର୍ଶନ କରିବା ସହ ରକ୍ତଶିକୁଳି ରୋଗୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିଥିଲେ। ପ୍ରଭାବିତ ବ୍ୟକ୍ତିଙ୍କୁ ବିଶେଷକରି ଆଦିବାସୀ ଓ ଅନୁନ୍ନତ ସମ୍ପ୍ରଦାୟର ଲୋକଙ୍କୁ ବ୍ୟାପକ ସେବା ପ୍ରଦାନରେ ଏମ୍ସର ପ୍ରତିବଦ୍ଧତାକୁ ସେ ପ୍ରଶଂସା କରିଛନ୍ତି। କେନ୍ଦ୍ରୀୟ ସିକଲ୍ ସେଲ୍ ରୋଗ ଉପରେ କେନ୍ଦ୍ରିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମଧ୍ୟ ଅଂଶଗ୍ରହଣ କରି କ୍ଲିନିକାଲ୍ କେୟାର, ଉନ୍ନତ ଗବେଷଣା ଓ ଡାକ୍ତରୀ ସମ୍ପର୍କକୁ ସାମିଲ୍ କରିବାରେ ଏମ୍ସର ସାମଗ୍ରିକ ଆଭିମୁଖ୍ୟକୁ ବି ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ଆଇଏଏସ୍ ଅମିତ କୁମାର, ଡ. ଦିଲ୍ଲୀପ କୁମାର ପରିଡ଼ା, ଏମ୍ସ, ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ଡିଡିଏ, ସନ୍ତୋଷ କୁମାର ରଥ, ଉପନିର୍ଦ୍ଦେଶକ, ଏସ୍‌ସିଏସ୍‌ଆରିଆଇ, ରମେଶ ଚାନ୍ଦ ଚନ୍ଦ୍ରୱାଲ, କେନ୍ଦ୍ର ଜନଜାତି ମନ୍ତ୍ରଣାଳୟ, ଡ. ସୋନାଲି ମହାପାତ୍ର, ହେମାଟୋଲୋଜି ବିଭାଗ ମୁଖ୍ୟ, ଡ. ଆଶୁତୋଷ ପାଣିଗ୍ରାହୀ, ଡ. ଦେବାଶିଷ ସାହୁ, ବିଭିନ୍ନ ବିଭାଗର ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇଥିଲେ।

## ମାରଣାସ୍ତ୍ର ଦେଖାଇ ଯୋଗ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ



କେନ୍ଦ୍ରାପଡ଼ା, ୧୯।୬ (ସଂଚାର ବ୍ୟୁରୋ) : ରାତି ଅଧରେ ଘରେ ପଶି ମାରଣାସ୍ତ୍ର ଦେଖାଇ ମହିଳାଙ୍କ ସହ ଦୁଷ୍କର୍ମ ଅଭିଯୋଗ। କେନ୍ଦ୍ରାପଡ଼ା ସଦର୍ ଥାନା ଅନ୍ତର୍ଗତ ମୁଣ୍ଡାଳ ଗାଁରେ ଘଟିଛି ଏହି ଅଘଟଣ। ଦୁଷ୍କର୍ମର ଶିକାର ହୋଇଥିବା ମହିଳା ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଅଭିଯୋଗ ଅନୁଯାୟୀ ସ୍ଥାନୀୟ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡିତା ମହିଳା ଯୋଗଶିକ୍ଷୟତ୍ରୀ ଭାବେ କାର୍ଯ୍ୟ କରନ୍ତି। ବୁଧବାର ରାତି ପ୍ରାୟ ଗୋଟାଏ ବେଳେ ମୁଣ୍ଡାଳ ଗାଁରେ ଥିବା ତାଙ୍କ ଭଡ଼ାଘର କବାଟ ଭାଙ୍ଗି ଜଣେ ଯୁବକ ଘର ଭିତରକୁ ପଶି ଥିଲେ । ହଠାତ୍ ଶିକ୍ଷୟତ୍ରୀଙ୍କ ନିଦ ଭାଙ୍ଗି ଯାଇଥିଲା । ଯୁବକ ଜଣଙ୍କ ମୁହଁରେ କଳା କପଡା ବାନ୍ଧିଥିବା ବେଳେ ହାତରେ ଏକ ଧାରୁଆ ଅସ୍ତ୍ର ଧରିଥିବା ମହିଳା ଦେଖିବାକୁ ପାଇଥିଲେ। ଯୁବକ ଜଣଙ୍କ ମହିଳାଙ୍କୁ କାବୁ କରିନେଇ ତାଙ୍କ ସହିତ ଦୁଷ୍କର୍ମ କରିଥିବା ମହିଳା ଅଭିଯୋଗ କରିଛନ୍ତି । ପାଟି କଲେ ଜୀବନରେ ମାରିଦେବା ପାଇଁ ଯୁବକ ମହିଳାଙ୍କୁ ଧମକ ଦେବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ କରିଥିଲେ । ପୀଡିତା ମହିଳା ବଳପ୍ରୟୋଗ କରି ଯୁବକଙ୍କ ମୁହଁରୁ କପଡା ଟାଣି ଦେବାପରେ ସେ ସ୍ଥାନୀୟ ମୁଣ୍ଡାଳ ଗାଁର ବାପି ମଲିକ ବୋଲି ଜାଣିବାକୁ ପାଇଥିଲେ । ପୀଡିତା ଶିକ୍ଷୟତ୍ରୀ ଜଣଙ୍କ ଚିତ୍କାର କରିବାରୁ ଅଭିଯୁକ୍ତ ଯୁବକ ଦୌଡ଼ି ପଳାଇଥିଲେ । ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ସେ ପୀଡିତାଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତାଙ୍କ ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ଦିଆଯାଇଛି । ପୀଡିତା ବର୍ତ୍ତମାନ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ।

## ନିଜ ଘରେ ନିଆଁ ଲଗାଇଦେଲେ ଯୁବକ

ବଲାଙ୍ଗୀର, ୧୯।୬ (ସଂଚାର ବ୍ୟୁରୋ) : ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ କନ୍ଦେଇ ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ନିଜ ଘରକୁ ଜାଳିଦେଲା ଜନୈକ ଯୁବକ। ପୁଅର ମାନସିକ ବିକୃତି ଥିବା ବେଳେ ସେ ମା' ମୁଣ୍ଡରେ ଆଘାତ କରିବା ସହ ପରେ ବାପାକୁ ବି ଆକ୍ରମଣ କରିଥିଲା। ତେବେ କଥା ଏତିକିରେ ସରିନଥିଲା। ଯୁବକ ଜଣଙ୍କ ପରେ ଉନ୍ମତ୍ତ ଅବସ୍ଥାରେ ଘର ଭିତରେ ନିଆଁ ଲଗାଇ ନିଜେ ଅଚେତ ହୋଇ ପଡିଯାଇଥିଲେ। ଭିତର ପଟୁ କବାଟ ଦେଇଦେଇଥିବାରୁ ପଡ଼ୋଶୀମାନେ ଭିତରକୁ ଯାଇପାରିନଥିଲେ। ତେଣୁ ସେମାନେ ଏନେଇ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସମସ୍ତେ ଘଟଣାସ୍ଥଳରେ ପହଞ୍ଚିବା ପରେ ଉକ୍ତ ଯୁବକଙ୍କୁ ଉଦ୍ଧାର କରିବା ସହ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେମାନଙ୍କୁ ମଧ୍ୟ କିଛି ସମୟ ପାଇଁ ପାଇଁ ନାକେଦମ ହେବାକୁ ପଡ଼ିଥିଲା। ଘର ଭିତରେ ଥିବା ଲୁଗାପଟା ଓ ଅନ୍ୟାନ୍ୟ ଆସବାବପତ୍ରରେ ନିଆଁ ଲାଗିଯାଇଥିବାରୁ ଉକ୍ତ ଅଞ୍ଚଳଟି ଧୂଆଁମୟ ହୋଇଯାଇଥିଲା। ଫଳରେ ଉନ୍ମତ୍ତ ଯୁବକ ଜଣଙ୍କ ଭିତରେ ଅଚେତ ହୋଇପଡ଼ିଥିଲେ। ତେବେ ପରେ କବାଟ ଭାଙ୍ଗି ପୁଲିସ୍ ଓ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଯୁବକ ଚର୍ଚ୍ଚିତ ବାଗଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚର୍ଚ୍ଚିତଙ୍କର ମାନସିକ ବିକୃତି ଥିବାରୁ ତାଙ୍କର ଚିକିତ୍ସା ଚାଲିଛି। କିନ୍ତୁ ପୁଅ ଏପରି କାଣ୍ଡ ଭିଆଇବ ବୋଲି ବାପା-ମା' କଦାପି ଭାବିନଥିଲେ। ସବୁକିଛି ଠିକ୍ ଥିବା ବେଳେ ଅଚାନକ ସେ ଉତ୍ତ୍ୟକ୍ତ ହୋଇ ଘରେ ନିଆଁ ଲଗାଇଦେଇଥିଲା।

## ମାମୁଘରୁ ଫେରିଲେନି ଦୁଇ ଭଉଣୀ

● ଖେଳୁଥିବା ବେଳେ ପୋଖରୀରେ ବୁଡ଼ିଗଲେ



ବାସୁଦେବପୁର,୧୯।୬(ସଂଚାର ବ୍ୟୁରୋ): ବୁକୁଫଟା କାନ୍ଦରେ କମ୍ପୁଛି ହସ୍ପିଟାଲ ପରିସର। ଦୁଇ ଭଉଣୀଙ୍କ ମୃତଦେହକୁ ଧରି କାନ୍ଦୁଛନ୍ତି ମା' ଆଉ ପରିବାରଲୋକେ। କେହି ବି କୋହ ସମ୍ଭାଳିପାରୁ ନାହାଁନ୍ତି। ଆଖିରୁ ଝରିଚାଲିଛି ଅମାନିଆ ଲୁହ। ମା'-ବାପାଙ୍କ ସହ କେତେ ଖୁସିରେ ଦୁଇ ଭଉଣୀ ମାମୁଘର ଯାଇଥିଲେ। କିନ୍ତୁ ସେଠାରୁ ସେମାନେ ଆଉ ନ ଫେରିବା ଫଳରେ ଆଜି ମା' କୋଳ ଖାଲି ଯାଇଛି। ପୋଖରୀରେ ବୁଡ଼ି ଉଭୟ ପ୍ରାଣ ହରାଇଛନ୍ତି। ମିଳିଥିବା ସୂଚନାନୁସାରେ, ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ର କିସ୍ମତକୃଷ୍ଣପୁର ଗାଁରେ ମାମୁଘରକୁ ଯାଇଥିବା ଦୁଇ ଭଉଣୀ ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ଗାଁ ଦାଣ୍ଡରେ ଖେଳୁଥିଲେ। କିନ୍ତୁ ଯା ଭିତରେ କେତେବେଳେ ସେମାନେ ପୋଖରୀ ଆଡ଼କୁ ଚାଲିଯାଇଥିଲେ। ପରେ ଘଟିଗଲା ଏତେ ବଡ଼ ଅଘଟଣ ଆଉ ପରିବାର ଲୋକେ ସେମାନଙ୍କୁ ଖୋଜିଲା ବେଳକୁ ପୋଖରୀରେ ଭାସୁଥିବା ସମୟରେ ସେମାନଙ୍କୁ ପାଇଥିଲେ। ତୁରନ୍ତ ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁବରଣ କରିଥିବା ଦୁଇ ଝିଅ ରତନ ମଣ୍ଡଳଙ୍କର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ବଡ଼ ଝିଅ ଚାନ୍ଦିନୀର ବୟସ ୫ ବର୍ଷ ଓ ସାନ ଝିଅ ନନ୍ଦିନୀର ବୟସ ୪ ବର୍ଷ। ରତନ ତାଙ୍କର ଦୁଇ ଝିଅ ଓ ସ୍ତ୍ରୀ ସହ ଶଶୁର ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଘରକୁ ଆସିଥିଲେ। କିନ୍ତୁ ଦୁଇ ଝିଅଙ୍କୁ ଏଠାରେ ମୃତ୍ୟୁ ଅପେକ୍ଷା କରିଛି ବୋଲି ସେ କଦାପି ଚିନ୍ତା କରିନଥିଲେ। ଏପରି ଏକ ଅଘଟଣକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏଥିସହ ପରିବାର ଲୋକେ ରତନଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ସକାଶେ ଗ୍ରାମବାସୀ ଦାବି କରିଛନ୍ତି।

## ଗୋପାଳପୁର ଯିବ ଏଆଇସିସିର ୫ଜଣିଆ ଟିମ୍

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ଗୋପାଳପୁର ଗଣଦୁଷ୍କର୍ମ ଘଟଣା ନେଇ ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଏହାକୁ ନେଇ ଦୁଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ଘେରିଛନ୍ତି। ତେବେ ଏହି ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ହାସଲ ପାଇଁ କଂଗ୍ରେସର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠିତ ହୋଇଛି ଓ ଏହା ଏଆଇସିସି ପକ୍ଷରୁ ଗଠିତ ଏହି ଟିମ୍‌ରେ ୫ ଜଣ ସ୍ଥାନ ପାଇଛନ୍ତି। ଦୀପା ଦାସମୁନିସିଙ୍କ ଆବାହକତ୍ୱରେ ଏହି କମିଟି ଗଠିତ ହୋଇଥିବା ବେଳେ ଏହା ଖୁବ୍‌ଶୀଘ୍ର ଗୋପାଳପୁର ଯାଇ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ହାସଲ କରିବ। ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ରେ ରହିଥିବା ଅନ୍ୟ ସଦସ୍ୟମାନେ ସାଂସଦ ରଞ୍ଜିତ ରଞ୍ଜନ, ସାଂସଦ ପ୍ରଣିତି ସିନ୍ଦେ, ସାଂସଦ ଏସ୍ ଜ୍ୟୋତିମଣି ଓ ଶୋଭା ଓଝା। ଓଡ଼ିଶାରେ ମହିଳା ବିରୋଧୀ ହିଂସା ନେଇ ତଦନ୍ତ କରିବା ସହ ଏହି କମିଟିର ସଦସ୍ୟମାନେ ରିପୋର୍ଟ ପ୍ରଦାନ କରିବେ ବୋଲି ଆଜି ଏଆଇସିସି ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଇଣ୍ଡିଗୋ ବିମାନ ସହ ପିଟିହେଲା ପକ୍ଷୀ: ଅଳ୍ପକେ ବର୍ତ୍ତିଲେ ୧୮୦ ଯାତ୍ରୀ



ଭୁବନେଶ୍ୱର, ୧୯।୬ (ସଂଚାର ବ୍ୟୁରୋ) : ଇଣ୍ଡିଗୋ ବିମାନରେ ମାଡ଼ ହେଲା ପକ୍ଷୀ । ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ୧୮୦ ଯାତ୍ରୀଙ୍କ ଜୀବନ । ବୁଧବାର ଅପରାହ୍ନରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ କୋଲକାତା ଯାଉଥିବା ଇଣ୍ଡିଗୋ ବିମାନରେ ପକ୍ଷୀ ମାଡ଼ ହୋଇଥିଲା । ବିମାନର ସମ୍ମୁଖ ଭାଗରେ ସାମାନ୍ୟ କ୍ଷତି ହୋଇଥିବାବେଳେ ବିମାନରେ ଥିବା ୧୮୦ଜଣ ଯାତ୍ରୀ ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ବୁଧବାର ଅପରାହ୍ନ ୪ଟା ୨୦ରେ ଇଣ୍ଡିଗୋ ବିମାନ ୬ଇ-୬୭୧୭ ବିମାନ ରନ୍‌ୱେରେ ଉଡ଼ାଣ ଆରମ୍ଭ କରୁକରୁ ଏକ ବଡ଼ ପକ୍ଷୀ ବିମାନର ସାମନା ଭାଗରେ ମାଡ଼ ହୋଇଥିଲା। ଏପରିକି ବିମାନର ସମ୍ମୁଖ କାଚରେ ରକ୍ତ ଛିଟା ପଡ଼ିଥିଲା। ବିମାନ ସମ୍ମୁଖ ଭାଗ ନଷ୍ଟ ହୋଇଥିବାରୁ ପାଇଲଟ୍ ବିମାନକୁ ପୁଣି ଅବତରଣ କରିବାକୁ ଏଟିସିକୁ ଅନୁମତି ମାଗିଥିଲେ। ଏଟିସି ତୁରନ୍ତ ଅନୁମତି ଦେବା ପରେ ବିମାନଟି ଅବତରଣ କରିଥିଲା ଏବଂ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଥିଲା। ତେବେ ଅଳ୍ପ ସମୟ ମଧ୍ୟରେ ବିମାନଟି ହଠାତ୍ ଅବତରଣ କରିବାରୁ ଯାତ୍ରୀମାନେ ଭୟଭୀତ ହୋଇ ଯାଇଥିଲେ। ଯାତ୍ରୀମାନେ ବିମାନରେ ଚିତ୍କାର କରିଥିଲେ। ହେଲେ ପାଇଲଟ୍ କିଛି ବଡ଼ ସମସ୍ୟା ହୋଇନି ବୋଲି ଘୋଷଣା କରିବାରୁ ଯାତ୍ରୀମାନେ ଆଶ୍ୱସ୍ତ ହୋଇଥିଲେ। ଏହାପରେ ବିମାନଟି ପାର୍କିଂସ୍ଥଳୀକୁ ଆସିଥିଲା। ବହୁ ସମୟଧରି ଇଣ୍ଡିଗୋ ଇଞ୍ଜିନିୟର ସେଠାରେ ବିମାନ ଯାଞ୍ଚ କରିଥିଲେ ହେଁ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇବାକୁ ଦିଆଯାଇନଥିଲା।

# ପୂର୍ବତନ ୟୁକେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ

● ତ୍ରିପାକ୍ଷିକ ଏଲ୍‌ଓଆଇ ସ୍ୱାକ୍ଷରିତ

● ଶକ୍ତି ମନ୍ତ୍ରୀ ସମ୍ମିଳନୀର ନେତୃତ୍ୱ ନେବ ଓଡ଼ିଶା



ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କେଭି ସିଂହଦେଓ ଆଜି ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜ (ଟିବିଆଇ) ର କାର୍ଯ୍ୟକାରୀ ଅଧ୍ୟକ୍ଷ ଟୋନି ବ୍ଲେୟାରଙ୍କୁ ଦିଲ୍ଲୀସ୍ଥିତ ତାଜ ପ୍ୟାଲେସ ହୋଟେଲରେ ସାକ୍ଷାତ କରିଛନ୍ତି। ଉଭୟଙ୍କ ଉପସ୍ଥିତିରେ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, କାନପୁର ଓ ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜ ମଧ୍ୟରେ ଏକ ତ୍ରିପାକ୍ଷିକ ଇଣ୍ଟେଣ୍ଟ ଲେଟର (ଏଲଓଆଇ) ସ୍ୱାକ୍ଷରିତ ହୋଇଛି। ଏଲଓଆଇରେ ହୋଇଥିବା ସହମତି ଅନୁଯାୟୀ, ଓଡ଼ିଶା ଭାରତର ବିଭିନ୍ନ ରାଜ୍ୟର ଶକ୍ତି ମନ୍ତ୍ରୀମାନଙ୍କର କମ୍ୟୁନିଟି ପ୍ରାକ୍ଟିସ ପାଇଁ ନେତୃତ୍ୱ ନେବ। ଚଳିତ ବର୍ଷ ଶେଷ ଭାଗରେ ଓଡ଼ିଶାରେ ବିଭିନ୍ନ ରାଜ୍ୟର ଶକ୍ତି ମନ୍ତ୍ରୀଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଅବସରରେ ଶ୍ରୀ ବ୍ଲେୟାର୍ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ବିଦ୍ୟୁତ ସଂସ୍କାରରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ରାଜ୍ୟ ଗତ ବର୍ଷକ ମଧ୍ୟରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ଆକର୍ଷିତ କରିଛି। ଖଣିଜ ଆଧାରିତ ଶିଳ୍ପ ଓ ତାପଜ ବିଦ୍ୟୁତ୍ କେନ୍ଦ୍ର ଯୋଗୁଁ ଓଡ଼ିଶା ସାଧାରଣତଃ ଅସୁବିଧାର ସମ୍ମୁଖୀନ ହେଉଛି। ଏ କ୍ଷେତ୍ରରେ ସ୍ଥାୟୀ ଶକ୍ତି ସମାଧାନକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସହ ନିରନ୍ତର ସହଯୋଗ ପାଇଁ ସେ ପ୍ରସ୍ତୁତ ବୋଲି ଶ୍ରୀ ବ୍ଲେୟାର୍ ପ୍ରକାଶ କରିଛନ୍ତି।

ନେଟ୍ ଜିରୋ କାର୍ବନ ହାସଲ ପାଇଁ ଓଡ଼ିଶା ପ୍ରତିବଦ୍ଧ ଓ ଏହାକୁ ହାସଲ କରିବା ପାଇଁ ରାଜ୍ୟ ସର୍ବୋତ୍ତମ ଅନ୍ତର୍ଜାତୀୟ ମାନଦଣ୍ଡ ସହ ସମନ୍ୱିତ ଏକ ରଣନୈତିକ ଆଭିମୁଖ୍ୟ ଗ୍ରହଣ କରିବ ବୋଲି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଏଥିସହ ରାଜ୍ୟର ପଶ୍ଚିମାଞ୍ଚଳରୁ ଦାଦନ ଖଟିବାକୁ ଯାଉଥିବା ପ୍ରବାସୀ ପ୍ରସଙ୍ଗ ଉପରେ ବୈଠକରେ ଶ୍ରୀ ସିଂହଦେଓ ଆଲୋଚନା କରିଥିଲେ। ଓଡ଼ିଶା ସରକାରଙ୍କ କ୍ୟାବିନେଟ ଅନୁମୋଦିତ କୃତ୍ରିମ ବୁଦ୍ଧିମତା ନୀତିକୁ ଶ୍ରୀ ବ୍ଲେୟାରଙ୍କ ପ୍ରତିଷ୍ଠାନ ସମର୍ଥନ କରିବା ସହ ପ୍ରଶଂସା ବି କରିଛି। ଟିବିଆଇର ପ୍ରାଦେଶିକ ନିର୍ଦ୍ଦେଶକ ବିବେକ ଅଗ୍ରୱାଲ କହିଛନ୍ତି ଯେ ଶକ୍ତି ଓ ପ୍ରଯୁକ୍ତିବିଦ୍ୟାରେ ଓଡ଼ିଶାର ନେତୃତ୍ୱ ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଏକ ନୂତନ ମାନକ ସ୍ଥାପନ କରୁଛି। ଶକ୍ତି ମନ୍ତ୍ରୀଙ୍କ କମ୍ୟୁନିଟି ପ୍ରାକ୍ଟିସର ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଓ ଟିବିଆଇ ଏହି ଯାତ୍ରାର ଏକ ଅଂଶୀଦାର ହୋଇ ଗର୍ବିତ। ଟିବିଆଇର କଣ୍ଟ୍ରି ଡାଇରେକ୍ଟର ଶ୍ରୀ ଅଗ୍ରୱାଲ, ଆଇଆଇଟି କାନପୁରର ଡିନ୍ ପ୍ରଫେସର ସଚ୍ଚିଦାନନ୍ଦ ତ୍ରିପାଠୀ ଓ ଓଡ଼ିଶା ଶକ୍ତି ବିଭାଗର ବିତ୍ତୀୟ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ଦେବୀଦତ୍ତ ତ୍ରିପାଠୀ ଉକ୍ତ ଇଣ୍ଟେଣ୍ଟ ଲେଟରରେ ସ୍ୱାକ୍ଷର କରିଛନ୍ତି।

## ସମୁଦ୍ରକୂଳ,ସିଟି ରୋଡ୍‌ରୁ ହଟିଲା ପାର୍କିଂ

### ବଞ୍ଜାରାଙ୍କ ଉପରେ ପୁରୀ ପୁଲିସର ନଜର



ପୁରୀ, ୧୯।୬ (ସଂଚାର ବ୍ୟୁରୋ): ରଥଯାତ୍ରା ସମୟରେ ସିଟି ରୋଡ୍ ଓ ସମୁଦ୍ରକୂଳ ରୋଡରେ ଯାତାୟାତ ସମସ୍ୟା ଦେଖିବାକୁ ମିଳିଥାଏ। ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ଗମନା ଗମନ ସୁବିଧା ପାଇଁ ସ୍ଥାନୀୟ ଏସ୍‌ପି ବିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ପୁଲିସ ସ୍ୱତନ୍ତ୍ର ପଦକ୍ଷେପ ନେଇଛି। ସିଟି ରୋଡ୍ ଓ ସମୁଦ୍ରକୂଳ ରୋଡରେ ରହିଥିବା ଅନଧିକୃତ ଗାଡ଼ି ପାର୍କିଂକୁ ହଟାଇ ଦେଇଛନ୍ତି। ଏଣିକି ଯେଉଁମାନେ ଗାଡି ରଖିବେ, ସେମାନଙ୍କୁ ଅର୍ଥଦଣ୍ଡ ମିଳିବ। ସମ୍ପୃକ୍ତ ଅଞ୍ଚଳକୁ ସର୍ବଦା ଯାତାୟାତ ପାଇଁ ପାର୍କିଂମୁକ୍ତ ରଖାଯିବ। ଅର୍ବାନ ହାଟ ନିକଟରେ ପର୍ଯ୍ୟଟକ ବସ୍ ପାର୍କିଂ ଉପରେ ବି କଟକଣା ଲାଗୁ ହୋଇଛି। ସେହିପରି ଆଗାମୀ ରଥଯାତ୍ରା ପାଇଁ ପୁରୀ ସହରରେ ସମସ୍ତ ଥାନା ଅଧିକାରୀ ବିଭିନ୍ନ ସ୍ଥାନରେ ଖୋଲାସ୍ଥାନରେ ବସିଥିବା ବଞ୍ଜାରା ଓ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ନଜର ରଖିଛନ୍ତି। ସହରର ବିଭିନ୍ନ ଖାଲି ଅଞ୍ଚଳ, ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ, ଗ୍ରାଣ୍ଡ ରୋଡ଼ ଓ ସମୁଦ୍ର କୂଳ ଅଞ୍ଚଳରେ ବଞ୍ଜାରା ଲୋକମାନେ ଖୋଲା ସ୍ଥଳରେ ରହୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାର ଥାନାଧିକାରୀମାନେ ସେମାନଙ୍କ ଅଞ୍ଚଳ ଅନୁଯାୟୀ ବଞ୍ଜାରା ବସ୍ତି ବୁଲି ଯାଞ୍ଚ କାର୍ଯ୍ୟ କରିଛନ୍ତି।

## ସରକାରୀ ଟଙ୍କା ଆତ୍ମସାତ ଅଭିଯୋଗରେ ପୂର୍ବତନ ପିଇଓ ଗିରଫ



କନ୍ଧମାଳ, ୧୯।୬ (ସଂଚାର ବ୍ୟୁରୋ) : କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ସରାମୁଳି ପଞ୍ଚାୟତର ପୂର୍ବତନ ପିଇଓ ଅକ୍ରୁର ମାଝୀଙ୍କୁ ବାନ୍ଧିଲା ଭିଜିଲାନ୍ସ । ଏସଏଫସି/ସିଏଫସି ଅନୁଦାନ ଅଧୀନରେ ୫୩ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ଆତ୍ମସାତ କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ରାମୁଳି ପଞ୍ଚାୟତର ପୂର୍ବତନ ପିଇଓ ଅକ୍ରୁର ମାଝୀ ୫୩ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହା ପରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଦାରିଙ୍ଗବାଡି ବ୍ଲକରେ କାର୍ଯ୍ୟରତ ଅକ୍ରୁର ମାଝୀ ସରକାରୀ ପାଣ୍ଠିରୁ ୫୩,୩୮, ୮୦୯ ଟଙ୍କା ଆତ୍ମସାତ କରିଥିବା ଜଣାପଡ଼ିଥିଲା । ୩୧. ୧୦.୨୩ ରୁ ୧୮.୧୧.୨୦୨୪ ମଧ୍ୟରେ ପିଇଓ ଭାବରେ କାର୍ଯ୍ୟ କରୁଥିବା ସମୟରେ ସରାମୁଳି ପଞ୍ଚାୟତର ବିକାଶମୂଳକ କାର୍ଯ୍ୟକୁ କାର୍ଯ୍ୟକାରୀ ନକରି ୧୫ତମ ସିଏଫସି ଏବଂ ୫ମ ଏସଏଫସି ଅଧୀନରେ ୫୩, ୩୮, ୮୦୯ ଟଙ୍କା ହେରଫେର କରିଥିଲେ ।

# ସମ୍ବଲପୁର ସହରରେ ପାନୀୟ ଜଳ ପାଇଁ ୬୦୦ କୋଟିର ବ୍ୟୟ ବରାଦ




ସମ୍ବଲପୁର, ୧୯।୬ (ସଂଚାର ବ୍ୟୁରୋ) : ମ୍ୟୁନିସିପାଲିଟିରେ ବୁର୍ଲା ଓ ହୀରାକୁଦ ଏନଏସି ସହ ଆଖପାଖର ପ୍ରାୟ ୫୫ ଟି ଗାଁକୁ ମିଶାଇ ଏହାକୁ ମହାନଗରର ମାନ୍ୟତା ମିଳିଛି । ତେବେ ସମ୍ବଲପୁର ସହରର କେତେକ ସ୍ଥାନ ସହ ନୂଆଭାବେ ସମିଶ୍ରଣ ହୋଇଥିବା କେତୋଟି ଗାଁକୁ ଜନ ସ୍ୱାସ୍ଥ୍ୟ ବିଭାଗର ପାନୀୟ ଜଳ ପହଞ୍ଚି ପାରିନାହିଁ । ଯାହା ଫଳରେ ଲୋକେ ପାନୀୟ ଜଳ ପାଇଁ ହଇରାଣ ହେଉଛନ୍ତି। ଏହା ଦ୍ୱାରା ବେଳେ ବେଳେ ଜଳ ବାହିତ ରୋଗ ମଧ୍ୟ ହେବାର ନଜିର ରହିଛି ।
ଏହି ସମସ୍ୟାକୁ ନଜରରେ ରଖି ଏବେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସହରାଞ୍ଚଳ ଲୋକଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ଏକ ଏକ ନୂତନ ପ୍ରକଳ୍ପ ହାତକୁ ନିଆଯାଇଛି ।
ଏଥିପାଇଁ ୬୦୦ କୋଟି ବ୍ୟୟ ବରାଦ ହୋଇଥିବା ବେଳେ ଟେଣ୍ଡର ମଧ୍ୟ ଡକା ଯାଇଛି । ଏନେଇ ସମ୍ବଲପୁର ମହାନଗର ନିଗମର କମିଶନର ବେଦ ଭୂଷଣ ସୂଚନା ଦେଇଛନ୍ତି । କ୍ୟାବିନେଟ ମଞ୍ଜୁରୀ ଅପେକ୍ଷାରେ ଥିବା କହିଛନ୍ତି ମହାନଗର ନିଗମର କମିଶନର । ସମ୍ବଲପୁର ମହାନଗରର ଜନ ସଂଖ୍ୟା ପ୍ରାୟ ସାଢେ ୪ଲକ୍ଷ ରହିଛି । ଏହିଭଳି ଏକ ଜନସଂଖ୍ୟାକୁ ବ୍ୟବହାରଯୋଗ୍ୟ ଜଳ ଯୋଗେଇବା ଜନ ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ବଡ଼ ଆହ୍ୱାନ ରହିଛି । ମୁଖ୍ୟତଃ ପାଖରେ ହୀରାକୁଦ ଜଳଭଣ୍ଡାର ଓ ମହାନଦୀ ଥିବାରୁ ଏଠାରେ ପାଣି ର କୌଣସି ଅସୁବିଧା ନାହିଁ । ତେବେ ଏହି ପାଣିକୁ ବ୍ୟବହାରଯୋଗ୍ୟ କରିବା ପାଇଁ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟର ଆବଶ୍ୟକତା ରହିଛି ।

ସମ୍ବଲପୁର ମହାନଗରରେ ଥିବା ୮ ଟି ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଏଥିପାଇଁ ଯଥେଷ୍ଟ ନଥିବାରୁ ଜନସ୍ୱାସ୍ଥ୍ୟ ବିଭାଗ ସହର ଆଖିପାଖରେ ଥିବା ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗର କେତେକ ପ୍ରକଳ୍ପ ଉପରେ ନିର୍ଭରଶୀଳ ଥିଲା । ତେବେ ଏଥିରେ ମଧ୍ୟ ସମସ୍ୟା ରହୁଥିଲା, ଫଳରେ ସହରର କେତେକ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିଲେ । ଏଥିପାଇଁ ଏବେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଏକ ପ୍ରକଳ୍ପ ପାଇଁ ଟେଣ୍ଡର ଡକାଯାଇଛି । ଏହା ୬୦୦ କୋଟି ଟଙ୍କା ର ଅଟେ । ଏହି ପ୍ରକଳ୍ପ ଦ୍ୱାରା ମୁଖ୍ୟତଃ ସହରର ପ୍ରତ୍ୟେକ ଘରକୁ ଘର ପାନୀୟ ଜଳ ୨୪ ଘଣ୍ଟା ପହଞ୍ଚାଇବାକୁ ଚେଷ୍ଟା କରାଯିବ । ଏଥିପାଇଁ କେତେକ ପୁରୁଣା ପାନୀୟ ଜଳ ଯୋଗାଣ ପାଇପ ବଦଳାଯିବା ସହ କେତେକ ନୂଆ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ମଧ୍ୟ ବସା ଯିବ ।

ସମ୍ବଲପୁର ମହାନଗର ନିଗମର କମିଶନର ବେଦ ଭୂଷଣ କହିଛନ୍ତି ଯେ "ଆମେ ସବୁ ଘରକୁ ପାଣି ଦେଉଛୁ କିନ୍ତୁ ତାହା ୨୪ ଘଣ୍ଟା ଦିଆ ଯାଇ ପାରୁନି । ଆମ ପାଖରେ ହୀରାକୁଦ ଡ୍ୟାମ ଯୋଗୁଁ ପାଣିର କୌଣସି ଅସୁବିଧା ନାହିଁ ତେବେ ଆମକୁ ବିଶୋଧିତ ପାଣି ଦରକାର । ଏହା ଏକ ସମସ୍ୟା ଆଉ ଜଳ ଯୋଗାଣ ପାଇଁ ପାଇପ ସଂଯୋଗୀକରଣ ବ୍ୟବସ୍ଥା ସେତିକି ଭଲ ହେବା ଦରକାର । ସେଥିପାଇଁ ଏବେ ସରକାର ନିଷ୍ପତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଏକ ଟେଣ୍ଡର ଡକାଯାଇଛି ଯେଉଁଥିରେ ୬୦୦ କୋଟିର ବ୍ୟୟ ବରାଦ ରହିଛି । ଏଥିପାଇଁ କ୍ୟାବିନେଟ ମଞ୍ଜୁରୀ ମଧ୍ୟ ଖୁବ ଶୀଘ୍ର ମିଳିଯିବ । ଆଉ ଏହି ପ୍ରକଳ୍ପରେ କେତୋଟି ନୁଆଁ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ହେବ ଓ କେତେକ ପୁରୁଣା ପାନୀୟ ଜଳ ସଂଯୋଗୀକରଣ ପାଇପ ବଦଳାଯିବ" ।

ସୂଚନାଯୋଗ୍ୟ ଯେ ସମ୍ବଲପୁର ମହାନଗରରେ ଜନ ସ୍ୱାସ୍ଥ୍ୟ ବିଭାଗର ପ୍ରାୟ ୭୦ ହଜାର ଗ୍ରାହକ ଅଛନ୍ତି । ଅନ୍ୟପଟେ ମହାନଗରରେ ପ୍ରାୟ ସାଢେ ୪ ଲକ୍ଷ ଲୋକ ବସବାସ କରୁଛନ୍ତି । ଏହିଭଳି ଭାବରେ ଦୈନିକ ଜଣେ ବ୍ୟକ୍ତିଙ୍କୁ ୧୬୫ ଲିଟରର ପାଣି ର ଆବଶ୍ୟକତା ରହିଛି । ତେଣୁ ଏହା ଏକ ବଡ଼ ଆହ୍ୱାନ ଅଟେ ।
ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସମ୍ବଲପୁର ମହାନଗରରେ ପୂର୍ବରୁ ମାତ୍ର, ୮ଟି ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ରହିଛି । ତେବେ ଏହି ନୂତନ ପ୍ରକଳ୍ପ ରେ ବର୍ତ୍ତମାନ ସମ୍ବଲପୁର ସହରର କାଇଁଖିର ରୋଡ଼ ଅଞ୍ଚଳରେ ଗୋଟିଏ ୬୫ ଏମ୍‌ଏଲ୍‌ଡି କ୍ଷମତା ସମ୍ପନ୍ନ ଓ ବୁର୍ଲା ସହରର ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଞ୍ଚଳରେ ୩୫ ଏମ୍‌ଏଲ୍‌ଡି କ୍ଷମତା ସମ୍ପନ୍ନର ଗୋଟିଏ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ହେବ । ଏହା ଦ୍ୱାରା ସମ୍ବଲପୁର ମହାନଗର ଆଞ୍ଚଳ ରେ ଥିବା ପାଣି ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ‘ଟ୍ରାଇ’ର ଡ୍ରାଇଭ୍ ଟେଷ୍ଟରେ ଜିଓ ଆଗରେ

## କଟକରେ ପ୍ରଭାବଶାଳୀ ମୋବାଇଲ୍ ନେଟୱାର୍କ, ଡାଉନଲୋଡ୍ ସ୍ପିଡ୍ ଅଧିକ

**ଭୁବନେଶ୍ୱର, ୧୯।୬(ସଂଚାର ବ୍ୟୁରୋ):** ଭାରତୀୟ ଟେଲିକମ୍ ନିୟାମକ ବା ‘ଟ୍ରାଇ’ ଦ୍ୱାରା ୨୦୨୫ ଏପ୍ରିଲ୍ ମାସର ସଦ୍ୟତମ ସ୍ୱାଧୀନ ଡ୍ରାଇଭ୍ ପରୀକ୍ଷଣ ଫଳାଫଳ ପ୍ରକାଶ ପାଇଛି। ଏଥିରେ ରିଲାଏନ୍ସ ଜିଓ କଟକ ସହରରେ ବେଶ ଉତ୍କୃଷ୍ଟ ନେଟ୍ଓ୍ୱର୍କ ଭାବେ ସେବା ପ୍ରଦର୍ଶନ କରିଛି।

କଟକ ସହରରେ ଡାଟା ସେବା ପାଇଁ କରାଯାଇଥିବା ପରୀକ୍ଷଣରେ, ଜିଓ ଏହାର ନେଟ୍ୱାର୍କର ପ୍ରାଧାନ୍ୟ ପ୍ରମାଣିତ କରି ସର୍ବାଧିକ ୨୩୩.୪୬ mbps ହାରାହାରି ଡାଉନ୍ଲୋଡ୍ ସ୍ପିଡ୍ ହାସଲ କରିବା ସହିତ ୨୪.୦୪ mbpsରେ ଦୃଢ଼ ଅପଲୋଡ୍ ସ୍ପିଡ୍ ପ୍ରଦର୍ଶନ କରିଥିବା ଏହି ରିପୋର୍ଟରୁ ଜଣାପଡ଼ିଛି। ଜିଓର ହାରାହାରି ଡାଉନଲୋଡ୍ ସ୍ପିଡ୍ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଟେଲିକମ୍ କମ୍ପାନୀ ତୁଳନାରେ ପ୍ରାୟ ଦୁଇଗୁଣ ଅଧିକ ରହିଥିଲା। ବ୍ୟସ୍ତବହୁଳ ହଟସ୍ପଟ୍‌ଗୁଡ଼ିକରେ ମଧ ଜିଓର ୫ଜି ଡାଉନଲୋଡ୍ ସ୍ପିଡ୍ ୧୦୨.୦୯mbps ରହିଥିଲା, ଯାହା ଷ୍ଟ୍ରିମିଂ, ଭିଡିଓ




କନ୍ଫରେନ୍ସିଂ ଏବଂ ରିଅଲ୍-ଟାଇମ୍ ଆପ୍ଲିକେସନ୍ ପାଇଁ ନିରବଚ୍ଛିନ୍ନ ଯୋଗାଯୋଗ ସଂଯୋଗ ସୁନିଶ୍ଚିତ କରିଥିଲା। କଟକରେ ଜିଓର ଅଗ୍ରଣୀ ପ୍ରଦର୍ଶନ ଏହାର ବ୍ୟାପକ ଜାତୀୟ ପ୍ରଦର୍ଶନକୁ ପ୍ରତିଫଳିତ କରିଛି। ଭାରତର ସାତଟି ପ୍ରମୁଖ ସହର ଏବଂ ଜାତୀୟ ରାଜପଥ କରିଡରରେ ଏପ୍ରିଲ ୨୦୨୫ରେ ହୋଇଥିବା ପରୀକ୍ଷଣର ଟ୍ରାଇର ରିପୋର୍ଟରେ, ସାତଟି କ୍ଷେତ୍ର ମଧ୍ୟରୁ ପାଞ୍ଚଟିରେ ଜିଓ ଶୀର୍ଷ ମାନ୍ୟତା ପ୍ରାପ୍ତ ଅପରେଟର ଭାବେ ଉଭା ହୋଇଛି। ଏହା ପରୀକ୍ଷଣ କରାଯାଇଥିବା ସମସ୍ତ ସ୍ଥାନରେ କଲ୍ ସେଟ୍-ଅପ୍ ସଫଳତା ହାର (ସିଏସଏସଆର), କଲ୍ ସେଟ୍-ଅପ୍ ସମୟ, ମ୍ୟୁଟ୍ କଲ୍ ରେଟ୍ ଏବଂ ଡାଉନଲୋଡ୍ ସ୍ପିଡ୍ ଭଳି ଗୁରୁତ୍ୱପୂର୍ଣ୍ଣ ମାପଦଣ୍ଡରେ ଶୀର୍ଷ ପ୍ରଦର୍ଶନ କରିଥିଲା।

ସୂଚନା ମୁତାବକ, ଜିଓ ରାଜ୍ୟରେ ଏହାର ବ୍ୟାପକ ୪ଜି ଏବଂ ୫ଜି ନେଟୱାର୍କ ଉପସ୍ଥିତି ସହିତ ଓଡ଼ିଶାର ସର୍ବାଧିକ ପସନ୍ଦର ଡିଜିଟାଲ୍ ସେବା ପ୍ରଦାନକାରୀ ନେଟ୍ଓ୍ୱର୍କ ଭାବେ ପ୍ରାୟ ୪୬ ପ୍ରତିଶତ ମୋବାଇଲ୍ ଉପଭୋକ୍ତା ବଜାର ଅଂଶ ଏବଂ ୮୪ ପ୍ରତିଶତରୁ ଅଧିକ ୫ଜି ଏଫଡବ୍ଲୁଏ ଉପଭୋକ୍ତା ବଜାର ଅଂଶ ହାସଲ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ସବସ୍କ୍ରାଇବର ତଥ୍ୟ ଅନୁଯାୟୀ, ରାଜ୍ୟରେ ଏପ୍ରିଲ୍ ମାସ ଶେଷ ସୁଦ୍ଧା ଜିଓ ନେଟୱାର୍କରେ ୧.୬୧ କୋଟିରୁ ଅଧିକ ମୋବାଇଲ୍ ଉପଭୋକ୍ତା, ୩ ଲକ୍ଷରୁ ଅଧିକ ଜିଓଫାଇବର ଉପଭୋକ୍ତା ଏବଂ ୧.୬୭ ଲକ୍ଷରୁ ଅଧିକ ଜିଓ ଏୟାର ଫାଇବର ଉପଭୋକ୍ତା ରହିଥିବା ବେଳେ ଏହା ସମସ୍ତ ତିନୋଟି କ୍ଷେତ୍ରରେ ସର୍ବାଗ୍ରେ ରହିଛି।

## ଭାରତରେ ୨ ହଜାର କୋଟିରୁ ଅଧିକ ଟଙ୍କାର ନିବେଶ କରିବ ଆମାଜନ

**ନୂଆଦିଲ୍ଲୀ, ୧୯।୬:** ଇ-କମର୍ସ କମ୍ପାନୀମାଜ ଆନ ଇଣ୍ଡିଆ ଭାରତରେ ୨୦୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିବ। ଗୁରୁବାର ଦିନ ଏହା ଘୋଷଣା କରି କମ୍ପାନୀ କହିଛି ଯେ ଆମର ଉଦ୍ଦେଶ୍ୟ ହେଉଛି ସମଗ୍ର ଭାରତରେ ଡେଲିଭରି ନେଟୱାର୍କକୁ ଆହୁରି ମଜବୁତ କରିବା। ଆମାଜନ କହିଛି ଯେ ଏହି ନିବେଶ ନେଟୱାର୍କ ବିସ୍ତାର ଏବଂ ଅପଗ୍ରେଡରେ ସାହାଯ୍ୟ କରିବ, ଯାହା ଦ୍ୱାରା ଗ୍ରାହକମାନଙ୍କୁ ଅଧିକ ଶୀଘ୍ର ଏବଂ ଅଧିକ ବିଶ୍ୱସନୀୟ ଭାବରେ ସେବା ଯୋଗାଇ ଦିଆଯାଇପାରିବ। ଖବର ଅନୁଯାୟୀ, କମ୍ପାନୀ ଏହି ନିବେଶ ଘୋଷଣା ଏପରି ଏକ ସମୟରେ କରିଛି ଯେତେବେଳେ ଭାରତର ଇ-କମର୍ସ ବଜାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆମାଜନ ଏବଂ ୱାଲମାର୍ଟର ଫ୍ଲିପକାର୍ଟ ପରି କମ୍ପାନୀଗୁଡ଼ିକ ଏବଂ ଛୋଟ ଅନଲାଇନ୍ ପ୍ଲେୟାରମାନେ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଦେଶର ଇ-ବ୍ୟବସାୟିକ ଦୃଶ୍ୟପଟକୁ ପୁନଃଆକୃତି ଦେଇଛନ୍ତି। ଆମାଜନ ଦେଶର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଇ-କମର୍ସ ବଜାରରେ କୋଟି କୋଟି ଡଲାର ନିବେଶ କରିଛି। କିଛି ଆକଳନ ଅନୁଯାୟୀ, ଏହି ବଜାର ୨୧ ପ୍ରତିଶତର ଏକ ଚକ୍ରବୃଦ୍ଧି ହାରରେ ବୃଦ୍ଧି ପାଇବ ଏବଂ ୨୦୩୦ ସୁଦ୍ଧା ୩୨୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ। ୨୦୦୦ କୋଟି ଟଙ୍କାରୁ ଅଧିକ ନିବେଶ ଘୋଷଣା କରି, ଆମାଜନ କହିଛି ଯେ ଏହି ନୂତନ ନିବେଶ ଏକ ଅପରେସନ୍ ନେଟୱାର୍କ ନିର୍ମାଣରେ ସାହାଯ୍ୟ କରିବ। ଯାହାଦ୍ୱାରା ସବୁ ଅପହଞ୍ଚ ଅଂଚଳରେ ବି ଡେଲିଭରି ହୋଇପାରିବ। ଏହି ନିବେଶ ମାଧ୍ୟମରେ ବିତରଣ ନେଟୱାର୍କରେ ବିଦ୍ୟମାନ ସୁବିଧାଗୁଡ଼ିକୁ ଅପଗ୍ରେଡ୍ କରିବାକୁ ଯୋଜନା କରୁଛି। କମ୍ପାନୀ କହିଛି ଯେ ଏହି ନିବେଶ ପ୍ରକ୍ରିୟାକରଣ କ୍ଷମତା ବୃଦ୍ଧି କରିବ, ଯୋଗାଣର ଗତିକୁ ଉନ୍ନତ କରିବ ଏବଂ କମ୍ପାନୀର କାର୍ଯ୍ୟ ନେଟୱାର୍କରେ ଦକ୍ଷତା ବୃଦ୍ଧି କରିବ। ଏହା କରିବା ଦ୍ୱାରା ଆମାଜନ ସାରା ଭାରତରେ ଗ୍ରାହକମାନଙ୍କୁ ଦ୍ରୁତ ଏବଂ ଅଧିକ ନିର୍ଭରଯୋଗ୍ୟ ଭାବରେ ସେବା ଯୋଗାଇବାରେ ସାହାଯ୍ୟ କରିବ।




## ଟ୍ରମ୍ପଙ୍କ ନୂଆ ବିଜନେସ୍ ପାର୍ଟନର ହେବେ ମୁକେଶ ଅମ୍ବାନୀ

**ନୂଆଦିଲ୍ଲୀ, ୧୯।୬:** ଟ୍ରମ୍ପଙ୍କ ନୂଆ ବିଜନେସ୍ ପାର୍ଟନର ହେବେ ମୁକେଶ ଅମ୍ବାନୀ। ଭାରତର ସବୁଠାରୁ ଧନୀ ବ୍ୟକ୍ତି ତଥା ରିଲାଏନ୍ସ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିଅଲ୍ ଇଷ୍ଟେଟ୍ କମ୍ପାନୀରେ ନିବେଶ କରୁଥିବା ବିଦେଶୀ ଡେଭଲପରଙ୍କ ତାଲିକାରେ ସାମିଲ ହୋଇଛନ୍ତି। ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ୪ଆଇଆର୍ ରିଅଲ୍ଟି ଡେଭଲପମେଣ୍ଟ ମୁମ୍ବାଇରେ ଏକ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ପାଇଁ ଟ୍ରମ୍ପ ସଂଗଠନକୁ ପ୍ରାୟ ୮୬.୫ କୋଟି ଟଙ୍କାର ଡେଭଲପମେଣ୍ଟ ଫି ଦେଇଛି। ରିଲାଏନ୍ସ 4IR ରିଅଲ୍ଟି ଡେଭଲପମେଣ୍ଟ ହେଉଛି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଏକ ୟୁନିଟ୍। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟ ଅନୁଯାୟୀ, ବର୍ଷ ବର୍ଷ ଧରି ବିଶ୍ୱ ରାଜନୀତିରୁ ବ୍ୟବସାୟକୁ ଦୂରରେ ରଖିବା ପରେ ଟ୍ରମ୍ପ ପରିବାର ଏବେ ଏହି ଚୁକ୍ତିକୁ ବୃଦ୍ଧି କରୁଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ବାର୍ଷିକ ଆର୍ଥିକ ରିପୋର୍ଟ ଅନୁଯାୟୀ, ଭିଏତନାମ, ଦୁବାଇ ଏବଂ ସାଉଦି ଆରବ ଭଳି ଦେଶରେ ଟ୍ରମ୍ପ-ବ୍ରାଣ୍ଡେଡ୍ ପ୍ରୋଜେକ୍ଟ ଯୋଜନା କରୁଥିବା ନିବେଶକମାନେ ୨୦୨୪ ମସିହାରେ ଟ୍ରମ୍ପ ସଂଗଠନକୁ ୪୪.୬ ମିଲିୟନ ଡଲାର ବିଦେଶୀ ଲାଇସେନ୍ସିଂ ଏବଂ ଡେଭଲପମେଣ୍ଟ ଫି ପ୍ରଦାନ କରିଥିଲେ। ୨୦୨୩ରେ ୮୨ ନିୟୁତ ଡଲାର ଏବଂ ୨୦୨୨ରେ ୯୪ ନିୟୁତ ଡଲାର ଥିଲା। ଏହାର ଅର୍ଥ ହେଉଛି ଟ୍ରମ୍ପଙ୍କ ବ୍ୟବସାୟରେ ବିଦେଶୀ ନିବେଶ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଭାରତର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ ଏବଂ ଟ୍ରମ୍ପ ସଂଗଠନ ମଧ୍ୟରେ ଏକ ବଡ଼ ଚୁକ୍ତି ହୋଇଛି। ଏହି ଚୁକ୍ତି ହେଉଛି ଭାରତ ସହିତ ଜଡିତ ଟ୍ରମ୍ପ ପରିବାରର ସବୁଠାରୁ ବଡ଼ ବ୍ୟବସାୟିକ ଚୁକ୍ତି। ଏହା ଅଧୀନରେ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଏକ ୟୁନିଟ୍ ମୁମ୍ବାଇରେ ଏକ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ପାଇଁ ଟ୍ରମ୍ପ ବ୍ରାଣ୍ଡ ବ୍ୟବହାର କରିବ। ଏଥିପାଇଁ କମ୍ପାନୀ ୮୬.୫ କୋଟି ଟଙ୍କାର 'ଡେଭଲପମେଣ୍ଟ ଫି' ଦେଇଛି। ଏହି ଚୁକ୍ତିନାମା ଟ୍ରମ୍ପ ସଂଗଠନକୁ ଆନ୍ତର୍ଜାତୀୟ ବ୍ୟବସାୟକୁ ଫେରିବାର ସ୍ପଷ୍ଟ ସୂଚନା ଦେଉଛି। ୨୦୨୪ରେ ଏହାର ବିଦେଶୀ ଲାଇସେନ୍ସିଂ ଆୟ ପାଞ୍ଚଗୁଣ ବୃଦ୍ଧି ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନୁଯାୟୀ, ଟ୍ରମ୍ପ ସଂଗଠନ ୨୦୨୪ରେ ଲାଇସେନ୍ସିଂ ଏବଂ ଡେଭଲପମେଣ୍ଟ ଫି ବାବଦକୁ ସାରା ବିଶ୍ୱରେ ୩,୮୫୪.୯ କୋଟି ଟଙ୍କା ରୋଜଗାର କରିଥିଲା। ୨୦୨୩ରେ ଏହି ସଂଖ୍ୟା କେବଳ ୭୦୯.୩ କୋଟି ଟଙ୍କା ଥିଲା। ମୁମ୍ବାଇରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପ ବିଷୟରେ ଏପର୍ଯ୍ୟନ୍ତ ଅଧିକ ସୂଚନା ନାହିଁ। ଏହା ପ୍ରଥମ ଥର ଯେ ରିଲାଏନ୍ସ କମ୍ପାନୀ ଟ୍ରମ୍ପ ବ୍ରାଣ୍ଡ ସହିତ କାମ କରୁଛି। ଅମ୍ବାନୀଙ୍କ ବ୍ୟବସାୟ ପେଟ୍ରୋକେମିକାଲ୍ସ, ଟେଲିକମ୍ ଏବଂ ଖୁଚୁରା ଭଳି କ୍ଷେତ୍ରରେ ରହିଛି। ବର୍ତ୍ତମାନ ତାଙ୍କ କମ୍ପାନୀ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ମଧ ବୃଦ୍ଧି ପାଉଛି। କମ୍ପାନୀ ମୁମ୍ବାଇରେ ୪ ହଜାର ଏକର ଜମିରେ ଏକ ବଡ଼ ପ୍ରକଳ୍ପ ନିର୍ମାଣ କରିବାକୁ ଯୋଜନା କରୁଛି। ରିଲାଏନ୍ସ ଗ୍ରୁପ୍ ଏହି ଚୁକ୍ତିନାମା ଉପରେ କୌଣସି



ବିବୃତ୍ତି ଦେଇନାହାଁନ୍ତି। ଏହି ଚୁକ୍ତିନାମା ଦର୍ଶାଉଛି ଯେ ଟ୍ରମ୍ପ ପରିବାର ଏବେ ବିଶ୍ୱବ୍ୟାପୀ ନିଜର ବ୍ୟବସାୟକୁ ବିସ୍ତାର କରିବାକୁ ଚାହୁଁଛି। ଯେତେବେଳେ ଡୋନାଲ୍ଡ ଟ୍ରମ୍ପ ତାଙ୍କ ପ୍ରଥମ କାର୍ଯ୍ୟକାଳରେ ରାଷ୍ଟ୍ରପତି ହୋଇଥିଲେ, ସେ ବିଦେଶୀ ଚୁକ୍ତି ନକରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏବେ ଏରିକ୍ ଟ୍ରମ୍ପଙ୍କ ସହିତ ପାରିବାରିକ ବ୍ୟବସାୟ ପରିଚାଳନା କରୁଥିବାରୁ ବଦଳିଛି ନିଷ୍ପତ୍ତି।

୨୦୨୪ ମସିହାରେ ଟ୍ରମ୍ପ ସଂଗଠନର ବିଦେଶୀ ଆୟ ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଇଛି। 'ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ଅନୁଯାୟୀ, ସାଉଦି ଆରବର ଡାର ଅଲ ଆର୍କାନ ସବୁଠାରୁ ବଡ଼ ଅଂଶୀଦାର ଥିଲା। ଏହା କେବଳ ସାଉଦି ଆରବ, ଓମାନ ଏବଂ ଦୁବାଇରେ ଟ୍ରମ୍ପ ବ୍ରାଣ୍ଡେଡ୍ ପ୍ରୋଜେକ୍ଟ ପାଇଁ ୧,୯୦୩ କୋଟି ଟଙ୍କା ଦେଇଥିଲା। ଭିଏତନାମର ହଙ୍ଗ ୟେନ୍ ହସପିଟାଲିଟି ୪୩୨.୫ କୋଟି ଟଙ୍କା ଦେଇଥିଲା। ଦୁବାଇର ଡାମାକ୍ ପ୍ରପର୍ଟିଜ୍ ୪୪୯.୮ କୋଟି ଟଙ୍କା ଦେଇଥିଲା। ତେବେ ରିଲାଏନ୍ସରୁ ମିଳିଥିବା ୮୬.୫ କୋଟି ଟଙ୍କା ମଧ ଏହି ଅଭିବୃଦ୍ଧିରେ ଏକ ପ୍ରମୁଖ ଅଂଶ ହୋଇ ରହିବ।

## ଭାରତରେ ତିଆରି ହେବ ଫାଲକନ ୨୦୦୦ ବିଜନେସ ଜେଟ୍

**ନୂଆଦିଲ୍ଲୀ, ୧୯।୬:** ଏବେ ଭାରତରେ ତିଆରି ହେବ ଫାଲକନ ୨୦୦୦ ବିଜେନେଶ ଜେଟ୍ ବିମାନ। ଏନେଇ ଅନିଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଏରୋଷ୍ଟ୍ରକ୍ଚର ଲିମିଟେଡ୍ ଫ୍ରାନ୍ସ କମ୍ପାନୀ ଡାସଲ୍ଟ ଆଭିଏସନ୍ ସହ ଚୁକ୍ତି ସ୍ୱାକ୍ଷର କରିଛି। ଦୁଇ କମ୍ପନୀ ମିଶି ଭାରତରେ ଫାଲକନ ୨୦୦୦ ବିଜେନେଶ ଜେଟ୍ ତିଆରି କରିବେ। ଏହି ଚୁକ୍ତି ପ୍ୟାରିସ୍ ଏୟାରଶୋରେ ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ଡାସଲ୍ଟ ଫ୍ରାନ୍ସ ବାହାରେ ଏହାର ଫାଲକନ୍ ଜେଟ୍ ନିର୍ମାଣ କରିବ। ଏହି ସଫଳତା ମିଳିବା ପରେ ଭାରତ ବିଶ୍ୱ ବଜାର ପଇଁ ବିଜନେଶ ଜେଟ୍ ତିଆରି କରୁଥିବା କିଛି ଖାସ୍ ଦେଶ ତାଲିକାରେ ସାମିଲ୍ ହୋଇଛି। ବର୍ତ୍ତମାନ ଆମେରିକା, ଫ୍ରାନ୍ସ, କାନାଡା ଏବଂ ବ୍ରାଜିଲରେ ଗ୍ଲୋବାଲ ମାର୍କେଟ୍ ପାଇଁ ବିଜ୍‌ନେଶ ଜେଟ୍ ତିଆରି ହେଉଛି। ଏବେ ଭାରତରେ ଏହା ତିଆରି ହେବ।

ପ୍ରଥମ ଭାରତର ନିର୍ମିତ' ଫାଲକନ୍ ୨୦୦୦ ଜେଟ୍ ୨୦୨୮ ସୁଦ୍ଧା ଉଡ଼ାଣ ଆରମ୍ଭ କରିବାର ଯୋଜନା ରଖାଯାଇଛି। ଏହି ବିମାନ ଉଭୟ କର୍ପୋରେଟ୍ ଏବଂ



ସାମରିକ ବ୍ୟବହାରରେ ଲାଗିପାରିବ। ଏହି ଘୋଷଣା ପରେ ବୁଧବାର ବିଏସଇରେ ରିଲାଏନ୍ସ ଇନଫ୍ରାର ଶେୟାର ମୂଲ୍ୟ ୫ ପ୍ରତିଶତ ବୃଦ୍ଧି ପାଇ ୩୮୬.୯୫ ଟଙ୍କାରେ ଟ୍ରେଡିଂ ହେଉଥିଲା। ମହାରାଷ୍ଟ୍ରର ନାଗପୁରରେ ଥିବା ଡାସଲ୍ଟ ରିଲାଏନ୍ସ ଏରୋସ୍ପେସ୍ ଲିମିଟେଡ୍ (ଡିଆରଏଏଲ୍)ରେ ବିମାନର ଆସେମ୍ବଲି ଲାଇନ୍ ସ୍ଥାପନ କରାଯିବ। ଏହି ସୁବିଧା ଫାଲକନ୍ ସିରିଜ୍ ପାଇଁ ଏକ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର ହେବ, ଯେଉଁଥିରେ ଫାଲକନ୍ ୬ଏକ୍ସ ଏବଂ ଫାଲକନ୍ ୮ଏକ୍ସ ଜେଟ୍ ପାଇଁ ଭବିଷ୍ୟତର ଆସେମ୍ବଲି କାର୍ଯ୍ୟ କରିବ। ରିଲାଏନ୍ସ ଏରୋଷ୍ଟ୍ରକ୍ଚର ହେଉଛି ରିଲାଏନ୍ସ ଇନଫ୍ରାଷ୍ଟ୍ରକ୍ଚରର ଏକ ସହାୟକ କମ୍ପାନୀ। ଡାସଲ୍ଟ ରିଲାଏନ୍ସ ଏରୋସ୍ପେସ୍ ଲିମିଟେଡ୍ ୨୦୧୭ରେ ରିଲାଏନ୍ସ ଏବଂ ଡାସଲ୍ଟ ମଧ୍ୟରେ ଏକ ଜଏଣ୍ଟ ଭେଞ୍ଚର ଭାବରେ ଆରମ୍ଭ ହୋଇଥିଲା। ଏହି ନୂଆ ସହଭାଗୀତାରେ, ଫାଲକନ୍ ୨୦୦୦ ର ପ୍ରମୁଖ ଉତ୍ପାଦନ ପ୍ରକ୍ରିୟା ଡିଆରଏଏଲ୍‌କୁ ସ୍ଥାନାନ୍ତରିତ ହେବ। ୨୦୧୯ରୁ ଡିଆରଏଏଲ୍ ପ୍ଲାଣ୍ଟରେ ଫାଲକନ୍ ୨୦୦୦ର କିଛି ପାର୍ଟ ତିଆରି କରୁଛି। ଏବେ ସମ୍ପୂର୍ଣ୍ଣ ଜେଟ୍ ଏଠାରେ ତିଆରି ହେବ। ଏହା ଭାରତର ମେକ୍ ଇନ୍ ଇଣ୍ଡିଆ ମିଶନ ପାଇଁ ଏକ ବଡ଼ ପଦକ୍ଷେପ।

ଫାଲକନ ଜେଟ୨୦୦୦ ହେଉଛି ଡାସଲ୍ଟ ଆଭିଏସନ୍ ଦ୍ୱାରା ନିର୍ମିତ ଏକ ଉଚ୍ଚମାନର ବ୍ୟବସାୟିକ ଜେଟ୍। ଏହି ଜେଟ୍ ଏହାର ଲଗଜୁରୀ,,ସ୍ପିଡ୍ ଏବଂ ଦୂର ଯାତ୍ରା ପାଇଁ ପ୍ରସିଦ୍ଧ। ଏହା ପ୍ରାୟ ୬,୦୦୦ କିଲୋମିଟର ପର୍ଯ୍ୟନ୍ତ ନିରନ୍ତର ଉଡ଼ିପାରିବ। ଏହାକୁ ବଡ଼ ବ୍ୟବସାୟୀ, ସେଲିବ୍ରିଟି ଏବଂ କିଛି ଦେଶର ସେନା ବ୍ୟବହାର କରନ୍ତି। ଏହାର ମୂଲ୍ୟ ପ୍ରାୟ ୩୫ କୋଟି ଟଙ୍କା।




## ବାଧ୍ୟତାମୂଳକ ଇ-ସେବାରେ ପଛୁଆ

**ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ):** ନାଗରିକମାନଙ୍କୁ ୫୬ଟି ସେବାକୁ ବାଧ୍ୟତାମୂଳକ ଭାବେ ଅନ୍‌ଲାଇନ୍ ମାଧ୍ୟମରେ ପ୍ରଦାନ କରିବାର ବ୍ୟବସ୍ଥା ଥିବା ବେଳେ ଓଡ଼ିଶା ମାତ୍ର ୨୫ଟି ସେବା ପ୍ରଦାନ କରୁଛି। ଫଳରେ ଏକ୍ଷେତ୍ରରେ ରାଜ୍ୟର ସାଚୁରେସନ୍ ଲେଭଲ୍ (ପରିପୂଷ୍ଟ ସ୍ତର) ୪୪.୬୫ ପ୍ରତିଶତ ରହିଛି। ଗୁଜରାଟ, ତାମିଲନାଡୁ, ରାଜସ୍ଥାନ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କେରଳ, ପଞ୍ଜାବ, ହିମାଚଳପ୍ରଦେଶ ଓ କର୍ଣ୍ଣାଟକ ଭଳି ରାଜ୍ୟ ସମସ୍ତ ୫୬ଟି ସେବାକୁ ବାଧ୍ୟତାମୂଳକ ଇ-ସେବା ଅଧୀନରେ ଅନ୍ତର୍ଭୁକ୍ତ କରିଛନ୍ତି। କିନ୍ତୁ, ଏକକ ଏକୀକୃତ ପୋର୍ଟାଲ୍ କ୍ଷେତ୍ରରେ ଓଡ଼ିଶାର ‘ଓଡ଼ିଶା ୱାନ୍’ ୪୦୪ ସେବା ସହିତ ଶତ ପ୍ରତିଶତ ସାଚୁରେସନ୍ ସ୍ତର ହାସଲ କରିପାରିଛି। ଭାରତ ସରକାରଙ୍କ ପ୍ରଶାସନିକ ସଂସ୍କାର ଓ ସାର୍ବଜନୀନ ଅଭିଯୋଗ (ଡିଏଆର୍‌ଜିପି) ବିଭାଗର ୨୪ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ ସେବା ପ୍ରଦାନ ଅନୁଶୀଳନ (ଏନ୍‌ଇଏସ୍‌ଡିଏ)ର ୨୪ତମ ମାସିକିଆ ରିପୋର୍ଟରେ ଏ ସମ୍ପର୍କରେ ଆଲୋଚନା କରାଯାଇଛି। ନୂତନ ଭାବେ ଆରମ୍ଭ କରାଯାଇଥିବା ୫ ବାଧ୍ୟତାମୂଳକ ସେବାକୁ ଏନ୍‌ଇଏସ୍‌ଡିଏ ୱେ ଫର୍‌ୱାର୍ଡ ଡ୍ୟାସ୍‌ବୋର୍ଡର ବାଧ୍ୟତାମୂଳକ ତାଲିକାରେ ସାମିଲ କରିବାକୁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଉପ ସଚିବ ଶ୍ରୀନିବାସ ମିଶ୍ର ସମସ୍ତ ବିଭାଗକୁ ଅବଗତ କରିଛନ୍ତି। ସେହି ସେବାଗୁଡ଼ିକ ହେଉଛି ସରକାରୀ ଚାକିରି ପାଇଁ ଆବେଦନ, ଟ୍ରାଫିକ୍ ଉଲ୍ଲଂଘନର ଅନ୍‌ଲାଇନ୍ ଦେୟ ପ୍ରଦାନ, ଅନ୍‌ଲାଇନ୍ ଏତଲା ପଞ୍ଜୀକରଣ, ଅନ୍‌ଲାଇନ୍ ଅଭିଯୋଗ ପରିଚାଳନା ଏବଂ ଅନଲାଇନ୍ ଜମି/ ସମ୍ପତ୍ତି ପଞ୍ଜୀକରଣ। ଇ-ସେବାରେ ୧୦୦ ପ୍ରତିଶତ ସାଚୁରେସନ୍ ସ୍ତର ହାସଲ କରିବା ପ୍ରତି ଧ୍ୟାନ ଦେବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ସୂଚନା ଅନୁସାରେ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ୨୦,୬୩୮ଟି ଇ-ସେବା ପ୍ରଦାନ କରୁଛନ୍ତି। କର୍ଣ୍ଣାଟକ ସର୍ବାଧିକ ୨୦୮୯ଟି ଇ-ସେବା ଯୋଗାଉଛି। ଇ-ସେବାରେ ସର୍ବାଧିକ ସ୍ଥାନୀୟ ପ୍ରଶାସନ ଓ ୟୁଟିଲିଟି ସେବା ଯୋଗାଇ ଦିଆଯାଉଛି। ସମସ୍ତ ଇ-ସେବାରେ ସାଚୁରେସନ୍ ସ୍ତର ହାସଲ କରିବା ଉପରେ ଧ୍ୟାନ ଦେବାକୁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ କହିଛନ୍ତି। ଏଥି ସହିତ ନିଜ ନିଜର ଏକକ ଏକୀକୃତ ସେବା ପ୍ରଦାନ ପୋର୍ଟାଲ୍‌କୁ ଆହୁରି ଦୃଢ଼ କରିବାକୁ ପରାମର୍ଶ ଦେଇଛନ୍ତି।

**୫୬ରୁ ୨୫ଟି ମିଳୁଛି**

## ଡାକ୍ତରୀ ପଢ଼ିବା ସ୍ୱପ୍ନ ସାକାର କଲା ଜିନ୍ଦଗୀ ଫାଉଣ୍ଡେସନ୍

**ଭୁବନେଶ୍ୱର, ୧୯।୬(ସଂଚାର ବ୍ୟୁରୋ):** ଦୃଢ଼ ଇଚ୍ଛାଶକ୍ତି ଆର୍ଥିକ ଅଭାବକୁ ପଛରେ ପକାଇ ଦିଏ। ଏହା କରି ଦେଖାଇଛନ୍ତି ଓଡ଼ିଶାର ୨୦ଜଣ ଛାତ୍ରଛାତ୍ରୀ। ଜଣେ ଦିନ ମଜୁରିଆଙ୍କ ପୁଅ ରଘୁନାଥ ବେହେରା ଦିବ୍ୟାଙ୍ଗ ବର୍ଗରେ ସାରା ଦେଶରେ ତୃତୀୟ ସ୍ଥାନ ହାସଲ କରି ଭଲ ସରକାରୀ ମେଡିକାଲ କଲେଜରେ ପଢ଼ିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା କେବଳ ଜିନ୍ଦେଗୀ ଫାଉଣ୍ଡେସନ୍ ଉଦ୍ୟମ ବଳରେ ସମ୍ଭବ ହୋଇପାରିଛି। କେବଳ ରଘୁନାଥ ନୁହନ୍ତି, କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅନ୍ତର୍ଗତ ବସିରା ଗାଁର ଜୟନ୍ତ କୁମାର ପ୍ରଧାନ, ନୟାଗଡ଼ ଜିଲ୍ଲାର ସୋନାଲି ରାଉତ, ଝାଡ଼ଖଣ୍ଡ ଦେଓଘରର ମନୀଷ, ଅଲିଭାଙ୍କ ପରି ଛାତ୍ରଛାତ୍ରୀମାନେ ନିଟ୍ ୨୦୨୫ରେ କୃତିତ୍ୱ ହାସଲ କରି ଡାକ୍ତରୀ ପାଠ୍ୟ ପାଠପଢ଼ିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଜିନ୍ଦେଗୀ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଅଜୟ ବାହାଦୁର ସିଂହ କହିଛନ୍ତି, ଛାତ୍ରଛାତ୍ରୀମାନଙ୍କ ସଫଳତା ସେମାନଙ୍କ ପରିବାରରେ ପରିବର୍ତ୍ତନ ଆଣିଛି। ସେମାନେ ଯେଉଁ କଷ୍ଟକର ପରିସ୍ଥିତିର ସାମ୍ନା କରିଛନ୍ତି, ତାହା ପ୍ରକୃତରେ ଅକଳ୍ପନୀୟ। ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସେମାନେ ଆଜି ସଫଳ ହୋଇଛନ୍ତି। ପ୍ରତିବର୍ଷ ଭଳି ଏଥର ମଧ ଫାଉଣ୍ଡେସନ୍ ତାହାର ସଫଳତାର ଯାତ୍ରା ଜାରି ରଖିଛି ବୋଲି ସେ କହିଛନ୍ତି।




## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୧, ୦୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ହଜାର ୬୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୧, ୦୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୬୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୧, ୦୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୬୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୧,୨୧୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨,୮୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧, ୦୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୬୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୧, ୦୮୦ ଓ ୯୨, ୬୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୨ , ୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ଓ ସାମୂହିକ ଅଭ୍ୟାସ



**ବୈଶିଙ୍ଗା,୧୯।୬(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳିପୁରା ଗ୍ରା :ପ ଅଧିନସ୍ଥ ବେଲାଣପୁର ବହୁମୂଖୀ ବନ୍ୟା ଆଶ୍ରୟସ୍ଥଳୀ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସଚେତନତା ଓ ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ , ଆଶ୍ରୟସ୍ଥଳୀ ପରିଚାଳନା କମିଟି ଓ ଫୋର୍ଡ ନାଖରା ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଫୋର୍ଡ ର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସରପଞ୍ଚ ମମତା ନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ସୁଶାନ୍ତ କୁମାର ସୂତାର , ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ବେତନଟୀ ବନାଞ୍ଚଳ ଅଧିକାରୀ ମନଓ୍ୱର ଖାନ୍, ମୁଖ୍ୟ ବକ୍ତା ଭାରତୀୟ ରେଡକ୍ରସ ସୋସାଇଟିର୍ ଭାଇସ ପେଟ୍ରୋନ ଡଃ ରମାକାନ୍ତ ମହାନ୍ତ,ସମ୍ମାନନୀୟ ଅତିଥି ଭାବେ ଅବସର ପ୍ରାପ୍ତ ଜେଲ ଅଧିକ୍ଷକ ସନ୍ତୋଷ ଦୁର୍ଗା, ମମତା ଗୋଚ୍ଛାୟତ ପଞ୍ଚାୟତ ସମିତି ସଭ୍ୟା ଯୋଗଦେଇଥିଲେ । ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ଓ ପରବର୍ତ୍ତୀ ଅବସ୍ଥାକୁ ଲକ୍ଷ ରଖି ଧନ ଜୀବନ ସୁରକ୍ଷା ରଖିବା ସହିତ ବିପର୍ଯ୍ୟୟ ସମୟରେ ନିଜକୁ ପ୍ରସ୍ତୁତ ରଖି ଅନ୍ୟ ମାନଙ୍କୁ ସୁରକ୍ଷା କରିବା ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ। ଅଗ୍ନିଶମ ବିଭାଗର ଅଧିକାରୀ ବୃନ୍ଦ ବନ୍ୟା ,ବାତ୍ୟା, ବଜ୍ରାଘାତ, ଭୂମିକମ୍ପ, ସର୍ପଘାତ , ପ୍ରାଥମିକ ଚକିତ୍ସା ଉପରେ ଉପାଦେୟତା ତଥ୍ୟ ପ୍ରଦାନ କରିବା ସହିତ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରାଇଥିଲେ ।

## ପଞ୍ଚାୟତରେ ପହଞ୍ଚିଲା ବିକାଶ ବାହନ ରଥ

● କଥା ଦେଇ କଥା ରଖୁଛନ୍ତି ମୋହନ ସରକାର

**ଭବାନୀପାଟଣା,୧୯।୬ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାର ୧ ବର୍ଷ ଆଜି ପୂରଣ ହୋଇଥିବା ବେଳେ ଏହି ସ୍ମରଣୀୟ ଦିନ କୁ ପାଳନ ପାଇଁ ପ୍ରତି ବ୍ଲକ ସ୍ତରରେ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ୧ ବର୍ଷ ର ଉପଲବ୍ଧି ଲୋକାଭିମୁଖୀ ଯୋଜନା କୁ ଗାଁ ଗାଁରେ ପହଞ୍ଚିବା ପାଇଁ ବିକାଶ ବାହାନ ରଥ ର ଶୁଭାରମ୍ଭ ହୋଇଛି। କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତରେ ଗୁରୁବାର ଦିନ ଏହି ରଥ ପହଞ୍ଚିଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ନିରୁପମା ସେଠୀ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ସମ୍ମାନିତ ଅତିଥି ଭାବେ ଯୁବ ମୋର୍ଚ୍ଚା ସଭାପତି ତ୍ରିଲୋକ୍ୟ ବେଶ୍ରା , ଜିପିଓ ରାଜେନ୍ଦ୍ର ପ୍ରସାଦ ପାତ୍ର,ପୁରୁଷ ସ୍ୱାସ୍ଥ୍ୟ



କର୍ମି ଶ୍ରବଣ କୁମାର ବାଡ଼ି , ସମାଜ ସେବା ପଞ୍ଚାନନ ବେଶ୍ରା ମଞ୍ଚରେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଯୋଗ୍ୟ ହିତାଧିକାରୀ ଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ଆବାସ ଘର କାର୍ଯ୍ୟାଦେଶ, ନୂତନ ରାସନ କାର୍ଡ଼,ବୟୋ ବନ୍ଦନା କାର୍ଡ, ନିର୍ମାଣ ଶ୍ରମିକ ଶ୍ରମ କାର୍ଡ,ଭତ୍ତା କାର୍ଡ ଉପସ୍ଥିତ ଅତିଥିମାନେ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ର ପିଇଓ ଚନ୍ଦନ ମେହେର,ଏଡିଇଓ ଦିବାଳ ଚଲାଣ,କର୍ମଚାରୀ ସମେତ ମିଶନ ଶକ୍ତି ଅଧିନସ୍ଥ ମହିଳା କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବରିଷ୍ଠ ସାମ୍ବାଦିକ ସନ୍ଦୀପ୍ତ ରାୟଙ୍କୁ ଅନ୍ୱେଷଣ ପରିବାରର ସହାୟତା

**ଯାଜପୁର,୧୯।୬ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଯକୃତ ରୋଗରେ ପିଡ଼ୀତ ଯାଜପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସନ୍ଦିପ୍ତ ବାବୁଙ୍କ ଶରୀର ଖରାପ ଅଛି ଏବଂ ବଦାନ୍ୟ ବ୍ୟକ୍ତିବିଶେଷ ମାନେ ସାହାଯ୍ୟର ହାତ ବଢ଼ାନ୍ତୁ ବୋଲି ବିଭିନ୍ନ ଟିଭି ଓ ଖବରକାଗଜ ବାହାରିଥିଲା। ସେଥିପାଇଁ ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ସମସ୍ତ ସଦସ୍ୟ ଓ ଦସ୍ୟାମାନେ ଏକତ୍ରିତ ହୋଇ ସନ୍ଦିପ୍ତ ବାବୁଙ୍କୁ ବାସଭବନ ଠାରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପରିଖିବା ସହିତ ଗୁଣ୍ଡୁଚି ମୂଷା ପରି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ମା'ବିରଜା ଓ ପ୍ରଭୁ ଜଗନ୍ନାଥଙ୍କ ପାଖରେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

### ଜନଶୁଣାଣିରେ ଅଭିଯୋଗ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ

# ଡ୍ରେନ ନାହିଁ, ରାସ୍ତା ମଝିରେ ଭାସୁଛି ଆବର୍ଜନା ପାଣି



**କଳାହାଣ୍ଡି,୧୯।୬(ସଂଚାର ବ୍ୟୁରୋ):** ଧର୍ମଗଡ ବ୍ଲକ ଅନ୍ତର୍ଗତ କାଙ୍ଗେରୀ ଗ୍ରାମ ଠାରେ ଡ୍ରେନ ସମସ୍ୟାକୁ ନେଇ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସରକାରଙ୍କ ଯୋଜନା ଫେଲ ମାରିଥିବା ଅଭିଯୋଗ ହୋଇଛି । ପ୍ରକାଶ ଥାଉ କି କାଙ୍ଗେରୀ ର ମା' ଡୁମେର ମୁଡେନ ଯୁବକ ସଂଘ ତଥା ଗ୍ରାମବାସୀଙ୍କ ତରଫରୁ ୨୦୨୧ ମସିହା ଠାରୁ ବିଗତ ସରକାର ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ଗାଁ ଠାରୁ ଜିଲ୍ଲା ସ୍ତରୀୟ ଜନ ଶୁଣାଣୀ ରେ ଅଭିଯୋଗ କରିବା ସତ୍ତ୍ୱେ ପ୍ରଶାସନ ତରଫରୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ ନ କରୁଥିବା ଅଭିଯୋଗ ହୋଇଛି। ୨୦୨୩ ମସିହାରେ ଡ୍ରେନ ସମସ୍ୟା ନେଇ ବାରମ୍ବାର ଅଭିଯୋଗ ହେଉଥିବା ବିଭିନ୍ନ ଖବର କାଗଜରେ ବାହାରିବା ପରେ ଧର୍ମଗଡ ତତ୍କାଳୀନ ବିଡ଼ିଓ ଶରତ ସେଠୀ ଏବଂ ଯୋନ ନଂ ୦୧ ଜିଲ୍ଲା ପରିଷଦ ଗୋପୀନାଥ ମହାନନ୍ଦ ଗାଁ କୁ ପରିଦର୍ଶନ କରିଥିଲେ ଏବଂ ଡ୍ରେନ କାମ ଆରମ୍ଭ କରିବାପାଇଁ ପଞ୍ଚାୟତ କୁ ନିର୍ଦ୍ଦେଶ ଦେଇ ତୁରନ୍ତ ଡ୍ରେନ କାମ ଶେଷ କରିବାକୁ କହିଥିଲେ। କିନ୍ତୁ ସେ ସମୟ ରେ ଯେନ ତେନ ଭାବରେ ମାତ୍ର ୧୦୦ ମିଟର ନିମ୍ନ ମାନର ଡ୍ରେନ୍ କାମ କରି ଛାଡ଼ି ଦେଇଥିଲେ । ସେହି ଡ୍ରେନ ରେ ମଧ୍ୟ ପାଣି ନିଷ୍କାସନ ହେଇପାରୁନଥିବା ୩ ନମ୍ବର ୱାର୍ଡ ବାସୀ ଅଭିଯୋଗ କରିଛନ୍ତି। ସାଇ ମନ୍ଦିର ଠାରୁ ଗୋଲାଘର ଓ ଗୋଲାଘର ଠାରୁ ଘି.ପଡ଼ା ପର୍ଯ୍ୟନ୍ତ ଡ୍ରେନ ଓ ଗୋଲାଘର ସାମ୍ନା ରେ ଏକ ପୋଲ ନିର୍ମାଣ ପାଇଁ ବର୍ତ୍ତମାନ ଯୁବକ ସଂଘ ତରଫରୁ ଜିଲ୍ଲା ସ୍ତରୀୟ ଜନ ଶୁଣାଣୀ ଶିବିର ଓ ପଞ୍ଚାୟତ ସ୍ତରୀୟ ବିକଶିତ ଭାରତ ବିକଶିତ ଓଡ଼ିଶା ରେ ଲିଖିତ ଭାବରେ ଦେବା ସହ ମୁଖ୍ୟମନ୍ତ୍ରୀ ଜନ ଶୁଣାଣୀ ପୋର୍ଟାଲ ରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ କୁ ଆଧାର କରି ଗତ ୩ ତାରିଖ ଦିନ ପ୍ରଶାସନ ତରଫରୁ ଏକ ଜେ. ଇ ପରିଦର୍ଶନ କରିଥିଲେ ହେଁ ଆଜି ପର୍ଯ୍ୟନ୍ତ କୌଣସି ଆଖି ଦୃଶିଆ ପଦକ୍ଷେପ ନିଆ ଯାଇ ନ ଥିବା କ୍ଷୋଭଦ ଭାବେ ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି । ବର୍ତ୍ତମାନ ବର୍ଷା ଋତୁ ଆରମ୍ଭରେ ସାମାନ୍ୟ ବର୍ଷା ହେଲେ ଗାଁ ରାସ୍ତା କଡରେ ଥିବା ଘର ଭିତରକୁ ଅଳିଆ ପାଣି ପଶିବା ସହ ରାସ୍ତା ମଝିରେ ନଦୀର ବନ୍ୟା ସଦୃଶ୍ୟ ପାଣି ଜମି ରହି ସନ୍ତସନ୍ତିଆ ହୋଇ ମଶା, ମାଛି ଆଶ୍ରୟ ନେଇ ଡାଇରିଆ, ମ୍ୟାଲେରିଆ କୁ ଆମନ୍ତ୍ରାଣ କରୁଛି । ଆଗାମୀ ଦିନରେ ଏହି ରୋଗରେ ଗାଁ ଲୋକେ ପୀଡିତ ହେଲେ ପ୍ରଶାସନ ଦାୟୀ ରହିବେ ବୋଲି ଗ୍ରାମବାସୀ ପକ୍ଷରୁ ପ୍ରକାଶ ପାଇଛି । ତେଣୁ ତୁରନ୍ତ ଡ୍ରେନ ର ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସମାଧାନ କରିବା ପାଇଁ ଦାବି ହେଉଛି ।

## ପଞ୍ଚାୟତରେ ବିକାଶ ବାହନ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା



**କୋଲନାରା,୧୯।୬ (ସଂଚାର ବ୍ୟୁରୋ):** କୋଲନରା ବ୍ଲକ୍ ଅନ୍ତର୍ଗତ ଥେରୁବାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିକାଶ ବାହନ ରଥକୁ ସ୍ୱାଗତ ଓ ଧରିତ୍ରୀ ଅବା ଜନଜାତୀୟ ଗୌରବ ଉତ୍କର୍ଷ ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥେରୁବାଲି ଗ୍ରାମପଞ୍ଚାୟତ ପିଇଓ ଜେ.ବେଣୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଲନରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶ୍ରୀ ହଳଧର ହିମିରିକା ଯୋଗଦେଇ ଶୁଭାରମ୍ଭ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଡିଓ ରିନା ପ୍ରଦାନ, ଥେରୁବାଲି ଗ୍ରାମପଞ୍ଚାୟତ ସରପଞ୍ଚ ପୁଲାକା ମମତା ଯୋଗଦେଇଥିଲ। ପଞ୍ଚାୟତ କାର୍ଯ୍ୟାଳୟରେ ବିକାଶ ବାହନ ରଥ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇ ଥେରୁବାଲି ଗ୍ରାମ ପରିକ୍ରମା କରାଯାଇଥିଲା ଏଥି ସହିତ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ପରେ ଏଲ୍ଇଡି ମାଧ୍ୟମରେ ରାଜ୍ୟ ସରକାରଙ୍କ ଏକ ବର୍ଷ ମଧ୍ୟରେ ପଦକ୍ଷେପ ନେଇଥିବା ବିଭିନ୍ନ ଜନହିତକର କାର୍ଯ୍ୟକୁ ଲୋକଙ୍କୁ ଅବଗତ କରାଯାଇଥିଲା । ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ, ମତ୍ସ୍ୟ ବିଭାଗ, ଅଙ୍ଗନବାଡ଼ି କର୍ମୀ ଓ ମିଶନ ଶକ୍ତି ତରଫରୁ ଉଭୟ ସ୍ଥାନରେ ପ୍ରଦର୍ଶନୀ ଷ୍ଟଲ୍ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଉଭୟ ପଞ୍ଚାୟତରେ ହିତାଧିରୀଙ୍କୁ ନୂତନ ରାସନ୍ କାର୍ଡ ବଣ୍ଟନ, ବନ ବିଭାଗ ପକ୍ଷରୁ ଚାରା ରୋପଣ, ଆୟୁଷ୍ମାନ କାର୍ଡ ଓ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ, ଜବ କାର୍ଡ ଆଦି ବଣ୍ଟନ କରାଯାଇଥିଲ । କାର୍ଯ୍ୟକ୍ରମକୁ ଜିପିଡିଓ ପ୍ରଶାନ୍ତ ପାଢ଼ୀ ପରିଚାଳନା କରିଥିବା ବେଳେ ପେସା ବ୍ଲକ୍ କୋଅର୍ଡିନେଟର ଅମିତ କୁମାର ଗାଣ୍ଟା, ଏଡିଓ ଅଶୋକ କୁମାର ନାୟକ, ଯୋଗାଣ ସହାୟକ ବିଶିକେଶନ ଲିମା ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ ମେମ୍ବର, ସ୍ୱାସ୍ଥ୍ୟ କର୍ମଚାରୀ, ଓଏଲ୍ଏମ୍ ଓ ମିଶନ ଶକ୍ତିର ସପୋର୍ଟ ଷ୍ଟାପ୍ ଉପସ୍ଥିତ ଥିଲେ ।

## ପଞ୍ଚାୟତରେ ବିକାଶ ବାହନ ରଥକୁ ସ୍ୱାଗତ



**ବୈଶିଙ୍ଗା,୧୯।୬ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରତି ବ୍ଲକରେ ବିକାଶ ବାହନ ରଥ ବୁଲାଇ ଏକ ବର୍ଷର ଲୋକାଭିମୁଖି କାର୍ଯ୍ୟ ର ବିବରଣୀ ଲୋକଙ୍କ ନିକଟରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି ।ଏହି ରଥ ପ୍ରତି ପଞ୍ଚାୟତରେ ପହଞ୍ଚି ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରା ଯାଉଛି । ଆଜି ଏହି ବିକାଶ ବାହନ ରଥ ବୈଶିଙ୍ଗା ପଞ୍ଚାୟତରେ ପହଞ୍ଚିଥିଲା । ରଥ ସହିତ ବେତନଟୀ ବ୍ଲକର ଅତିରିକ୍ତ ଯନ୍ତ୍ରୀ ସୌମ୍ୟାଶ୍ରୀ ଭୋଇ, କନିଷ୍ଠ ଯନ୍ତ୍ର ପୁଲିନ କୁମାର ସେଠୀ ଉପସ୍ଥିତ ରହିଥିଲେ।ବୈଶିଙ୍ଗା ଗ୍ରାମ ପଞ୍ଚାୟତର ସରପଞ୍ଚ ସାବିତ୍ରୀ ମୁର୍ମୁ, ସମିତି ସଭ୍ୟା ସରସ୍ୱତୀ ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ତ୍ତିକ ସାହୁ, ସର୍ବେଶ୍ୱର ଦାସ, ସମେତ ୱାର୍ଡ ସଭ୍ୟ/ସଭ୍ୟା ଏହି ରଥକୁ ସ୍ୱାଗତ କରିଥିଲେ । ଏଥି ସହିତ ସ୍ୱାସ୍ଥ୍ୟ ବିଭାଗ,ସମବାୟ ବିଭାଗ,ଜଙ୍ଗଲ ବିଭାଗ , କୃଷି ବିଭାଗର କର୍ମଚାରୀଙ୍କ ସମେତ ଭତ୍ତା, ପିଡିଏସ ଓ ମନରେଗା ବିଭାଗରେ କାର୍ଯ୍ୟରତ କର୍ମଚାରୀ ସହଯୋଗ କରିଥିଲେ ।

## ସିଭିଲ ସୋସାଇଟି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



**ବେତନଟୀ,୧୯।୬ (ସଂଚାର ବ୍ୟୁରୋ):** ରକ୍ତଦାନ ଏକ ମହତ୍ ଦାନ ବୋଲି କୁହାଯାଇଥାଏ। ଅନ୍ୟର ଜୀବନ ବଞ୍ଚାଇବାରେ ଏହା ବିଶେଷ ସହାୟକ ହୋଇଥାଏ। ସ୍ଥାନୀୟ ସ୍କୁଲ ଅଫ୍ ନର୍ସିଂ ଏଣ୍ଡ କଲେଜ, ବେତନଟୀଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ସିଭିଲ ସୋସାଇଟି ବେତନଟୀଦ୍ୱାରା ପରିଚାଳିତ ଉକ୍ତ ଶିବିରରେ ଅନେକ ଯୁବକ, ଯୁବତୀଗଣ ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିଥିବାର ଜଣାଯାଇଛି। ପ୍ରାରମ୍ଭରେ ଉପଖଣ୍ଡ ପୋଲିସ ଅଧିକାରିଣୀ ମିନତି ବିଶ୍ୱାଳ ଆନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦଘାଟନ କରିଥିଲେ । ସମାଜ ପରିବାର ବେତନଟୀ ତରଫରୁ ଅରୁଣକୁମାର ଓତା ଓ ବାଲେଶ୍ୱର ସଂସ୍କରଣ ପ୍ରମୁଖଙ୍କ ସହ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ସିଭିଲ ସୋସାଇଟିର ସଭାପତି ଚୁଡାମଣି ମହାପାତ୍ର, ସାଧାରଣ ସଂପାଦକ ସଚିଦାନନ୍ଦ ମହାନ୍ତିଙ୍କ ସହ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ,ଯତୀନ୍ଦ୍ର ନାଥସାହୁ, ବାସୁଦେବ ନାପିତ, ରାମଚନ୍ଦ୍ର ପଣ୍ଡା, ବିଜୟ କୁମାର ଦ୍ୱିବେଦୀ, ହରେନ୍ଦ୍ର ନାଥ ବାରିକ,ରାଧାକ୍ରିଷ୍ଣ ପାତ୍ର, ସହଦେବଗିରି,ଦୁର୍ଯ୍ୟଧନ ସିଂ, କମଳ ଲୋଚନ କର ପ୍ରମୁଖ ପରିଚାଳନା କରିଥିଲେ । ବାରିପଦାର ସରକାରୀ ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମଚାରୀଙ୍କ ଦ୍ୱାରା ଏଠାରେ ରକ୍ତ ସଂଗ୍ରହ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ବିଶ୍ୱ ସିକିଲ ସେଲ ସଚେତନତା ଦିବସ



**ସୁବର୍ଣ୍ଣପୁର,୧୯।୬ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲା ତାଲିମ କେନ୍ଦ୍ର ସୁବର୍ଣ୍ଣପୁର ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ସିକିଲ ସେଲ ସଚେତନତା ଦିବସ-୨୦୨୫ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରି ସୁବର୍ଣ୍ଣପୁର ଡ଼ା ମନୋଜ କୁମାର ଅଦକ୍ଷବର ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି)ଡ଼ା ଗୋପାଳ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଂଯୁକ୍ତା ମାଝୀ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ସିକିଲ ସେଲ ରୋଗ ର ଲକ୍ଷଣ ଓ ଏହାର ପ୍ରତିକାର ଉପରେ ଜଣ ସାଧାରଣ ଙ୍କୁ ସଚେତନତା ସୃଷ୍ଟି କରିବା କୁ କହିଥିଲେ. ଆମେ ସମସ୍ତେ ସନ୍ତୁଳିତ ଖାଦ୍ୟ, ଉତ୍ତମ ଜୀବନ ଶୈଳୀ, ନିଶା ଯୁକ୍ତ ଖାଦ୍ୟ ରୁ ବିରତ ହୋଇ ଶାରୀରିକ ପରିଶ୍ରମ କରିବା , ଧୂମପାନ ରୁ ସମ୍ପୂର୍ଣ ମାତ୍ରା ରେ ମୁକ୍ତ ରହିବା, ଯୋଗ ଓ ଧ୍ୟାନ ଅଭ୍ୟାସ କରିବା ଉପରେ ସମସ୍ତ ଙ୍କୁ ସଚେତନତା ବାର୍ତା ପ୍ରଦାନ କରିବା ଓ ନିୟମିତ ପରୀକ୍ଷା କରାଇ ଡାକ୍ତର ଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସଚେତନତା ବାର୍ତ୍ତା ପ୍ରଦାନ କରି ଥିଲେ। ସିକିଲ ସେଲ୍ଲ ରୋଗ ରୁ ମୃତ୍ୟୁ ହାର କୁ ନିହାତି ହ୍ରାସ କରି ସୁସ୍ଥ ସୁନ୍ଦର ସମାଜ ଗଠନ ସମ୍ଭବ ହୋଇ ପାରିବା ଉପରେ ବୁଝାଇ ଥିଲେ । ଉକ୍ତ ସଭାରେ ଜିଲ୍ଲା ର ସମସ୍ତ ଆଦିବାସି ମଙ୍ଗଳ ଆବାସିକ ସ୍କୁଲ ର ପ୍ରଧାନ ଶିକ୍ଷକ ଶିକ୍ଷଇତ୍ରୀ, ମେଟ୍ରନ ଓ ଅନ୍ୟାନ୍ୟ କର୍ମଚାରୀ, ନର୍ସିଂ ଅଫିସର,ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ ।

# ଫେଲ୍ ମାରିଛି ସ୍ୱଚ୍ଛ ଭାରତ ମିଶନ



**ସୁବର୍ଣ୍ଣପୁର,୧୯।୬ (ସଂଚାର ବ୍ୟୁରୋ):** ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ପାଇଖାନା ନିର୍ମାଣ ଯୋଜନା ସୁବର୍ଣ୍ଣପୁର ଜିଲ୍ଲାରେ ଦିଗହରା ହୋଇଯାଇଛି । ଏନେଇ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରୁଥିବା ବେଳେ ସ୍ୱଚ୍ଛ ଭାରତ ପାଇଖାନା ଯୋଜନା ବିଫଳ ହୋଇଥିବା ଜଣାପଡିଛି । ସୁବର୍ଣ୍ଣପୁର ଜିଲ୍ଲାରେ ୧୦୯ଟି ପଚାଂୟତରେ ସ୍ୱଚ୍ଛ ଭାରତ ମିଶନରେ ତତ୍ପରତା ପ୍ରକାଶ ପାଉନଥିବା ଅଭିଯୋଗ ହେଉଛି । ଏଥିରେ ଜଡିତ ପଚାଂୟତ ଅଧିକାରୀ, ବ୍ଲକ ଅଧିକାରୀ ଏବଂ କାର୍ଯ୍ୟପରିଚାଳନା କ୍ଷେତ୍ରରେ ଦାୟିତ୍ୱ ଥିବା ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ବିଭିନ୍ନ ସମୟରେ ବ୍ଲକ ପକ୍ଷରୁ ପ୍ରତ୍ୟେକ ପରିବାରକୁ ଘରୋଇ ପାଇଖାନା ନିର୍ମାଣ କରିବା ପାଇଁ ସଚେତନତା କରାଯାଉଥିବା କୁହାଯାଉଛି । ଏଥିସହିତ ସୁବର୍ଣ୍ଣପୁର ଜିଲ୍ଲାରେ ଖୋଲା ଶୌଚମୁକ୍ତ ଅଚଂଳ ଭାବେ ମଧ୍ୟ ଘୋଷିତ କରାଯାଉଛି। କିନ୍ତୁ ମୁଖ୍ୟ ରାସ୍ତା କଡକୁ ଗଲେ ଲୋକେ ଅପରିଷ୍କାର କରିବାର ଯେଉଁ ଅଭ୍ୟାସ ତାହା ପରିବର୍ତ୍ତନ ହେଉନି। ଘରୋଇ ପାଇଖାନା ଓ ପରିମଳ ସେବା ସମ୍ପର୍କରେ ସଚେତନତା କରାନଯାଇ ବ୍ଲକରେ କାଗଜ କଲମରେ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଏଥିଯୋଗୁଁ ଲୋକେ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ ହୋଇ ପାରୁନାହାଁନ୍ତି। ଅନେକ ଆବେଦନକାରୀ ତଥା ଇଚ୍ଛୁକ ବ୍ୟକ୍ତି ମାନେ ପାଇଖାନା ନିର୍ମାଣ ପାଇଁ ଦରଖାସ୍ତ କରି ବ୍ଲକକୁ ଦୌଡି ଦୌଡି ନୟାନ୍ତ ହେବା ପରେ ବାଧ୍ୟ ହୋଇ ରାସ୍ତା କଡ ଅପରିଷ୍କାର କରୁଛନ୍ତି । ବିଶେଷକରି ଡୁଙ୍ଗୁରିପାଲି, ବିନିକା, ଉଲ୍ଲୁଣ୍ଡା, ତରଭା ବ୍ଲକରେ ସ୍ୱଚ୍ଛ ଭାରତ ମିଶନ, ଗ୍ରାମ୍ୟ ପାନୀୟ ଜଳ ଯୋଜନା, ମନରେଗା ପ୍ରଭୃତି କାର୍ଯ୍ୟକାରିତାରେ ମନ୍ଥରତା ପରିଲକ୍ଷିତ ହେଉଥିବା ଜଣାପଡୁଛି । କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନାରେ କୋଟି କୋଟି ଟଙ୍କା ପ୍ରଦାନ କରୁଛନ୍ତି । ଏହି ଅନୁଦାନ ଅର୍ଥରେ ପାଇଖାନା ନିର୍ମାଣ ହେଉଛି। କିନ୍ତୁ ସଚେତନତା ଅଭାବରୁ ହେଉ କିମ୍ବା ପାଇଖାନା ଗୁଡିକ ନିମ୍ନମାନର ନିର୍ମାଣ କାରଣରୁ ହେଉ ଗ୍ରାମାଚଂଳର ଅନେକ ପାଇଖାନା ଅବ୍ୟବହୃତ ହୋଇ ରହିଥିବା କାରଣରୁ ଯୋଜନାଟି ମୂଳଲକ୍ଷ୍ୟ ଠାରୁ ଦୂରେଇ ଯାଉଛି। କେତେକ ସ୍ଥାନରେ ନିମ୍ନମାନର ଟାଙ୍କି ଭାଙ୍ଗିରୁଜି ଗଲାଣିତ ଆଉ କେତେକ ସ୍ଥାନରେ ଏଗୁଡିକ ବ୍ୟବହାର ଅନୁପଯୋଗୀ ହୋଇପଡିଛି ।

## ନଷ୍ଟ ହେଲା ରାସ୍ତାର ଅର୍ଦ୍ଧାଧିକ ଅଂଶ ; ବନ୍ଦ ହୋଇଯିବ କଳିଙ୍ଗା ଘାଟି !

**କନ୍ଧମାଳ,୧୯।୬ (ସଂଚାର ବ୍ୟୁରୋ):** ବିପଦରେ ଗଞ୍ଜାମ ଆଉ କନ୍ଧମାଳକୁ ଯୋଡୁଥିବା ଓଡ଼ିଶାର ସବୁଠୁ ବଡ଼ କଳିଙ୍ଗା ଘାଟି । ପ୍ରଶସ୍ତୀକରଣ କାମ ଚାଲୁଥିବା ବେଳେ ଗାର୍ଡ ୱାଲ୍ ଭାଙ୍ଗିଯିବାରୁ ନଷ୍ଟ ହୋଇଛି ରାସ୍ତାର ଅର୍ଦ୍ଧାଧିକ ଅଂଶ। ପ୍ରାକୃତିକ ବିପର୍ଯ୍ୟୟ ନା ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଘଟିଛି ଏଭଳି ଅଘଟଣ । ଭୌଗୋଳିକ ଦୃଷ୍ଟିକୋଣରୁ ରାଜ୍ୟର ମାନ ବଢ଼ାଉଥିବା କଳିଙ୍ଗା ଘାଟି ଏବେ ବିପଦରେ । ଗଞ୍ଜାମ ଆଉ କନ୍ଧମାଳକୁ ଯୋଡୁଥିବା ଏହି ଦୀର୍ଘତମ ଘାଟି ଅର୍ଥନୀତି ଦୃଷ୍ଟିରୁ ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ । ବିଜୟୱାଡ଼ା-ରାଞ୍ଚି କରିଡ଼ର ନାମରେ ଜଣାଶୁଣା ଏହି ରାସ୍ତା ତିନି ରାଜ୍ୟର ସଂଯୋଗ ପଥ । ଏବେ ଏହି କରିଡ଼ରକୁ ଯେମିତି ଲାଗିଯାଇଛି କଳା ନଜର । ଦୁଇ ଦୁଇ ଥର ରାସ୍ତା କାମ ବନ୍ଦ ହେବା, ସାମାନ୍ୟ ବର୍ଷରେ ଗାର୍ଡୱାଲ ଭାଙ୍ଗି ଜେସିବି ଘାଟି ତଳକୁ ଖସିଯିବା ସମସ୍ତଙ୍କୁ ଚିନ୍ତାରେ ପକାଇଛି। କଳିଙ୍ଗାଘାଟି ଆରମ୍ଭ ରେ ଥିବା ଅନ୍ଧାରକୋଟିକୁ ଶହଶହ ପର୍ଯ୍ୟଟକ ଆସିଥାଆନ୍ତି । ତେଣୁ ୨୫ କୋଟି ବ୍ୟୟରେ ଘାଟି ରାସ୍ତାର ପ୍ରଶସ୍ତୀକରଣ ଦାୟିତ୍ୱ ଏକ ଠିକାସଂସ୍ଥାକୁ ଦିଆଯାଇଥିଲା। ହେଲେ ନିମ୍ନମାନର କାମ ପାଇଁ ପୂର୍ବରୁ ଥରେ ରାସ୍ତା ଧସିଥିଲା । ଏବେ ପୁଣି ଗାର୍ଡ ୱାଲ ଭାଙ୍ଗିଯାଇଛି । ତେଣୁ ୧୦ ଫୁଟ୍ ଓସାର ରାସ୍ତାରେ ଚଳପ୍ରଚଳ ହେଉଛି ଶହ ଶହ ଗାଡ଼ି , ଯାହାକି ଅତ୍ୟନ୍ତ ବିପଦ ସଙ୍କୁଳ । ସାମାନ୍ୟ ବର୍ଷାରେ ଯଦି ଏମିତି, ବର୍ଷା ବଢ଼ିଲେ ସ୍ଥିତି କ'ଣ ହେବ ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଦୋକାନ ଘର ଟିଣ ଭାଙ୍ଗି କଂସା-ବାସନ ଓ ଟଙ୍କା ଲୁଟ୍



**ବାଲିଗୁଡ଼ା,୧୯।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ବାଲିଗୁଡ଼ା ଟାଉନସ୍ଥିତ ହାଟପଦା ମାର୍କେଟରୁ ବୁଧବାର ବିଳମ୍ବିତ ରାତିରେ ନିତ୍ୟାନନ୍ଦ ନାୟକଙ୍କ କଂସା ବାସନ ଦୋକାନରୁ ଏକ ଦୁର୍ବୃତ୍ତ ଦୋକାନ ଗୃହର ଉପର ଟିଣ ଛପର ଭାଙ୍ଗି ଦୋକାନରେ ପଶି ଶୋ'କେସ୍ ଡ୍ର'ରେ ଥିବା ୪୦ ହଜାରରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ସହ ଦୋକାନରେ ଥିବା ବିଭିନ୍ନ ନାମୀ ଦାମୀ କଂସା ବାସନ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ଦୋକାନ ମାଲିକ ନାୟକ। ପ୍ରକାଶ ଯେ, ଗୁରୁବାର ସକାଳୁ ଦୋକାନ ମାଲିକ ନିତ୍ୟାନନ୍ଦ ଦୋକାନ ଖୋଲିବା ପରେ ଟିଣ ଭାଙ୍ଗିବା ସହ ଦୁର୍ବୃତ୍ତ ଚୋରି କରିବା ପରେ ସିସି କ୍ୟାମେରା ମଧ୍ୟ ଭାଙ୍ଗି ଦେଇଥିବା ଦେଖିବାକୁ ପାଇଥିଲେ। ପରେ ପରେ ବାଲିଗୁଡ଼ା ଥାନା ରେ କେସ୍ ନଂ. ୧୮୬/୨୫ ପ୍ରକାରେ ଏତଲା ଦାଏର କରିଥିଲେ। ଏତଲାକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୋକାନର ସିସି କ୍ୟାମେରା ଫୁଟେଜ ଦେଖିବା ପରେ ତଦନ୍ତ ଅବ୍ୟାହତ ରଖିଛି।

## ପଡ଼ିଶା ବିକୁଛି, ଓଡ଼ିଶା ଧାନ ଶଢୁଛି ବେପାରୀ ମାଲାମାଲ୍, ଚାଷୀ ବେହାଲ୍

**ବରଗଡ଼,୧୯।୬ (ସଂଚାର ବ୍ୟୁରୋ):** ସୀମା ଡେଉଁଛି ପଡ଼ିଶା ଧାନ। ନକଲି କାର୍ଡ କରି ଓଡ଼ିଶାରେ ଧାନ ବିକୁଛନ୍ତି ପଡ଼ୋଶୀ ରାଜ୍ୟର ଦଲାଲ। ଏପଟେ ବର୍ଷାରେ ଓଦା ହୋଇ ସଢୁଛି ଓଡ଼ିଶା ଧାନ । ବରଗଡ଼ ଜିଲ୍ଲାରୁ ଆସିଛି ଏଭଳି ଖବର । ବରଗଡ଼ର ଚାଷୀଙ୍କ ଧାନ ବର୍ଷାରେ ଓଦା ହୋଇ ନଷ୍ଟ ହେଉଛି । ଜମି, ଖଳା ଓ ମଣ୍ଡିରେ ଗଜା ହୋଇଗଲାଣି ଧାନ । ସରକାର ମଣ୍ଡିରେ ଧାନ ବିକି ଦୁଇ ପଇସା ରୋଜଗାରର ଆଶା ମଉଳି ଗଲାଣି । ଏପଟେ ନକଲି ଚାଷୀ କାର୍ଡ଼ରେ ଛତିଶଗଡ଼ ଧାନ ବିକି ପକେଟ୍ ଗରମ କରୁଛନ୍ତି ବେପାରୀ ଓ ଅସାଧୁ କର୍ମଚାରୀ । ଜିଲ୍ଲାପାଳ ଓ ସୋସାଇଟ୍ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଚାଷୀ। ତେବେ ଏହା ପୂର୍ବରୁ ଝାରସୁଗୁଡ଼ାରେ ଚାଷୀମାନେ ଧାନ ନେଇ ପ୍ୟାକ୍ସକୁ ଯିବା ବେଳକୁ ଟାର୍ଗେଟ୍ ନଥିବା କହି ସେମାନଙ୍କୁ ଫେରାଇ ଦିଆଯାଉଥିବା ଅଭିଯୋଗ ହୋଇଛି । ଏବେ ବର୍ଷା ଯୋଗୁ ଧାନ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଚାଷୀଙ୍କ କଷ୍ଟକୁ ବଢ଼ାଇ ଦେଇଛି ଛତିଶଗଡ଼ ପଟୁ ପ୍ରବେଶ କରୁଥିବା ଧାନ । ସୋମବାର ଦିନ ଝାରସୁଗୁଡ଼ା କନକତୋରା ସୀମାରୁ ୩ ଟି ଧାନ ବୋଝେଇ ଗାଡ଼ିକୁ ଜବତ କରିଛି ପୁଲିସ। ତେବେ ଛତିଶଗଡ଼ରେ ରବି ଋତୁରେ ଧାନ ସଂଗ୍ରହ କରାଯାଉନଥିବା ବେଳେ ଅସାଧୁ ବ୍ୟବସାୟୀ ମିଲରଙ୍କ ସହାୟତାରେ ଧାନ ବିକ୍ରି କରୁଥିବା ନେଇ ଜଣାପଡିଛି ।





# କେତୋଟି ଦାମିକା ହୀରା ମୁଦି





ସାରା ପୃଥିବୀରେ ମହିଳାମାନେ ମୁଦି ପିନ୍ଧିବାକୁ ଭଲ ପାଆନ୍ତି। ସୁନା, ରୁପା, ପ୍ଲାଟିନମ୍ ତିଆରି ମୁଦିର ଚାହିଦା ସବୁଠୁ ବେଶି। ତେବେ ବିଭିନ୍ନ ପ୍ରକାର ଧାତୁ, ଫୁଲ, ଟେରାକୋଟା, ଇତ୍ୟାଦି ମୁଦିର ଫ୍ୟାଶନ୍ କିଛି କମ୍ ନୁହେଁ। ତେବେ ମୁଦିର ସୌନ୍ଦର୍ଯ୍ୟ ଓ ଦାମ୍ ବଢ଼ିଥାଏ ସେଥିରେ ଲାଗିଥିବା ବିଭିନ୍ନ ପ୍ରକାର ରତ୍ନ ପଥର, ପ୍ରବାଳ, ମଣି, ମୁକ୍ତା, ବୈଦୁର୍ଯ୍ୟ ପାଇଁ। ବିବାହ ପୂର୍ବରୁ ନିର୍ବନ୍ଧ ବା ମୁଦି ପିନ୍ଧେଇବାର ପରମ୍ପରାଟିଏ ଓଡ଼ିଆ ଘରେ ରହିଛି। ଏଥିପାଇଁ କନ୍ୟାକୁ 'ବାକ୍‌ଦତ୍ତା' ବୋଲି କୁହାଯାଏ। ସେମିତି ପାଶ୍ଚାତ୍ୟରେ ମଧ୍ୟ ବିବାହ ପାଇଁ ପ୍ରପୋଜ୍ କଲାବେଳେ ମୁଦିଟିଏ ଦେବାର ପରମ୍ପରା ରହିଛି। ସାରା ବିଶ୍ୱରେ ଚର୍ଚ୍ଚିତ କେତୋଟି ମୂଲ୍ୟବାନ ମୁଦି ବିଷୟରେ କିଛି ତଥ୍ୟ...



**ୱିଟଲ୍ସବାଚ୍ ଗ୍ରାଫ୍ ଡାଇମଣ୍ଡ ରିଂ:** ଏହି ମୁଦିଟିରେ ୩୧.୦୬ କ୍ୟାରେଟ୍ ବିଶିଷ୍ଟ ଏକ ଗାଢ଼ ନୀଳ ରଙ୍ଗର ଡାଇମଣ୍ଡ ବା ହୀରା ଲାଗିଛି। ଏହି ହୀରାଟିକୁ ପ୍ରଥମେ ଅଷ୍ଟ୍ରିଆ ଓ ବୋଭାରିୟନ୍ କ୍ରାଉନ୍ ଜୁଏଲେରି ମାର୍କେଟ୍‌ରେ ଦେଖିବାକୁ ମିଳିଥିଲା। ପରେ ଏହାକୁ ଲଣ୍ଡନର ଜଣେ ଜୁଏଲେରି ମାଲିକ କିଣି ନେଇ ତାକୁ ପଲିସ୍ କରି ସେଥିରେ ଏକ ସୁନ୍ଦର ମୁଦି ତିଆରି କରିଥିଲେ। ଏହାକୁ ପ୍ରାୟ ୮୦ ମିଲିୟନ୍ ଡଲାର୍ ମୂଲ୍ୟରେ ନିଲାମ କରାଯାଇଥିଲା।

**ପିଙ୍କ୍ ଷ୍ଟାର୍ ଡାଇମଣ୍ଡ ରିଂ:** ଗୋଲାପୀ ରଙ୍ଗର ଏହି ହୀରାଟି ଆଫ୍ରିକାର ଏକ ଖଣି ଖନନ ସମୟରେ ମିଳିଥିଲା। ସେତେବେଳେ ପାଖାପାଖି ଦୁଇ ବର୍ଷ ଲାଗିଥିଲା ଏହାକୁ କାଟି ପଲିସ୍ କରି ଠିକ୍ ଆକାର ଦେବା ପାଇଁ। ପଲିସ୍ ହେବାପରେ ଏହା ୫୯.୬୦ କ୍ୟାରେଟ୍ ବିଶିଷ୍ଟ ଏକ ସୁନ୍ଦର ହୀରାରେ ପରିଣତ ହୋଇଥିଲା। ଆଉ ଯେତେବେଳେ ଏହି ହୀରାରୁ ଏକ ମୁଦି ତିଆରି କରି ବିକିବା ପାଇଁ ନିଲାମ ଡକାଗଲା, ସେତେବେଳେ ଇଶାକ୍ ଉଲ୍ଫ ନାମକ ଜଣେ ବ୍ୟକ୍ତି ୭୨ ମିଲିୟନ୍ ଡଲାର୍‌ରେ ଏହାକୁ କିଣି ନେଇଥିଲେ।

**ଦ ଗ୍ରାଫ୍ ପିଙ୍କ୍ ଡାଇମଣ୍ଡ ରିଂ:** ଆଜକୁ ପ୍ରାୟ ୬୦ ବର୍ଷ ତଳେ ହଂକଂରେ ହେଉଥିବା ଏକ ନିଲାମରେ ଏହି ମୁଦିଟି ଲୋକଲୋଚନକୁ ଆସିଥିଲା। ୨୪.୭୮ କ୍ୟାରେଟ୍ ବିଶିଷ୍ଟ ଗୋଲାପୀ ରଙ୍ଗର ହୀରା ଲାଗିଥିବା ମୁଦିଟି ସେ ସମୟରେ ପ୍ରାୟ ୪୬.୨ ମିଲିୟନ୍ ଡଲାରରେ ବିକ୍ରି ହୋଇଥିଲା। ହାରି ୱିନ୍‌ଷ୍ଟନ୍ ନାମକ ଜଣେ ଲୋକପ୍ରିୟ ଗହଣା ବ୍ୟବସାୟୀ ଏହାକୁ କିଣିଥିଲେ ବୋଲି ସୂଚନା ରହିଛି।



**ଦ ୱିନ୍‌ଷ୍ଟନ୍ ବ୍ଲୁ ଡାଇମଣ୍ଡ ରିଂ:** ଆଲ୍‌ମଣ୍ଡ ଆକାରର ଏହି ହୀରା ଦେଖିବାକୁ ଯେମିତି ଆକର୍ଷଣୀୟ, ଏହାର ଦାମ୍ ବି ସେମିତି ଆକାଶଛୁଆଁ। ୧୩.୨୨ କ୍ୟାରେଟ୍ ବିଶିଷ୍ଟ ଏହି ହୀରାଟି ଦକ୍ଷିଣ ଆଫ୍ରିକାରୁ ମିଳିଥିଲା। ଏହାକୁ ଅନେକ ବିତ୍ତଶାଳୀ ଲୋକ କିଣାବିକା କରିବା ପରେ ଶେଷରେ ୨୦୧୪ ମସିହାରେ ଆମେରିକାର ଜେମୋଲୋଜିକାଲ୍ ଇନ୍‌ଷ୍ଟିଚ୍ୟୁଟ୍ ହାତକୁ ଆସିଥିଲା। ସେଠାରେ ଏହାକୁ ୱିନ୍‌ଷ୍ଟନ୍ ବ୍ଲୁ ଡାଇମଣ୍ଡ ଭାବେ ସାର୍ଟିଫାଏଡ୍ କରାଗଲା। ପରେ ଏହାକୁ ଦକ୍ଷିଣ ଆଫ୍ରିକାର ଜଣେ ଜୁଏଲେରି ମାଲିକ ପ୍ରାୟ ୨୩.୮ ମିଲିୟନ୍ ଡଲାର୍ ଦେଇ କିଣି ନେଇଥିଲେ।

**ଚୋପାର୍ଡ ବ୍ଲୁ ଡାଇମଣ୍ଡ ରିଂ:** ଓଭାଲ୍ ଆକାରର ଏହି ନୀଳ ଡାଇମଣ୍ଡ ମୁଦିରେ ଯେଉଁ ବ୍ୟାଣ୍ଡ ଲାଗିଛି, ତାହା ବି ୧୮ କ୍ୟାରେଟ୍ ବିଶିଷ୍ଟ ହ୍ୱାଇଟ୍ ଗୋଲ୍ଡରେ ତିଆରି ହୋଇଛି। ଏଥିସହିତ ସେହି ବ୍ୟାଣ୍ଡର ଉଭୟ ପଟେ ଦୁଇଟି ଛୋଟ ଛୋଟ ଧଳା ରଙ୍ଗର ହୀରା ମଧ୍ୟ ଖଚିତ ହୋଇ ଆକର୍ଷଣୀୟ ରୂପ ଦେଉଛି। ସେଥିପାଇଁ ଏହାର ମୂଲ୍ୟ ୧୬.୨୬ ମିଲିୟନ୍ ଡଲାର୍ ରଖାଯାଇଛି। ସୁଇସ୍ କମ୍ପାନି ଅଧିକୃତ ଚୋପାର୍ଡ ଜୁଏଲେରି ଦ୍ୱାରା ତିଆରି ହୋଇଥିବାରୁ ଏହାର ଏପରି ନାମକରଣ କରାଯାଇଛି।



**ଦ ବୁଲ୍‌ଗାରୀ ବ୍ଲୁ ରିଂ:** ଏହି ମୁଦିରେ ଦୁଇ ପ୍ରକାର ରଙ୍ଗର ହୀରା ଲାଗିଛି। ଗୋଟିଏ ହେଉଛି ୯.୮୭ କ୍ୟାରେଟ୍ ବିଶିଷ୍ଟ ଧଳା ରଙ୍ଗର ହୀରା ଏବଂ ଅନ୍ୟଟି ହେଉଛି ୧୦.୯୫ କ୍ୟାରେଟ୍ ବିଶିଷ୍ଟ ନୀଳ ରଙ୍ଗର ହୀରା। ତା'ସାଙ୍ଗକୁ ଏକାଧିକ ଛୋଟ ଛୋଟ ଧଳା ରଙ୍ଗର ହୀରା ବି ଏହି ମୁଦିରେ ଖଚିତ ହୋଇଛି। ତେବେ ୧୯୭୦ ମସିହାରେ ଏହି ମୁଦିଟିର ଆନୁମାନିକ ମୂଲ୍ୟ ୫ ମିଲିୟନ୍ ଡଲାର୍ ହେବା କଥା, କିନ୍ତୁ ସେତେବେଳେ ହୋଇଥିବା ଏକ ନିଲାମରେ ଏହା ୧୫.୭ ମିଲିୟନ୍ ଡଲାରରେ ବିକ୍ରି ହୋଇଥିଲା।



**ଦ ଭିଭିଡ୍ ପିଙ୍କ୍ ରିଂ:** ୫ କ୍ୟାରେଟ୍ ବିଶିଷ୍ଟ ହାଲୁକା ଗୋଲାପୀ ରଙ୍ଗର ହୀରା ଲାଗିଥିବା ଏହି ମୁଦିଟି ହଂକଂରେ ହୋଇଥିବା ଏକ ନିଲାମିରେ ପ୍ରାୟ ୧୧.୮ ମିଲିୟନ୍ ଡଲାର୍‌ରେ ବିକ୍ରି ହୋଇଥିଲା। ଆଉ ଏହି ହୀରାଟି ଦକ୍ଷିଣ ଆଫ୍ରିକାର ଏକ ଖଣିରୁ ମିଳିଥିଲା ବୋଲି ସୂଚନା ରହିଛି।

# ନିଜ ହାତରେ ନିଜ ଭାଗ୍ୟ ଲେଖିଥିବା ନାରୀ



ସାରା ବ୍ରିଡ୍‌ଲୋଭ୍ ହେଉଛନ୍ତି ପ୍ରଥମ ମହିଳା ଯିଏକି ଉତ୍ତରାଧିକାର ସୂତ୍ରରେ କୌଣସି ସମ୍ପତ୍ତିର ଅଧିକାରିଣୀ ନ ହୋଇ ମଧ୍ୟ ନିଜର ଶ୍ରମ ଓ ଦୂରଦୃଷ୍ଟି ବଳରେ କୋଟିପତି ହେବାର ଗୌରବ ଅର୍ଜନ କରି ଗିନିଜ୍ ବୁକ୍ ରେକର୍ଡରେ ନିଜର ନାମ ପଞ୍ଜୀକରଣ କରାଇବାରେ ସକ୍ଷମ ହୋଇଥିଲେ। ଦକ୍ଷିଣ ଆମେରିକାର ଲୁଇସିନିଆ ସହରରେ ୧୮୬୭ ମସିହାରେ ସାରା ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାମାତା, ବଡ଼ଭାଇ ଓ ଭଉଣୀମାନେ କପା ବଗିଚାରେ ଶ୍ରମିକ ଭାବେ କାମ କରୁଥିଲେ। ସାରା ୭ବର୍ଷ ବୟସରେ ପିତାମାତାଙ୍କୁ ହରାଇ ନିଜ ବଡ଼ଭଉଣୀ ଓ ଭିଣୋଇଙ୍କ ପାଖରେ ରହିବାକୁ ଲାଗିଲେ। ୭ବର୍ଷ ବୟସରେ ଅନ୍ୟମାନଙ୍କ ଘରେ ପରିଚାରିକା କାମ କରିବାକୁ ସେ ବାଧ୍ୟ ହୋଇଥିଲେ। ତେଣୁ ପାଠ ପଢ଼ିବାର ସୁଯୋଗ ମଧ୍ୟ ପାଇନଥିଲେ। ମାତ୍ର ୩ମାସ ପାଇଁ ସେ ରବିବାର ଦିନ ଶିଶୁ ଶ୍ରମିକଙ୍କ ପାଇଁ ଖୋଲାଯାଇଥିବା ସ୍କୁଲରେ ପାଠ ପଢ଼ିଥିଲେ ବୋଲି ପରବର୍ତ୍ତୀ କାଳରେ ସେ ଜଣାଇଥିଲେ।

ବଡ଼ ଭିଣୋଇଙ୍କ ଲୋଲୁପ ଦୃଷ୍ଟିରୁ ନିଜକୁ ରକ୍ଷା କରିବାକୁ ମାତ୍ର ୧୪ ବର୍ଷରେ ସେ ମୋସେସ୍ ମ୍ୟାକ୍ ଉଇଲିୟମସ୍‌ଙ୍କୁ ବିବାହ କଲେ। ବିବାହର ୪ବର୍ଷ ପରେ କନ୍ୟା ଆଲେଲ୍ୟୁୟାର୍ ଜନ୍ମ ହୁଏ। ଝିଅ ଜନ୍ମ ହେବାର ୨ବର୍ଷ ପରେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୁଏ। ମାତ୍ର ୨୦ ବର୍ଷ ବୟସରେ ବିଧବା ସାରା ଝିଅକୁ ନେଇ ବଞ୍ଚିବା ପାଇଁ ସଂଗ୍ରାମ ଆରମ୍ଭ କରନ୍ତି।

୧୮୮୮ ମସିହାରେ ସାରା ସେଣ୍ଟ ଲୁଇସ୍‌କୁ ଚାଲିଆସନ୍ତି। ସେଠାରେ ସେ ଲଣ୍ଡ୍ରିରେ ଶ୍ରମିକ ଭାବେ କାମ କରିବା ସହ ଝିଅକୁ ପଢ଼ାଇବା ପାଇଁ ଅନ୍ୟମାନଙ୍କ ଘରେ ରୋଷେଇ କରୁଥିଲେ। ଲଣ୍ଡ୍ରିରେ କାମ କରିବା ବେଳେ କ୍ରମାଗତ କେମିକାଲ୍ ସଂସ୍ପର୍ଶରେ ଆସି ରୁଗ୍ଣ ହୋଇପଡ଼ିବା ସହ ସେ ମୁଣ୍ଡର ସବୁତକ କେଶ ହରାଇଥିଲେ। କେଶର ଯତ୍ନ ନେବାପାଇଁ ସେ ଏନି ମେଲନ୍ ହେୟାର୍ ପ୍ରଡକ୍ଟ ସମ୍ପର୍କରେ ଜାଣିବାକୁ ପାଇଲେ ଏବଂ ଏନି ମେଲନ୍‌ଙ୍କୁ ସାକ୍ଷାତ କରି ଘର ଘର ବୁଲି ତାଙ୍କ ଜିନିଷ ବିକ୍ରି କରିବାକୁ ଲାଗିଲେ।

ସାରାଙ୍କୁ ଯେତେବେଳେ ୩୭ ବର୍ଷ, ଝିଅକୁ ସାଥିରେ ନେଇ ସେ ଡେନ୍‌ଭର୍ ସହରକୁ ଚାଲି ଆସିଲେ। ସେଠାରେ ସେ ଆଫ୍ରିକାନ୍-ଆମେରିକାନ୍ ମହିଳାଙ୍କ ଲାଗି ନିଜେ ପ୍ରସାଧନ ସାମଗ୍ରୀ ତିଆରି କରି ବିକ୍ରି କରିବାକୁ ଚାହିଁଲେ। ବହୁ ପରୀକ୍ଷାନିରୀକ୍ଷା ପରେ ସେ ନିଜର ପ୍ରସାଧନ ସାମଗ୍ରୀ ବ୍ୟବସାୟ ଆରମ୍ଭ କଲେ। ୧୯୦୬ ମସିହାରେ ସାରା ଚାର୍ଲସ୍ ଜେ. ୱାକର୍‌ଙ୍କୁ ବିବାହ କଲେ ଏବଂ ତାଙ୍କ ପଦ ଗ୍ରହଣ କରି ବିଖ୍ୟାତ ହେଲେ। ଚାର୍ଲସ୍ ଥିଲେ ତାଙ୍କ ବ୍ୟବସାୟର ଅଂଶୀଦାର ଓ ବିଜ୍ଞାପନ ବିଭାଗର ମୁଖ୍ୟ। ଝିଅ ଗ୍ରାଜୁଏଟ୍ ହେବାପରେ ସାରା, ତାଙ୍କ ସ୍ୱାମୀ ଓ ଝିଅ ମିଶି ଦକ୍ଷିଣ ଓ ପୂର୍ବ ଆମେରିକା ବୁଲି ବୁଲି ନିଜର ସାମଗ୍ରୀ ବିକ୍ରି କଲେ।

ଦୁଇବର୍ଷ ପରେ ସେମାନେ ପିଟର୍ସବର୍ଗକୁ ଯାଇ ସେଠାରେ ଏକ ବ୍ୟୁଟି ପାର୍ଲର୍ ଖୋଲିବା ସହ କେଶର ଯତ୍ନ ନେବା ପାଇଁ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କଲେ। ସାରାଙ୍କ ଉତ୍ପାଦିତ ପ୍ରସାଧନ ସାମଗ୍ରୀ ଓ କେଶ ପରିଚର୍ଯ୍ୟା ସାମଗ୍ରୀର ବିକ୍ରି ବଢ଼ିବାକୁ ଲାଗିଲା। ୧୯୧୦ ମସିହାରେ ସେମାନେ ଇଣ୍ଡିଆନାପଲିସ୍‌କୁ ଯାଇ ସେଠାରେ ମାଡାମ୍ ସି. ଜେ. ୱାକର୍ ନାମରେ ଗୋଟିଏ ଫ୍ୟାକ୍ଟ୍ରି ଓ ପରୀକ୍ଷାଗାର ସହିତ ଗୋଟିଏ ରୂପ ପରିଚର୍ଯ୍ୟା ସ୍କୁଲ ଖୋଲି ରୂପଚର୍ଯ୍ୟା ପ୍ରଶିକ୍ଷଣ ଦେବାକୁ ଲାଗିଲେ। ୧୯୧୭ ମସିହା ବେଳକୁ ତାଙ୍କ କମ୍ପାନି ପ୍ରାୟ ୨୦,୦୦୦ ମହିଳାଙ୍କୁ ନିଯୁକ୍ତି ଦେବାରେ ସକ୍ଷମ ହୋଇଥିଲା। ତାଙ୍କ କମ୍ପାନିରେ କାମ କରୁଥିବା ଏଜେଣ୍ଟମାନେ ଦିନକୁ ୧୫ ଡଲାର ପର୍ଯ୍ୟନ୍ତ ଆୟ କରି ପାରୁଥିଲେ। ବ୍ୟବସାୟରେ ସଫଳ ହେବାପରେ ସେ ଆଫ୍ରିକାନ୍-ଆମେରିକାନ୍ ମହିଳାମାନଙ୍କୁ ଆର୍ଥିକ ଭାବରେ ସ୍ୱାଧୀନ ତଥା ଉପାର୍ଜନକ୍ଷମ ହେବା ପାଇଁ ପ୍ରବର୍ତ୍ତାଉଥିଲେ।



ମୃତ୍ୟୁ ପୂର୍ବରୁ ସେ ତାଙ୍କ ଉଇଲ୍‌ରେ ଲେଖି ଯାଇଥିଲେ ଯେ, ଭବିଷ୍ୟତରେ ତାଙ୍କ କମ୍ପାନିର ଦୁଇ-ତୃତୀୟାଂଶ ଲାଭ ସମାଜସେବାରେ ବିଶେଷତଃ ଦୁଃସ୍ଥ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ନିୟୋଜିତ ହେବ। ୫୧ବର୍ଷ ବୟସରେ ତାଙ୍କର ଯେତେବେଳେ ମୃତ୍ୟୁ ଘଟିଲା ସେତେବେଳେ ସେ ଆଫ୍ରିକାନ୍-ଆମେରିକାନ୍ ମହିଳାମାନଙ୍କ ମଧ୍ୟରେ ସବୁଠାରୁ ବିତ୍ତଶାଳୀ ମହିଳା ଭାବରେ ପରିଚିତ ହୋଇ ସାରିଥିଲେ।



## ଏଁ ଏମିତି କଥା...

- ପୁରୁଷମାନଙ୍କ ଠାରୁ ମହିଳାମାନଙ୍କର ରୋଗପ୍ରତିରୋଧକ ଶକ୍ତି ସାଧାରଣତଃ ଅଧିକ
- ମହିଳାମାନେ ଯନ୍ତ୍ରଣା ସହିବାରେ ଓ ଦୁଃଖ ଲୁଚାଇବାରେ ପୁରୁଷଙ୍କ ଠାରୁ ପାରଙ୍ଗମ
- ମହିଳାମାନଙ୍କ ମାନସିକତା ବୁଝିବା କାଠିକର ପାଠ
- ସବୁ କଥାକୁ ବିସ୍ତୃତ ଭାବେ ବୁଝିବା ଓ ଜାଣିବା ମହିଳାଙ୍କ ଅଭ୍ୟାସ
- ମହିଳାମାନଙ୍କ ଇନ୍ଦ୍ରୀୟଗୁଡ଼ିକ ପୁରୁଷମାନଙ୍କ ତୁଳନାରେ ଅଧିକ ସକ୍ରିୟ
- ଅଧିକ ପଢ଼ାପଢ଼ି କରିବାରେ ମହିଳାମାନେ ଆଗରେ
- ଏକ ଗବେଷଣା ଅନୁଯାୟୀ, ବିଶ୍ୱବ୍ୟାପୀ ପ୍ରାୟ ୭ ମିଲିୟନ୍ ୧୮ବର୍ଷରୁ କମ୍ ଝିଅ ଗର୍ଭବତୀ ହେଉଛନ୍ତି
- ପୁରୁଷଙ୍କ ତୁଳନାରେ ମହିଳାମାନେ କମ୍ ସମୟ ନିଦ୍ରା ଯାଆନ୍ତି
- ମହିଳାମାନେ ନିରୋଳାରେ କାନ୍ଦିବାକୁ ପସନ୍ଦ କରନ୍ତି
- ପୁରୁଷମାନଙ୍କ ତୁଳନାରେ ମହିଳାମାନେ ନିଜ ଭାଗର ଜିନିଷକୁ କାହାସହ ବାଣ୍ଟିବାକୁ ପସନ୍ଦ କରନ୍ତି ନାହିଁ

# ପାୟଲଙ୍କ ଐତିହାସିକ ଗ୍ରାନ୍ ପ୍ରି ବିଜୟ

୭୭ତମ କାନ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ଭାରତ ନୂଆ ଇତିହାସ ରଚିଥିଲା। ଏହି ସମ୍ମାନଜନକ ଚଳଚ୍ଚିତ୍ର ମହୋତ୍ସବରେ ଭାରତୀୟ ଚଳଚ୍ଚିତ୍ର 'ଅଲ୍ ବି ଇମାଜିନ୍ ଏଜ୍ ଲାଇଟ୍'କୁ 'ଲେ ଗ୍ରାନ୍ ପ୍ରି' ପୁରସ୍କାର ମିଳିଛି। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ଏହି ପୁରସ୍କାରର ବିଜେତା ହେଉଛନ୍ତି ଜଣେ ନବାଗତା ମହିଳା ନିର୍ଦ୍ଦେଶକ- ପାୟଲ କପାଡ଼ିଆ। ଦୀର୍ଘ ତିରିଶ ବର୍ଷର ଅପେକ୍ଷା ପରେ



ପାୟଲଙ୍କର ଏହି ଚଳଚ୍ଚିତ୍ର ଭାରତୀୟ ସିନେମା ଭାବେ କାନ୍‌ର ପ୍ରମୁଖ ପୁରସ୍କାର ଦୌଡ଼ରେ ସାମିଲ ହୋଇଥିଲା। ଏହି ବିଜୟ ପରେ ବିଶ୍ୱର କୋଣଅନୁକୋଣରୁ ସମୀକ୍ଷକ, ନିର୍ଦ୍ଦେଶକ ଓ ଦର୍ଶକମାନଙ୍କ ଶୁଭେଚ୍ଛାର ସୁଅ ଛୁଟୁଛି।

'ଲେ ଗ୍ରାନ୍ ପ୍ରି' ହେଉଛି କାନ୍ ଫିଲ୍ମ ଫେଷ୍ଟିଭାଲ୍‌ର ଦ୍ୱିତୀୟ ସର୍ବୋଚ୍ଚ ପୁରସ୍କାର। ପାୟଲଙ୍କ ସମେତ ଅଭିନେତ୍ରୀ ଛାୟା କଦମ, ଦିବ୍ୟା ପ୍ରଭା ଓ କନୀ କୁଶ୍ରୁତି କାନ୍ ମଞ୍ଚରେ ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ଗ୍ରହଣ କରିବା ବେଳେ ପାୟଲ ଏକ ସାରଗର୍ଭକ ବକ୍ତବ୍ୟ ଦେଇ କହିଥିଲେ- ଏହି ଚଳଚ୍ଚିତ୍ର ହେଉଛି ତିନିଜଣ ମହିଳାଙ୍କ ବନ୍ଧୁତାର କାହାଣୀ। ସଦାବେଳେ ମହିଳାମାନଙ୍କୁ ପରସ୍ପରଙ୍କ ବିରୋଧୀ ଭାବେ ଦେଖାଯାଇଥାଏ। ଆମ ସମାଜର ଗଢ଼ଣ ହିଁ ଏହିପରି ଏବଂ ଏହା ଖୁବ୍ ଦୁର୍ଭାଗ୍ୟଜନକ। କିନ୍ତୁ ମୋ ପାଇଁ ବନ୍ଧୁତା ହେଉଛି ଏକ ଖୁବ୍ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ କାରଣ ଏହା ପରସ୍ପର ପ୍ରତି ସହାନୁଭୂତି, ଅନ୍ତର୍ଭୁକ୍ତୀକରଣ ଓ ସମ୍ବେଦନା ଉତ୍ପନ୍ନ କରିଥାଏ।

୩୮ ବର୍ଷୀୟା ପାୟଲ କପାଡ଼ିଆ ହେଉଛନ୍ତି ପୁନେର ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆରୁ ଉତ୍ତୀର୍ଣ୍ଣ ଜଣେ ନିର୍ଦ୍ଦେଶିକା। ୨୦୧୭ରେ ତାଙ୍କର କ୍ଷୁଦ୍ର ଚଳଚ୍ଚିତ୍ର 'ଆଫ୍‌ଟର୍‌ନୁନ୍ କ୍ଲାଉଡ୍‌ସ' କାନ୍‌ରେ ଭାରତର ଏକମାତ୍ର ସିନେମା ଭାବେ ଦେଶର ପ୍ରତିନିଧିତ୍ୱ କରିଥିଲା। ପୁଣି ୨୦୨୧ରେ ତାଙ୍କର ବହୁଚର୍ଚ୍ଚିତ ବୃତ୍ତଚିତ୍ର 'ଏ ନାଇଟ୍ ଅଫ୍ ନୋଇଙ୍ଗ୍ ନଥିଙ୍ଗ୍' କାନ୍‌ରେ ଗୋଲ୍‌ଡେନ୍ ଆଇ ପୁରସ୍କାର ଜିଣିଥିଲା। 'ଅଲ୍ ବି ଇମାଜିନ୍ ଏଜ୍ ଲାଇଟ୍' ତାଙ୍କର ପ୍ରଥମ ଫିଚର୍ ସିନେମା। ଗତ ଗୁରୁବାର ରାତିରେ କାନ୍ ମହୋତ୍ସବରେ ଏହା ପ୍ରଦର୍ଶିତ ହେବା ପରେ ଦର୍ଶକମାନେ ଆଠ ମିନିଟ୍ ଛିଡ଼ା ହୋଇ କରତାଳି ଦେଇଥିଲେ। ପାୟଲଙ୍କ ଐତିହାସିକ ବିଜୟ ସାଙ୍ଗକୁ ଭାରତୀୟ ଅଭିନେତ୍ରୀ ଅନସୂୟା ସେନଗୁପ୍ତା 'ଦି ସେମ୍‌ଲେସ୍'ରେ ଅଭିନୟ ପାଇଁ 'ଅନ୍ ସର୍ଟନ୍ ରିଗାର୍ଡ' ବିଭାଗରେ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ଜିଣି ଚର୍ଚ୍ଚାରେ ଅଛନ୍ତି।

# ହେୟାର୍ ଷ୍ଟ୍ରେଟ୍‌ନିଂ କରୁଥିଲେ ସାବଧାନ

ଫେସିଆଲ୍ କିମ୍ବା ହେୟାର୍ ଷ୍ଟ୍ରେଟ୍‌ନିଂ ଭଳି ପାର୍ଲର୍ ଟ୍ରିଟ୍‌ମେଣ୍ଟର ଚାହିଦା ଏବେ ବଢ଼ୁଛି। ଅଧିକାଂଶ ଯୁବପିଢ଼ି କେଶକୁ ସିଧା କରିବା ପାଇଁ ହେୟାର୍ ଷ୍ଟ୍ରେଟ୍‌ନିଂ ଟ୍ରିଟ୍‌ମେଣ୍ଟକୁ ଆପଣାଉଛନ୍ତି। ହେଲେ ଏହି ରୂପସଜ୍ଜା ଉପାଦାନ ବର୍ତ୍ତମାନ କ୍ଷତିକାରକ ସାବ୍ୟସ୍ତ ହୋଇଛି। ହେୟାର୍ ଷ୍ଟ୍ରେଟ୍‌ନିଂ ପରେ ଜଣେ ୨୬ ବର୍ଷୀୟ ଯୁବତୀ କିଡ୍‌ନି ସମସ୍ୟାରେ ପୀଡ଼ିତ ହୋଇଥିବା ଜାଣିବାକୁ ପାଇଛନ୍ତି ଡାକ୍ତର।

'ଦ ନ୍ୟୁ ଇଂଲଣ୍ଡ ଜର୍ନାଲ୍ ଅଫ୍ ମେଡିସିନ୍'ରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଯୁବତୀଜଣକ ଜୁନ୍ ୨୦୨୦, ଏପ୍ରିଲ୍ ୨୦୨୧ ଓ ଜୁଲାଇ ୨୦୨୨ରେ ଲୋକପ୍ରିୟ ହେୟାର୍ ଟ୍ରିଟ୍‌ମେଣ୍ଟ ପାଇଁ ପାର୍ଲର୍ ଯାଇଥିଲେ। ମହିଳାଙ୍କ ନାମ ଗୋପନ ରଖାଯାଇ କୁହାଯାଇଛି ଯେ, ପୂର୍ବରୁ ତାଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ନଥିଲା, କିନ୍ତୁ ପ୍ରତ୍ୟେକ ଥର ଷ୍ଟ୍ରେଟ୍‌ନିଂ ପରେ ତାଙ୍କର ବାନ୍ତି, ଡାଇରିଆ, ଜ୍ୱର ଓ ପିଠି ଯନ୍ତ୍ରଣା ହୋଇଥିଲା। ଚିକିତ୍ସା ସମୟରେ ତାଙ୍କ ମସ୍ତିଷ୍କ ଚର୍ମରେ କିଛି ଲାଲ୍ ଦାଗ ଭଳି ସଂକ୍ରମଣ ଓ ଅଲ୍‌ସର୍ ବଢ଼ିବାକୁ ଲାଗିଥିଲା।

ତାଙ୍କ ରକ୍ତରେ କ୍ରିଏଟିନିନ୍ ସ୍ତର ବଢ଼ିବା ପରେ ଡାକ୍ତରମାନେ କିଡ୍‌ନିରେ ତ୍ରୁଟି ଥିବା ଜାଣିବାକୁ ପାଇଥିଲେ। ଏହାପରେ ପରିସ୍ରାରୁ ରକ୍ତ ପଡ଼ିବାରୁ ଡାକ୍ତରମାନେ ସିଟି ସ୍କାନ୍ କରାଇଥିଲେ। କିନ୍ତୁ ଏଥିରେ କିଡ୍‌ନି ସଂକ୍ରମଣ କିମ୍ବା କିଡ୍‌ନି ଅବରୋଧ (ବ୍ଲକେଜ୍)ର କୌଣସି ଲକ୍ଷଣ ଦେଖାଯାଇ ନଥିଲା। ପରିଶେଷରେ ଯୁବତୀ ଜଣକ ଡାକ୍ତରମାନଙ୍କୁ କହିଥିଲେ ଯେ, ତାଙ୍କ କେଶରେ ଗ୍ଲାୟୋକ୍ସିଲିକ୍ ଏସିଡ୍ ଥିବା ଏକ କ୍ରିମ୍ ବ୍ୟବହାର କରାଯାଇଥିଲା। ଏହାପରେ ସେହି କେମିକାଲ୍ ଥିବା ଉତ୍ପାଦକୁ ମୂଷାଙ୍କ ଉପରେ ପରୀକ୍ଷା କରାଯାଇଥିଲା। ଏଥିରୁ ଜଣାଗଲା, ଏସିଡ୍ ତାଙ୍କ ଚର୍ମ ଦେଇ କିଡ୍‌ନିରେ ପହଞ୍ଚିଥିଲା, ଯାହା ପରେ କ୍ଷତି ଘଟାଇଥିଲା। ଅଧ୍ୟୟନରେ କୁହାଯାଇଛି ଯେ, ଅକ୍ସାଲେଟ୍ ନେଫ୍ରୋପାଥି କାରଣରୁ ଯୁବତୀଙ୍କର ବାରମ୍ବାର କ୍ରନିକ୍ କିଡ୍‌ନି ସମସ୍ୟା ହୋଇଥିଲା। ଏଥିପାଇଁ ଗ୍ଲାୟୋକ୍ସିଲିକ୍ ଏସିଡ୍ ଥିବା କେମିକାଲ୍ ହେୟାର୍ ଷ୍ଟ୍ରେଟ୍‌ନିଂ ଉତ୍ପାଦ ଦାୟୀ ବୋଲି ଅଧ୍ୟୟନକାରୀ ସୂଚିତ କରିଛନ୍ତି। ମେରିଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ମେଡିସିନ୍ ଓ ଫାର୍ମାସିର ସହଯୋଗୀ ପ୍ରଫେସର ଡ. ଜୋସୁଆ ଡେଭିଡ୍ କିଙ୍ଗ୍ ଲାଇଭ୍ ସାଇନ୍ସକୁ କହିଛନ୍ତି ଯେ, ଏହି ପରୀକ୍ଷା ନିହାତି ଭାବେ ଉତ୍ପାଦରେ ଗ୍ଲାୟୋକ୍ସିଲିକ୍ ଏସିଡ୍ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ସହ ବିଭିନ୍ନ କ୍ରିମ୍ ଉତ୍ପାଦନକାରୀ କିପରି ସ୍ୱାସ୍ଥ୍ୟ ନିରାପଦ ଯୌଗିକ ବ୍ୟବହାର କରିବେ ସେଥିପାଇଁ ଜନ ସଚେତନତା ସୃଷ୍ଟି କରିବ।





## ଚା' ଚା' ଚା'

ଚା' କପେ ପିଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ। ସେଇଥିପାଇଁ କଥାଟିଏ ଅଛି, 'ଏନିଟାଇମ୍ ଇଜ୍ ଟି ଟାଇମ୍'। **କ୍ୟାରାମଲ୍ ଚା':** ପ୍ରଥମେ ମୋଟା ତଳିଥିବା ସସ୍‌ପ୍ୟାନ୍ ନେଇ ସେଥିରେ ୪ ଚାମଚ ଚିନିକୁ ଗୋଟେ ଚାମଚ ପାଣି ମିଶାଇ ଚୁଲିରେ ବସାନ୍ତୁ। ଚିନି ତରଳି ଲାଲ୍ ହୋଇଗଲେ ବା କ୍ୟାରାମଲ୍ ହେଲାପରେ ତାକୁ ତଳକୁ ଓହ୍ଲେଇ ପାଣି ମିଶାନ୍ତୁ ଏବଂ ସେଥିରେ କ୍ଷୀର ପକାଇ ଯେମିତି ଚା' ତିଆରି କରନ୍ତି ସେହି ପ୍ରଣାଳୀରେ କରନ୍ତୁ। **ଚା' ପ୍ରିମିକ୍ସ:** ଗୋଟେ କପ୍ ଭଲ ଚା'ପତି, ଗୋଟେ କପ୍ ଚିନି, ୫/୬ଟି ଗୁଜୁରାତି, ୮/୧୦ଟି ଗୋଲମରିଚ, ୨ଚାମଚ ଶୁଣ୍ଠି/ ଅଦା ପାଉଡରକୁ ମିଶାଇ ଭଲକି ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ସରୁଜାଲିରେ ଛାଣି ଦିଅନ୍ତୁ। ଏହାପରେ ଏଥିରେ ଦୁଇକପ୍ ମିଲ୍କ ପାଉଡର୍ ମିଶେଇ ଏୟାର୍ ଟାଇଟ୍ ଡବାରେ ରଖନ୍ତୁ। ଶୀତଦିନେ ବାହାରକୁ ବୁଲିବାକୁ ଯାଉଥିଲେ ଛୋଟ ଛୋଟ ପାଉଚ୍‌ରେ ପୁରାଇ ନିଅନ୍ତୁ।

# ସରକାରୀ ଯୋଜନା ସାତ ସପନ

## କେବେ ମିଳିବ ପ୍ରଧାନମନ୍ତ୍ରୀ ଆବାସ ଗୃହ ଓ ରାସନ୍ କାର୍ଡ



**ଫିରିଙ୍ଗିଆ,୧୯।୬(ସଂଚାର ବ୍ୟୁରୋ):** ଭାରତ ସ୍ୱାଧୀନତା ୭୭ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ତିନି ଜଣ ପରିବାର ଙ୍କୁ ସ୍ୱାଧୀନତା ଦିଆ ଯାଇନଥିବା କାରଣ କ'ଣ ଥାଇପାରେ ଏହା ଏକ ଅଞ୍ଚଳ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମର ରାଜିବ ଦିଗାଲ ନିଜ ସ୍ତ୍ରୀ ଓ ଦୁଇ ବର୍ଷର ଝିଅ କୁ ନେଇ ତିନି ଜଣ ସଦସ୍ୟ ଦୀର୍ଘ ବର୍ଷ ଠାରୁ ଭଙ୍ଗା କୁଡ଼ିଆରେ ରହି ଆସୁଛନ୍ତି। ପରିବାର କହିବା ମୁତାବକ ଦୀର୍ଘ ବର୍ଷ ଠାରୁ ଏହି ତିନି ସଦସ୍ୟ ବର୍ଷା ,ଖରା ,ଓ ଶିତରେ ଏହି ଝାଟିମାଟି କୁଡ଼ିଆରେ ଦିନ କାଟୁଛନ୍ତି। କିନ୍ତୁ ଦୁଃଖର ବିଷୟ ଯେ, ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ଗରିବ ଅସହାୟ ହିତାଧିକାରୀ ଙ୍କ ପାଇଁ ଅନେକ ଯୋଜନା ମାଧ୍ୟମରେ ଗରିବ ଅସହାୟ ହିତାଧିକାରୀ ପରିବାର ରହିବାକୁ ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦିଆ ଯାଉଛି ସତ । କିନ୍ତୁ ଜିଲ୍ଲା ପ୍ରଶାସନର ଇଚ୍ଛା ଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ପହଞ୍ଚି ପାରୁନାହିଁ ଏହି ପାହାଡ଼ିଆ ଅଞ୍ଚଳ କୁ ସରକାର ଯୋଜନା। କୋଉଠି ନା କୋଉଠି ସବୁ ସରକାର ଯୋଜନା ବାଟବଣା ହୋଇ ଯାଉଛି।ଯାହା ଫଳରେ ଗରିବ ଅସହାୟ ପରିବାର ଆଜି ବି ଝାଟିମାଟି କୁଡ଼ିଆରେ ଜୀବନ ବିତାଉଛନ୍ତି। ଘର ଖଣ୍ଡିଏ ଓ ରାସନ୍ କାର୍ଡ ଚାଉଳ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି କହିଛନ୍ତି ହିତାଧିକାରୀ। ଝାଟିମାଟି କୁଡ଼ିଆରେ ରହି ଆସୁଥିବା ପରିବାର କୁ ମିଳୁନାହିଁ ଆବାସ, ମିଳୁନାହିଁ ରାସନ୍ କାର୍ଡ ଚାଉଳ । ଯାହାକି ଏହି ପରିବାର ପାଇଁ ସରକାର ଯୋଜନା ସାତ ସପନ ପାଲଟିଛି। ବହୁତ ଦୁଃଖର ବିଷୟ ଏହି ପରିବାର ଙ୍କୁ ନା ମିଳିଛି ପ୍ରଧାନମନ୍ତ୍ରୀ ଆବାସ ଗୃହ ନା ମିଳିଛି ସରକାର ଙ୍କ ରାସନ୍ କାର୍ଡ । ଦିନ ମଜୁରି ଯାଇ ଯେତିକି ମିଳୁଛି ସେତିକି ରେ ପରିବାର ଚଳିବା କଷ୍ଟ । ପୁଣି ଘର ଖଣ୍ଡିଏ ତିଆରି କରିବା ତାଙ୍କ ପକ୍ଷେ ଅସମ୍ଭବ ବୋଲି କହିଛନ୍ତି ହିତାଧିକାରୀ। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଏହି ପରିବାର କୁ ତୁରନ୍ତ ପଦକ୍ଷେପ ନେଇ ମାଗଣା ଚାଉଳ ଓ ଆବାସ ଗୃହ ଯୋଗାଇ ଦେଲେ ଉପକୃତ ହେବେ।ଏହି ପରିବାର ଙ୍କୁ ନୂତନ ଆବାସ ଗୃହ ସହିତ ରାସନ୍ କାର୍ଡ ଯୋଜନା ରେ ନାମ ସାମିଲ୍ କରିବା ପାଇଁ ସରକାରୀ ଙ୍କୁ ନିବେଦନ କରିଛନ୍ତି। ଅନ୍ୟ ପଟେ ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଏହି ଗରିବ ଅସହାୟ ହିତାଧିକାରୀ ଙ୍କ ଦୁଃଖ ବୁଝି ପାରୁଛନ୍ତି।

## ସୋବରା ଆଦିବାସୀ ସାହି ରାସ୍ତା ଅବସ୍ଥା ଶୋଚନୀୟ



**ଯାଜପୁର ରୋଡ଼,୧୯।୬(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହର ଅନ୍ତର୍ଗତ ୱାର୍ଡ ନମ୍ବର - ୭ ରେ ଥିବା ସୋବରା ଗ୍ରାମର ଆଦିବାସୀ ସାହିର ରାସ୍ତା ଏବେ ଶୋଚନୀୟ ହୋଇପଡିଛି । ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାଟି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି । ଅସରାଏ ବର୍ଷାରେ ରାସ୍ତାରେ ଜମୁଛି ଆଣ୍ଠୁଏ ଆଣ୍ଠୁଏ ପାଣି ଓ ଏହି ପାଣିରେ ଜଣାପଡୁନି ରାସ୍ତାର ଖାଲ ଖମା ଯାହା ଫଳରେ ସେଥିପାଇଁ ଏଇ ରାସ୍ତାରେ ବଢ଼ୁଛି ଦୁର୍ଘଟଣା । ଏହି ରାସ୍ତାରେ କୁନିକୁନି ପିଲାମାନେ, ସ୍କୁଲର ଛାତ୍ର, ଛାତ୍ରୀଙ୍କ ଠାରୁ ଆରମ୍ଭ କରି ଗାଁ ଲେକେ ନିର୍ଭରଶିଳ ଥିବା ବେଳେ ଗାଁ ବାସିନ୍ଦା ମାନେ ବାରମ୍ବାର ଏ ରାସ୍ତାର ସମସ୍ୟାକୁ ନେଇ ପୌର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି । ତେଣୁ ଯଥାଶୀଘ୍ର ଏହି ରାସ୍ତା ସମସ୍ୟାର ସମାଧାନ କିପରି ହେବ ଓ ଭଲରାସ୍ତା ବ୍ୟବସ୍ଥା ହେବ ତାହାକୁ ନେଇ ଗ୍ରାମର ବାସିନ୍ଦା ମାନେ ପୌର ପ୍ରଶାସନକୁ ଦାବି କରିଛନ୍ତି।

● ଜଳପ୍ରପାତରେ ବୁଡି ଦୁଇ ନାବାଳକଙ୍କ ମୃତ୍ୟୁ ଘଟଣା

## ସନ୍ଦେହ ଘେରରେ ଉଭୟ ପରିବାର



**କୋଷାଗୁମୁଡା,୧୯।୬(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମିର୍ଗାନ ସାହି ରେ ବସବାସ କରୁଥିବା ଅଭିରାମ ସୁନାଙ୍କ ପୁଅ ଆଲକ ସୁନା ଏବଂ ହେମନ୍ତ ନାୟକ ଙ୍କ ପୁଅ କିରଣ ନାୟକ ବିଗତ ରବିବାର ଦିନ ତାଙ୍କ ତିନି ସାଙ୍ଗ ଙ୍କ ସହ କୋରାପୁଟ ଜିଲ୍ଲା କୋଟପାଡ଼ ଥାନା ଅନ୍ତର୍ଗତ ଗୁଲୁମି ଜଳ ପ୍ରପାତ କୁ ବୁଲିବାକୁ ଯାଇଥିଲେ ପରେ ରବିବାର ଅପରାହ୍ନ ୪ଟା ବେଳେ ଆଲକ ଏବଂ କିରଣ ଦୁଇ ଜଣ ପାଣି ରେ ନିଖଜ ରହିଥିବା ଖବର ସାମ୍ନା କୁ ଆସିଥିଲା। ଖବର ପାଇଁ କୋଷାଗୁମୁଡା ରୁ ଆଲକ ଏବଂ କିରଣ ଙ୍କ ପରିବାର ଘଟଣା ସ୍ଥଳ ରେ ପହଂଚିଥିଲେ ଏବଂ କୋଟପାଡ଼ ଥାନା ଏବଂ ଅଗ୍ନିଶମ ବିଭାଗ କୁ ଅବଗତ କରାଯାଇଥିଲା। କୋଟପାଡ଼ ଥାନା ଏବଂ ଅଗ୍ନିଶମ ବିଭାଗ ଙ୍କ ତତ୍ପରତା ପରେ ତୁରନ୍ତ ଗୁଲୁମି ଜଳ ପ୍ରପାତ ରେ ନିଖଜ ଦୁଇ ନାବାଳକ ଙ୍କୁ ପାଣିରୁ ଖଜିବା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା କିନ୍ତୁ ସାନ୍ଧ୍ୟ ହେବା ସକାଶୁ ଅଗ୍ନିଶମ ବିଭାଗ ତରଫରୁ ସମବାର ଦିନ ପୁନଃ ପାଣିରୁ ନାବାଳକ ଙ୍କ ମୃତଦେହ କୁ ଖଜିବା ପରେ ସମବାର ଦିନ ଅପରାହ୍ନ ସମୟରେ ଆଲକ ସୁନା ଙ୍କ ମୃତ ଶରୀର ଠାବ କରାଯାଇଥିଲା କିନ୍ତୁ କିରଣ ନାୟକ ଙ୍କ ମୃତ ଶରୀର ର ସନ୍ଧାନ ମିଳିନଥିବା ବେଳେ ପୁଣି ଆରଦିନ ଅର୍ଥାତ ମଙ୍ଗଳବାର କିରଣ ର ମୃତ ଶରୀର ଠାବ କରାଯାଇଥିଲା ଉଭୟ ମୃର୍ତ ନାବାଳକ ଙ୍କ ମୃତ ଶରୀର କୁ ଉଦ୍ଧାର କରାଯାଇ କୋଟପାଡ଼ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ପୋଷ୍ଟ ମୋର୍ଟନ୍ କରାଯାଇ ଉଭୟ ପରିବାର ଙ୍କୁ ହସ୍ତାନ୍ତର କରିଥିଲେ।

## ସରକାରୀ ଟଙ୍କା ଆତ୍ମସାତ କରି ପୂର୍ବତନ ପିଇଓ ଗିରଫ

**ଫୁଲବାଣୀ,୧୯।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ସରାମୁଳି ପଞ୍ଚାୟତର ପୂର୍ବତନ ପିଇଓ ଅକ୍ରୁର ମାଝୀଙ୍କୁ ବାନ୍ଧିଲା ଭିଜିଲାନ୍ସ । ଏସଏଫସି/ ସିଏଫସି ଅନୁଦାନ ଅଧୀନରେ ୫୩ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ଆତ୍ମସାତ କରିବା ଅଭିଯୋଗରେ ଓଡିଶା ଭିଜିଲାନ୍ସ ତାଙ୍କୁ ଗିରଫ କରିଛି । ସରାମୁଳି ପଞ୍ଚାୟତର ପୂର୍ବତନ ପିଇଓ ଅକ୍ରୁର ମାଝୀ ୫୩ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ହେରଫେର କରିଥିବା ଅଭିଯୋଗ ହୋଇଥିଲା । ଏହା ପରେ ଓଡିଶା ଭିଜିଲାନ୍ସ ଦ୍ୱାରା ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଦାରିଙ୍ଗବାଡି ବ୍ଲକରେ କାର୍ଯ୍ୟରତ ଅକ୍ରୁର ମାଝୀ ସରକାରୀ ପାଣ୍ଠିରୁ ୫୩,୩୮, ୮୦୯ ଟଙ୍କା ଆତ୍ମସାତ କରିଥିବା ଜଣାପଡ଼ିଥିଲା । ୩୧. ୧୦.୨୩ ରୁ ୧୮.୧୧.୨୦୨୪ ମଧ୍ୟରେ ପିଇଓ ଭାବରେ କାର୍ଯ୍ୟ କରୁଥିବା ସମୟରେ ସରାମୁଳି ପଞ୍ଚାୟତର ବିକାଶମୂଳକ କାର୍ଯ୍ୟକୁ କାର୍ଯ୍ୟକାରୀ ନକରି ୧୫ତମ ସିଏଫସି ଏବଂ ୫ମ ଏସଏଫସି ଅଧୀନରେ ୫୩, ୩୮, ୮୦୯ ଟଙ୍କା ହେରଫେର କରିଥିଲେ । ତେଣୁ ସରକାରୀ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ପିଇଓ ଅକ୍ରୁର ମାଝୀଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରି ମାଲମା ରୁଜୁ କରିଛି। ଗୁରୁବାର ତାଙ୍କୁ ଫୁଲବାଣୀର ମାନ୍ୟବର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ପଠାଯାଇଛି।

### ମୌସୁମୀ ଜନିତ ବର୍ଷାକୁ ଅପେକ୍ଷା

## ଚାଷ କାର୍ଯ୍ୟା ଆରମ୍ଭ କଲାଣି ଚାଷୀ



**କଳାହାଣ୍ଡି,୧୯।୬(ସଂଚାର ବ୍ୟୁରୋ):** ମୌସୁମୀକୁ ନେଇ ଚାଷୀଙ୍କ ଭିତରେ ଆଶା ଆଶଙ୍କା ଖେଳି ଯାଇଛି । ଜିଲ୍ଲାରେ ମୌସୁମୀ ବାୟୁ ପ୍ରବେଶ ପରେ ପରେ କିଛି ମାତ୍ରାରେ ବର୍ଷା ହେଲା ସତ ହେଲେ ବର୍ତମାନ ଗାଏବ ରହିବା ଚିନ୍ତାର କାରଣ ପାଲଟିଛି । ଖରିଫ ଚାଷ ପାଇଁ ଚାଷୀ ଚାଷ ଜମିକୁ ପ୍ରସ୍ତୁତି କରି ଅନୁକୂଳ ଖୋଜୁଛି।କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ କିଛି ଦିନ ତଳେ ବର୍ଷା ହେବାପରେ ଚାଷୀ ଏବେ ଚାଷ ପାଇଁ ତତ୍ପରତା ହୋଇ ଉଠିଛି । ଏହି ପ୍ରକ୍ରିୟା ପ୍ରାୟ ଏପ୍ରିଲ-ମେ'ମାସ ବେଳକୁ ଆରମ୍ଭହୋଇ ଜୁନ ଶେଷ ବେଳକୁ ଜମିରେ ବିହନ ପଡିବା ପୂର୍ବଦିନ ମାନଙ୍କରେ ଦେଖିବାକୁ ମିଳୁଥିଲା। ଇତି ପୂର୍ବରେ ଜୁନ ଜୁଲାଇ ମାସରେ ପ୍ରାୟ ଚାଷୀଙ୍କ ରୁଆ ବେଉସା କାମ ଶେଷ ହେଉଥିବା ନଜର ବି ରହିଛି । ତେବେ ଜଳ ବାୟୁ ପରିବର୍ତ୍ତନ ଯୋଗୁଁ ଚାଷ କାର୍ଯ୍ୟର ମଧ୍ୟ ପରିବର୍ତନ ଘଟିଥିବା ବେଳେ ଚଳିତ ଅନୁକୂଳକୁ ଅପେକ୍ଷା ନ କରି ଏବେ ଚାଷ ଜମିରେ ବିହନ ପକେଇବା ସମେତ ହଲ ଲଙ୍ଗଳ ଚାଲିବା ଦେଖିବାକୁ ମିଳିଛି । ଧାନ ବିହନ ସାଙ୍ଗକୁ ମକା, ବିରି, କୋଳଥ, କାନ୍ଦୁଳ, ମାଣ୍ଡିଆ ଓ ସୁଆଁ ଆଦି ବିହନ ଆଦି ପ୍ରଥମ ମୌସୁମୀ ବର୍ଷା ହେଲା ପରେ ଏବେ ବୁଣିବା ଆରମ୍ଭ କରିଛି । ଅଧିକାଂଶ ଚାଷୀ ସରକାରୀ ବିହନ ଉପରେ ନିର୍ଭର କରିଥିବା ବେଳେ ଗତ ବର୍ଷ ସରକାରୀ ବିହନ ପକେଇ ହଟହଟା ହୋଇଥିବା କଥାକୁ ଏବେ ଭୁଲି ପାରିନାହିଁ ଚାଷୀ । ନକଲି ସରକାରୀ ବିହନକୁ ନିଜ ଜମିରେ ପକେଇ ଅନେକ ପ୍ରକାର ଅସୁବିଧା ସମ୍ମୁଖୀନ ହୋଇଥିବା ଘଟଣା ଏ ଯାଏ ଭୁଲିପାରିନାହିଁ । ଏପଟେ ଚାଷ କାମ ଆରମ୍ଭ ହେବାପରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ରାସାୟନିକ ସାର ଦୋକାନ ଓ ବିହନ ଦୋକାନ ମାନଙ୍କରେ ଗହଳି ଲାଗି ରହିଛି। ଏପରିକି ଚଢ଼ା ଦରରେ ବିକ୍ରି ହେଉଥିବା ଚାଷୀଙ୍କ ଭିତରେ ଆଲୋଚନା ଧରିଲାଣି। ବିଶେଷ ଭାବେ ଜିଲ୍ଲାର ଅଣ ଜଳସେଚିତ ବ୍ଲକ ଗୋଲାମୁଣ୍ଡା ର ଚାଷୀ ସଦାସର୍ବଦା ଶୋଷଣର ଶିକାର ସାଜିଥାଏ । ସାର ବିହନ କାଟନାଶକ ସମେତ ଧାନ ବିକ୍ରି ପଯ୍ୟନ୍ତ କେବଳ ଶୋଷିତ ହେବା ଲାଗିରୁହେ ।

## ଅସଜଡ଼ା ଘରେ ରହୁଛନ୍ତି ବୃଦ୍ଧ ଦମ୍ପତି

### ବିପଦସଙ୍କୁଳ ଅବସ୍ଥାରେ ବିତୁଛି ଜୀବନ



**ସୁବର୍ଣ୍ଣପୁର,୧୯।୬(ସଂଚାର ବ୍ୟୁରୋ):** ବର୍ଦ୍ଧିତ ଭତ୍ତା ଓ ଆବାସ ଘରରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ । ଏନେଇ ବାରମ୍ବାର ଅଭିଯୋଗ କଲେ ବି ଫଳ ଶୂନ । ରାଜ୍ୟ ସରକାର କି ଜିଲ୍ଲା ପ୍ରଶାସନ କେହି ବି ଶୁଣିବାକୁ ନାରାଜ । ବୟସର ଅପରାହ୍ନରେ ଅବହେଳିତ । ଭଙ୍ଗାରୁଜା ଝାଟିମାଟି ଘର ପାଲଟିଛି ଆଶ୍ରା । ଘରର ଅବସ୍ଥା ଏମିତି ଯେ କେତେବେଳେ କାନ୍ଥରୁ ମାଟି ପଡ଼ିଯିବ ତା'ର କିଛି ଠିକଣା ନାହିଁ । ଏହି ଭଙ୍ଗା କୁଡ଼ିଆରେ ବର୍ଷ ବର୍ଷ ଧରି ଜୀବନ କାଟୁଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ପାଳି ଗାଁର ନକୁଳ ବେଦୀ ଓ ତାଙ୍କ ସ୍ତ୍ରୀ । ଦୁଇ ଜଣଙ୍କୁ ୮୦ ବର୍ଷ ଅତିକ୍ରମ କରିସାରିଲାଣି । ହେଲେ ଆଜି ଯାଏଁ ଏମାନଙ୍କୁ ଆବାସ ଯୋଜନାରେ ବି ଘର ଖଣ୍ଡିଏ ମିଳିନାହିଁ । ଏପରିକି ମିଳୁଥିବା ବର୍ଦ୍ଧିତ ଭତ୍ତା ବି କଣ ସେମାନଙ୍କୁ ଜଣାନାହିଁ । ସରକାରୀ ବାବୁ ମାନଙ୍କ ପାଖରେ ଗୁହାରି କରି କରି ଥକି ଗଲେଣି ଏହି ବୃଦ୍ଧ ଦମ୍ପତି । ହେଲେ ସେମାନଙ୍କୁ ଦୁଃଖ ଶୁଣିବାକୁ ଯେମିତି କେହି ନାହିଁ । ଖାଲି ନକୁଳ କି ବେଦୀ ନୁହଁ, ଏମିତି ଅନେକ ବୃଦ୍ଧ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ମିଳୁନାହିଁ। ଅନେକ ଗରିବ ପରିବାରକୁ ଆବାସ ଘର ବି ମିଳୁନାହିଁ । ଆବାସ ଗୃହ ପାଇଁ ସର୍ଭେ ଚାଲିଛି ବୋଲି କହି ନିଜ ଆଡୁ ଦୋଷ ଛଡାଇନେଇଛନ୍ତି ବୀରମହାରାଜପୁର ବିଧାୟକ । ସରକାରଙ୍କ ନିୟମ ଅନୁସାରେ, ୮୦ ବର୍ଷରୁ ଅଧିକ ହେଲେ ୩୫୦୦ ଟଙ୍କା ଭତ୍ତା ମିଳୁଛି । ହେଲେ ଏହା ବାସ୍ତବରେ କେତେ କାର୍ଯ୍ୟକାରୀ ହେଉଛି, ତାହା ଏକ ବଡ଼ ପ୍ରଶ୍ନ ।

## ପ୍ରାକୃତିକ ବିପର୍ଯ୍ୟାୟରେ ସୁରକ୍ଷିତ ରହିବାକୁ ମକଡ୍ରିଲ୍




**ବାଲିପାଟଣା,୧୯।୬(ସଂଚାର ବ୍ୟୁରୋ):** କୁରୁଞ୍ଜିପୁର ଗ୍ରାମ ପଞ୍ଚାୟତ ର ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆଜି ପୂର୍ବାହ୍ନ ରେ ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମ ସହଯୋଗରେ ବ୍ଲକ ପ୍ରଶାସନ ତରଫରୁ ଏକ ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଡ଼ିଓ ତଥା ତହସିଲଦାର କଳ୍ପନା ଦାସ ଏଥିରେ ଯୋଗ ଦେଇ ଅଂଶ ଗ୍ରହଣ କରିଥିବା ସ୍ୱେଚ୍ଛାସେବୀ ଓ ବିଭାଗୀୟ ଅଧିକାରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଅଗ୍ନିଶମ ବିଭାଗ ତରଫରୁ ଆଗ୍ନିକ ମାନେ ଉଦ୍ଧାର କାର୍ଯ୍ୟର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୁତିଆ,ସଂଗ୍ରାମ କେଶରି ଦାସ,ନୋଡାଲ ସ୍ୱେଚ୍ଛସେବି ଅନୁଷ୍ଠାନ ର ମୁଖ୍ୟ ଶିବପ୍ରସାଦ ପାଟ ଯୋଶୀ,ଓଡ଼ିଶା ସବୁଜ ବାହିନୀ ମୁଖ୍ୟ ଅଧ୍ୟାପକ ସହଦେବ ମଲ୍ଲିକ,ବ୍ଲକ କନିଷ୍ଠ ଯନ୍ତ୍ରୀ ଶୁଭଲକ୍ଷ୍ମି ଦାସ,ସରପଞ୍ଚ ବିନୋଦିନୀ ମଲ୍ଲିକ,କବିତା କାଣ୍ଡି,ତାଲିମ ପ୍ରଶିକ୍ଷିକା ମଣିମାଳା ସେନାପତି,ସାଗରିକା ଚିନରା,ଦେବସ୍ମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ଉନ୍ନୟନ କାମରେ ଦୁର୍ନୀତି ପ୍ରସଙ୍ଗ

## ତଦନ୍ତବେଳେ ଧରାପଡ଼ିଲା ଖଲିଆମୁଣ୍ଡା ପୋଖରୀ ଫାଇଲ୍

**ସଇଁତଳା,୧୯।୬(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ ଜୁରାବନ୍ଧ ପଞ୍ଚାୟତରେ ଉନ୍ନୟନ କାମରେ ମହାଦୁର୍ନୀତ ହୋଇଥିବା ଅଭିଯୋଗ ହୋଇଥିଲା । ଏ ନେଇ ଗଣମାଧ୍ୟମରେ ଲଗାତାର ଖବର ପ୍ରକାଶ ପରେ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି । ସଇଁତଳା ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା ଓ ସହକାରୀ ଯନ୍ତ୍ରୀ ସନ୍ତୋଷ ବେହେରାଙ୍କ ଉପସ୍ଥିତିରେ ପଞ୍ଚାୟତ କାର୍ଯାଳୟଠାରେ ପଞ୍ଚାୟତ କର୍ତ୍ତୃପକ୍ଷ ଓ ଅଭିଯୋଗକାରୀଙ୍କ ଉପସ୍ଥିତିରେ ବିଭିନ୍ନ ଫାଇଲର ତଦନ୍ତ ଆରମ୍ଭ ହୋଇଥିଲା ।

## ଗୋଡ଼ିଶୁଳ ତାରିଣୀ ମନ୍ଦିରରୁ ଲୁଟ୍, ଜଙ୍ଗଲରୁ ମିଳିଲା ଚୋରି ହୁଣ୍ଡି



**ନୀଳଗିରି,୧୯।୬(ସଂଚାର ବ୍ୟୁରୋ):** ନୀଳଗିରି ଥାନା ଅଧିନ ଗୋଡ଼ିଶୁଳ ଛକ ତାରିଣୀ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି । ସୂଚନା ଅନୁସାରେ ଗୁରୁବାର ସକାଳେ ସ୍ଥାନୀୟ ଲୋକେ ତାରିଣୀ ମନ୍ଦିରରୁ ଲୁଟ୍ ହୋଇଥିବା ଖବର ଜାଣିବାକୁ ପାଇଥିଲେ। ତେବେ ମା'ଙ୍କଠାରେ ଲାଗି ହୋଇଥିବା ଅଳଙ୍କାର, ଦାନ ହୁଣ୍ଡି ଆଦି ଚୋରି ହୋଇଥିବା ଜଣାପଡ଼ିଛି । ତେବେ ମନ୍ଦିରରୁ ଚୋରି ହୋଇଥିବା ଦାନ ବାକ୍ସଟି ଭାଲୁକାଶୁଣି ଜଙ୍ଗଲରେ ପଡ଼ିଥିବା ଦେଖିବାକୁ ମିଳିଛି।

## ନିଟ ପରୀକ୍ଷାରେ ଦେବ ଇଣ୍ଟରନ୍ୟାସନଲ ସ୍କୁଲର ସଫଳତା

● କୃତୀ ଛାତ୍ରଛାତ୍ରୀଙ୍କୁ ମେଡାଲ ପ୍ରଦାନ



**ଯାଜପୁର ରୋଡ଼,୧୯।୬(ସଂଚାର ବ୍ୟୁରୋ):** ଦେବ ଇଂଟରନେସନାଲ ସ୍କୁଲର ଶିକ୍ଷାଦାନ କ୍ଷେତ୍ରରେ ଯାଜପୁର ଜିଲ୍ଲାର ବିଭିନ୍ନ ସ୍କୁଲକୁ ଟକ୍କର ଦେଇ ଏବେ ନମ୍ବର ୱାନ ହେବାକୁ ଯାଉଅଛି। ଏହି ସ୍କୁଲଟି କଳିଙ୍ଗନଗର ଅଂଚଳର କୁସୁନପୁର ଠାରେ ରହିଥିବା ବେଳେ ନିଟ ପରୀକ୍ଷା ୨୦୨୫'ରେ ଏହି 'ଦେବ ଇଂଟରନେସନାଲ ସ୍କୁଲ'ର ନିଟ୍ ଛାତ୍ର ଛାତ୍ରୀଙ୍କ ସଫଳତା ପରେ ବିଦ୍ୟାଳୟ ତତଫରୁ ଛାତ୍ର ଛାତ୍ରୀଙ୍କୁ ମେଡାଲ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କରାଯାଇଛି। ସର୍ବଭାରତୀୟ ମେଡ଼ିକାଲ ପ୍ରବେଶିକା ପରୀକ୍ଷା-୨୦୨୫ (ନିଟ୍) ରେ ୬୨ ଜଣ ପରୀକ୍ଷା ଦେଇଥିବାବେଳେ ୧୬ ଜଣ ସଫଳତାର ସହ ଉର୍ତ୍ତିର୍ଣ୍ଣ ହୋଇଛନ୍ତି। ୧୬ ଜଣଙ୍କ ମଧ୍ୟରୁ ଆର୍.ବି.ଶୁଭମ୍ (୫୯୬) ନମ୍ବର ରଖି ଯାଜପୁର ଜିଲ୍ଲା ତଥା ବିଦ୍ୟାଳୟ ପାଇଁ ଗୌରବ ଆଣିଥିବାବେଳେ ଅନ୍ୟ ୧୫ ଜଣଙ୍କ ମଧ୍ୟରେ ମଳୟ ରଞ୍ଜନ ମହନ୍ତ , ଆୟେଷା ଦିଗଦର୍ସନୀ , ସତ୍ୟଶିଳ୍ପା ମହାପାତ୍ର, ଓମ୍ ପ୍ରକାଶ ପତି , ମକରା ହାଁସଦା , ପ୍ରିତିରୁପା ମାଝୀ ,ଅଭିଷେକ ମହାପାତ୍ର , ଅନିଷା ଦାସ ,ପ୍ରିତିପଦ୍ମା ସାହୁ ,ଅଭିଜିତ ଦଳାଇ, ସ୍ୱୟାଂଶୁ ଧର୍ମପଦ ସଫଳତାର ସହ ଉର୍ତ୍ତିର୍ଣ୍ଣ ହୋଇଛନ୍ତି। ବୁଧବାର ଦିନ କୃତି ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଇବା ସହ ସମସ୍ତ ଅଭିଭାବକ ମାନଙ୍କୁ ସ୍ୱାଗତ କରାଯାଇଛି। ମେଡାଲ, ପୁଷ୍ପଗୁଚ୍ଛ,ମିଷ୍ଟାନ୍ନ ସହ ପିଲାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଅକ୍ଳାନ୍ତ ପରିଶ୍ରମ ଅଧ୍ୟାପକଙ୍କ ପୂର୍ଣ୍ଣ ସହଯୋଗ ତାଙ୍କୁ ସଫଳତାର ଶିଖରରେ ପହଁଚାଇ ପାରିଛି। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବୁଦ୍ଧଦେବ ରାଉତ,ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା,ଭାଇସ ପ୍ରିନ୍ସିପଲ୍ ଆର ଏନ୍.ରୟତ. ସିଂ, କୋର୍ଡିନେଟର ଚକ୍ରଧର ପାଣି, ଏକାଡେମିକ କୋର୍ଡିନେଟର ସୋନିଆ ବେଦୀ ଓ ସି.ସି.ଏ ମୁଖ୍ୟ ବାଲବିର ସିଂ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ବିଦ୍ୟାର୍ଥୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି।

## ରାସ୍ତା-ଓଭରବ୍ରିଜ କାମରେ ବିଳମ୍ବକୁ ନେଇ ରାସ୍ତାରୋକ

**ଆନନ୍ଦପୁର,୧୯।୬(ସଂଚାର ବ୍ୟୁରୋ):** ଓଭର ବ୍ରିଜ୍ ଓ ରାସ୍ତା ନିର୍ମାଣରେ ବିଳମ୍ବକୁ କେନ୍ଦ୍ର କରି ଏନ୍.ଏଚ୍ ଅବରୋଧ କରିଛନ୍ତି ଲୋକେ। ରାସ୍ତାରୋକୋ ଯୋଗୁ ଅଟକି ରହିଥିଲା ଅନେକ ଯାନବାହନ। କେନ୍ଦୁଝର ଜିଲାର ଲାଇଫ୍‌ଲାଇନ୍ କୁହାଯାଉଥିବା ୨୦ ନଂ ଜାତୀୟ ରାଜପଥର ଆନନ୍ଦପୁର ଉପଖଣ୍ଡ ଶାଳପଡ଼ାଠାରେ ନିର୍ମାଣ ଚାଲିଛି ନୂଆ କରି ଆଉ ଏକ ଓଭରବ୍ରିଜ କାମ। ଫଳରେ ମଧ୍ୟ ରାସ୍ତା ପରିବର୍ତ୍ତେ ଗାଡ଼ିଗୁଡ଼ିକୁ ରାସ୍ତାର ଉଭୟପାଶର୍ବରେ ଥିବା ସର୍ଭିସ୍ ରୋଡ୍‌କୁ ମଧ୍ୟ ରାସ୍ତା ଭାବେ ବ୍ୟବହାର କରାଯାଉଛି। ହେଲେ ଏହି ସର୍ଭିସ ରୋଡ୍‌ରେ ମାତ୍ରାଧିକ ଆଇରନ ଗାଡ଼ି ଚଳାଚଳ ଯୋଗୁ ରାସ୍ତାରେ ବଡ଼ବଡ଼ ଖାଲ ହୋଇଯାଇଥିବାରୁ ଯାତ୍ରୀମାନେ ଯମଯନ୍ତ୍ରଣା ଭୋଗୁଛନ୍ତି। ସର୍ଭିସ ରୋଡ୍‌ଗୁଡ଼ିକ ମରାମତି ହେଉନାହିଁ। ଯାହା ଫଳରେ ଧୂଳିଧୂଆଁରୁ ଅତିଷ୍ଠ ସ୍ଥାନୀୟ ଲୋକେ ଗୁରୁବାର ସକାଳ ୧୦ ଘଟିକା ସମୟରେ ଆନନ୍ଦପୁରରୁ ଯାଜପୁର ଯିବା ପାଇଁ ବ୍ୟବହାର ହେଉଥିବା ଶାଳପଡ଼ା ବାମପାଖ ସର୍ଭିସ ରୋଡ୍‌କୁ ବନ୍ଦ କରି ବସିଛନ୍ତି।

### ଛତ୍ରପୁର ଧାଇଁ ଧାଇଁ ଲୋକେ ହତାଶ

## ହିଞ୍ଜିଳିକାଟୁକୁ ଉପଖଣ୍ଡ ମାନ୍ୟତା କେବେ ?

**ହିଞ୍ଜିଳିକାଟୁ,୧୯।୬(ସଂଚାର ବ୍ୟୁରୋ):** ଦିନ ଥିଲା ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳି କହିଲେ ତୃତୀୟ ମହଲାର ବାବୁ ତତ୍ପରତା ଦେଖାଉଥିଲେ । ଗଞ୍ଜାମ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ହିଞ୍ଜିଳିକାଟୁ, ୨୦୧୮ ମସିହାରେ ୨୧ଟି ୱାର୍ଡକୁ ନେଇ ଏନଏସିରୁ ପୌରପାଳିକା ମାନ୍ୟତା ମିଳିଲା । ଚଳିତ ବର୍ଷ ସାଧାରଣ ନିର୍ବାଚନ ଆଗରୁ କଥା ଉଠିଲା କିନ୍ତୁ ପରବର୍ତ୍ତୀ ସମୟରେ ଏହା ଶୀଥିଳ ପଡ଼ିଲା ।ଅନ୍ୟପଟେ ଦେଖିବାକୁ ଗଲେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଜନବସତି ତା 'ସହ ଉତ୍ତର ଓ ଦକ୍ଷିଣ ଓଡିଶାକୁ ଯୋଗାଯୋଗ ପାଇଁ ଏଠାରୁ ସବୁପ୍ରକାର ସୁବିଧା ରହିଛି। ହେଲେ ବି ସରକାରୀ ଓ ରାଜସ୍ୱ କାର୍ଯ୍ୟ ପାଇଁ ଦୂର ସଦରମହକୁମା ଛତ୍ରପୁର ଯା 'ଆସ ୮୦କିଲୋମିଟର ପଡୁଛି। ଖର୍ଚ୍ଚାନ୍ତ ସହ ଦୁଇଟି ବସ୍ ବଦଳ କରିବାକୁ ପଡୁଛି । ସବୁଠୁ ମୂଲ୍ୟବାନ ସମୟ ବି ନଷ୍ଟ ହେଉଛି । ପ୍ରକାଶ ଥାଉ କି, ଶିକ୍ଷା ବ୍ୟବସ୍ଥା ଉପରେ ଟିକେ ଆଖି ବୁଲେଇଲେ ଏଠାରେ ପ୍ରାଥମିକ ସ୍ତରରୁ ହାଇସ୍କୁଲ ଯାଏଁ ବୃନ୍ଦାବନ ବିଦ୍ୟାପୀଠ ଓ ଏନଏସି ଉଚ୍ଚ ବିଦ୍ୟାଳୟ ରହିଛି। ଯୁକ୍ତ ଦୁଇ, ଯୁକ୍ତ ୩ ଓ ପିଜି ପଢ଼ା ନିମନ୍ତେ ପ୍ରତିଷ୍ଠିତ ହିଞ୍ଜିଳି ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ରହିଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରାୟ ୩୧ କୋଟି ଟଙ୍କା ବ୍ୟୟରେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟ ରହିଥିବାରୁ ପ୍ରାୟ ୪୦ରୁ ଉର୍ଦ୍ଧ ଗାଁର ଲୋକେ ଉନ୍ନତମାନର ଚିକିତ୍ସା ପାଇଁ ଏଠାରେ ନିର୍ଭର କରିଥା'ନ୍ତି ।ଏଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସହ ସିନିୟର ଡିଭିଜନ ସିଭିଲ କୋର୍ଟର ନିଜସ୍ୱ କୋଠା ରହିଛି । ତା 'ସହ ଆଇନଶୃଙ୍ଖଳା ନିମନ୍ତେ ଅତ୍ୟାଧୁନିକ କୌଶଳରେ ନିର୍ମିତ ହିଞ୍ଜିଳି ଓ ବେଲଗାଁ ଥାନା ରହିଛି ।କ୍ରୀଡାର ବିକାଶ ପାଇଁ ଇଣ୍ଡୋର ଷ୍ଟାଡିୟମ ସହ ସ୍ମାର୍ଟ ପାର୍କର ସୌନ୍ଦର୍ଯ୍ୟକରଣ କାମ ତ୍ୱରାନ୍ୱିତ ହୋଇଛି । ଶେରଗଡ଼, ସାନଖେମୁଣ୍ଡି, କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର ଓ ହିଞ୍ଜିଳିକାଟୁ ବ୍ଲକକୁ ନେଇ ରାଜସ୍ୱ ଉପଖଣ୍ଡ ଗଠନ ପାଇଁ ବିଭିନ୍ନ ସଂଗଠନ ମାଧ୍ୟମରେ ଦାବି ରଖିଥିଲେ କିନ୍ତୁ ପରେ ତାହା ଥଣ୍ଡା ପଡିଗଲା। ଶେରଗଡ଼ ବାସୀ ଭଂଜନଗର, କବିସୂର୍ଯ୍ୟନଗରବାସୀ ଛତ୍ରପୁର, ପୁରୁଷୋତ୍ତମପୁରବାସୀ ଛତ୍ରପୁର ଓ ସାନଖେମୁଣ୍ଡିବାସୀ ବ୍ରହ୍ମପୁର ଉପରେ ନିର୍ଭର କରୁଛନ୍ତି । ଭୌଗୋଳିକ ଦୃଷ୍ଟି କୋଣରୁ ହିଞ୍ଜିଳି ରାଜସ୍ୱ ଉପଖଣ୍ଡ ମାନ୍ୟତା ପାଇଁ ସମସ୍ତ ମାନଦଣ୍ଡ ପୂରଣ କରୁଛି ।

## ଶ୍ରଦ୍ଧାକ୍ଷେତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ




**ବାଲିଆପାଳ,୧୯।୬(ସଂଚାର ବ୍ୟୁରୋ):** ଓଡିଶାର ଅନ୍ୟତମ ପ୍ରସିଦ୍ଧ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ରଥଯାତ୍ରା ପାଇଁ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟାରେ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି ।ମନ୍ଦିର ପରିଚାନା କମିଟିର ବରିଷ୍ଠ ସଦସ୍ୟ ମୂରଲୀ ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଚଳିତ ବର୍ଷ ରଥଯାତ୍ରା ର ସୁପରିଚାଳନା ପାଇଁ ରଥଯାତ୍ରା କମିଟି ଏବଂ ପ୍ରଶାସନ ପକ୍ଷରୁ ସମସ୍ତପ୍ରକାର ସୁ ବନ୍ଦୋବସ୍ତ ପାଇଁ ସବିଶେଷ ଆଲୋଚନା ହୋଇଥିଲା ଚଳିତବର୍ଷ ଜୁନ ୨୭ ତାରିଖରେ ଶ୍ରଦ୍ଧାପତିଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇ ହେରାପଞ୍ଚମୀ,ବାହୁଡାଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେବା ନେଇ ସବିଶେଷ ଆଲୋଚନା ହୋଇଥିଲା । ଅପରାହ୍ନ ୪ଟାରେ ପହଣ୍ଡିବିଜେ କରାଯାଇ ୫ଟାରେ ରଥଟଣା ହେବ ।ମଧୁପୁରା ପଞ୍ଚାୟତ ରଥଖଳା ଠାରୁ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ମାଉସୀମା ବାଡି ପର୍ଯ୍ୟନ୍ତ ତିନି ରଥରେ ତିନିଠାକୁରଙ୍କୁ ବସାଇ ଭକ୍ତମାନେ ସୁରୁଖୁରୁରେ ରଥକୁ ଟାଣି ନେବା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ସାଙ୍ଗକୁ ୧୦୦ଜଣରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିଯୁକ୍ତ କରାଯିବ । ସେହିପରି ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପିଇବା ପାଣିର ବ୍ୟବସ୍ଥା ସାଙ୍ଗକୁ ଆଶୁଚିକିତ୍ସା କେନ୍ଦ୍ର ଖୋଲାଯିବା ନେଇ ଆଲୋଚନା ହୋଇଥିଲା । ମାଉସୀମା ମନ୍ଦିର ପ୍ରାଙ୍ଗଣରେ ପ୍ରତିଦିନ ସନ୍ଧ୍ୟାରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଆଲୋଚନା ହୋଇଥିଲା ।